# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୩/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, December 23/2025 | Page 16 | ₹ 7.00

୫୨ଶ ଭାଗ ୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 30 | ମୂଲ୍ୟ ₹୭/-


DSPL-433



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ୧୧୧ କୋଟି ଟଙ୍କା ବିନିଯୋଗରେ ନୂତନ ୪୨୮ଟି ୧୦୮ - ଆମ୍ବୁଲାନ୍ସ ଯାନର ପ୍ରାବଧାନ

ମୁଖ୍ୟମନ୍ତ୍ରୀ

## ଶ୍ରୀ ମୋହନ ଚରଣ ମାଝୀଙ୍କ

କରକମଳରେ

## ପ୍ରଥମ ପର୍ଯ୍ୟାୟରେ ୧୫୦ ଗୋଟି ଆମ୍ବୁଲାନ୍ସର ଲୋକାର୍ପଣ

**ଗରିମାମୟ ଉପସ୍ଥିତି**

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟପାର ଏବଂ
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର -ଭୁବନେଶ୍ୱର

**୨୩ ଡିସେମ୍ବର ୨୦୨୫ | ପୂର୍ବାହ୍ନ ୧୧.୩୦ ଘଟିକା | କଳିଙ୍ଗ ଷ୍ଟାଡିୟମ୍**

### ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ ନମ୍ବର - ୧୦୮

ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ, ଗର୍ଭବତୀ ଏବଂ ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ବିନା ଖର୍ଚ୍ଚରେ ଜରୁରୀକାଳୀନ ଚିକିତ୍ସା ଓ ସରକାରୀ ଡାକ୍ତରଖାନାକୁ ଯିବା ପାଇଁ ଟୋଲ ଫ୍ରୀ ନମ୍ବର - ୧୦୮କୁ ଫୋନ୍ କରି ଆମ୍ବୁଲାନ୍ସ ସେବାର ସୁଯୋଗ ନିଅନ୍ତୁ।




OIPR-10084/13/0050/2526

NATIONAL HEALTH MISSION

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

facebook.com/HFWOdisha
@HFWOdisha
http://www.health.odisha.gov.in/


ଲକ୍ଷ୍ନୌର ହଜରତଗଞ୍ଜସ୍ଥିତ ଲାକ୍‌ମେ ଏକାଡେମିରେ ଏକ ସେସନ୍ ଅବସରରେ ମିସ୍ ଇଣ୍ଟରନ୍ୟାଶନାଲ ଇଣ୍ଡିଆ, ୨୦୨୫ ରୁଶ୍ ସିନ୍ଧୁ ଉତ୍ସାହୀ ଛାତ୍ରୀମାନଙ୍କ ସହ କଥା ହେଉଛନ୍ତି।

# ବାଂଲାଦେଶର ଆଉଜଣେ ଛାତ୍ରନେତାଙ୍କ ମୁଣ୍ଡକୁ ଗୁଳି

ଢାକା, ୨୨।୧୨(ପି.ଟି.)

ବାଂଲାଦେଶର ଖ୍ୟାତନାମା ଯୁବନେତା ଶରିଫ୍ ଓସ୍‌ମାନ ହାଦିଙ୍କୁ ହତ୍ୟା ଘଟଣାର ୪ ଦିନ ପରେ ସୋମବାର ଆଉ ଜଣେ ଛାତ୍ରନେତାଙ୍କ ମୁଣ୍ଡକୁ ଗୁଳି କରାଯାଇଛି। ମୋତାଲେବ ଶିକଦର ୨୦୨୪ର ହିଂସାତ୍ମକ ଛାତ୍ର ଆନ୍ଦୋଳନର ଦ୍ୱିତୀୟ ନେତା। ଗୁରୁତର ଅବସ୍ଥାରେ ତାଙ୍କୁ ଖୁଲ୍‌ନା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ନ୍ୟାଶନାଲ ସିଟିଜେନ୍ ପାର୍ଟି (ଏନ୍‌ସିପି)ର ଖୁଲ୍‌ନା ଡିଭିଜନ ମୁଖ୍ୟ ଏବଂ ଦଳର ୱାର୍କର୍ସ ଫ୍ରଣ୍ଟର କେନ୍ଦ୍ରୀୟ ସମନ୍ୱୟକାରୀ ଭାବେ କାର୍ଯ୍ୟ କରୁଥିଲେ। ହସ୍ପିଟାଲ ସୂତ୍ର ଅନୁଯାୟୀ, ଶିକ୍‌ଦରଙ୍କ ମୁଣ୍ଡ ବାମପାର୍ଶ୍ୱରେ ଗୁଳି ଲାଗିଛି। ତାଙ୍କୁ ହସ୍ପିଟାଲ ଅଣାଯିବା ବେଳେ ପ୍ରଚୁର ରକ୍ତସ୍ରାବ ହେଉଥିଲା।

ସୂଚନାଯୋଗ୍ୟ, ଗତବର୍ଷ ହାଦିଙ୍କ ନେତୃତ୍ୱରେ ଛାତ୍ର ଆନ୍ଦୋଳନ ଉଗ୍ର ରୂପ ନେବା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଆୱାମି ଲିଗ୍ ସରକାର କ୍ଷମତାଚ୍ୟୁତ ହୋଇଥିଲା। ଗତ ୧୨ ତାରିଖରେ ଢାକାର ବିଜୟନଗର ଅଞ୍ଚଳରେ ମାସ୍କ ପିନ୍ଧିଥିବା ବନ୍ଧୁକଧାରୀଙ୍କ ଗୁଳିରେ ଗୁରୁତର ଆହତ ହାଦିଙ୍କର ଗତ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ


ମୋତାଲେବ ଶିକଦର

ଘଟିଥିଲା। ଫେବୃଆରୀ ୧୨ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ହାଦି ତାଙ୍କ ଇନ୍‌କିଲାବ ମଞ୍ଚରୁ ପ୍ରାର୍ଥୀ ହୋଇଥିଲେ। ତାଙ୍କ ହତ୍ୟାକୁ ନେଇ ସାରା ଦେଶରେ ଉତ୍ତେଜନା ଓ ବିକ୍ଷୋଭ ଲାଗି ରହିଥିବାବେଳେ ଅନ୍ୟ ଜଣେ ଛାତ୍ରନେତାଙ୍କ ମୁଣ୍ଡକୁ ଗୁଳି କରାଯାଇଛି। ହାଦି ହତ୍ୟାକାଣ୍ଡରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅନ୍ତରୀଣ ସରକାର ବିଫଳ ହେଲେ ତାଙ୍କୁ କ୍ଷମତାରୁ ହଟାଯିବ ବୋଲି ଇନ୍‌କିଲାବ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ସୋମବାର ଏକ ଜରୁରୀ ପ୍ରେସ୍ ମିଟ୍‌ରେ ଦଳର ସଦସ୍ୟ ସଚିବ ଅବଦୁଲ୍ଲା ଅଲ୍ ଜାବେର ଉପରୋକ୍ତ ଚେତାବନୀ ଦେଇଛନ୍ତି। ମହମ୍ମଦ ୟୁନୁସ୍ ସରକାର ଏପର୍ଯ୍ୟନ୍ତ ଅପରାଧୀଙ୍କୁ ଗିରଫ କରିନାହାନ୍ତି।

## ଇଞ୍ଜିନ୍ ସମସ୍ୟା: ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦିଲ୍ଲୀ ଫେରିଲା

ନୂଆଦିଲ୍ଲୀ, ୨୨।୧୨(ପି.ଟି.)

ଏୟାର ଇଣ୍ଡିଆ ବିମାନ ସୋମବାର ସକାଳେ ମୁମ୍ବାଇ ଅଭିମୁଖେ ଯାଉଥିବାବେଳେ ଡାହାଣ ପାର୍ଶ୍ୱ ଇଞ୍ଜିନ୍‌ରେ ସମସ୍ୟା ଦେଖାଦେବାରୁ ଦିଲ୍ଲୀ ଫେରିଛି। ବିମାନରେ ୩୩୫ ଯାତ୍ରୀ ଥିଲେ। ବୈଷୟିକ ସମସ୍ୟାରୁ ବିମାନକୁ ଫେରାଇ ଅଣାଯାଇଥିବା ଏୟାର ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଯାତ୍ରୀମାନଙ୍କ ଅସୁବିଧା ପାଇଁ ଏୟାରଲାଇନ୍ସ ଦୁଃଖପ୍ରକାଶ କରିଛି। ଉଡ଼ାଣର କିଛି ସମୟ ପରେ ଡାହାଣ ପାର୍ଶ୍ୱ ଇଞ୍ଜିନ୍‌ରେ ଇଞ୍ଜିନ୍ ଅଏଲ୍ ଚାପ କମ୍ ଜଣାପଡ଼ିବା ପରେ ଏହାକୁ ଫେରାଇ ଅଣାଯାଇଥିଲା ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କହିଥିବାବେଳେ ଇଞ୍ଜିନ୍ ଅଏଲ୍ ଚାପ ଶୂନକୁ ଖସିଆସିଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

# ଭାଜପାକୁ ମିଳିଛି ୬,୬୫୪ କୋଟି ଚାନ୍ଦା

## କଂଗ୍ରେସ ପାଇଛି ୫୨୨.୧୩ କୋଟି

ନୂଆଦିଲ୍ଲୀ, ୨୨।୧୨

ଲୋକ ସଭା ନିର୍ବାଚନ ବର୍ଷ ୨୦୨୪–୨୫ରେ ଭାଜପା ୬,୬୫୪ କୋଟି ଟଙ୍କା ଚାନ୍ଦା ପାଇଥିବା ଜଣାପଡ଼ିଛି, ଯାହାକି ପୂର୍ବବର୍ଷ ତୁଳନାରେ ୬୮ ପ୍ରତିଶତ ଅଧିକ। ସଦସ୍ୟତା ଦୃଷ୍ଟିରୁ ବିଶ୍ୱର ସର୍ବବୃହତ୍ ଦଳ ଭାଜପା ଗତ ଆର୍ଥିକ ବର୍ଷରେ ପାଇଥିବା ଚାନ୍ଦା ସମ୍ପର୍କିତ ରିପୋର୍ଟ ଗତ ୮ ତାରିଖରେ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଛି। ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦାଗୁଡ଼ିକର ତାଲିକା କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ୨୦୨୪ ଏପ୍ରିଲ ୧ରୁ ୨୦୨୫ ମାର୍ଚ୍ଚ ୩୦ ମଧ୍ୟରେ ଦଳକୁ ମିଳିଥିବା ଚାନ୍ଦା ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ରହିଛି। ସେହିବର୍ଷ ଲୋକ ସଭା ନିର୍ବାଚନ ସାଙ୍ଗକୁ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ସିକିମ, ଜମ୍ମୁ–କଶ୍ମୀର, ହରିୟାଣା, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ ଦିଲ୍ଲୀ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାର ପୂର୍ବବର୍ଷ ଭାଜପା ଚାନ୍ଦା ବାବଦକୁ ୩,୯୬୭ କୋଟି ଟଙ୍କା ପାଇଥିଲା।

ଚାନ୍ଦାର ପ୍ରାୟ ୪୦ ପ୍ରତିଶତ ଇଲେକ୍ଟୋରାଲ ବଣ୍ଡରୁ ଆସିଛି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ୨,୧୮୦ କୋଟି ଟଙ୍କା ଦାନ କରିଥିବାବେଳେ ପ୍ରୋଗ୍ରେସିଭ୍ ଇଲେକ୍ଟୋରାଲ ଟ୍ରଷ୍ଟ ୭୫୭ କୋଟି ଏବଂ ନ୍ୟୁ ଡେମୋକ୍ରାଟିକ୍ ଇଲେକ୍ଟୋରାଲ ଟ୍ରଷ୍ଟ ୧୫୦ କୋଟି ଟଙ୍କା ଦେଇଛି। ଅନ୍ୟ ଇଲେକ୍ଟୋରାଲ ଟ୍ରଷ୍ଟରୁ ୩,୧୧୨.୫ କୋଟି ମିଳିଛି। ଅବଶିଷ୍ଟ ଚାନ୍ଦା କମ୍ପାନୀ ଏବଂ ବ୍ୟକ୍ତିବିଶେଷ ଦେଇଛନ୍ତି। କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ସଂଗୃହୀତ ଚାନ୍ଦାକୁ ରାଜନୈତିକ ଦଳଗୁଡ଼ିକୁ ପ୍ରଦାନ କରିବା ଲାଗି କମ୍ପାନୀଗୁଡ଼ିକ ଦ୍ୱାରା ଇଲେକ୍ଟୋରାଲ ଟ୍ରଷ୍ଟ ଗଠନ ହୋଇଥାଏ।

କର୍ପୋରେଟ୍ ଦାତାଙ୍କ ମଧ୍ୟରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ୧୦୦ କୋଟି, ରୁଙ୍ଗ୍‌ଟା ସନ୍ସ ପ୍ରା.ଲିଃ ୯୫ କୋଟି, ବେଦାନ୍ତ ୬୭ କୋଟି, ମାକ୍ରୋଟେକ୍ ଡେଭେଲପର୍ସ (ବର୍ତ୍ତମାନର ଲୋଧା ଡେଭେଲପର୍ସ) ୬୫ କୋଟି, ବଜାଜ ଗ୍ରୁପ୍ କମ୍ପାନିଜ୍ ୬୫ କୋଟି ଏବଂ ଡେରିଭ୍ ଇନ୍‌ଭେଷ୍ଟମେଣ୍ଟ ୫୦ କୋଟି ଟଙ୍କା ଦାନ କରିଛି। ମାଲାବାର ଗୋଲ୍ଡ ୧୦ କୋଟି ଦେଇଥିବାବେଳେ କଲ୍ୟାଣ ଜୁଏଲର୍ସ ୧୫.୧ କୋଟି, ହିରୋ ଗ୍ରୁପ୍ ୨୩.୬୫ କୋଟି, ଦିଲୀପ ବିଲ୍ଡ୍‌କନ୍ ଗ୍ରୁପ୍ ୨୯ କୋଟି, ଏଲ୍‌ଟିସି ଲିଃ ୩୫ କୋଟି, ୱେଭ୍ ଇଣ୍ଡଷ୍ଟ୍ରିଜ୍ ୫.୨୫ କୋଟି ଏବଂ ଜେରୋଧା ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ୧.୫ କୋଟି ଟଙ୍କା ଦାନ କରିଛି। ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୩ ଲକ୍ଷ, ଆସାମ ମନ୍ତ୍ରୀ ପିଜୁଶ ହାଜାରିକା ୨.୭୫ ଲକ୍ଷ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧ ଲକ୍ଷ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଲକ୍ଷ, ଇନ୍ଦୋର ମେୟର ପୁଷ୍ୟମିତ୍ର ଭାର୍ଗବ ୧ ଲକ୍ଷ ଏବଂ କୈଳାସ ବିଜୟଭର୍ଗୀୟଙ୍କ ପୁଅ ଆକାଶ ୧ ଲକ୍ଷ ଟଙ୍କା ଚାନ୍ଦା ଦେଇଛନ୍ତି।

ଅନ୍ୟ ଦଳଗୁଡ଼ିକ ମଧ୍ୟରେ କଂଗ୍ରେସ ଗତ ଆର୍ଥିକ ବର୍ଷରେ ୫୨୨.୧୩ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଛି, ଯାହାକି ପୂର୍ବବର୍ଷ ତୁଳନାରେ ୪୩ ପ୍ରତିଶତ କମ୍। ୨୦୨୩–୨୪ ବର୍ଷରେ କଂଗ୍ରେସକୁ ୧,୧୨୯ କୋଟି ଟଙ୍କା ଚାନ୍ଦା ମିଳିଥିଲା। ସେହିପରି ଟିଏମ୍‌ସିକୁ ଗତ ଆର୍ଥିକ ବର୍ଷରେ ୧୮୪.୦୮ କୋଟି, ଭାରତୀୟ ରାଷ୍ଟ୍ର ସମିତିକୁ ୧୫.୦୯ କୋଟି, ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ୩୯.୨ କୋଟି, ଟିଡିପିକୁ ୮୫.୨ କୋଟି ଏବଂ ବିଜେଡିକୁ ୬୦ କୋଟି ଟଙ୍କା ଚାନ୍ଦା ମିଳିଛି। ୨୦୨୩–୨୪ ଆର୍ଥିକ ବର୍ଷରେ ବିଜେଡି ୨୪୬ କୋଟି ଟଙ୍କା ଚାନ୍ଦା ପାଇଥିଲା।

## ୧ ଡଲାର= ୮୯.୭୦ ଟଙ୍କା

ନୂଆଦିଲ୍ଲୀ, ୨୨।୧୨(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ପୂର୍ବଦିନ ଅପେକ୍ଷା ୩ ପଇସା ହ୍ରାସ ପାଇ ସୋମବାର ୮୯.୭୦ ଟଙ୍କା ରହିଛି। ଫରେକ୍ସ ଟ୍ରେଡରଙ୍କ କହିବା ଅନୁଯାୟୀ, ଭାରତ–ଆମେରିକା ବାଣିଜ୍ୟ ବୁଝାମଣାରେ ଅଗ୍ରଗତି ଘଟୁ ନ ଥିବାରୁ ବଜାର ମନୋଭାବ ପ୍ରଭାବିତ ହୋଇଛି। ଏଥିସହିତ ଆମେରିକା ଡଲାର ସୂଚକାଙ୍କ ଦୁର୍ବଳ ଥିବାରୁ ପ୍ରଥମ ଭାଗରେ ଘରୋଇ ୟୁନିଟ୍‌କୁ ସମର୍ଥନ ମିଳିଥିଲା। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ୍‌ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୫୩ରୁ ଆରମ୍ଭ ହୋଇ ପରେ ଇଣ୍ଟ୍ରା–ଡେ' ସର୍ବାଧିକ ୮୯.୪୫ରେ ପହଞ୍ଚିଥିଲା, ଯାହାକି ପୂର୍ବଦିନ କ୍ଲୋଜିଂ ସମୟର ମୂଲ୍ୟ ତୁଳନାରେ ୨୨ ପଇସା ଅଧିକ। ତେବେ ଟ୍ରେଡିଂ ସେସନ୍ ଶେଷ ବେଳକୁ ଏହା ପୂର୍ବଦିନ ତୁଳନାରେ ୩ ପଇସା ହ୍ରାସ ପାଇ ୮୯.୭୦ ରହିଥିଲା। ଶୁକ୍ରବାର ଡଲାର ତୁଳନାରେ ଟଙ୍କା ଦର ୫୩ ପଇସା ବଢ଼ି ୮୯.୬୭ ହୋଇଥିଲା।

## ସୋନିଆ, ରାହୁଲଙ୍କୁ ଜବାବ ମାଗିଲେ ହାଇକୋର୍ଟ

### ନ୍ୟାଶନାଲ ହେରାଲ୍ଡ ମାମଲା

ନୂଆଦିଲ୍ଲୀ, ୨୨।୧୨(ପି.ଟି.)

ନ୍ୟାଶନାଲ ହେରାଲ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚାର୍ଜସିଟ୍‌କୁ ତଳକୋର୍ଟ ବିଚାର ପାଇଁ ଗ୍ରହଣ କରିବାକୁ ମନା କରିବା ପରେ ତଦନ୍ତକାରୀ ସଂସ୍ଥା ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ହାଇକୋର୍ଟ ଏନେଇ ସୋମବାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସୁମନ ଦୁବେ, ସାମ୍ ପିତ୍ରୋଡ଼ା, ୟଙ୍ଗ୍ ଇଣ୍ଡିଆନ୍, ଡୋଟେକ୍ସ ମର୍ଚାଣ୍ଡାଇଜ୍ ଏବଂ ସୁନିଲ ଭଣ୍ଡାରୀଙ୍କୁ ଜବାବ ମାଗିଛନ୍ତି। ମମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାବର୍ଷ ମାର୍ଚ୍ଚ ୧୨କୁ ଧାର୍ଯ୍ୟ ହୋଇଛି।

## ମଧ୍ୟପ୍ରଦେଶରୁ ଏୟାରଲିଫ୍ଟ ହେଲା ବାଘୁଣୀ

ସେଓନି, ୨୨।୧୨

ମଧ୍ୟପ୍ରଦେଶର ସେଓନିସ୍ଥିତ ପେଞ୍ଚ ରିଜର୍ଭର ଏକ ବାଘୁଣୀ ୨୪ ଦିନ ପରେ ବନ ବିଭାଗ ଅଧିକାରୀଙ୍କ ହାତରେ ଧରାଦେଇଛି। ରବିବାର ଏହାକୁ ବାୟୁସେନାର ଏମ୍‌ଆଇ–୧୭ ହେଲିକପ୍ଟର ଯୋଗେ ରାଜସ୍ଥାନକୁ ସଫଳତାର ସହ ଏୟାରଲିଫ୍ଟ କରାଯାଇଛି। ସକାଳଠାରୁ ଅପରାହ୍ଣ ପର୍ଯ୍ୟନ୍ତ ହାତୀମାନଙ୍କ ଦ୍ୱାରା ବାଘୁଣୀକୁ ଘେରାଯିବା ପରେ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ପରେ ଏକ ରେସ୍କ୍ୟୁ ଯାନରେ ତାକୁ ସୁକତ୍ରା ଏୟାରଷ୍ଟ୍ରିପ୍‌କୁ ନିଆଯାଇ ସେଠାରୁ ହେଲିକପ୍ଟର ଯୋଗେ ରାଜସ୍ଥାନର ବିଷଧାରୀ ଟାଇଗର ରିଜର୍ଭକୁ ସ୍ଥାନାନ୍ତର କରାଯାଇଛି। ଏହି ସ୍ଥାନାନ୍ତର ଯୋଗୁ ବିଷଧାରୀ ଟାଇଗର ରିଜର୍ଭରେ କେବଳ ବାଘବଂଶ ବଢ଼ିବ ନାହିଁ ବରଂ ଆନୁବଂଶିକ ବିବିଧତାକୁ ସୁଦୃଢ଼ କରିବ ବୋଲି ପେଞ୍ଚ ଟାଇଗର ରିଜର୍ଭର ଡେପୁଟି ଡାଇରେକ୍ଟର ରଜନୀଶ ସିଂ କହିଛନ୍ତି। ଏହି ଅଭିଯାନ ବନ୍ୟପ୍ରାଣୀ ବୈଜ୍ଞାନିକ ପରିଚାଳନା ଏବଂ ବୈଷୟିକ ଦକ୍ଷତାର ଉଦାହରଣ ବୋଲି ସେ କହିଛନ୍ତି।



## ଏବେ ବି ରୁଷିଆ ସେନାରେ ୫୦ ଭାରତୀୟ

### ଯୁଦ୍ଧରେ ଗଲାଣି ୨୬ ଜୀବନ

### ମୁକ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଗୁଜରାଟ ଯୁବକଙ୍କ ନିବେଦନ

ନୂଆଦିଲ୍ଲୀ, ୨୨।୧୨

ରୁଷିଆ–ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ସେନା ପାଇଁ ୨୦୨ ଜଣ ଭାରତୀୟ ନିଯୁକ୍ତ ହୋଇଥିବା ବିଶ୍ୱାସ କରାଯାଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରୁ ଇତିମଧ୍ୟରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଜଣ ନିଖୋଜ ଥିବା ରୁଷିଆ ପକ୍ଷରୁ ରିପୋର୍ଟ କରାଯାଇଛି। ପାର୍ଲାମେଣ୍ଟରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଏହା କହିଥିଲେ।


ସାହିଲ ମହମ୍ମଦ ହୁସେନ ମଜୋଥି

ସେଠାରୁ ୧୧୯ ଜଣଙ୍କୁ ଫେରାଇ ଅଣାଯାଇଥିବାବେଳେ ଏବେ ବି ୫୦ ଜଣ ରହିଛନ୍ତି। ସେମାନଙ୍କୁ ଯଥାଶୀଘ୍ର ଫେରାଇ ଅଣାଯିବାକୁ ଉଦ୍ୟମ ହେଉଥିବା ମନ୍ତ୍ରୀ କହିଥିଲେ।

ଗୁଜରାଟ ମୋର୍ବି ଜିଲାର ୨୩ ବର୍ଷୀୟ ସାହିଲ ମହମ୍ମଦ ହୁସେନ ମଜୋଥି ରୁଷିଆ ସେନା ତରଫରୁ ଲଢୁଥିବାବେଳେ ଏବେ ସେ ୟୁକ୍ରେନ୍ ହାଜତରେ ଅଛନ୍ତି। ତାଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରିବା ପାଇଁ ସେ ଭାରତ ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। ପରିବାରକୁ ପଠାଇଥିବା ଏକ ଭିଡିଓ ବାର୍ତ୍ତାରେ ସେ ରୁଷିଆ ନ ଯିବାକୁ ଭାରତୀୟମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଭାରତ–ନ୍ୟୁଜିଲାଣ୍ଡ ଏଫ୍‌ଟିଏ ବୁଝାମଣା ଶେଷ

### ବାଣିଜ୍ୟ ହେବ ଶୁଳ୍କମୁକ୍ତ, ୨୦ ବିଲିୟନ ଡଲାର ଏଫ୍‌ଡିଆଇ ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୨୨।୧୨(ପି.ଟି.)

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ନେଇ କଥାବାର୍ତ୍ତା ଚୂଡ଼ାନ୍ତ ହୋଇଛି। ଆଗାମୀ ୭/୮ ମାସରେ ଉକ୍ତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ବଳରେ ଶ୍ରମଭିତ୍ତିକ ସେକ୍ଟରରୁ ବହୁ ଘରୋଇ ସାମଗ୍ରୀ ଉଭୟ ଦେଶରେ ଶୁଳ୍କମୁକ୍ତ ଭାବେ ପ୍ରବେଶ କରିବା ସହ ଆଗାମୀ ୧୫ ବର୍ଷରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ୨୦ ବିଲିୟନ ଡଲାରରେ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏଥିସହିତ ୫ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ ଦୁଇଗୁଣ ବୃଦ୍ଧି ପାଇ ୫ ବିଲିୟନ ଡଲାରରେ ପହଞ୍ଚାଇବାରେ ଚୁକ୍ତିନାମା ସହାୟକ ହେବ ବୋଲି ଆଶା କରାଯାଉଛି। ନ୍ୟୁଜିଲାଣ୍ଡକୁ ପଶମ, କୋଇଲା ଆଦି ସାମଗ୍ରୀ ଉପରେ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ସେହିପରି ୯୫ ପ୍ରତିଶତ ବନ୍ୟଜାତ ସାମଗ୍ରୀ ଓ କାଠ ଉପକରଣ ଶୁଳ୍କମୁକ୍ତ ହେବ। ଭାରତୀୟ କୃଷକ ଏବଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ଦୁଗ୍ଧଜାତ ସାମଗ୍ରୀରେ ନ୍ୟୁଜିଲାଣ୍ଡକୁ ଶୁଳ୍କ ରିହାତି ଦେବେନାହିଁ। ସେହିପରି ପିଆଜ, ଚଣା, ମଟର, ମକା, ଆଲମଣ୍ଡ, ଚିନି, କୃତ୍ରିମ ମହୁ, ପ୍ରାଣୀ, ପନିପରିବା, ଫ୍ୟାଟ୍ ଓ ତୈଳ, ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା, ରତ୍ନପଥର, ଅଳଙ୍କାର, ତମ୍ବା, ଆଲୁମିନିୟମ ଓ ଏଥିରେ ନିର୍ମିତ ଉପକରଣ ଉପରେ ଶୁଳ୍କ ରିହାତି ଦିଆଯିବ ନାହିଁ। ସେବା କ୍ଷେତ୍ରରେ ନ୍ୟୁଜିଲାଣ୍ଡ ଭାରତୀୟ ପେସାଦାରମାନଙ୍କୁ ଅସ୍ଥାୟୀ ନିଯୁକ୍ତି ପ୍ରବେଶ ଭିଜା ପ୍ରଦାନ କରିବ। ଏଥିପାଇଁ ବାର୍ଷିକ କୋଟା ୫,୦୦୦ ରହିବ। ଉକ୍ତ ଭିଜାରେ ଯାଉଥିବା ଭାରତୀୟମାନେ ସେଠାରେ ୩ ବର୍ଷ ପର୍ଯ୍ୟନ୍ତ ରହିପାରିବେ। ଭିଜା ପାଥ୍‌ୱେରେ ଆୟୁଷ ଡାକ୍ତର, ଯୋଗ ପ୍ରଶିକ୍ଷକ, ଭାରତୀୟ ସେଫ୍, ଗୀତ ଶିକ୍ଷକ, ଆଇଟି, ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ନିର୍ମାଣ କ୍ଷେତ୍ରକୁ ସାମିଲ କରାଯାଇଛି। ଆମେରିକା ଲଗାଇଥିବା ୫୦ ପ୍ରତିଶତ ଟାରିଫ୍ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଉକ୍ତ ଚୁକ୍ତିନାମା ସହାୟକ ହେବ। ଭାରତ–ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ କଥାବାର୍ତ୍ତା ମାତ୍ର ୯ ମାସ ମଧ୍ୟରେ ଚୂଡ଼ାନ୍ତ ହେବା ଏକ ଐତିହାସିକ ସଫଳତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କକୁ ବଢ଼ାଇବାରେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ମିଳିତ ଆକାଂକ୍ଷା ଏଥିରୁ ପ୍ରତିଫଳିତ ହେଉଛି। ଏଫ୍‌ଟିଏ କାର୍ଯ୍ୟକାରୀ ହେଲେ ଉଭୟ ଦେଶର ସାମଗ୍ରୀ ପାଇଁ ଅଧିକ ବଜାର ସୁବିଧା ଉପଲବ୍ଧ ହେବା ସହ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବୃଦ୍ଧି ପାଇବ। ଏହି ଅବସରରେ ମୋଦି ତାଙ୍କ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ କ୍ରିଷ୍ଟୋଫର ଲୁକ୍ସନଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି।

## ଫୁର୍‌ସତ୍

# ଧଳା ସହର ଆଶଗାବାତ

ନୂଆଦିଲ୍ଲୀ

ସମସ୍ତେ ରଙ୍ଗକୁ ଭଲ ପାଆନ୍ତି। ରଙ୍ଗୀନ ଘର, ରଙ୍ଗୀନ କୋଠା ସମସ୍ତଙ୍କୁ ଆକର୍ଷିତ କରେ। ଜାଣନ୍ତି କି ବିଶ୍ୱରେ ଏପରି ଏକ ସହର ଅଛି ଯେଉଁଠାରେ ସବୁକିଛି ଧଳା। ଆଜ୍ଞା ହଁ ଏପରି ଏକ ସହର ହେଉଛି ତୁର୍କମେନିସ୍ତାନର ରାଜଧାନୀ ଆଶଗାବାତ। ଯାହା ଧଳା ମାର୍ବଲ ସହର ଭାବରେ ଜଣାଯାଏ। ଏଠାରେ ପ୍ରତ୍ୟେକ କୋଠା ଧଳା ମାର୍ବଲରେ ତିଆରି। ଏହା ଏକ ସାଧାରଣ କଥା ନୁହେଁ, ସ୍ଥାନୀୟ ନିୟମର ଏକ ଅଂଶ। ଆଶଗାବାତରେ ସବୁଠି ଧଳା ରଙ୍ଗ ଦେଖାଯାଏ। ପ୍ରତ୍ୟେକ କୋଠା, ରାସ୍ତା, ଫୁଟ୍‌ପାଥ୍, ବସ୍ ଷ୍ଟପ୍, ସବୁକିଛି ଧଳା ଚାଦରରେ ଆଚ୍ଛାଦିତ। ଯେତେବେଳେ ସୂର୍ଯ୍ୟକିରଣ ଏହି ମାର୍ବଲ କୋଠାଗୁଡ଼ିକ ଉପରେ ପଡ଼େ, ଏହା ଏକ ଆଶ୍ଚର୍ଯ୍ୟଠାରୁ କମ୍ ନୁହେଁ। ଆଶଗାବାତ ଗିନିଜ ବୁକ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି।



୨୦୦୦ ପରେ ଆଶଗାବାତ ପୁରୁଣା ସୋଭିଏତ୍ ଯୁଗର ଢାଞ୍ଚାରୁ ଉଭା ହୋଇଥିଲା। ସେତେବେଳେ ରାଷ୍ଟ୍ରପତି ସହରକୁ ଧଳା ମାର୍ବଲରେ ଆଚ୍ଛାଦିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଧଳା ମାର୍ବଲର ବ୍ୟାପକ ବ୍ୟବହାର ସହିତ ୫୫୦ରୁ ଅଧିକ ନୂତନ କୋଠା ନିର୍ମାଣ କରାଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଆଶଗାବାତର ରାସ୍ତାରେ କେବଳ ଧଳା କାର୍ ଚାଲିପାରିବ। ଯଦି କେହି ରଙ୍ଗୀନ କାର୍ ଚଲାନ୍ତି, ତେବେ ତୁର୍କମେନିସ୍ତାନ ପୋଲିସ ତୁରନ୍ତ ଏହାକୁ ଜବତ କରି ଭାରୀ ଜରିମାନା ଆଦାୟ କରେ। କୁହାଯାଏ, କାରଟିର ମାଲିକ ଧଳା ରଙ୍ଗ ନ କରିବା ପର୍ଯ୍ୟନ୍ତ ତାଙ୍କୁ ଛାଡ଼ି ନାହିଁ। ଏହି ନିୟମ ୨୦୧୮ରେ ତତ୍କାଳୀନ ରାଷ୍ଟ୍ରପତି ଗୁରବାଙ୍ଗୁଲି ବର୍ଦିମୁଖାମେଦୋଭଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା। କୁହାଯାଏ, ସେ ଧଳା ରଙ୍ଗକୁ ବହୁତ ପସନ୍ଦ କରୁଥିଲେ। ପ୍ରାରମ୍ଭରେ ରାଷ୍ଟ୍ରପତି ନିଜର ଇଚ୍ଛା ପୂରଣ କରିବା ପାଇଁ ସମଗ୍ର ସହରକୁ ଧଳା ରଙ୍ଗ କରିଥିଲେ, ଯାହା ପରେ ଏକ ସରକାରୀ ନିୟମ ପାଲଟିଥିଲା।

DHARITRI

52 Years

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୩/୨୦୨୫ | Bhubaneswar, Tuesday, December 23/2025 | ପୃଷ୍ଠା-୧



**ଡୁଫିଙ୍କୁ ୫ ଉଇକେଟ ସଫଳତା**

ୱେଷ୍ଟଇଣ୍ଡିଜ ତୃତୀୟ କ୍ରିକେଟ ଟେଷ୍ଟରେ ଅନ୍ତିମ ଦିବସରେ ୫ ଉଇକେଟ ସଫଳତା ପାଇଛନ୍ତି ନ୍ୟୁଜିଲାଣ୍ଡ ବୋଲର ଜାକବ ଡୁଫି।

୧୪ | ୦୨

**ପିସିଙ୍କ ଦେଶୀ ଠୁମ୍‌କା**

ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ନିକଟରେ ନିକ୍ ଜୋନାସ୍ ଓ ତାଙ୍କ ଭାଇମାନଙ୍କ ସହିତ ବଲିଉଡ ଗୀତରେ ନାଚୁଥିବାର ଦେଖାଯାଇଛି।



# ୨୪ରେ ରାଜ୍ୟ କ୍ୟାବିନେଟ

## ଅନୁମୋଦନ ଅପେକ୍ଷାରେ ୭ରୁ ଊର୍ଦ୍ଧ୍ୱ ପ୍ରସ୍ତାବ

ଭୁବନେଶ୍ୱର,୨୨।୧୨(ରବିନାରାୟଣ ଜେନା)

ରାଜ୍ୟର ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୨୪ ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ସାଧାରଣ ପ୍ରଶାସନ, ଅର୍ଥ, ସ୍ୱାସ୍ଥ୍ୟ, ନଗର ଉନ୍ନୟନ ଓ ଜଳସମ୍ପଦ ଭଳି ବିଭିନ୍ନ ବିଭାଗର ପ୍ରାୟ ୭ଟି ପ୍ରସ୍ତାବ ଅନୁମୋଦନ ଅପେକ୍ଷାରେ ରହିଛି। ସୂଚନାଯୋଗ୍ୟ, ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଭାଜପା ସରକାରଙ୍କ ପକ୍ଷରୁ ଜୋରସୋର ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ପ୍ରତ୍ୟେକ ବିଭାଗକୁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ କୁହାଯିବା ସହିତ ବଜେଟ ବ୍ୟୟ ଅଟକଳକୁ ସମୟ ଭିତରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଯାଇ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଭେଜାଲ ପାଇଁ ମୃତ୍ୟୁଦଣ୍ଡ**



କ୍ରିସ୍‌ମାସ ଓ ବଡ଼ଦିନ ପାଇଁ ଭୁବନେଶ୍ୱର ୟୁନିଟ୍-୧ ମୁଖ୍ୟରାସ୍ତା ପାର୍ଶ୍ୱରେ ଖୋଲିଥିବା କ୍ରିସ୍‌ମାସ ବଜାରରେ ଆକର୍ଷଣୀୟ ଡିଜିଟାଲ ଡ୍ୟାନ୍ସିଂ ସାଣ୍ଟା କ୍ଲଜ୍ ସହ ଯୁବତୀମାନେ। **(ଫଟୋ: ବିକାଶ ନାୟକ)**

# ବଡ଼ଦିନରୁ ବଢ଼ିବ ଶୀତ

## କୁହୁଡ଼ି ପାଇଁ ୧୨ ଜିଲାକୁ ସତର୍କତା

ଭୁବନେଶ୍ୱର,୨୨।୧୨(ବନ୍ଦନା ସେଠୀ)

ବଡ଼ଦିନରୁ ଆହୁରି ବଢ଼ିବ ଶୀତ। ରାଜ୍ୟରେ ଏବେ ଶୀତର ଲହରି ଜାରି ରହିଥିବାବେଳେ ଆସନ୍ତା ୨୫ରୁ ଶୀତ ପ୍ରକୋପ ଅସମ୍ଭାଳ ହେବ। ପଶ୍ଚିମା ଝଡ଼ର ପ୍ରସ୍ଥାନ ପରେ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ବାୟୁର ପ୍ରବାହ ବୃଦ୍ଧି ସହ ଶୀତର ମାତ୍ରା ବୃଦ୍ଧି ପାଇବା ନେଇ ସୂଚନା ମିଳିଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେବେ କିଛି ସ୍ଥାନରେ ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ କୁହୁଡି ନେଇ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ଜଗତ୍‌ସିଂହପୁର, ସୋନପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା, କନ୍ଧମାଳ ଏବଂ କଳାହାଣ୍ଡି ଜିଲାକୁ ସତର୍କ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଗତ ୨୪ଘଣ୍ଟାରେ ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ସାଧାରଣ ତାପମାତ୍ରା ରହିଥିଲା। ☞ପୃଷ୍ଠା-୨

# କାର୍ ତଳେ ବିସ୍ଫୋରଣ: ରୁଷିଆ ଶୀର୍ଷ ଜେନେରାଲ ନିହତ

ମସ୍କୋ,୨୨।୧୨

ରୁଷିଆର ଜଣେ ଶୀର୍ଷ ଜେନେରାଲଙ୍କ କାର୍ ତଳେ ସୋମବାର ସକାଳେ ବିସ୍ଫୋରଣ ଘଟି ତାଙ୍କର ମୃତ୍ୟୁ ହୋଇଛି। ରାଜଧାନୀ ମସ୍କୋରେ ଏହି ବିସ୍ଫୋରଣ ଘଟିଥିବାବେଳେ ଏହା ପଛରେ ୟୁକ୍ରେନ୍‌ର ହାତ ଥିବା ତଦନ୍ତକାରୀମାନେ ସନ୍ଦେହ କରିଛନ୍ତି। ବର୍ଷକ ମଧ୍ୟରେ ରୁଷିଆ ସେନାର ୩ ବରିଷ୍ଠ ଅଧିକାରୀଙ୍କ ମୃତ୍ୟୁ ଘଟିଲାଣି। ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫନିଲ ସର୍ଭାରୋଭ୍ ରୁଷିଆ ସଶସ୍ତ୍ର ବଳ ଜେନେରାଲ ଷ୍ଟାଫ୍ ପରିଚାଳନା ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ମୁଖ୍ୟ ଥିଲେ ବୋଲି ରୁଷିଆ ତଦନ୍ତ କମିଟି ମୁଖପାତ୍ର ସ୍ୱେତଲାନା ପେଟ୍ରେଙ୍କୋ କହିଛନ୍ତି। ତଦନ୍ତକାରୀ ଅଧିକାରୀମାନେ ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛନ୍ତି। ୟୁକ୍ରେନ୍ ଗୋଇନ୍ଦା ସେବା



ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫନିଲ ସର୍ଭାରୋଭ୍

ଏହି ହତ୍ୟାକାଣ୍ଡ କରାଇଥାଇପାରେ ବୋଲି ସନ୍ଦେହ କରାଯାଉଥିବାବେଳେ ଉକ୍ତ ଦିଗର ମଧ୍ୟ ତଦନ୍ତ ହେଉଛି। ସର୍ଭାରୋଭଙ୍କ ମୃତ୍ୟୁ ସମ୍ପର୍କରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିବା ଅନୁଯାୟୀ, ସର୍ଭାରୋଭ୍ ☞ପୃଷ୍ଠା-୨

# ବନ୍ଦ ଘରେ ମା', ୨ ପୁଅଙ୍କ ମୃତଦେହ

**ରାତିରେ ଚିକେନ ତରକାରି ହୋଇଥିଲା। ପାଳଙ୍ଗ ଶାଗ ମଧ୍ୟ ରନ୍ଧା ଯାଇଥିଲା। ଏହାକୁ ଖାଇବା ପରେ ଗୋଟିଏ ରୁମ୍‌ରେ ମା' ଓ ତାଙ୍କର ୨ ପୁଅ ଶୋଇ ଯାଇଥିଲେ। ଶୀତରୁ ରକ୍ଷା ପାଇବା ପାଇଁ ଭିତରେ କୋଇଲା ଆଞ୍ଚ ମଧ୍ୟ ରଖିଥିଲେ। ହେଲେ ସକାଳୁ ସେମାନେ ଆଉ ଉଠି ନ ଥିଲେ। ବନ୍ଦ ଘରେ ପଡ଼ିରହିଥିଲା ସେମାନଙ୍କ ମୃତଦେହ। ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଇଟାପ ଗ୍ରାମ ଅସନବାହାଳି କଲୋନୀ ସାହିରେ ଘଟିଥିବା ଏହି ଘଟଣା ସୋମବାର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।**

## ବିଷାକ୍ତ ଖାଦ୍ୟ କିମ୍ବା କୋଇଲା ଆଞ୍ଚ ଯୋଗୁ ମୃତ୍ୟୁ ସନ୍ଦେହ

ଅନୁଗୋଳ,୨୨।୧୨(ଜ୍ୟୋତିରଞ୍ଜନ ସାହୁ)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବା ଘଟଣାର ମୃତକ ହେଉଛନ୍ତି ଇଟାପ ଗ୍ରାମର ଗୋଲାପ ସାହୁ (୫୬), ପୁଅ ଭରତ ସାହୁ (୩୨) ଓ ଲିପୁନ ସାହୁ (୨୪)। ଖାଦ୍ୟ ବିଷାକ୍ତ ହୋଇଥିବା କିମ୍ବା କୋଇଲା ଆଞ୍ଚ ଧୂଆଁରେ ଅଣନିଃଶ୍ୱାସୀ ହୋଇ ମା' ଓ ୨ ପୁଅଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ତେବେ ଗୋଲାପଙ୍କ ଅନ୍ୟ ଜଣେ ପୁଅ, ସ୍ୱାମୀ ଅନ୍ତର୍ଯ୍ୟାମୀ ସାହୁ ଓ ଦ୍ୱିତୀୟ ସ୍ତ୍ରୀଙ୍କ ସହିତ ତାଙ୍କର ଗୋଟିଏ ପୁଅ ରୁଟି ସହ ଚିକେନ ଖାଇଥିବା ବେଳେ ସେମାନେ ସୁରକ୍ଷିତ ଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଇଟାପ ଗ୍ରାମର ଅନ୍ତର୍ଯ୍ୟାମୀଙ୍କ ପ୍ରଥମ ସ୍ତ୍ରୀ ଗୋଲାପ ରାତିରେ ଚିକେନ ତରକାରି ସହ ପାଳଙ୍ଗ ଶାଗ ରୋଷେଇ କରିଥିଲେ। ସାନପୁଅ ଲିପୁନ ଡ୍ୟୁଟିରୁ ରାତି ପ୍ରାୟ ୧୦ଟା ୩୦ରେ ଫେରିବା ପରେ ଗୋଲାପ, ଲିପୁନ ଓ ଭରତ ତାହାକୁ ଖାଇ ଗୋଟିଏ ରୁମ୍‌ରେ ଶୋଇଥିଲେ। ଉକ୍ତ ରୁମ୍ ଭିତରେ ସେମାନେ କୋଇଲା ଆଞ୍ଚ ରଖିଥିଲେ। ସେମାନଙ୍କ ପାଖ ରୁମ୍‌ରେ ଗୋଲାପଙ୍କ ଅନ୍ୟ ଜଣେ ପୁଅ ଶୋଇଥିବା ବେଳେ ଅନ୍ତର୍ଯ୍ୟାମୀ, ଦ୍ୱିତୀୟ ସ୍ତ୍ରୀ ଓ ତାଙ୍କ ପୁଅ ରୁଟି ସହ ଚିକେନ ଖାଇ ଆଉ ଏକ କୋଠରିରେ ଶୋଇପଡ଼ିଥିଲେ। ସକାଳେ ଅନ୍ୟମାନେ ଉଠିପଡ଼ିଥିଲେ ଗୋଲାପ, ଲିପୁନ ଓ ଭରତ ଉଠି ନ ଥିଲେ। ଭିତରୁ କବାଟ ଦିଆଯାଇଥିବାବେଳେ ଉଠିବାରେ ବିଳମ୍ବ ହେବାରୁ ଅନ୍ତର୍ଯ୍ୟାମୀ ଓ ଅନ୍ୟମାନେ କବାଟ ବାଡ଼େଇଥିଲେ। ହେଲେ ଭିତରୁ କିଛି ଜବାବ ନ ମିଳିବାରୁ ସେମାନେ ପଡ଼ୋଶୀଙ୍କୁ ଡାକିବା ସହ କବାଟ ଭାଙ୍ଗିଥିଲେ। ଏହାପରେ ସମ୍ପୃକ୍ତ ୩ ଜଣଙ୍କ ମୁହଁରେ ପାଣି ଛାଟି ଉଠାଇବାକୁ ଚେଷ୍ଟା କରିଥିଲେ। ସେଥିରେ ବିଫଳ ହେବାରୁ ସମସ୍ତଙ୍କୁ ଆମ୍ବୁଲାନ୍ସରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଗୋଲାପ ଓ ତାଙ୍କର ୨ ପୁଅ ଭରତ, ଲିପୁନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କଣ୍ଟାବଣିଆ ଥାନା ଥାନା ଅଧିକାରୀ ତୁଳସୀ ଭୂୟାଁ ଓ ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ଅନୁଗୋଳ ମେଡିକାଲରେ ପହଞ୍ଚି ଫୋରେନସିକ ଟିମ୍ ମାଧ୍ୟମରେ ତଦନ୍ତ କରିଥିଲେ। ସେଠାରେ ଥିବା ପରିବାରର ଅନ୍ୟ ସଦସ୍ୟଙ୍କୁ ପଚରାଉଚରା କରିଥିଲେ। ଏହାପରେ ମୃତକଙ୍କ ଘରକୁ ଯାଇ ମଧ୍ୟ ତଦନ୍ତ କରିଥିଲେ। ଏ ନେଇ ଅନୁଗୋଳ ଥାନାରେ ୩ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଥିଲା। ହିନ୍ଦୋଳ ଏସ୍‌ଡିପିଓ ନନ୍ଦ କହିଛନ୍ତି, ଘଟଣାକୁ ସମସ୍ତ ଦିଗରୁ ଯାଞ୍ଚ କରାଯାଉଛି। ଅନୁଗୋଳ ଥାନାରେ ମାମଲା ରୁଜୁ ହୋଇଛି। ଡାକ୍ତରୀ ଟିମ୍, କାର୍ଯ୍ୟକାରୀ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ପ୍ରାଥମିକ ତଦନ୍ତରୁ ସେପରି କୌଣସି ସନ୍ଦେହ କରାଯାଇନାହିଁ। ମୃତକ ଘର ଭିତରେ ବାନ୍ତି କରିଥିବାରୁ ସେଥିରୁ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ଫୋରେନସିକ୍ ଲ୍ୟାବକୁ ପଠାଯାଇଛି। ଖାଦ୍ୟ ବିଷାକ୍ତଜନିତ କାରଣରୁ କିମ୍ବା ଶୀତରୁ ରକ୍ଷା ପାଇବା ପାଇଁ ରୁମ୍ ଭିତରେ କୋଇଲା ଆଞ୍ଚ ରଖିଥିବାରୁ ଅଣନିଃଶ୍ୱାସୀ ହୋଇ ଏପରି ଅଘଟଣ ଘଟିଥାଇପାରେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯାଇ ଯାହା କିଛି କୁହାଯାଇପାରିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ନିବେଶକଙ୍କର ଓଡ଼ିଶା ପ୍ରତି ବିଶ୍ୱାସ ବଢ଼ିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୧୨(ସୁନିତ୍ ମିଶ୍ର)

- **୧୮ ମାସରେ ୨.୧୦ ଲକ୍ଷ କୋଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ**
- **ହାଇଦ୍ରାବାଦ୍ ରୋଡ୍ ଶୋ' ଦ୍ୱାରା ୬୬,୭୮୧ କୋଟିର ନିବେଶ ସମ୍ଭାବନା ସୃଷ୍ଟି ହୋଇଛି**
- **ଜାନୁଆରୀ ୨୮ ଓ ୨୯ରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା**

ଉତ୍କର୍ଷ ଓଡ଼ିଶା ୨୦୨୫ ପରଠାରୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୪,୩୮,୨୨୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହେବା ସହ ଏହାଦ୍ୱାରା ୨, ୫୫, ୮୧୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଗତ ୧୮ ମାସରେ ୨.୧୦ ଲକ୍ଷ କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି, ଏହାଦ୍ୱାରା ୧, ୬୩, ୭୨୫ଟି ନିଯୁକ୍ତି ସୁନିଶ୍ଚିତ ହୋଇପାରିଛି। ଏହି ସମୟ ମଧ୍ୟରେ ଓଡ଼ିଶାରେ ଫାର୍ମା, ଟେକ୍ସଟାଇଲ୍ କନ୍‌କ୍ଲେଭ୍ ଆଦି ବିଭିନ୍ନ କ୍ଷେତ୍ରୀୟ ଶିଳ୍ପର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦିଲ୍ଲୀଠାରେ ଅନୁଷ୍ଠିତ ସେମିକନ୍ କନ୍‌କ୍ଲେଭ୍‌ରେ ଓଡ଼ିଶା ୨ଟି ଏମ୍‌ଓୟୁ କରିଥିଲା। ଉତ୍କର୍ଷ ଓଡ଼ିଶା ୨୦୨୫କୁ ବର୍ଷେ ପୂରଣ ହେବାକୁ ଯାଉଥିବାରୁ ହାଇଦ୍ରାବାଦ ଗସ୍ତର ସଫଳତା ଓଡ଼ିଶାର ଶିଳ୍ପ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିଛି। ହାଇଦ୍ରାବାଦ ଗସ୍ତ ସମୟରେ ୧୩ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହେବା ସହିତ ୨୭,୬୫୦ କୋଟି ଟଙ୍କାର ନିବେଶ ସୁଯୋଗ ମିଳିଛି। ଏହାଦ୍ୱାରା ୧୫,୯୦୫ ନିଯୁକ୍ତି ସୃଷ୍ଟି ହେବ। ଏହା ବ୍ୟତୀତ ୯ଟି ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ଫାଇଲିଂ (ଆଇଆଇଏଫ୍) ମଧ୍ୟ ହୋଇଥିଲା। ଏହାଦ୍ୱାରା ୩୯,୧୩୧ କୋଟି ଟଙ୍କାର ଅଧିକ ନିବେଶ ସମ୍ଭାବନା ଏବଂ ୪୦,୪୩୫ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ମୋଟ ଉପରେ ହାଇଦ୍ରାବାଦ ରୋଡ୍‌ଶୋ ଦ୍ୱାରା ୬୬,୭୮୧ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ସୃଷ୍ଟି କରିଛି, ଯାହା ୫୬,୩୪୦ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ହାଇଦ୍ରାବାଦଠାରେ ଆୟୋଜିତ ୨ ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀ ଓ ରୋଡ୍ ଶୋ'ରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଲୋକସେବା ଭବନ କନ୍‌ଭେନଶନ୍ ସେଣ୍ଟରଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ନିବେଶକମାନଙ୍କ ଓଡ଼ିଶା ପ୍ରତି ଦୃଢ଼ ବିଶ୍ୱାସ ରହିଛି। ଶିଳ୍ପପତି ଓ ନିବେଶକମାନଙ୍କ ସହିତ ଆଲୋଚନା ପରେ ଏହାର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ୭୩ଟି ଉଚ୍ଚସ୍ତରୀୟ ବୈଠକ ଏବଂ ୨ଟି କ୍ଷେତ୍ରୀୟ ରାଉଣ୍ଡଟେବୁଲ ଆଲୋଚନା କରିଥିଲେ। ପ୍ରଥମ ରାଉଣ୍ଡଟେବୁଲ ବୈଠକ ଫାର୍ମାସେକ୍ଟର ଉପରେ ଆଧାରିତ ଥିଲା। ୮ଟି ପ୍ରମୁଖ ଫାର୍ମା କମ୍ପାନୀ ସହିତ ଏହି ଆଲୋଚନା କରାଯାଇଥିଲା। ୨ୟ ରାଉଣ୍ଡଟେବୁଲ ବୈଠକରେ ପ୍ରତିରକ୍ଷା କ୍ଷେତ୍ର ସମ୍ପର୍କିତ ୨୭ଟି କମ୍ପାନୀ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଥିଲା। ଫାର୍ମା ଏବଂ ପ୍ରତିରକ୍ଷା ଏହି ☞ପୃଷ୍ଠା-୨

# ଦକ୍ଷିଣ ଏସିଆ ପିଲାଙ୍କ ବିକାଶରେ ବାଧକ ଜଳବାୟୁ ପରିବର୍ତ୍ତନ

## ୨୦୫୦ ବେଳକୁ ୩ ନିୟୁତ ପିଲା ପ୍ରଭାବିତ ହୋଇପାରନ୍ତି: ଅଧ୍ୟୟନ

ନୂଆଦିଲ୍ଲୀ,୨୨।୧୨(ପି.ଟି.)

ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ତାପ ଏବଂ ଆର୍ଦ୍ରତା ବଢୁଥିବାବେଳେ ଏହା ଦକ୍ଷିଣ ଏସୀୟ ପିଲାମାନଙ୍କ ଉପଯୁକ୍ତ ବିକାଶକୁ ପ୍ରଭାବିତ କରୁଛି। ୨୦୫୦ ସୁଦ୍ଧା ଉପଯୁକ୍ତ ବିକଶିତ ହୋଇ ନ ଥିବା ପିଲାଙ୍କ ସଂଖ୍ୟା ୩ ନିୟୁତ ଟପିପାରେ ବୋଲି ଏକ ଅଧ୍ୟୟନରେ ଆକଳନ କରାଯାଇଛି। କାଲିଫର୍ନିଆର ସାନ୍ତା ବାର୍ବରାସ୍ଥିତ ୟୁଏସ୍ ୟୁନିଭର୍ସିଟିର ଗବେଷକମାନେ ଗର୍ଭାବସ୍ଥାରେ ଅତ୍ୟଧିକ ଉତ୍ତାପ ଏବଂ ଆର୍ଦ୍ର ସ୍ଥିତିର ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ସମ୍ପର୍କରେ ଗବେଷଣା କରିଥିଲେ। ୫ ବର୍ଷରୁ କମ୍ ବୟସବର୍ଗର ପିଲାମାନଙ୍କ ସ୍ୱାସ୍ଥ୍ୟ ସ୍ଥିତିର ସୂଚକାଙ୍କ ଭାବେ ବ୍ୟବହାର କରାଯାଉଥିବା ବୟସ ଅନୁଯାୟୀ ଉଚ୍ଚତା ଅନୁପାତ ଉପରେ ଅନୁଧ୍ୟାନ କରାଯାଇଥିଲା।



ଗର୍ଭବତୀ ମହିଳାଙ୍କ ଓଜନ ବୃଦ୍ଧି ଏବଂ ହରମୋନ୍‌ରେ ପରିବର୍ତ୍ତନ ଯୋଗୁ ଅତ୍ୟଧିକ ଉତ୍ତାପ ସେମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ।

ସାଇନ୍ସ ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ଉତ୍ତାପଜନିତ ପ୍ରଭାବକୁ ଆର୍ଦ୍ରତା ଅଧିକ ଖରାପ କରିପାରେ। ଏହା ଗର୍ଭବତୀ ମହିଳାଙ୍କୁ ଶାନ୍ତ ହେବାରୁ ରୋକିଥାଏ। ଗର୍ଭବସ୍ଥାର ପ୍ରଥମ ଏବଂ ଶେଷ ଭାଗରେ ଏଭଳି ସ୍ଥିତି ଦେଖାଯାଇଥାଏ। କାରଣ ଗର୍ଭାବସ୍ଥା ଆରମ୍ଭ ସମୟରେ ଭ୍ରୂଣ ଅତ୍ୟନ୍ତ ଦୁର୍ବଳ ଥାଏ ଏବଂ ଶେଷଭାଗରେ ମା'ଙ୍କ ପ୍ରତି ବିପଦ ରହିଥାଏ ବୋଲି ଅଧ୍ୟୟନର ନେତୃତ୍ୱ ନେଇଥିବା କେଟି ମାକ୍‌ମୋହନ କହିଛନ୍ତି। ଗର୍ଭାବସ୍ଥାର ଶେଷ ପର୍ଯ୍ୟାୟରେ କେବଳ ଉତ୍ତାପ ଯୋଗୁ ସ୍ୱାସ୍ଥ୍ୟାବସ୍ଥା ଯେତିକି ପ୍ରଭାବିତ ହୋଇଥାଏ, ଏହା ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସାଂସ୍କୃତିକା ପକ୍ଷରୁ ବିଶ୍ୱ ଓଡ଼ିଶୀ ଉତ୍ସବ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଚଉଷଠୀ ଯୋଗିନୀ ମହୋତ୍ସବ, ସ୍ଥାନ: ଶକ୍ତିପୀଠ ଚଉଷଠୀ ଯୋଗିନୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**କଟକ**
- ଇମ୍ପା ପକ୍ଷରୁ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଚୌଦ୍ୱାର, କଳା ପ୍ରକାଶିନୀ କ୍ଲବ, ସମୟ: ସକାଳ ୯ଟା।

**ଖୋର୍ଦ୍ଧା**
- ଶରଧାପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ଆସର ଓ କବିତା ପାଠୋତ୍ସବ, ସ୍ଥାନ: ଗୀତା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଯକ୍ଷ୍ମାରୋଗ ନିୟନ୍ତ୍ରଣ ଫୋରମ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଲ୍ଲାହାଟ ୨୪ତମ ବାର୍ଷିକୋତ୍ସବ, ସ୍ଥାନ: ଶିଶୁମନ୍ଦିର ପରିସର, ସମୟ: ଅପରାହ୍ନ ୨ଟା।
- ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୨୦ତମ ରାଜ୍ୟସ୍ତରୀୟ ଜାମ୍ବୋରୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ରାଜ୍ୟ ପ୍ରଶିକ୍ଷଣ କେନ୍ଦ୍ର, ବରୁଣେଇ ଶିଳ୍ପାଞ୍ଚଳ, ସମୟ: ଅପରାହ୍ନ ୩ଟା।
- ଖୋର୍ଦ୍ଧା ମହୋତ୍ସବ, ସ୍ଥାନ: ବିଡିଏ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଆନ୍ତର୍ଜାତୀୟ ଆଲୋଚନା ଚକ୍ର, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ବ୍ୟାସବିହାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଖ୍ରୀଷ୍ଟମାସ ଉତ୍ସବ, ସ୍ଥାନ: କ୍ୟାଥୋଲିକ୍ ଚର୍ଚ୍ଚ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ, ସ୍ଥାନ: ମଧୁରମେଳା, ସାର୍ଥା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ୧୨୬ ତମ ଜୟନ୍ତୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ନବନିର୍ମାଣ କୃଷକ ସଂଗଠନ ତରଫରୁ ମଣ୍ଡି ଖୋଲିବା ଦାବିରେ ଧାରଣା, ସ୍ଥାନ: ପାଟଣା ତହସିଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାଟଣା ସରସ୍ୱତି ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ ଉତ୍ସବ, ସ୍ଥାନ: ପାଟଣା ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଡାକ୍ତରଖାନା ସମ୍ମୁଖରେ ଜେଏମ୍ଏମ୍‌ର ଧାରଣା, ସ୍ଥାନ: ବାରମାଇଲ୍ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ମାତୃଶ୍ରୀ ଆଙ୍ଗ୍ଲୋବେଦିକ ସ୍କୁଲର ବାର୍ଷିକ ଉତ୍ସବ,ସ୍ଥାନ: ହିଲପାଟଣା,ସମୟ: ଅପରାହ୍ନ ୪ଟା ୩୦।

**ଗଞ୍ଜାମ**
- ବିରଞ୍ଚିନାରାୟଣ ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡା, ସ୍ଥାନ: ବୁଗୁଡ଼ା ଆଦିପୁର ଛକ, ସମୟ: ସକାଳ ୮ ଟା।
- ଆସିକା ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

**କନ୍ଧମାଳ**
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ଅଫିସ ସମ୍ମୁଖରେ କ. ନୂଆଗାଁ, ସମୟ: ପୂର୍ବାହ୍ନ ୧୦ ଟା।
- ଶିକ୍ଷା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଢେଙ୍କାନାଳ**
- ସ୍ୱରସ୍ୱତୀ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଉତ୍ସବ, ସ୍ଥାନ: ସୁନ୍ଦରିଖୋଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉନତ୍ରିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ବାଳଶିବିର, କନ୍ୟାଶିବିର ଓ ଗ୍ରାମଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଅଷ୍ଟକିଳା ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଆଠମଲ୍ଲିକ ପତାକା ଖେଳପଡିଆ, ସମୟ : ଅପରାହ୍ନ ୩ ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ : ଆଠମଲ୍ଲିକ କଲେଜ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- ଏନ୍‌ଏସି ହାଇସ୍କୁଲର ୨୦୦୦ମସିହା ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ପୋର୍ଟ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବଡପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଏମ୍ପାୱାର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ଜିଲା ପ୍ରଶାସନ ପକ୍ଷରୁ ରାଜନୈତିକ ଦଳ ବୈଠକ, ସ୍ଥାନ: ଜିଲାପାଳଙ୍କ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଯାଜପୁର ରୋଡ୍ ମଧୁସୂଦନ ନଗର ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।
- ଜିଲା ରେଡକ୍ରସ ବ୍ରାଞ୍ଚର ଏକ୍‌ଜିକ୍ୟୁଟିଭ୍ କମିଟି ବୈଠକ, ଜିଲା କନଫରେନ୍ସ ହଲ, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ୨୭ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡଲାଗି ପର୍ବର ୨୭ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ; ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଜିଲା ମହୋତ୍ସବ ଉପରେ ଜିଲା ପ୍ରଶାସନର ଖବରଦାତା ସମ୍ମିଳନୀ,ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷ, ସମୟ:ଅପରାହ୍ନ ୪ଟା।
- ପୌଷ ପୂର୍ଣ୍ଣିମା ସୁନାବେଶର ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ଅପରାହ୍ନ ୫ଟା।

**ରାୟଗଡ଼ା**
- ଚଇତି ଇଡିତାଲ ୨୦୨୫ ପାଇଁ କବିତା ପାଠୋତ୍ସବ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲିରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ତୋଟାଗୁଡା ଛକ ନିକଟସ୍ଥ ପଡ଼ିଆ, ଟିକିରି, ସମୟ: ପୂର୍ବାହ୍ନ ୧୧ଟା।
- ଉପଖଣ୍ଡ ସ୍ତରୀୟ ଚଇତି ଇଡିତାଲର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ଗୁଣପୁର, ସମୟ : ସନ୍ଧ୍ୟା ୫ଟା ୩୦।

**ନବରଙ୍ଗପୁର**
- ସାଂସଦସ୍ତରୀୟ ଖେଳ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ୍, ସମୟ: ସକାଳ ୯ଟା।

**କୋରାପୁଟ**
- ଧାନମଣ୍ଡି ଶୁଭାରମ୍ଭ, ସ୍ଥାନ: କାକିରିଗୁମ୍ମା ଲ୍ୟାମ୍ପ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ବାଂଲାଦେଶ ପୋଡି ଘଟଣାକୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଦଶମନ୍ତପୁର, ସମୟ: ସନ୍ଧ୍ୟା ୬ଟା।

**ମାଲକାନଗିରି**
- ପିସିସି ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ ପ୍ରତିନିଧି ଦଳର ମାଲକାନଗିରି ଗସ୍ତ, ସ୍ଥାନ: ଜିଲା କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୦ଟା
- ଜାତୀୟ କିଶାନ ଦିବସ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ ଟା।

**ସମ୍ବଲପୁର**
- ଭିଭିଆ ୱାଲ୍ଡ ସ୍କୁଲର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ତାଳବସ୍ଥିତ ଭାଲୁକୁଣ୍ଡା, ସମୟ: ସକାଳ ୮ଟା।
- ରେଙ୍ଗାଲି ମହୋତ୍ସବ-୨୦୨୬ ସକାଶେ ଆଲୋଚନାଚକ୍ର, ସ୍ଥାନ : ଲଇଡାସ୍ଥିତ ଦୁତିକା ସାହୁ ମହାବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ବନ୍ଦନା ଆର୍ଟ ଆୟୋଜିତ ଦୁର୍ଗା-୩ ଚିତ୍ରକଳା ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଅମୃତ ବିହାର ପରିସରସ୍ଥ ଜିଏମ୍‌ୟୁ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟା।
- ଚାଷୀ ସମସ୍ୟା ନେଇ ଆମ ଆଦମୀ ପାର୍ଟିର ସ୍ମାରକ ପତ୍ର କାର୍ଯ୍ୟକ୍ରମ, ସ୍ଥାନ : ଜିଲାପାଳ ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୧ଟା।
- ଜାତୀୟ ସମ୍ବଲପୁରୀ ସମ୍ମେଳନ-୨୦୨୫ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୧ଟା।
- ଦୟାନନ୍ଦ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ ମାଇଲଷ୍ଟୋନସ-୨୦୨୫, ସ୍ଥାନ : ପଡିଆବାହାଲସ୍ଥିତ ସ୍କୁଲ ପରିସର, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ପ୍ରସିଦ୍ଧ ଶୁଲିଆ ଯାତ୍ରା, ସ୍ଥାନ: ବଡ଼ଖଳା, ଖଇରଗୁଡ଼ା, ବଲାଙ୍ଗୀର, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ଫେନସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀରସ୍ଥିତ ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।
- ଜିଲାର ଧାନମଣ୍ଡି ଅବ୍ୟବସ୍ଥା ପ୍ରତିବାଦରେ ଜିଲା କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ସମାବେଶ, ସ୍ଥାନ: ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଆଗଲପୁର ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଗୁଡୁକା ବ୍ଲକ ସଭାଗୃହ, ସମୟ ପୂର୍ବାହ୍ନ ୧୦ଟା ୩୦।
- ବଲାଙ୍ଗୀର ଲୋକଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ବଲାଙ୍ଗୀର ଡିଏଫ୍‌ଓ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ରାଉରକେଲା**
- ମ୍ୟୁନିସିପାଲ କଲେଜରେ ଅଧ୍ୟାପନା ବିକାଶର ଉଦ୍‌ଯାପନୀ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଆଇଟିଆଇ କଲେଜର ବାର୍ଷିକ ମହୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସରକାରୀ ଆଇଟିଆଇ କଲେଜ ପରିସର, ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ୱିଣ୍ଟର କ୍ରିକେଟ୍ ମ୍ୟାଚ, ସ୍ଥାନ: ଡିଏଭି ଖେଳପଡ଼ିଆ, ବାସନ୍ତୀ କଲୋନୀ ସମୟ: ପୂର୍ବାହ୍ନ ୧୧ଟା।
- ସରକାରୀ ଆଇଟିଆଇର ବାର୍ଷିକ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ଶିଳ୍ପାଞ୍ଚଳ, ରାଉରକେଲା ସମୟ: ଅପରାହ୍ନ ୩ଟା।
- ଜେପି ହସ୍ପିଟାଲର ସମର୍ପଣ ଉତ୍ସବ, ସ୍ଥାନ: ଜେପି ହସ୍ପିଟାଲ ପରିସର, ଦାଣ୍ଡିଆପାଲି ସମୟ: ଅପରାହ୍ନ ୪ଟା।
- ଦିଲ୍ଲୀ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧୪, ବିଦ୍ୟାଳୟ ପରିସର ସମୟ: ସନ୍ଧ୍ୟା ୫ଟା।
- ଶୀତ ସାହିତ୍ୟର ସ୍ୱର ହିମ ଦରବାର କାର୍ଯ୍ୟକ୍ରମ, ସ୍ଥାନ: ଧାମରା ସଂଘ, ଛେଣ୍ଡ,ସମୟ: ଅପରାହ୍ନ ୫ଟା।

**ବରଗଡ଼**
- ଶଶିଭୂଷଣ ମିଶ୍ର ଶର୍ମାଙ୍କ ପୁସ୍ତକ ଭଞ୍ଜ ନନ୍ଦିନୀ ଉନ୍ମୋଚନ ସମାରୋହ, ସ୍ଥାନ:ଜର୍ଜ ହାଇସ୍କୁଲ, ବରଗଡ଼,ସମୟ:ସନ୍ଧ୍ୟା ୫ଟା।

**କଳାହାଣ୍ଡି**
- ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଭାଗୀରଥି ଇନ, ସମୟ: ଅପରାହ୍ନ ୪ଟା।
- ଧାନ ସଂଗ୍ରହ ଅବ୍ୟବସ୍ଥା ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଉପ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମାରକୀ ଜାତୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

**ବୌଦ୍ଧ**
- ପଞ୍ଚାୟତସ୍ତରୀୟ ପ୍ରଥମ ଲୋକକଳା ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ବାରିଙ୍ଗ ଖେଳ ପଡିଆ, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ମହାନଦୀ ଉତ୍ସବ-୨୦୨୫, ସ୍ଥାନ: ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ସୁଲିଆ ଯାତ୍ରା, ସ୍ଥାନ: ଡୁଙ୍ଗୁରିପାଲି-ରାମପୁର ରୋଡ଼ସ୍ଥିତ ସୁଲିଆ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ସପ୍ତମ ରଜନୀ, ସ୍ଥାନ: କୋମନା ବ୍ଲକ ତରବୋଡ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ ନବମ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପରୋଧ କଲି କୁକୁରକୁ
କୁକୁର ମୁତିଲା ଉପରକୁ ।**

ଯିଏ ଯାହାକୁ ପାଳିପୋଷି ମଣିଷ କରିଥାଏ ତା' ପ୍ରତି ମନରେ ଏକପ୍ରକାର ଦରଦ ଭାବ ରହିଥାଏ । ଏଭଳି ସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ । ପାଳିପୋଷି ମଣିଷ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଘ୍ନତା ପ୍ରକାଶ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଉପରେ ଚିତ୍ର ପଟପଟ,
ଭିତରେ ପାପ ଭଟଭଟ ।**

କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ଭିତରର ସ୍ୱରୂପ ବାହାରକୁ ଆଦୌ ଜଣାପଡ଼ି ନ ଥାଏ । ଆଜିର ଯୁଗରେ ମଣିଷର ସ୍ୱଭାବକୁ ଚିହ୍ନିବା ନିହାତି କଷ୍ଟକର ହୋଇଥିବାବେଳେ ପ୍ରକୃତରେ କିଏ ଭଲ ଓ କିଏ ଭେଲ, ତାହା ମଧ୍ୟ ସହଜରେ ଜାଣିହୋଇ ନ ଥାଏ । ଉପରକୁ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତି ଭିତରେ କପଟାଚରଣ ବା ମନ୍ଦ ଆଚରଣ କରୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉଭୋଳିତ ପାଣିପାଗର ଚିତ୍ର।

# ପିସିଙ୍କ ଦେଶୀ ଠୁମ୍‌କା



ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ:** ବଲିଉଡ୍ ପରେ ଆଜିକାଲି ହଲିଉଡ୍‌ରେ ରାଜ୍ କରୁଛନ୍ତି ପିସି ଓରଫ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା । ହଲିଉଡ୍‌ରେ ସେ ଯେତେ ପ୍ରୋଜେକ୍ଟ କାମ କରନ୍ତୁ ନା କାହିଁକି ସେ ବଲିଉଡ୍‌କୁ ଆଦୌ ଭୁଲି ନାହାନ୍ତି । ସୁଯୋଗ ମିଳିଲେ ସେ ବଲିଉଡ୍ ଗୀତରେ ଝୁମନ୍ତି । କେବଳ ଏତିକି ନୁହେଁ, ସ୍ୱାମୀ ତଥା ହଲିଉଡ ଗାୟକ ନିକ ଜୋନାସ ଏବଂ ତାଙ୍କ ଭାଇମାନଙ୍କୁ ବଲିଉଡ୍ ଗୀତରେ ନାଚିବାକୁ ବାଧ କରାନ୍ତି । ନିକଟରେ ନିକ ତାଙ୍କ କନସର୍ଟ ପୂର୍ବରୁ ହ୍ରିତିକ ରୋଶନ ଏବଂ କିୟାରା ଆଡଭାନୀଙ୍କ 'ଆୱାନ ଜୱାନ' ଗୀତରେ ଝୁମୁଥିବାର ଦେଖାଯାଇଥିଲା । ପ୍ରିୟଙ୍କା ମଧ୍ୟ ନିକ ଏବଂ ତାଙ୍କ ଭାଇମାନଙ୍କ ସହିତ ଏକ ବଲିଉଡ ଗୀତରେ ନାଚୁଥିବାର ଦେଖାଯାଇଛି । ନିକ ଇନଷ୍ଟାଗ୍ରାମରେ ଏହାର ଏକ ଭିଡିଓ ଶେୟାର କରିଛନ୍ତି । ସୋସିଆଲ ମିଡିଆରେ ଶେୟାର ହୋଇଥିବା ଏହି ଭିଡିଓରେ, ସମଗ୍ର ପରିବାର 'କୁର୍ବାନି' ଫିଲ୍ମର ସୁପରହିଟ ଗୀତ 'ଆପ ଜୈସା କୋଇ'ର ତାଳେ ତାଳେ ନାଚୁଥିବାର ଦେଖାଯାଇଥିଲା । ଏହା ଦେଖି ତାଙ୍କ ପ୍ରଶଂସକମାମାନେ ମଧ୍ୟ ବେଶ୍ ଖୁସି ଅଛନ୍ତି । ଏହି ଭିଡିଓ କୌଣସି ପ୍ରମୁଖ କାର୍ଯ୍ୟକ୍ରମ କିମ୍ବା ଶୁଟିଂର ନୁହେଁ, ବରଂ କନସର୍ଟ ପୂର୍ବରୁ ଏକ ମଜାଦାର ମୁହୂର୍ତ୍ତ ଥିଲା । ନିକ ଜୋନାସ ଏହାକୁ ତାଙ୍କର 'ପ୍ରି-ଶୋ ଏନର୍ଜି ଗୀତ' ଭାବରେ ବର୍ଣ୍ଣନା କରିଛନ୍ତି । ଜୋନାସ ବ୍ରଦର୍ସ ପୂର୍ବରୁ ଅନେକ ଥର ବଲିଉଡ ସଙ୍ଗୀତ ଉପରେ ଆଧାରିତ ରିଲ ତିଆରି କରିଛନ୍ତି । ନିକଟରେ ସେମାନେ ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର'ର 'ଶରାରତ' ଗୀତରେ ନାଚିଥିଲେ ।

ପ୍ରଥମ ପୃଷ୍ଠାରୁ...

## ୨୪ରେ ରାଜ୍ୟ...

'ସୁଭଦ୍ରା' ଯୋଜନା କାର୍ଯ୍ୟକାରୀ କରିଥିବାବେଳେ କୃଷକଙ୍କ ଲାଗି ଇନ୍‌ପୁଟ ସବ୍‌ସିଡି ଏବଂ ୮୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା/ବୃଦ୍ଧଙ୍କୁ ୩,୫୦୦ଟଙ୍କା ଭତ୍ତା ଭଳି ଯୋଜନା କାର୍ଯ୍ୟକାରୀ କରାଯାଇଛି । ତେବେ ୨୪ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟରେ ସରକାର ରାଜ୍ୟବାସୀଙ୍କ ବିକାଶକୁ ଦୃଷ୍ଟିରେ ରଖି କେଉଁଭଳି ପ୍ରସ୍ତାବକୁ ଅନୁମୋଦନ କରାଯାଉଛି, ତାହା ଦେଖିବାକୁ ରହିଛି ।

## ବଡ଼ଦିନରୁ ବଢିବ...

କୋରାପୁଟରେ ସର୍ବାଧିକ ଥଣ୍ଡା ଅନୁଭୂତ ହୋଇଥିଲା । ଏଠାରେ ସର୍ବନିମ୍ନ ତାପମାତ୍ରା ୫.୫ ଡିଗ୍ରୀ ରହିଥିଲା । ଏହା ସ୍ୱାଭାବିକ ତାପମାତ୍ରାଠାରୁ ୭.୨ ଡିଗ୍ରୀ କମ୍ ରହିଥିଲା । ସେହିପରି ଜି.ଉଦୟଗିରିରେ ୬.୮ ଡିଗ୍ରୀ, ଦାରିଙ୍ଗବାଡି ୭, ସେମିଳିଗୁଡା ଓ ଫୁଲବାଣୀରେ ୮, ନବରଙ୍ଗପୁର ୮.୫, ବୌଦ୍ଧ ୯.୨, ଚିପିଲିମା ଓ ରାଉରକେଲାରେ ୯.୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଏଥିସହ ଭୁବନେଶ୍ୱରରେ ୧୩.୬ ଡିଗ୍ରୀ ଏବଂ କଟକରେ ୧୨.୪ ଡିଗ୍ରୀ ତାପମାତ୍ରା ରହିଛି । ଏଥିସହ ସୋମବାର ରାଉରକେଲା, ବଲାଙ୍ଗୀର, ସୋନପୁର, ଝାରସୁଗୁଡା ଓ ଫୁଲବାଣୀରେ ଘନ କୁହୁଡି ଏବଂ ଭବାନୀପାଟଣା, କୋରାପୁଟ, ବାରିପଦା, ପାରାଦୀପ, କେନ୍ଦୁଝର, ସମ୍ବଲପୁର ଓ ହୀରାକୁଦରେ ମଧ୍ୟମରୁ ସାମାନ୍ୟ କୁହୁଡି ପରିଲକ୍ଷିତ ହୋଇଥିଲା ।

## କାର୍ ତଳେ...

ପୂର୍ବରୁ ଚେଚେନ୍ୟାରେ ଯୁଦ୍ଧ ଲଢ଼ିବା ସହ ସିରିଆ ବିରୋଧରେ ମସ୍କୋ ସାମରିକ ଅଭିଯାନରେ ଭାଗ ନେଇଥିଲେ । ଠିକ୍ ବର୍ଷକ ପୂର୍ବରୁ ୨୦୨୪ ଡିସେମ୍ବର ୧୭ରେ ରୁଷିଆ ସେନା ଆଣବିକ, ଜୈବିକ ଏବଂ ରାସାୟନିକ ସୁରକ୍ଷା ବଳର ନେତୃତ୍ୱ ନେଉଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଇଗୋର କିରିଲୋଭ୍ ବୋମା ବିସ୍ଫୋରଣରେ ନିହତ ହୋଇଥିଲେ । ତାଙ୍କ ଆପାର୍ଟମେଣ୍ଟ ବିଲ୍ଡିଂ ବାହାରେ ଏକ ଇଲେକ୍ଟ୍ରିକ୍ ସ୍କୁଟରରେ ଉକ୍ତ ବୋମାକୁ ଲୁଚାଇ ରଖାଯାଇଥିଲା । ଏଥିରେ କିରିଲୋଭ୍‌ଙ୍କ ସମେତ ତାଙ୍କ ସହକାରୀ ମଧ୍ୟ ନିହତ ହୋଇଥିଲେ । ଆକ୍ରମଣ ପାଇଁ ୟୁକ୍ରେନ୍ ସିକ୍ୟୁରିଟି ସର୍ଭିସ୍ ନିଜକୁ ଦାୟୀ କରିଥିଲା । ଉକ୍ତ ସଂସ୍ଥା ତରଫରୁ ଉଜ୍‌ବେକର ଜଣେ ବ୍ୟକ୍ତିଙ୍କୁ ହତ୍ୟା ମାମଲାରେ ଗିରଫ କରାଯାଇଥିଲା ।

## ନିବେଶକଙ୍କର ଓଡ଼ିଶା...

୨ଟି କ୍ଷେତ୍ର ବର୍ତ୍ତମାନ ଓଡ଼ିଶାରେ ନଗଣ୍ୟ । ୩୮ ଶିଳ୍ପପତିଙ୍କ ସହିତ ବ୍ୟକ୍ତିଗତ ଆଲୋଚନା କରିଛନ୍ତି । ଔଷଧ ଏବଂ ଚିକିତ୍ସା ଉପକରଣ, ପ୍ରତିରକ୍ଷା ଉତ୍ପାଦନ, ନବୀକରଣୀୟ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଡାଟା ସେଣ୍ଟର, ବୟନ ଓ ବୈଷୟିକ ବୟନ ଏବଂ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକରେ ନିବେଶ ସୁଯୋଗ ବିଷୟରେ ଆଲୋଚନା କରାଯାଇଛି । ରୋଡ୍ ଶୋ'ରେ ୫୦୦ରୁ ଅଧିକ ଶିଳ୍ପପତି, ବ୍ୟବସାୟିକ ସଙ୍ଗଠନ ଏବଂ ଆନୁଷ୍ଠାନିକ ଅଂଶୀଦାରମାନେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ପାଇଁ ସରକାରଙ୍କ ଦୃଷ୍ଟିକୋଣ ଏବଂ ଉତ୍ପାଦନ ଓ ସେବା କ୍ଷେତ୍ରର ବିକାଶ ପାଇଁ ରୋଡମ୍ୟାପ୍ ଉପସ୍ଥାପନ କରାଯାଇଥିଲା । ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମର ରୋଡ୍ ମ୍ୟାପରେ ଏକ ନୂଆ ମାଇଲ୍ ଷ୍ଟୋନ୍ ସ୍ଥାପନ ହେବାକୁ ଯାଉଛି । ଆସନ୍ତା ଜାନୁଆରୀ ୨୮ ଓ ୨୯ରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା ଅନୁଷ୍ଠିତ ହେବ । ଏହା ସହିତ କୋଲକାତାରେ ମଧ୍ୟ ଏକ ଶିଳ୍ପ କନ୍‌କ୍ଲେଭ ହେବାର ଯୋଜନା ରହିଛି । ଓଡ଼ିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି । ଆସନ୍ତା ୩ ମାସ ଭିତରେ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ଯେଉଁସବୁ ପ୍ରସ୍ତାବ ଆସିଛି ତା'କୁ ଯେପରି ବାସ୍ତବରେ ପରିଣତ କରାଯାଇ ପ୍ରକଳ୍ପଗୁଡ଼ିକୁ ଗ୍ରାଉଣ୍ଡିଙ୍ଗ କରାଯିବ । ପ୍ରକଳ୍ପଗୁଡ଼ିକ କ୍ଷିପ୍ରଗତିରେ କାର୍ଯ୍ୟକାରୀ ହେଲେ ନିବେଶକମାନଙ୍କ ଭରସା ଆହୁରି ବୃଦ୍ଧି ପାଇବ । ସେ ଏବଂ ବରିଷ୍ଠ ଅଧିକାରୀମାନେ ହାଇଦ୍ରାବାଦରେ ଥିବା ପ୍ରତିରକ୍ଷା ଯନ୍ତ୍ରାଂଶ ନିର୍ମାଣ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଭାରତ ଡାଇନାମିକ୍ସ ଲିମିଟେଡ୍ (ବିଡିଏଲ୍) ଗସ୍ତ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ ବଳସାମନ୍ତ, ନିତ୍ୟାନନ୍ଦ ଗଣ୍ଡ, ଗୋକୁଳାନନ୍ଦ ମଲିକଙ୍କ ସମେତ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଦକ୍ଷିଣ ଏସିଆ ପିଲାଙ୍କ...

ସହ ଆର୍ଦ୍ରତା ମିଶିଲେ, ପ୍ରଭାବ ୪ ଗୁଣ ବଢ଼ିଯାଇଥାଏ ବୋଲି ୟୁନିଭର୍ସିଟିର ଅନ୍ୟ ଜଣେ ପ୍ରଫେସର କହିଛନ୍ତି । ଉତ୍ତାପ ବୃଦ୍ଧି ଯୋଗୁ ଜନ୍ମ ହେବାକୁ ଥିବା ପିଲାଙ୍କ ସଂଖ୍ୟା ଉପରେ ପ୍ରଭାବ ପଡ଼ିଥାଏ । ବିଶେଷ କରି ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ହେଲେ ପ୍ରଭାବ ୩ ମାସ ପର୍ଯ୍ୟନ୍ତ ରହିଥାଏ । ଉତ୍ତାପ-ଆର୍ଦ୍ର ସ୍ଥିତି ମୋଟାମୋଟି ଭାବେ ଗର୍ଭଧାରଣ ହାରକୁ ହ୍ରାସ କରିପାରେ ଏବଂ ସମୟ ପୂର୍ବରୁ ଗର୍ଭପାତ କିମ୍ବା ଉଭୟ ହୋଇପାରେ ବୋଲି ଗବେଷକ କହିଛନ୍ତି । ଉତ୍ତାପ ଓ ଆର୍ଦ୍ର ସ୍ଥିତି ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପାଇଁ ବିପଦ । ସବୁଠୁ ଜନବହୁଳ ଦକ୍ଷିଣ ଏସିଆରେ ଏଭଳି ସ୍ଥିତି ଅଧିକ ଖରାପ ହୋଇପାରେ । ଏଭଳି ଜଳବାୟୁ ଯୋଗୁ ୨୦୫୦ ସୁଦ୍ଧା ଦକ୍ଷିଣ ଏସିଆରେ ୩ ନିୟୁତର ଅଧିକ ଶିଶୁଙ୍କ ବିକାଶ ପ୍ରଭାବିତ ହେବାର ସମ୍ଭାବନା ଥିବା ଗବେଷକମାନେ କହିଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ରାଶ୍ୟାଧିପତି ଓ ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଭଲ ରହିବ । ଯାନବାହନ ଚଳାଚଳ, ଆଲୋଚନା କ୍ଷେତ୍ରରେ, ମାତୃବର୍ଗରେ, ଜମିଜମା, ଦୋକାନବାଡ଼ି, ହୋଟେଲ ଆଦି ବ୍ୟବସାୟିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ । ଅଫିସରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନ ଅକ୍ଷୁଣ୍ଣ ରହିବ ।

**ବୃଷ**
ଧନାଧିପତି ଦୁଃସ୍ଥାନସ୍ଥ ଯୋଗୁ ଧାରକରଜ କରିବାକୁ ପଡ଼ିପାରେ । ପରିବାର ମଧ୍ୟରେ ନିଜର ପ୍ରାଧାନ୍ୟ ଜାହିରକଲେ ଭଲ ବଦଳରେ ତାହା ମନ୍ଦରେ ପରିଣତ ହେବ । ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ବିବ୍ରତ ହେବେ । ଲେଖାପଢ଼ାରେ, ସଭାସମିତିରେ ଧୀରମନ୍ଥର ଗତିରେ କାମ କରିବା ଭଲହେବ ।

**ମିଥୁନ**
ଅଷ୍ଟମଚନ୍ଦ୍ର ହେତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟଧରି ରଖିପାରିଲେ ପାରିବାରିକ ଜୀବନ ଶୃଙ୍ଖଳିତ ହୋଇପାରିବ । କୌଣସି କାମ ଆରମ୍ଭକରି ଆତ୍ମତୃପ୍ତି ଲାଭ କରିପାରନ୍ତି । ସମସ୍ୟା ସମ୍ପର୍କରେ ସମାଧାନର ଦାୟିତ୍ୱ ନେବା ପାଇଁ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । ଅତିଥି ଚର୍ଚ୍ଚାକୁ ନେଇ ପରିବାର ସହ ରହିବା ମୁସ୍କିଲ ହୋଇପାରେ ।

**କର୍କଟ**
ରାଶିକୁ ରାଶ୍ୟାଧିପତି ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟସମସ୍ୟା ସୁଧୁରିଯିବା ଆଶା କରାଯାଇପାରେ । ସରଳବିଶ୍ୱାସ ଯୋଗୁ କର୍ମକ୍ଷେତ୍ରରେ ନିଜ ଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି । ମୂଲ୍ୟବାନ୍ ଜିନିଷ କିଣାବିକାକୁ ନେଇ ଟଣାଓଟରା ଦେଖାଦେବ । ପାରିବାରିକ ସ୍ଥିତି, ବ୍ୟବସାୟ କ୍ଷେତ୍ରରେ ଉନ୍ନତ ଫଳ ପାଇବେ ।

**ସିଂହ**
ଆପଣ ଅନ୍ୟମାନଙ୍କ ଚେକାଚେକି କଥାରେ ଉତ୍‌ଫୁଲ୍ଲିତ ହୋଇ କାମକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ । ବୃଥା ସନ୍ଦେହ କାରଣରୁ ନିଜଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି । ଆଜି ଦିନଟିରେ ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ । ଆର୍ଥିକ ସ୍ଥିତି ସୁଧୁରିଯିବା ଆଶାକରି କେତେକାଂଶରେ ଖୁସି ହେବେ ।

**କନ୍ୟା**
ସବୁ ସୁବିଧା ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଭୁଲ୍ ନିଷ୍ପତ୍ତି ହିଁ ସମସ୍ୟାକୁ ବଢ଼ାଇ ଦେଇପାରେ । କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ଆପଣ ପାଟି ଖୋଲିଲେ ସହାୟତା କରିବେ । ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି ଭଲ ରହିବ । ଅଦାଲତ, ପ୍ରକାଶନ ଓ ପ୍ରଶାସନ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ ।

**ତୁଳା**
ଆର୍ଥିକ ଅନଟନ, ଶାରୀରିକ ପୀଡ଼ାଜନିତ ମନ ବିରସ ରହିପାରେ, କିନ୍ତୁ କୌଣସି କାମ ଅଟକିବ ନାହିଁ । ଗୃହ ସମସ୍ୟା ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ । ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ । ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ ।

**ବିଛା**
କର୍ମକ୍ଷେତ୍ରରେ କେତୁଗ୍ରହ ଅବସ୍ଥାନ କରିଥିବାରୁ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ । ଅନ୍ୟମନସ୍କତାରୁ ଦ୍ରବ୍ୟନଷ୍ଟଜନିତ କଳହ ଘଟିପାରେ । ସେବା ଓ ପରୋପକାର କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପ୍ରଶଂସିତ ହୋଇପାରନ୍ତି । ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି ଓ ରଚନାତ୍ମକ କାମରେ ସମସ୍ୟା ଦୂରହୋଇଯିବ ।

**ଧନୁ**
କର୍ମାଧିପ ଦ୍ୱାଦଶ ଭାବରେ ରହିଥିବାରୁ କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ । ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି । କିନ୍ତୁ କୌଣସି କାମ ଅଟକି ରହିବନାହିଁ । ପରିବାରର ଆବଶ୍ୟକତା ପୂରଣକରିବା ପାଇଁ ଧାରକରଜ କରିବାକୁ ପଡ଼ିପାରେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଗତାନୁଗତିକ ରୀତିରେ ଗଡ଼ିଚାଲିବ ।

**ମକର**
ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି । ଶୁଭେଚ୍ଛୁମାନଙ୍କ ସାନ୍ନିଧ୍ୟ ଲାଭକରି ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ । ହିତୈଷୀ ବନ୍ଧୁଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ ।

**କୁମ୍ଭ**
ଲାଭଭାବରେ ମଙ୍ଗଳ ରହିଥିବାରୁ ଆଜି ଦିନଟିରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ । ବୁଧଙ୍କ ଶୁଭ ପ୍ରଭାବରୁ ଚିନ୍ତା କରିଥିବା କର୍ମାରମ୍ଭ କରିପାରନ୍ତି । ସାମାଜିକ ସ୍ତରରେ ପରୋକ୍ଷଶତ୍ରୁତା ଜନିତ ସମାଲୋଚନା ମନକୁ ଆନ୍ଦୋଳିତ କରିପାରେ । ଆଜି ଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବାର ସୂଚନା ରହିଛି ।

**ମୀନ**
କର୍ମକ୍ଷେତ୍ରରେ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ । ସ୍ନାୟବିକ ଦୁର୍ବଳତା ଅନୁଭବ କରିବା ଫଳରେ କାମ ପ୍ରତି ସ୍ପୃହା ରହିବ ନାହିଁ । ଆର୍ଥିକ ଦୁରବସ୍ଥା ସୁଧାରିବା ଦିଗରେ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ । ପରିଜନଙ୍କ ସହ ଦୂରଯାତ୍ରା ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ଯାତ୍ରା ସ୍ଥଗିତ ରହିଯିବା ଆଶଙ୍କା ରହିଛି ।

ଆଜି ଡିସେମ୍ବର ୨୩ ତାରିଖ, ପୌଷ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର । ରାଶିନକ୍ଷତ୍ର-ଶ୍ରବଣା/ମକର, ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୬।୨୧ ଗତେ ଘ.୦୭।୦୪ ମଧ୍ୟେ, ଘ.୦୯।୦୩ ଗତେ ଘ.୧୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୨।୨୭ ଗତେ ଘ.୦୩।୪୮ ମଧ୍ୟେ ରାହୁକାଳ ।



ହାଇଦ୍ରାବାଦ୍ ଗସ୍ତରୁ ଫେରିବା ପରେ ସୋମବାର ଭୁବନେଶ୍ୱର ବିମାନବନ୍ଦରଠାରେ ମନ୍ତ୍ରୀ, ବିଧାୟକ, ଭାଜପା ଦଳର ନେତା ଓ କର୍ମୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବାରିପଦାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛକଟା ଘଟଣା

# ଏନ୍‌ଜିଟିରେ ରୁଜୁ ହେଲା ମାମଲା

ବାରିପଦା,୨୨।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପାଲବଣିଠାରେ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛକଟାକୁ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ପରିବେଶବିତ୍ ପ୍ରମୋଦ କୁମାର ହେମ୍ବ୍ରମଙ୍କ ଅଭିଯୋଗ ଅନୁଯାୟୀ କୋଲକତାସ୍ଥିତ ଇଷ୍ଟର୍ଣ୍ଣ ଜୋନ ବେଞ୍ଚରେ ନଂ. ୨୧୩/ଇଜେଡ୍/୨୦୨୫ରେ ମାମଲାର ଶୁଣାଣି ମଙ୍ଗଳବାର ହେବ। ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତିକରି ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗି ଓ ଏକ୍ସପର୍ଟ ମେମ୍ବର ଇଶ୍ୱର ସିଂ ମାମଲାର ଶୁଣାଣି କରିବେ। ଏହି ମାମଲାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସରକାରଙ୍କ ଜୈବ ବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାକୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ବାରିପଦା ପାଲବଣିଠାରେ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ୫ଏକର ଜମି ଚିହ୍ନଟ କରାଯାଇ ବନ ବିଭାଗର ଅନୁମତି କ୍ରମେ ଗଛକଟା ଆରମ୍ଭ ହୋଇଛି। ରିପୋର୍ଟରେ ୧୭୮୯ ଗଛ ଦର୍ଶାଯାଇଥିବା ବେଳେ ପାଖାପାଖି ୫ହଜାର ଗଛ କଟା ଶେଷ ହୋଇଛି। ଏହାକୁ ନେଇ ପ୍ରଥମେ ଭଞ୍ଜସେନା ପକ୍ଷରୁ ପ୍ରତିବାଦ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଆଇନଜୀବୀ ଆକାଶ ଶର୍ମା ପ୍ରତିବାଦ ସ୍ୱରୂପ ଉଚ୍ଚ ନ୍ୟାୟାଳୟରେ ଲେଟର ପିଟିସନ ଦାୟର କରିଥିଲେ।

# ବିନା ପଲ୍ଲିସଭାରେ ନଦୀରେ ଚେକ୍‌ଡ୍ୟାମ୍, ପାଇପ୍ ଲାଇନ ପାଇଁ ସର୍ଭେ କରୁଛି ଆଦିତ୍ୟ ଆଲୁମିନା



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

## ୨ ପଞ୍ଚାୟତର ଗ୍ରାମବାସୀଙ୍କ ବିରୋଧ

ରାୟଗଡ଼ା,୨୨।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଂସାରିଗୁଡ଼ାସ୍ଥିତ ଆଦିତ୍ୟ ଆଲୁମିନା କମ୍ପାନୀ ପଲ୍ଲିସଭା ନ କରି କୁଟିଂଗୁଡ଼ା ଗ୍ରାମ ନିକଟସ୍ଥ ନଦୀରେ ଚେକ୍‌ଡ୍ୟାମ୍ ନିର୍ମାଣ ସହ କମ୍ପାନୀକୁ ପାଇପଲାଇନ ବିଛାଇବା ପାଇଁ ସର୍ଭେ କରୁଥିବା ଜଣାପଡ଼ିଛି। ଏହାକୁ କୋରାପୁଟ ଜିଲା ପିପଲପଦର ପଞ୍ଚାୟତ ଓ ରାୟଗଡ଼ା ଜିଲା ଶଙ୍କରଡ଼ା ପଞ୍ଚାୟତବାସୀ ବିରୋଧ କରିଛନ୍ତି। ବିନା ପଲ୍ଲିସଭାରେ କମ୍ପାନୀ କାମ କରୁଛି ଏବଂ ପ୍ରତିବାଦ କଲେ ପୋଲିସ ଲଗାଇ ଡରାଉଛି ବୋଲି ୨ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ତେଣୁ ନ୍ୟାୟ ଦାବିରେ ଅଞ୍ଚଳବାସୀ ସୋମବାର ରାୟଗଡା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ ନାଏକ ଅଭିଯୋଗପତ୍ର ଗ୍ରହଣ କରିବା ସହ ଏ ନେଇ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, କମ୍ପାନୀ ନଦୀରେ ଚେକ୍‌ଡ୍ୟାମ୍ ନିର୍ମାଣ ଓ ପାଇପଲାଇନ ବିଛାଇଲେ କୋରାପୁଟ ଜିଲା ପିପଲପଦର ଗ୍ରାମର କୁଟିଂଗୁଡ଼ା, ଶିଆଳିମାଲ, ବାରିଗାଁ, ପିପଲପଦର, ବାଗମାରି, କେନ୍ଦୁପାଇ ସମେତ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ଶଙ୍କରଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ କାରାଜୋଲା, ତୟାପୁଟ, ଖଡ଼ିକାଯୋଡ଼ି, କଂସାରିଗୁଡ଼ା, ପୁଞ୍ଜିଗୁମା, ଶଙ୍କରଡ଼ା, ବାହାର କୁରୁମି ଗ୍ରାମବାସୀ ପ୍ରଭାବିତ ହେବା ସହିତ ଚାଷ ଜମି ନଷ୍ଟହେବ। କମ୍ପାନୀ ବିନା ପଲ୍ଲିସଭାରେ ସର୍ଭେ କାମ ଚଳାଇଛି ଏବଂ ପୋଲିସ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଯୋଗାଇଦେଉଛି। ଅଞ୍ଚଳବାସୀ ଏ ନେଇ ପ୍ରଶ୍ନ କଲେ ଧମକାଉଛି ବୋଲି ଅଭିଯୋଗ କରିଛନ୍ତି। ଏଭଳିକି ପଲ୍ଲିସଭା କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପକରି ସମସ୍ୟାର ସମାଧାନ କରିବା ସହ ଅଞ୍ଚଳବାସୀଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ୨ ପଞ୍ଚାୟତବାସୀ ଅନୁରୋଧ କରିଛନ୍ତି। ନଚେତ୍ ଆଗାମୀ ଦିନରେ କାର୍ଯ୍ୟସ୍ଥଳରେ ଧାରଣା ଦେବା ସହ ସର୍ଭେ କରିବାକୁ ଦିଆଯିବ ନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି।

# କେ.ଭି.ଙ୍କ ଅଧ୍ୟକ୍ଷତାରେ ଆଜି ବସିବ ଉଚ୍ଚସ୍ତରୀୟ ବୈଠକ

## ମହାନଦୀ ଜଳ ବିବାଦର ସମାଧାନ ପ୍ରସଙ୍ଗ

ଭୁବନେଶ୍ୱର,୨୨।୧୨(ରବିନାରାୟଣ ଜେନା)

ମହାନଦୀ ହେଉଛି ଓଡ଼ିଶାର ଜୀବନ ରେଖା। ଏହା ଉପରେ ପ୍ରାୟ ୧୫ଟି ଜିଲାର ଲୋକେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପାନୀୟଜଳଠାରୁ ଆରମ୍ଭ କରି ଚାଷ ଓ ଶିଳ୍ପ ପାଇଁ ନିର୍ଭର କରିଥାନ୍ତି। ହେଲେ ଉପରମୁଣ୍ଡରେ ଛତିଶଗଡ଼ ସରକାର ୨୦୧୬ରେ ପ୍ରାୟ ୬୦ଟି ସେତୁ ନିର୍ମାଣ କରିବା ଯୋଗୁ ଶୀତଋତୁରେ ମହାନଦୀ ବୁକୁ ଶୁଖିଲା ପଡୁଛି। ଏହାକୁ ନେଇ ଅଧିକାଂଶ ସମୟରେ ବିଧାନସଭା ଭିତରେ ଏବଂ ବାହାରେ ଶାସକ-ବିରୋଧୀ ମୁହାଁମୁହିଁ ହେଉଥିବା ନଜିର ରହିଛି।

ଏହି ପରିପ୍ରେକ୍ଷୀରେ ମହାନଦୀ ଆନ୍ତଃରାଜ୍ୟ ଜଳ ବିବାଦର ସମାଧାନ ଲାଗି ଟ୍ରିପଲ ଇଞ୍ଜିନ ସରକାର ଗୁରୁତ୍ୱ ଦେଇଛନ୍ତି। ଯଦିଓ ମହାନଦୀ ଜଳ ବିବାଦ ମାମଲା ଏବେ ଟ୍ରିବ୍ୟୁନାଲରେ ରହିଛି ଏହାକୁ କିଭଳି ଆପୋସ ମାଧ୍ୟମରେ ସମାଧାନ କରାଯାଇପାରିବ ସେନେଇ ଉଭୟ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହେବାକୁ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଚଳିତମାସ ୧୦ରେ ଗଠନ ହୋଇଥିବା ଉଚ୍ଚସ୍ତରୀୟ କମିଟିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ, ଭାଜପା ବିଧାୟକ ଜୟନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ମହାନଦୀ ଜଳବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପାଇଁ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହିତ ଆଲୋଚନା ପରେ ବୈଷୟିକ କମିଟି କ୍ଷେତ୍ର ପରିଦର୍ଶନ କରିଛନ୍ତି। ମଙ୍ଗଳବାର ଜଳସମ୍ପଦ ବିଭାଗ ପକ୍ଷରୁ ବୈଷୟିକ କମିଟି କ୍ଷେତ୍ରସ୍ଥଳରେ କ'ଣ ସବୁ ଅନୁଧ୍ୟାନ କଲେ ତାହା ଉପରେ ବିସ୍ତୃତ ଆଲୋଚନା ହେବାକୁ ରହିଛି। ତେବେ ୨୦୧୭ରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ତତ୍କାଳୀନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଉମା ଭାରତୀ, ଛତିଶଗଡ଼ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରମଣ ସିଂହ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ବସିଥିଲା। ଦୀର୍ଘ ସମୟ ଆଲୋଚନା ପରେ କୌଣସି ବାଟ ନ ଫିଟିବାରୁ ନ୍ୟାୟ ପାଇବା ଆଶାରେ ବିଜେଡି ସରକାର ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୧୮ ମାର୍ଚ୍ଚ ୧୧ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ଇତିମଧ୍ୟରେ କମିଟିକୁ ୭ବର୍ଷ ବିତିବାକୁ ଯାଉଥିଲେ ହେଁ ସମାଧାନ ପନ୍ଥା ବାହାରି ପାରୁନାହିଁ। ମାତ୍ର ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଏବେ ଭାଜପା ସରକାର ରହିଥିବାରୁ ଏହାର ଆପୋସ ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି।

# ଜାନୁଆରୀ ପହିଲାରୁ ଗାଡ଼ି ଯାଞ୍ଚ କଡ଼ାକଡ଼ି

କଟକ,୨୨।୧୨(କାର୍ତ୍ତିକ ସାହୁ)

ଜାନୁଆରୀ ପହିଲାରୁ ସମଗ୍ର ରାଜ୍ୟରେ ମୋଟର ଯାନ ଆଇନ ଉପରେ ତୀକ୍ଷ୍ଣ ନଜର ରଖାଯିବ। ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଚଢ଼ାଉ ଜୋରଦାର କରାଯିବ। ପୋଲିସ ଓ ପରିବହନ କର୍ମଚାରୀଙ୍କ ମିଳିତ ସହଯୋଗରେ ମୋଟର ଯାନ ଯାଞ୍ଚ କଡ଼ାକଡ଼ି କରାଯିବ। ପୂର୍ବରୁ ଏ ନେଇ ହୋଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ନେଇ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ସୋମବାର ଅନୁଷ୍ଠିତ ବୈଠକରେ ବ୍ୟାପକ ପ୍ରସ୍ତୁତି କରାଯାଇଥିବା କମିଶନର ଅମିତାଭ ଠାକୁର ସୂଚନା ଦେଇଛନ୍ତି। ସୂଚନାନୁସାରେ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଜାନୁଆରୀ ପହିଲାରୁ ୩୧ ତାରିଖ ଯାଏ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ପାଇଁ ନିଷ୍ପତ୍ତି ନେଇଛି। ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମର ସଫଳତାର ସହ ଆୟୋଜନ ପାଇଁ ଏକ ପ୍ରାଥମିକ ପ୍ରସ୍ତୁତି ବୈଠକ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇସାରିଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟର ନିର୍ଦ୍ଦେଶାବଳୀକୁ ଠିକ୍ ସମନ୍ୱୟ ରଖି କାର୍ଯ୍ୟକାରୀ କରାଯିବା ଉପରେ ସଚିବ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି, ଦୁର୍ଘଟଣା ସଂଖ୍ୟାରେ ଆଗୁଆ ଥିବା ସାତଟି ଜିଲାକୁ ବିଶେଷ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ ସହଭାଗିତାରେ ଆବଶ୍ୟକ ସମସ୍ତ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ଏସ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

# ପରାଜୟ ପରେ ବିଜେଡିକୁ ଚାନ୍ଦା ଆସୁନି

ଭୁବନେଶ୍ୱର, ୨୨।୧୨(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ ପରାଜୟ ପରେ ବିଜେଡିକୁ ଆଉ ଚାନ୍ଦା(ଡୋନେଶନ) ମିଳୁନାହିଁ। କ୍ଷମତାରୁ ଯିବା ପରେ ବିଜେଡିକୁ ଆଉ ଚାନ୍ଦା ଦେବାକୁ କେହି ଆଗ୍ରହ ଦେଖାଉନାହାନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଜେଡିକୁ ୬୦ କୋଟି ଟଙ୍କା ମିଳିଥିଲା। ହେଲେ ଏହା ଗତ ସାଧାରଣ ନିର୍ବାଚନ ସମୟରେ ହିଁ ମିଳିଥିଲା। ଏହାପରେ ବିଜେଡିକୁ ଚାନ୍ଦା ମିଳିବା ଏକ ପ୍ରକାର ବନ୍ଦ ହେବାକୁ ଲାଗିଲାଣି। ନିର୍ବାଚନ କମିଶନଙ୍କ ନିକଟରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାଖଲ କରାଯାଇଥିବା ଦଳର ଆୟ ସମ୍ପର୍କିତ ସତ୍ୟପାଠରୁ ଏହା ଜଣାପଡ଼ିଛି। ବିଜେଡି କୋଷାଧ୍ୟକ୍ଷ ସୁବାସ ସିଂ ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଛି, ୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲ ଓ ମେ'ରେ ଦଳକୁ ୪ଟି ଘରୋଇ ସଂସ୍ଥା ୬୦ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। କିନ୍ତୁ ତା' ପରଠାରୁ ଦଳକୁ ଆଉ ଚାନ୍ଦା ମିଳି ନାହିଁ। ଦଳ ପାଖରେ ମୋଟ୍ ୭୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ସୁଧ ବାବଦରେ ବିଜେଡି ୫୦ କୋଟି ଟଙ୍କା ଆୟ କରିଛି। ଏହିପରି ମୋଟ୍ ୨୦୨୪-୨୫ ଆର୍ଥିକ ବର୍ଷରେ ୧୧୦ କୋଟି ଟଙ୍କା ବୋଲି ଜଣାପଡ଼ିଛି।

ଅନ୍ୟପଟେ ଭାଜପାର ନେତା, ମନ୍ତ୍ରୀ ଓ ବିଧାୟକମାନେ ଦଳକୁ ଲକ୍ଷାଧିକ ଟଙ୍କାର ଚାନ୍ଦା ଦେଇଥିବା ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଥିବା ଆୟ ସମ୍ପର୍କିତ ସତ୍ୟପାଠରୁ ଜଣାପଡ଼ିଛି। ସେଥିରେ ଦର୍ଶାଯାଇଛି ଭାଜପା ଆକାଉଣ୍ଟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଆରମ୍ଭକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବି ନାରାୟଣ ନାଏକ, କୃଷ୍ଣ ଚନ୍ଦ୍ର ପାତ୍ର, ପ୍ରଦୀପ ବଳସାମନ୍ତ, କୃଷ୍ଣ ଚନ୍ଦ୍ର ମହାପାତ୍ର, ଗଣେଶ ରାମସିଂ ଖୁଣ୍ଟିଆ, ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ସମ୍ପଦ କୁମାର ସ୍ୱାଇଁ, ସୁରେଶ ପୂଜାରୀ ପ୍ରମୁଖ ୫ ଲକ୍ଷ ଟଙ୍କା ଲେଖାଏ ଚାନ୍ଦା ଆକାରରେ ପ୍ରଦାନ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ୫ ଲକ୍ଷ ଟଙ୍କା ଦେଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧ ଲକ୍ଷ ଟଙ୍କା ଚାନ୍ଦା ଦେଇଛନ୍ତି। ଏମ୍‌ପି ପ୍ରଦୀପ ପୁରୋହିତ, ଅନନ୍ତ ନାଏକ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଙ୍ଗୀତା ସିଂଦେଓ, ଅଭିମନ୍ୟୁ ସେଠୀ ପ୍ରମୁଖ ଏମ୍‌ପିମାନେ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ଏମ୍‌ପି ବୈଜୟନ୍ତ ପଣ୍ଡା ୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ୫ ଲକ୍ଷ ଟଙ୍କା ଦେଇଥିବା ବେଳେ ଦଳର ପ୍ରାୟ ସବୁ ବିଧାୟକ ଚାନ୍ଦା ଆକାରରେ ଲକ୍ଷେ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ସେହିପରି ଭାଜପାର ପୂର୍ବତନ ବିଧାୟକମାନେ ୨୫ ହଜାର ଟଙ୍କା ଲେଖାଏ ଦେଇଥିବା ଜଣାପଡ଼ିଛି।

# ଜାନୁଆରୀ ୩୧ ସୁଦ୍ଧା ଟଙ୍କା ଫେରିପାଇବେ ୫ ଲକ୍ଷ କ୍ଷୁଦ୍ର ଚିଟ୍‌ଫଣ୍ଡ ଜମାକାରୀ

ଭୁବନେଶ୍ୱର, ୨୨।୧୨(ସୁନିତ୍ ମିଶ୍ର)

- ୧୮ ମାସ ଭିତରେ କ୍ଷୁଦ୍ର, ବୃହତ୍ ସବୁ ଜମାକାରୀଙ୍କୁ ଫେରାଇବେ କହିଥିଲେ: ଜୟନ୍ତ
- ପୂର୍ବ ସରକାର କାମ ଏବେ କରାଯାଉଛି: ମନ୍ତ୍ରୀ
- ନିର୍ବାଚନୀ ପ୍ରତିଶ୍ରୁତି କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯାଉଛି: ମନମୋହନ

ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଥିବା ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ପାଇବା ଲାଗି ଆବେଦନ କରିବାକୁ ଅର୍ଥ ବିଭାଗ ବିଜ୍ଞପ୍ତି ଜାରି କରିଛି। କ୍ଷୁଦ୍ର ଜମାକାରୀମାମାନେ ଏହାର ସୁଯୋଗ ନେବା ସହିତ ସମସ୍ତେ ଆବେଦନ କରିବା ଲାଗି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ୨୦୨୬ ଜାନୁଆରୀ ୩୧ ସୁଦ୍ଧା ଟଙ୍କା ଫେରସ୍ତ ପ୍ରକ୍ରିୟା ଚାଲୁ ରହିବ। ତଦନ୍ତ କମିଶନ ସୁପାରିସ କରିଥିବା ଏବଂ ଟଙ୍କା ଫେରସ୍ତ ପାଇ ନ ଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଅର୍ଥାତ୍ ଯେଉଁମାନେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିଲେ ସେମାନେ ଏହି ସୁଯୋଗର ଲାଭ ଉଠାଇପାରିବେ। ୮ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଗୋଲ୍‌ଡେନ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇ ନ ଥିବା ଜମାକାରୀମାନେ ମଧ୍ୟ ଉପକୃତ ହେବେ। ଜମାକାରୀମାନେ ଆବଶ୍ୟକ କାଗଜପତ୍ର ସହିତ ଆର୍‌ଆଇଙ୍କ ନିକଟରେ ଯୋଗାଯୋଗ କଲେ ୧୫ ଦିନ ଭିତରେ ସେମାନଙ୍କ ଜମାରାଶି ଫେରିପାଇବେ। ଯଦି କୌଣସି ଜମାକାରୀ ଅଧିକ ତଥ୍ୟ ସରକାରଙ୍କ ତରଫରୁ ଜାଣିବାକୁ ଚାହାନ୍ତି ତେବେ ଜାରି କରାଯାଇଥିବା ୦୬୭୪-୨୩୯୫୧୫୩ରେ ଯୋଗାଯୋଗ ମଧ୍ୟ କରିପାରିବେ। ନିୟମ ମୁତାବକ ଜମାକାରୀମାନେ ଆଧାର କାର୍ଡ, ଭୋଟର କାର୍ଡ, ଡିଏଲ୍, ପାନ୍ କାର୍ଡ ଇତ୍ୟାଦି ଦାଖଲ କରିପାରିବେ। ମୂଳ ଜମା ରସିଦ ଦାଖଲ କରିବେ। ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଦାଖଲ କରିବେ। ଜିଲା ସରକାରୀ ୱେବସାଇଟ୍‌ରେ ସରକାରଙ୍କ ପକ୍ଷରୁ ଜମାକାରୀଙ୍କ ତାଲିକା ରହିଛି।

ଏନେଇ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ମିଳିତ ମଞ୍ଚର ଆବାହକ ଜୟନ୍ତ ଦାସ କହିଛନ୍ତି, ଅର୍ଥ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଯେଉଁ ବିଜ୍ଞାପନ ଦେଇ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟା ବନ୍ଦ ଥିଲା ତାକୁ ପୁନର୍ବାର ଆରମ୍ଭ କରିଥିବାରୁ ସରକାରଙ୍କୁ ସାଧୁବାଦ। ହେଲେ ଭାଜପା ସରକାରକୁ ଆସିବାର ୧୮ ମାସ ଭିତରେ ରାଜ୍ୟର ସମସ୍ତ କ୍ଷୁଦ୍ର ଓ ବୃହତ୍ ଜମାକାରୀଙ୍କୁ ତହସିଲଦାରମାନଙ୍କ ଜରିଆରେ ଚିହ୍ନଟ କରି ଟଙ୍କା ଫେରସ୍ତ କରିବ ବୋଲି ନିର୍ବାଚନ ସମୟରେ ପ୍ରକାଶିତ ଘୋଷଣା ପତ୍ରରେ ଉଲ୍ଲେଖ କରିଥିଲା। ସେମାନେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରନ୍ତୁ, ସମସ୍ତ କ୍ଷୁଦ୍ର ଓ ବୃହତ ଜମାକାରୀଙ୍କୁ ତୁରନ୍ତ ଟଙ୍କା ଫେରସ୍ତ ନ କଲେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ସେ କହିଛନ୍ତି।

ଏନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ସରକାର ଚିଟ୍‌ଫଣ୍ଡ ଟଙ୍କା ଫେରାଇବା ଲାଗି ମନ ସ୍ଥିର କରିଛନ୍ତି। ଯେଉଁମାନେ ଟଙ୍କା ଦେଇଛନ୍ତି ସେମାନେ ପର୍ଯ୍ୟାୟକ୍ରମେ ଆବେଦନ କଲେ ଅର୍ଥ ଫେରିପାଇବେ। ଲୋକଙ୍କ ସମସ୍ୟା ସମାଧାନ କରିବା ଦାୟିତ୍ୱ ମିଳିଛି, ତାହା ଆମେ ପର୍ଯ୍ୟାୟକ୍ରମେ କରିବୁ। ପୂର୍ବ ସରକାର ସମୟରେ ଚିଟ୍‌ଫଣ୍ଡ କେଳେଙ୍କାରୀ ହେଲା। ସେହି ସମୟରେ ସିବିଆଇ ତଦନ୍ତ ହୋଇ ଏଥିରେ ସମ୍ପୃକ୍ତ ଅନେକଙ୍କୁ ଗିରଫ କରାଗଲା। ହେଲେ ପୂର୍ବ ସରକାର ଟଙ୍କା ଫେରାଇବା କଥା, ସେମାନେ ତାହା ନ କରିବାରୁ ଏହି କାର୍ଯ୍ୟ ଭାଜପା ସରକାର କରୁଛି ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଯେଉଁମାନେ ୧୦ ହଜାର ଟଙ୍କା ତଳକୁ ଜମା କରିଥିଲେ ସେମାନଙ୍କୁ ଟଙ୍କା ଫେରସ୍ତ କରିବାର ପ୍ରକ୍ରିୟା ସରକାରଙ୍କ ତରଫରୁ ଆରମ୍ଭ ହୋଇଛି। ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ଚିହ୍ନଟ କରାଯାଇଛି। ନିର୍ବାଚନ ସମୟରେ ଏନେଇ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ପାଳନ କରିବା ଆରମ୍ଭ ହୋଇଛି। ବହୁତ ଲୋକ ପୂର୍ବରୁ ପାଇଗଲେଣି। ଏଥର ଅନେକ ସ୍ୱଳ୍ପ ଜମାକାରୀ ପାଇଯିବେ। ପର୍ଯ୍ୟାୟକ୍ରମେ ସବୁ ପ୍ରକ୍ରିୟା ଦ୍ରୁତଗତିରେ କରାଯାଉଛି।



ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ– ଯୋଗ୍ୟ ହୋଇଥାଏ । ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ । ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି । ଯାହା ଦିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା– ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି । **–ଶ୍ରୀମା**



# ଭେଜାଲ ପାଇଁ ମୃତ୍ୟୁଦଣ୍ଡ

ବିଶ୍ୱରେ ସମ୍ଭବତଃ ଭାରତ ଏକମାତ୍ର ଦେଶ ଯେଉଁଠାରେ ଜୀବନରକ୍ଷାକାରୀ ଔଷଧ ଓ ଖାଦ୍ୟରେ ଅପମିଶ୍ରଣ ବା ଭେଜାଲ ବଢ଼ିଚାଲିଛି । ଏଭଳି ଖବର ଅନ୍ୟ ଦେଶରୁ ଆସୁଥିବା ଆମେ ଜାଣିନାହୁଁ । ଅନ୍ୟ ରାଷ୍ଟ୍ରଗୁଡ଼ିକରେ ବ୍ୟବସାୟିକ ଉଦ୍ଦେଶ୍ୟରେ ଗଢ଼ି ଉଠିଥିବା ସଂସ୍ଥା ଅତ୍ୟଧିକ ଲୋଭ ରଖିଥାଇପାରନ୍ତି, କିନ୍ତୁ ତାହା ମୁଖ୍ୟତଃ ଉପରଲିଖିତ ଦୁଇଟି କ୍ଷେତ୍ରରେ ସାବଧାନତା ଓ ସତର୍କତା ଅବଲମ୍ବନ କରିଥାନ୍ତି । ଭାରତରେ ଚିନିରେ କାଚଗୁଣ୍ଡ, ପନିପରିବା ଓ ଫଳକୁ ସତେଜ ଦେଖାଇବା ପାଇଁ ରାସାୟନିକ ପ୍ରଲେପ ଦେବା ସାଧାରଣ କଥା । ସବୁଠାରୁ ଅତି ମାରାତ୍ମକ ବିଷୟ ହେଉଛି ଜୀବନରକ୍ଷା କରୁଥିବା ଔଷଧକୁ ଭେଜାଲ କରି ଲୋକଙ୍କ ଜୀବନ ନେବାକୁ ଅନେକ ଫାର୍ମା କମ୍ପାନୀ ପଛାଉ ନାହାନ୍ତି । ନିକଟରେ ହିମାଚଳ ପ୍ରଦେଶରୁ ସଂଗ୍ରହ କରାଯାଇଥିବା ନମୁନା ମଧ୍ୟରୁ ୪୯ ଔଷଧ ଗୁଣବତ୍ତା ବଜାୟ ରଖିବାରେ ବିଫଳ ହୋଇଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ପକ୍ଷରୁ କୁହାଯାଇଛି । ନଭେମ୍ବରରେ ନିଆଯାଇଥିବା ସାମ୍ପୁଲ ମଧ୍ୟରୁ ୨୦୫ ନିମ୍ନମାନର ବୋଲି ଜଣାପଡ଼ିଥିବା ବେଳେ ହିମାଚଳ ପ୍ରଦେଶର ସର୍ବାଧିକ ୨୨.୮ ପ୍ରତିଶତ ଯାଞ୍ଚ ବେଳେ ବିଫଳ ହୋଇଛି । ଅର୍ଥାତ୍ ଆମେ ସେବନ କରୁଥିବା ଅନେକ ଔଷଧ ଅପମିଶ୍ରିତ କିମ୍ବା ନିମ୍ନମାନର ବୋଲି ସରକାରୀ ସୂତ୍ରରୁ ଜଣାପଡୁଛି । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଉତ୍ପାଦନ ହେଉଥିବା ଔଷଧର ୩୫ ପ୍ରତିଶତ ହିମାଚଳ ପ୍ରଦେଶରେ ପ୍ରସ୍ତୁତ ହେଉଛି । ବିଶେଷକରି ସୋଲାନ ଜିଲାର ବାଦ୍ଦି, ବାରୋଟିୱାଲା, ନାଲଗଡ଼, ସୁଭାଟୁ, ସିରମାଉର ଜିଲାର କାଲା ଆମ୍ବ, ପାଓଣ୍ଟା ସହିବ ଏବଂ ଉନା ଜିଲାର ହାରୋଲିରୁ ନିଆଯାଇଥିବା ନମୁନା ପରୀକ୍ଷା ବେଳେ ବିଫଳ ହୋଇଛି । ଏହିସବୁ ଔଷଧଗୁଡ଼ିକ ଉଚ୍ଚ ରକ୍ତଚାପ, ମଧୁମେହ, ବୀଜାଣୁ ସଂକ୍ରମଣ ଭଳି ରୋଗ ଲାଗି ବ୍ୟବହାର ହୋଇଥାଏ । ଫାର୍ମା କମ୍ପାନୀଗୁଡ଼ିକ ଏପରି ବିଷାକ୍ତ ଔଷଧ ପ୍ରସ୍ତୁତ କରି ବଜାରକୁ ଛାଡୁଥିବାରୁ ଲୋକଙ୍କ ପ୍ରାଣଯିବା ସ୍ୱାଭାବିକ ।

ବାସ୍ତବରେ ଥରେ ଖରାପ ଔଷଧ ଯୋଗାଣ ଶୃଙ୍ଖଳ ଭିତରକୁ ଚାଲିଗଲେ ତାହାକୁ ଠଉରାଇବା ସହଜ ନୁହେଁ । ଏମିତି ଦେଖିଲେ ଭାରତରେ ଯାଞ୍ଚ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଓ ବହୁ ସ୍ଥାନରେ ପ୍ରଶିକ୍ଷିତ ବ୍ୟକ୍ତିଙ୍କ ଅଭାବ ଥିବାରୁ ଲକ୍ଷ୍ୟ ସାଧନ ସମ୍ଭବ ହୋଇ ନ ଥାଏ । ଆଉ ଗୋଟିଏ କଥା ହେଉଛି ଯେ ଅତ୍ୟଧିକ ଲାଭ ଅର୍ଜନ କରିବାକୁ ଚାହୁଁଥିବା ଫାର୍ମା କମ୍ପାନୀ ଯାଞ୍ଚ ଅଧିକାରୀଙ୍କୁ ଅର୍ଥ ଦେଇ ମୁହଁ ବନ୍ଦ କରିଦେବାରେ ସକ୍ଷମ ହୋଇଥାଆନ୍ତି । ଅତ୍ୟନ୍ତ କଠୋର ବ୍ୟବସ୍ଥା ଦେଇ ଔଷଧ ଯାଞ୍ଚ କାର୍ଯ୍ୟରେ ନିୟୋଜିତ ଅନେକ ଅଧିକାରୀ ବା କର୍ମଚାରୀ ଯେତେବେଳେ ଶୁଖିଲାରେ ପର୍ଯ୍ୟାପ୍ତ ଅର୍ଥ ପାଇଯିବେ ସେତେବେଳେ ମଧ୍ୟ ତାଙ୍କ ନୈତିକତା ପ୍ରଶ୍ନବାଚୀରେ ରହିଯିବ । ଏଥିସହିତ ଯାଞ୍ଚ ସଂସ୍ଥା ଉପରେ ରାଜନୈତିକ ଓ ଅମଲାତାନ୍ତ୍ରିକ ଚାପ ବିଷୟକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ । କଦବା କୌଣସି ଫାର୍ମା କମ୍ପାନୀକୁ କଳାତାଲିକାଭୁକ୍ତ କରାଗଲେ ପରବର୍ତ୍ତୀ ସମୟରେ ତାହା ପୁଣି ଔଷଧ ଉତ୍ପାଦନ କରୁଥିବା ଦେଖିବାକୁ ମିଳେ । ସେହି କଳା ତାଲିକାରୁ ତା'ର ନାମ କେତେବେଳେ କଟିଲା ତାହା ଔଷଧ ସେବନକାରୀ ଜାଣିବାର ବାଟ ନାହିଁ । ଏହା ମଧ୍ୟ ମନେରଖିବା ଉଚିତ ଯେ, ଅନେକ କ୍ଷୁଦ୍ର ଓ ମଧ୍ୟମ ଶ୍ରେଣୀର ଔଷଧ ନିର୍ମାତା ନିଜ ନାମରେ ବଜାରକୁ ଯାଇ ନ ଥାଆନ୍ତି । ସେମାନଙ୍କ ଔଷଧକୁ ବିପୁଳ ଆକାରରେ ବୃହତ୍ କମ୍ପାନୀ କିଣି ନିଜ ବ୍ରାଣ୍ଡରେ ସିଲ୍ ମାରି ବିକ୍ରି କରୁଥିବା ହେତୁ ଭାରତରେ ମାନର ଗୁଣବତ୍ତା ଯାଞ୍ଚ କରିବା କୌଣସି ରୋଗୀ ପାଇଁ ସମ୍ଭବପର ହୁଏ ନାହିଁ । ଭାରତରେ ଏଭଳି ଧରଣର ଅପରାଧୀଙ୍କୁ ସାମାନ୍ୟ ଜରିମାନା କରି ଛାଡ଼ି ଦିଆଯାଇଥାଏ । ମଣିଷର ଜୀବନ ସହ ଖେଳୁଥିବା ଫାର୍ମା କମ୍ପାନୀର ମାଲିକଙ୍କୁ ଯଦି ମୃତ୍ୟୁଦଣ୍ଡ ଭଳି କଠୋର ଦଣ୍ଡରେ ଦଣ୍ଡିତ କରାଯାଆନ୍ତା, ତାହା ହେଲେ ଅନ୍ୟମାନେ ସେଭଳି ଭୁଲ୍ କରିବାକୁ ଅନେକ ଥର ଭାବନ୍ତେ ।

ବିଷାକ୍ତ ମଦ ପିଇ ଥୋକେ ଲୋକ ମଲା ପରେ ପ୍ରଶାସନ ଟିକେ ଚିହିଁକି ଉଠେ । ତତ୍‌କ୍ଷଣାତ୍ ତଳତଳିଆ ଯାଞ୍ଚ ଅଧିକାରୀଙ୍କୁ ସସ୍‌ପେଣ୍ଡ କରିଦିଆଯାଏ । କିଛି ଦିନ ଗଲା ପରେ ଦେଖାଯାଏ ସେହି କର୍ମଚାରୀ ଅନ୍ୟତ୍ର ପୋଷ୍ଟିଂ ହୋଇଥିବେ । ଲୋକଙ୍କ ସ୍ମରଣ ଶକ୍ତି ସ୍ୱଳ୍ପ ସମୟ ପାଇଁ ଉଜାଗର ରହୁଥିବାରୁ ପୂର୍ବର ବିଷୟ କମ୍ ସମୟରେ ସମାଧି ପାଇଯାଇଥାଏ । ଅନୁରୂପ ଭାବେ ଏହା ଔଷଧ କ୍ଷେତ୍ରରେ ଲକ୍ଷ୍ୟ କରାଯାଉଛି । ଓଡ଼ିଶାର ବଲାଙ୍ଗୀରଠାରୁ କଟକ ପର୍ଯ୍ୟନ୍ତ ନକଲି ଔଷଧର ଚେର ଲମ୍ବିଥିବା ଓ ଅନେକ ଗୋଷ୍ଠୀ ସକ୍ରିୟ ରହି ବେପାର ଚଳାଇଥିବା ନେଇ ବାରମ୍ବାର ଖବର ଶୁଣିବାକୁ ମିଳେ । କଟକରୁ ବିଭିନ୍ନ ସ୍ଥାନକୁ ପଠାଯାଇଥିବା ଉଚ୍ଚରକ୍ତଚାପ ନିୟନ୍ତ୍ରଣ ପାଇଁ ଭେଜାଲ 'ଟେଲ୍‌ମା ୪୦' ଔଷଧ ୨୦୨୨ରେ ରାଜ୍ୟବ୍ୟାପୀ ଚହଳ ସୃଷ୍ଟି କରିଥିଲା । ଚଳିତ ମାସ ପ୍ରାରମ୍ଭରେ ରାଜ୍ୟରେ ଓରାଲ ରିହାଇଡ୍ରେଶନ ସଲ୍ଟ (ଓଆର୍‌ଏସ୍)ର ଲିକ୍ୟୁଇଡ୍ ପ୍ୟାକ୍ ଭେଜାଲ ଥିବା ଜଣାପଡ଼ିଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ନିୟମ ଅନୁସରଣ କରା ନ ଯାଇ ଏହା ପ୍ରସ୍ତୁତ କରାଯାଇଥିବାରୁ ତାହା କାମ ଦେଇ ନ ଥିବା ବିଷୟ ପଦାକୁ ଆସିବା ପରେ ସେଗୁଡ଼ିକୁ ବଜାରରୁ ଫେରାଇ ନିଆଯାଇଥିଲା । ସେହିଭଳି ତାମିଲନାଡୁର ଏକ ଫାର୍ମାର କାଶ ସିରପ୍ ବ୍ୟବହାର କରି ଅନେକ ଶିଶୁଙ୍କ ମୃତ୍ୟୁ ଖବର ଭାରତ ସମେତ ବିଭିନ୍ନ ଦେଶରୁ ଆସିଥିଲା । ସରକାରଙ୍କ ସମ୍ପୂର୍ଣ୍ଣ ନିଷ୍କ୍ରିୟତା ହେତୁ, ସମ୍ଭବତଃ, ସେହି ମାଲିକ ପୁନର୍ବାର 'ଧନ୍ଦା' ପୂର୍ବଭଳି ଚଳାଉଥିବେ ଏବଂ କଚେରିରେ ଦାୟର ମାମଲା ତାଙ୍କ ଓକିଲ ତାରିଖ ପରେ ତାରିଖ ନେଇ ସମାଧାନ କରୁଥିବେ ।

# ସଙ୍କଟରେ ଗ୍ରାମୀଣ ଶ୍ରମିକଙ୍କ ରୋଜଗାର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ବହୁଚର୍ଚ୍ଚିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ରୋଜଗାର ଗ୍ୟାରେଣ୍ଟି ଆଇନ ବା ଏମ୍‌ଜିଏନ୍‌ଆର୍‌ଇଜିଏକୁ ସମାପ୍ତ କରି ତା' ସ୍ଥାନରେ 'ବିକଶିତ ଭାରତ ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ)' ବା 'ବିଭି ଜି ରାମ ଜି' ନାମରେ ଆଉ ଏକ ଆଇନ ପ୍ରଣୟନ କରିଛନ୍ତି । ସଂସଦରେ ସରକାର ନିଛକ ଧ୍ୱନିମତରେ ଏହି ନୂତନ ଆଇନକୁ ଗୃହୀତ କରାଇଛନ୍ତି । ସଂସଦର ଶୀତ ଅଧିବେଶନର ଶେଷ ହେବାର ଠିକ୍ ପୂର୍ବରୁ ତରବରିଆ ଭାବେ ଅଣାଯାଇଥିବା ଏହି ସଂକ୍ରାନ୍ତୀୟ ବିଲ୍‌ଟିକୁ ବିରୋଧୀ ଦଳ ସାଂସଦଙ୍କ ଜୋର୍‌ଦାର ଦାବି ସତ୍ତ୍ୱେ ତାକୁ ଅଧିକ ବିଚାର ଆଲୋଚନା ପାଇଁ ସଂସଦୀୟ ସ୍ଥାୟୀ ସମିତି ନିକଟକୁ ପଠାଗଲା ନାହିଁ । ଏପରିକି ଏହି ଆଇନ ଯୋଗୁ ପ୍ରଭାବିତ ହେବାକୁ ଯାଉଥିବା ସମସ୍ତ ପକ୍ଷ ଯଥା ଗ୍ରାମାଞ୍ଚଳରେ ରହିଥିବା ଏମ୍‌ଜିଏନ୍‌ଆର୍‌ଇଜିଏର ବହୁ କୋଟି ଶ୍ରମିକ, ସେମାନଙ୍କ ଅଧିକାର ପାଇଁ କାର୍ଯ୍ୟରତ ସଙ୍ଗଠନ, ବିଭିନ୍ନ ରାଜ୍ୟ ସରକାର କାହାରି ବି ମତାମତ ନ ନେଇ ଏହାକୁ ଏକପାଖିଆ ଭାବେ ଗୃହୀତ କରାଇ ଦିଆଯାଇଛି ।

୨୦୦୪ ଲୋକ ସଭା ନିର୍ବାଚନ ପରେ କ୍ଷମତାକୁ ଆସିଥିବା ତତ୍କାଳୀନ ୟୁପିଏ ସରକାର ଆଗରେ ଗ୍ରାମାଞ୍ଚଳର ଆର୍ଥିକ ଦୁର୍ଦ୍ଦଶା ଦୂରକରିବା ପ୍ରାଥମିକତାରେ ରହିଥିଲା । ଏହି କ୍ରମରେ ଦେଶବ୍ୟାପୀ ସାମାଜିକ କର୍ମୀ, ଶ୍ରମିକ ସଂଗଠନ, ବୁଦ୍ଧିଜୀବୀଙ୍କ ସହ ବିଚାରବିମର୍ଶ ପରେ ୟୁପିଏ ସରକାର ୨୦୦୫ରେ ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ ରୋଜଗାର ବିଲ୍ ଆଣିଥିଲେ । ବିଲ୍‌ଟି ଗୃହୀତ ହେବା ପୂର୍ବରୁ ବିଚାରବିମର୍ଶ ପାଇଁ ଭାଜପା ନେତା କଲ୍ୟାଣ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ ସ୍ଥାୟୀ ସମିତିକୁ ପଠାଯାଇଥିଲା । ଶେଷରେ ସଂଶୋଧିତ ବିଲ୍‌ଟିକୁ ଦଳମତ ନିର୍ବିଶେଷରେ ସମସ୍ତେ ସମର୍ଥନ କରିବା ପରେ ତାହା ଗୃହୀତ ହୋଇ ଆଇନରେ ପରିଣତ ହୋଇଥିଲା ।

ଏହି ଆଇନରେ ଗ୍ରାମାଞ୍ଚଳର ଗରିବ ଶ୍ରମିକମାନଙ୍କୁ ୫ କି.ମି. ପରିଧି ମଧ୍ୟରେ ବାର୍ଷିକ ୧୦୦ ଦିନ କାମ ଯୋଗାଇବାର ବ୍ୟବସ୍ଥା ରହିଥିଲା । ଏଥିରେ ପଞ୍ଜୀକୃତ ହେବା ପରେ ଜଣେ ଶ୍ରମିକ କାମ ମାଗିବାର ୭ ଦିନ ମଧ୍ୟରେ ସରକାର କାମ ଯୋଗାଇବାକୁ ଏବଂ ୧୫ ଦିନ ମଧ୍ୟରେ କାମ ଦେଇ ନ ପାରିଲେ ବେକାରି ଭତ୍ତା ଦେବାକୁ ବାଧ୍ୟ ଥିଲେ । ଏହି ଆଇନ ଆସିବା ପରେ ଶହେ ଦିନର ବିକଳ୍ପ ରୋଜଗାରର ଗ୍ୟାରେଣ୍ଟି ଫଳରେ ବର୍ଷକୁ ଅତିରିକ୍ତ ୧୦୦ଦିନ କାମ ମିଳିବା ସହ ଗାଁରେ କୃଷି ଓ ଅନ୍ୟାନ୍ୟ କାମରେ ସେମାନଙ୍କର ମୂଲଚାଲ କ୍ଷମତା ବଢ଼ିଲା । କାମ ପାଇଁ ଗାଁରୁ ପଳାୟନ ହ୍ରାସ ପାଇବା ସହ ସବୁଠାରୁ ଗରିବ ଲୋକଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେଲା ।

ଗତ ୨ଦଶକ ଧରି ପ୍ରଥମେ ନରେଗା ଓ ପରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ ରୋଜଗାର ଆଇନ ବା ଏମ୍‌ଜିଏନ୍‌ଆର୍‌ଇଜିଏ ଦେଶର ଗ୍ରାମାଞ୍ଚଳ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ଏହା ଜରିଆରେ ଗରିବ ଲୋକଙ୍କ ହାତକୁ ପଇସା ଯିବା ସହ ପ୍ରତିବର୍ଷ ଗ୍ରାମାଞ୍ଚଳରେ ରାସ୍ତା, ପୋଖରୀ, ଆଡ଼ିବନ୍ଧ, କେନାଲ ନିର୍ମାଣ ପରି ଭିତ୍ତିଭୂମି ସୃଷ୍ଟି ହୋଇପାରିଛି । କୋଭିଡ୍ ସମୟରେ ପ୍ରବାସୀ ଶ୍ରମିକମାନେ ଯେଉଁଭଳି ଖରାପ ସ୍ଥିତିରେ ଗାଁକୁ ଫେରିଲେ, ସେମାନଙ୍କୁ ବଞ୍ଚାଇବାରେ ଏମ୍‌ଜିଏନ୍‌ଆର୍‌ଇଜିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।



ଏମ୍‌ଜିଏନ୍‌ଆର୍‌ଇଜିଏ ମାଧ୍ୟମରେ ଗ୍ରାମୀଣ ଶ୍ରମିକମାନେ ସର୍ବନିମ୍ନ ମଜୁରି ପାଇବା ଅନେକାଂଶରେ ସମ୍ଭବ ହୋଇପାରୁଥିଲା । ଏହାର ଚାପରେ କୃଷି କାମରେ ନିୟୋଜିତ କୃଷି ଶ୍ରମିକଙ୍କ ମଜୁରିରେ ଅନେକ ପରିମାଣରେ ବୃଦ୍ଧି ଘଟିଥିଲା । ସେହି କାରଣରୁ ଗ୍ରାମାଞ୍ଚଳର ଧନିକ ଶ୍ରେଣୀ ବିଶେଷକରି ଧନୀଚାଷୀ ଓ ଜମିଦାର ଶ୍ରେଣୀ ପ୍ରଥମରୁ ଏହି ଆଇନର ବିରୋଧକରି ଆସିଛନ୍ତି । ସେମାନଙ୍କୁ ଖୁସି କରିବାକୁ ସରକାର ନୂଆ ଆଇନରେ ଚାଷ ସମୟରେ ୨ ମାସ ତା' ଅଧୀନରେ ଆସୁଥିବା କାମକୁ ସ୍ଥଗିତ ରଖି କୃଷି ପାଇଁ ଶସ୍ତାରେ ଶ୍ରମିକ ଉପଲବ୍ଧ କରାଇବାକୁ କହିଛନ୍ତି । ଫଳରେ ସରକାରୀ କାମ ପାଇବାରୁ ବଞ୍ଚିତ ହୋଇ ଶ୍ରମିକମାନେ କମ୍ ମଜୁରିରେ କୃଷିକାମ କରିବାକୁ ବାଧ ହେବେ । ସେମାନଙ୍କ ମୂଲଚାଲ କ୍ଷମତା ଦୁର୍ବଳ ହେବ । ଯେତେବେଳେ ଗାଁର ଶ୍ରମିକଙ୍କୁ ସବୁଠାରୁ ଅଧିକ କାମର ଆବଶ୍ୟକତା ଥାଏ, ସେତେବେଳେ ଏଭଳି ନିୟମ ସେମାନଙ୍କୁ କାମରୁ ବଞ୍ଚିତ କରିବ ଏବଂ ସୁଧଖୋର ମହାଜନଙ୍କ ଉପରେ ନିର୍ଭରଶୀଳତାକୁ ବଢ଼ାଇଦେବ ।

କେନ୍ଦ୍ର ସରକାର ଆଣିଥିବା ନୂଆ ଆଇନରେ ଏମ୍‌ଜିଏନ୍‌ଆର୍‌ଇଜିଏର ମୂଳ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରାଯାଇଛି, ଯେଉଁଥିରେ ଏକ ସାର୍ବଜନୀନ ଚାହିଦାଭିତ୍ତିକ ଆଇନ ମାଧ୍ୟମରେ କାମ ପାଇବାର ସୀମିତ ଅଧିକାରକୁ ନିଶ୍ଚିତ କରାଯାଇଥିଲା । ଏହି କାରଣରୁ ବଜେଟରେ ଏମ୍‌ଜିଏନ୍‌ଆର୍‌ଇଜିଏ ବାବଦରେ ବ୍ୟୟବରାଦର କୌଣସି ସୀମା ନ ଥିଲା । ବଜେଟରେ ନିର୍ଦ୍ଧାରିତ ବ୍ୟୟବରାଦ ରାଶିଠାରୁ ଚାହିଦା ବେଶି ହେଲେ ସରକାରଙ୍କୁ ଅତିରିକ୍ତ ଅନୁଦାନ ଦେବାକୁ ପଡୁଥିଲା । କିନ୍ତୁ ନୂଆ ଆଇନରେ ସେହି ସୁଯୋଗକୁ ସଙ୍କୁଚିତ କରିଦିଆଯାଇଛି । ବଜେଟ ଅନୁଦାନକୁ ଏକ ସୀମା ମଧ୍ୟରେ ରଖି କାମ କମାଇବା ଦିଗରେ ବ୍ୟବସ୍ଥା ରଖାଯାଇଛି । ଆଇନ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ଚାହିଦା ଅନୁଯାୟୀ ତହବିଲ ବ୍ୟବସ୍ଥା କରିବା ଦାୟିତ୍ୱରୁ ମୁକ୍ତ କରିବାକୁ ଆଇନଗତ ସମ୍ମତି ଦିଆଯାଇଛି ।

ପୂର୍ବରୁ ଜଣେ ଶ୍ରମିକ ବର୍ଷର ୩୬୫ ଦିନ ମଧ୍ୟରୁ ଯେକୌଣସି ୧୦୦ ଦିନ କାମ ମାଗିବାର ବ୍ୟବସ୍ଥା ଥିବା ବେଳେ ନୂଆ ଆଇନରେ ତାକୁ ବର୍ଷରେ ୨ମାସ ହ୍ରାସ କରାଯାଇଛି । ସରକାରଙ୍କ ପକ୍ଷରୁ ୧୦୦ ଦିନ ବଦଳରେ ଏଣିକି ୧୨୫ ଦିନ ନିଶ୍ଚିତ କାମ ଦେବାର ଯେଉଁ ଉଲ୍ଲେଖ କରାଯାଇଛି ତାହା ଉପରଠାଉରିଆ ବୋଲି କୁହାଯାଇପାରେ । ପୂର୍ବ ଆଇନରେ ବାର୍ଷିକ ୧୦୦ ଦିନ କାମ ଯୋଗାଇବାର ବ୍ୟବସ୍ଥା ଥିବାବେଳେ ସରକାର ଗତ ୧୧ ବର୍ଷ ମଧ୍ୟରେ ବାର୍ଷିକ ଅତିବେଶିରେ ୩୩–୫୦ ଦିନ କାମ ଦେଇପାରିଛନ୍ତି । ଏଥିରେ ବହୁ କମ୍ ମଜୁରି ମିଳିବା, ବହୁତ ବିଳମ୍ବରେ ମଜୁରି ଦିଆଯିବା ଏବଂ କେନ୍ଦ୍ରର ଅନୁଦାନ ଆସିବାରେ ଅହେତୁକ ବିଳମ୍ବ ଲାଗି ଶ୍ରମିକମାନେ ନିଜର ଚାହିଦା ମୁତାବକ କାମ ପାଇପାରୁ ନ ଥିଲେ । ଅତଏବ ପୂର୍ବର ୧୦୦ ଦିନ କାମ ଯୋଗାଇବାରେ ବିଫଳ ସରକାର ଏବେ ବାର୍ଷିକ ୧୨୫ ଦିନ କାମ ଦେବାର ପ୍ରତିଶ୍ରୁତି ଦେବା ହାସ୍ୟାସ୍ପଦ ମନେହୁଏ ।

ବିପଜ୍ଜନକ କଥା ହେଲା, ଆଇନରେ ନିଷ୍ପତ୍ତି ନେବାର ଅଧିକାରକୁ ସମ୍ପୂର୍ଣ୍ଣ କେନ୍ଦ୍ରୀକରଣକରି କେନ୍ଦ୍ର ସରକାରକୁ ସମସ୍ତ କ୍ଷମତା ଦିଆଯାଇଥିବା ବେଳେ ଖର୍ଚ୍ଚର ଭାରକୁ ରାଜ୍ୟ ସରକାରଙ୍କ ଉପରେ ଲଦିଦିଆଯାଇଛି । ଏଣିକି ଦେଶର କେଉଁ ଅଞ୍ଚଳର ଲୋକଙ୍କୁ କାମ ଦିଆଯିବ, କେଉଁ ପ୍ରକାର କାମ କରାଯିବ ଓ ବର୍ଷର କେଉଁ ସମୟରେ ୬୦ ଦିନ କାମ ବନ୍ଦ କରାଯିବ, ସବୁ କିଛି କେନ୍ଦ୍ର ସରକାର ସ୍ଥିର କରିବେ । ଏହା ସଂଘୀୟ ବିଚାରର ପରିପନ୍ଥୀ । ଅନ୍ୟପଟେ ପୂର୍ବରୁ ମଜୁରି ଦେବାର ସମ୍ପୂର୍ଣ୍ଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କର ଥିବାବେଳେ ନୂଆ ଆଇନରେ ତାକୁ ୬୦:୪୦ ଅନୁପାତରେ ରାଜ୍ୟ ସରକାରଙ୍କ ଉପରେ ଲଦିଦିଆଯାଇଛି । ଅର୍ଥାତ୍ ରାଜ୍ୟ ସରକାରମାନେ ମଜୁରି ବାବଦରେ ମୋଟ ଖର୍ଚ୍ଚର ୪୦% ବହନ କରିବେ । ସହଜେ ତ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ଓ ଅଧିକାରୁ ଅଧିକ ସେସ୍ ଆଦାୟ ଯୋଗୁ ରାଜ୍ୟମାନେ ଟିକସ ଆଦାୟ କରିବାର ନିଜର ସ୍ୱାଧୀନତାକୁ ହରାଇ ବିପୁଳ ଆର୍ଥିକ କ୍ଷତି ସହୁଥିବା ବେଳେ ସେମାନଙ୍କ ଉପରେ ଏହି ଆଇନ ଯୋଗୁ ପଡ଼ିବାକୁ ଥିବା ଅତିରିକ୍ତ ବୋଝକୁ ସମ୍ଭାଳିବା କଷ୍ଟସାଧ ହେବ । ସେମାନେ ଯଦି ଏହି ବୋଝ ଉଠାଇବାକୁ ସକ୍ଷମ ହେବେନାହିଁ ତା'ହେଲେ କେନ୍ଦ୍ର ସରକାର ନିଜର ୬୦% ଅଂଶ ନ ଦେବାକୁ ସୁଯୋଗ ପାଇବେ । ଏଭଳି ସ୍ଥିତିରେ ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହେବେ ।

ମହାତ୍ମା ଗାନ୍ଧୀଙ୍କ ନାମରେ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏକୁ ହଟାଇ ତାକୁ ଯେଉଁଭଳି 'ଜି ରାମ ଜି' କରାଯାଇଛି, ସେଥିରୁ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶାସକ ଦଳର ଆଦର୍ଶଗତ ଅସୂୟା ବାରି ହୋଇଯାଉଛି । କେନ୍ଦ୍ର ସରକାର ପୂର୍ବରୁ ହିଁ ବିଭିନ୍ନ ଯାନ୍ତ୍ରିକ କାରଣ ଦେଖାଇ ଦେଶର ବହୁ କୋଟି ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକଙ୍କୁ ପଞ୍ଜୀକରଣ ତାଲିକା ଓ ଜବ୍‌କାର୍ଡ଼ରୁ ବାଦ୍ ଦେଇଛନ୍ତି । ନୂଆ ଆଇନରେ ଜବ୍‌କାର୍ଡକୁ 'ଯୁକ୍ତିସଂଗତ' ଓ 'ପାରଦର୍ଶୀ' କରିବା ନାଁରେ ବସ୍ତୁତଃ ଗ୍ରାମାଞ୍ଚଳର ଗରିବ ଶ୍ରମିକଙ୍କ ଏକ ବଡ଼ ଅଂଶକୁ ଯୋଜନାରୁ ବାହାରେ ରଖିବାର ଦ୍ୱାର ଖୋଲାଯାଇଛି । ଏହି ଆଇନ ଗ୍ରାମାଞ୍ଚଳର ବହୁ କୋଟି ଶ୍ରମିକଙ୍କୁ କାମର ଅଧିକାର ଓ ସୁଯୋଗରୁ ବଞ୍ଚିତ କରିବାକୁ ଯାଉଛି । ପରିଣାମ ସ୍ୱରୂପ ଗାଁଗୁଡ଼ିକରେ ବେକାରି ଓ ଦାରିଦ୍ର୍ୟ ବଢ଼ିବା ସହ ଅଧିକରୁ ଅଧିକ ଲୋକ ବାହାରକୁ ପଳାୟନ କରିବାକୁ ବାଧ ହେବେ ।

ମୋ: ୯୪୩୭୧୬୬୩୯୧

# ଏବର ଚାଷବାସ



ଶୁଭନାରାୟଣ ଶତପଥୀ

କୃଷି ବିନା ସମ୍ଭବ ନୁହେଁ ଖୁସି । ଖୁସି ସେହିଠାରୁ ଆସେ ଯେଉଁଠି ଥାଏ ଅନ୍ନ । ଅନ୍ନଗ୍ରହଣ ନାଶକରେ ଭୋକ । ଭୋକରୁ ଉତ୍ତୀର୍ଣ୍ଣ ହେବାକୁ ହେଲେ ମାଟି ସହ ମାଟି ହୋଇ କରିବାକୁ ହୁଏ କର୍ଷଣ । ମାଟି ସହ ଜଡ଼ିତ ବ୍ୟକ୍ତି ହିଁ ମାଟି ହେବାକୁ ଧାଇଁ ଆସେ । କାରଣ ସେ ମାଟିର ମହତ୍ତ୍ୱ ବୁଝିଥାଏ । ପଙ୍କ କାଦୁଅ ଜମିରେ ଫୁଟାଏ ପଦ୍ମ ରୂପକ ଶସ୍ୟ । ଶସ୍ୟରୁ ଜୀବନ । ଜୀବନ ଥିଲେ ମିଳେ ସମୃଦ୍ଧି ଓ ସମ୍ମାନ । ସେ ସମୃଦ୍ଧି ଓ ସମ୍ମାନ ମାଟି ସହ ମାଟି ହେଉଥିବା ବ୍ୟକ୍ତିବିଶେଷଙ୍କୁ କେତେ ମିଳେ ଆଉ ଅନ୍ୟ ବୃତ୍ତିରେ ଥିବା ବ୍ୟକ୍ତିଙ୍କୁ କେତେ ମିଳେ ତାହା ସମସ୍ତଙ୍କୁ ଜଣା । କିନ୍ତୁ ମାଟି ସହ ମାଟି ହେଉଥିବା ବ୍ୟକ୍ତି ମାଟି, ମଞ୍ଜି, ମଗଜର ଅଙ୍କ କଷିଦିଏ ଅନ୍ନ । ଏଣୁ ଅନ୍ନଦାତା ଓ ଅନ୍ୟମାନଙ୍କ ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ । କାରଣ ଅନ୍ନଦାତା ହିଁ କୃଷକ ବାକି ସବୁ ଅନ୍ୟ ବୃତ୍ତିର ଗ୍ରାହକ ।

ଅର୍ଥନୀତି କହିଲେ କୃଷି ଓ କୃଷି ଉଦ୍ୟୋଗର ସିଂହଭାଗକୁ ବୁଝାଏ । କାରଣ କୃଷି ହିଁ ଖାଦ୍ୟ, ଶସ୍ୟର ଜନ୍ମଦାତା । ଆଉ ଖାଦ୍ୟ ବିନା ମଣିଷ ବଞ୍ଚିପାରେନା । ୧ଲକ୍ଷ ୩୨ ହଜାର କୋଟିରୁ ଊର୍ଦ୍ଧ୍ୱ ବଜେଟ ବ୍ୟବସ୍ଥାରେ କୃଷି ଓ କୃଷକ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଛି ଅନେକ ଯୋଜନା । ଉତ୍ପାଦନ ଅଭିବୃଦ୍ଧିର ଅଙ୍କ ବି ବେଶ୍ ଭଲ । ତେବେ ପିଲାଦିନୁ ଗାଁରେ ବଢ଼ିଥିବା ବିଜୟବାବୁ ଅବସର ପରେ ସହରରେ ରୁହନ୍ତି ସିନା ନିଜ ଭିଟାମାଟି ଓ ଗାଁ ଭାଇମାନଙ୍କ ପ୍ରତି ମୋହରେ ପଡ଼ି ମାସକୁ ଚାରିଥର ଗାଁକୁ ଧାଇଁଯାଆନ୍ତି । ଯାଆନ୍ତି ସତ କିନ୍ତୁ ମୁହଁ ଶୁଖାଇ ବସି କୁହନ୍ତି, କାହିଁ ଆମ ପିଲାଦିନର ଶାଗୁଆ କ୍ଷେତ ? ଜମି ତ ବଢୁନାହିଁ ବଢ଼ୁଛି ଘରଡିହ । ଯେଉଁଠି ଚାଷ ଜମି ଥିଲା ଆଜି ସେଠି କଂକ୍ରିଟ ଘରଦ୍ୱାର ସହରର ଭ୍ରମ ସୃଷ୍ଟି କରୁଛି । ନଈକୂଳିଆ ପଠାଜମିରେ ଘାସ ମାଡ଼ିଯିବା ଦେଖି ଦେହ ସହୁନାହିଁ । ଯେଉଁ ନଦୀପଠାରେ ଫସଲ ଦେଖି ପିଲାବେଳେ ମନ ଖୁସି ହୋଇଯାଉଥିଲା ସେଠି ଘାସ ବୁଦାମୟ । ଧାନ ଖଳାଗୁଡ଼ିକ କେଉଁଠି ହଜିଗଲାଣି ଯେ ଜାଣି ହେଉନାହିଁ । କେଉଁଠି କେମିତି ମେରିକୁ ଦେଖି ସ୍ମୃତି ସାଉଁଟିବାର କଥା । ନା ଆଉ ବେଙ୍ଗଳା ପଡୁଛି ନା ପାଳଗଦା ଅଛି । ମେଶିନରେ ଧାନକଟା ଯୋଗୁ ଛଣବିଡ଼ାଟିଏ ବି ଦିଶୁନାହିଁ । ଗୋରୁ ଖାଉଥିବେ କ'ଣ ? ଗାଁରେ ଗୁହାଳ ତ ନାହିଁ, ରହୁଥିବେ ସେମାନେ କେଉଁଠି ? ଏଣୁ ରାସ୍ତାରେ ଗୋରୁ କାହିଁକି ବା ନ ବୁଲିବେ ? ଏକଥା ସ୍ପଷ୍ଟ ଯେ ଆଜିବି ସବୁ ଚାଷୀଙ୍କ ପାଖରେ ଗୁହାଳ ନାହିଁ କି ଶସ୍ୟ ସାଇତା କୋଠି ନାହିଁ । ଏଣୁ ଅସମୟ ପାଇଁ ଶସ୍ୟ ସଞ୍ଚୟ ହେବ କେମିତି ? ଆଉ ଶୀତଳଭଣ୍ଡାର କଥା ପଚାରୁଛି କିଏ ? ଗୋଷ୍ଠୀ ସହଭାଗିତାର ଶୀତଳଭଣ୍ଡାର ଦେଖାଯାଉନାହିଁ । ବିଜୟବାବୁଙ୍କ ସମବୟସ୍କ କୃଷକଭାଇଙ୍କ ପିଲାମାନେ ଆଉ ଜମି ଆଡ଼କୁ ଯାଉନାହାନ୍ତି । ଦୁଃଖର କଥା, ପରିଣତ ବୟସରେ ବିଜୟବାବୁଙ୍କ ଅଧିକାଂଶ କୃଷକସାଙ୍ଗ ହିଁ ଚାଷ କରୁଛନ୍ତି । ଗାଁ ମୁଣ୍ଡ ବରଗଛ ମୂଳରେ ଯୁବଗୋଷ୍ଠୀଙ୍କ ମେଳି ନା କୃଷିକୁ ବଳିଷ୍ଠ କରୁଛି ନା ଅର୍ଥନୀତିକୁ । ବିଚରା ବିଜୟବାବୁ ଚାଷୀ ପରିବାରରୁ ବୋଲି ସିନା ଗାଁର ଏପରି ଚିତ୍ର ଦେଖି ତାଙ୍କ ମନଟା ଗୋଳେଇଘାଣ୍ଟି ହେଉଛି । ଆଉ ଗାଁର ସାଙ୍ଗଙ୍କ ସହ ଏସବୁ କଥା ଆଲୋଚନା କରିବାବେଳେ ଜଣାପଡ଼ିଲା ଯେ ସେ ଗାଁରେ ବି ସମଦଶା । ବିଜୟବାବୁଙ୍କ ସାଙ୍ଗ କହିଲେ, ଆରେ ତୁମ ଗାଁ ଛାଡ଼, ଆମ ଗାଁରେ ଗାଈ ସଂଖ୍ୟା କମ୍ କିନ୍ତୁ ଗାଈକ୍ଷୀରର ଅଭାବ ନାହିଁ । ଅନେକ ଜମି ପଡ଼ିଆ ପଡ଼ିଛି । ବାହାରୁ ପନିପରିବା ଆସୁଛି । ଏଣୁ ଆମ ଗାଁ ମୁଣ୍ଡ ଛକରେ ସବୁବେଳେ ପନିପରିବା ଉପଲବ୍ଧ । ଏବେ କେତେଜଣ ଲୋକ ପନିପରିବା ଦୋକାନ କରୁଛନ୍ତି, ଧାନର ବିକ୍ରିବଟା କରୁଛନ୍ତି କିନ୍ତୁ ଚାଷଜମିକୁ ଯାଉନାହାନ୍ତି । ଆଉ ଯେଉଁ କେତେଜଣ ଯାଉଛନ୍ତି ସେମାନଙ୍କର ମୁଖ୍ୟ ବୃତ୍ତି ଅନ୍ୟ କିଛି । ସାର, କୀଟନାଶକ ପ୍ରୟୋଗ ଶସ୍ୟ ଉତ୍ପାଦନକୁ ହିତ ସିନା ଶରୀରକୁ ଅହିତ । କୀଟନାଶକ ଓ ସାର ପ୍ରଭାବରେ ଚାରିଦିନରେ ଶାଗପଟାଳିରୁ ଛନଛନିଆ ଶାଗ ବାହାରୁଛି । ବାଇଗଣ ଗଛରେ ପୋକ ଲାଗିବାର ପ୍ରଶ୍ନ ଉଠୁନାହିଁ । ଏସବୁ ଖାଇଲେ ରୋଗ ହେବନାହିଁ ତ ଆଉ କ'ଣ ହେବ ? ତଥାପି ଚାଷୀଭାଇ ତା'ର ଅର୍ଥ ରୋଜଗାରକୁ ନେଇ କୁହେ, ଯେଉଁ ପରିମାଣରେ ଖର୍ଚ୍ଚ ବଢ଼ିଲାଣି ସେହି ତୁଳନାରେ ଲାଭ ନାହିଁ ଚାଷ କାମରେ । ତଥାପି ୧ ବର୍ଷ ପାଇଁ ନିଜ ପାଇଁ ଖାଦ୍ୟ ଯୋଗାଡ଼କରି ରଖିଦେବା ଉଦ୍ଦେଶ୍ୟରେ ବାଧ୍ୟହୋଇ କରୁଛୁ । ଏଭଳି ମାନସିକତାର ବୃଦ୍ଧି ବାସ୍ତବରେ ବିପଦ । ସେ ଯାହା ହେଉନା କାହିଁକି କୃଷି ଓ କୃଷକ କଲ୍ୟାଣ ଚାଷଜମିକୁ ଘରଡିହରେ ରୂପାନ୍ତରିତ କରିବା ଦ୍ୱାରା ହୁଏ ନାହିଁ ବରଂ ଶାଗୁଆ କ୍ଷେତରେ ରୂପାନ୍ତରିତ କରିବା ଦ୍ୱାରା ହୁଏ । ଯୁବକ ଚାଷ ପାଇଁ ଆଗ୍ରହୀ ହୋଇ କ୍ଷେତମୁହାଁ ହେଲେ ଗାଁର ଉତ୍ପାଦ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ, ବିକ୍ରିବଟା ହୋଇପାରିବ ଓ ସୁଚିନ୍ତିତ ବଜାର ବ୍ୟବସ୍ଥାରେ କୃଷକ ଯଥେଷ୍ଟ ଲାଭ ପାଇବ । ସାର କୀଟନାଶକ ପରିବର୍ତ୍ତେ ଜୈବିକ ଚାଷର ବହୁଳ ପ୍ରସାର ହେଲେ, ବଳକା ଚାଷ ଦ୍ରବ୍ୟର ମାର୍କେଟିଂ ହେଲେ, ଅର୍ଥିକ ପ୍ରୋତ୍ସାହନକୁ ପ୍ରାଥମିକତା ଦେଲେ ଓ ଦଲାଲଙ୍କୁ ଦୂରେଇ ଶସ୍ୟ, ଫଳ, ପନିପରିବା ଆଦି ସବୁ ଚାଷର ଚାଷୀଙ୍କୁ ସିଧାସଳଖ ଓ ସର୍ବାଧିକ ସୁବିଧା ପ୍ରଦାନକଲେ ଚାଷୀର ମୁହଁରେ ହସ ଫୁଟିପାରନ୍ତା ଓ ଚାଷୀ ସଂଖ୍ୟା ସହ ଆଗ୍ରହ ଆହୁରି ବଢ଼ନ୍ତା । ଚାଷ ଓ ଚାଷୀ ପାଇଁ ଲାଭ ଏବଂ ସମ୍ମାନ ସ୍ତର ଏପରି ହେବା ଉଚିତ ଯେପରି ସହରରୁ ଯୁବଗୋଷ୍ଠୀ ଗାଁକୁ ଚାଷ କରିବାକୁ ଧାଇଁ ଆସିବେ । ଚାଷରୁ ଲାଭ ପ୍ରଚୁର ପାଇବେ ଓ ତାହାକୁ ବୃତ୍ତିଭାବରେ ଗ୍ରହଣକଲେ ସମ୍ମାନ ଓ ମର୍ଯ୍ୟାଦା ମିଳୁଛି ବୋଲି ସମସ୍ତେ ଭାବିବେ । ସେତେବେଳେ ହିଁ ଚାଷ ଓ ଚାଷୀର ବୃତ୍ତିଗତ ଚାହିଦା ବଢ଼ିଛି ବୋଲି ଅନୁଭବ ହେବ ଓ ଗ୍ରାମୀଣ ବିକାଶର ଅର୍ଥନୀତି ଅଧିକ ସୁଦୃଢ଼ ହେବ ।



ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ:୯୪୩୮୪୩୨୦୨୩

## ଏଇ ଭାରତରେ

ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୩୦ ବର୍ଷ ହେଲା କଶ୍ମୀରରେ ଜଣେ ମହିଳା ଡାକ କର୍ମଚାରୀ ଦୁର୍ଗମ ଅଞ୍ଚଳରେ ଚାଲି ଚାଲି ପାର୍ସଲ ବାଣ୍ଟୁଛନ୍ତି । କର୍ତ୍ତବ୍ୟନିଷ୍ଠ ଏହି ମହିଳା ଜଣକ ହେଉଛନ୍ତି ଉଲଫତା ବାନୋ । ବଡ଼ କଥା ହେଉଛି ଶୀତଦିନେ ସେ ଆଣ୍ଠୁଏ ବରଫରେ ମଧ୍ୟ ଠିକଣା ଜାଗାକୁ ଯାଇଥାନ୍ତି । ବାନୋ ମାଟ୍ରିକ ପାସ୍ କରିଛନ୍ତି ଏବଂ ତାଙ୍କୁ ବୟସ ଏବେ ୫୫ । ଦକ୍ଷିଣ କଶ୍ମୀର ଶୋପିଆନ ଜିଲାର ହିପୋରା ଗାଁର ପୋଷ୍ଟ ଅଫିସରେ ସେ କାମ କରୁଛନ୍ତି । ଶ୍ରୀନଗରଠାରୁ ଏହି ଗାଁର ଦୂରତା ୭୦ କି.ମି. । ହିପୋରା ଓ ଏହା ଆଖପାଖ ଅଞ୍ଚଳର ତାପମାତ୍ରା ଶୀତଦିନେ ମାଇନସ ୧୫ ଡିଗ୍ରୀ ସେଲସିୟସ ରହିଥାଏ । ଏଭଳି ସ୍ଥିତିକୁ ଖାତିର ନ କରି ଉଲଫତା ପ୍ରତିଦିନ ଚିଠି ଏବଂ ପାର୍ସଲ ଦେବାକୁ ଲୋକଙ୍କ ଘରେ ପହଞ୍ଚି ଯାଇଥାନ୍ତି । ହିପୋରା ଏକ ଅଭୟାରଣ୍ୟ ନିକଟରେ ଥିବାରୁ ଶୀତଦିନେ ଖାଦ୍ୟାଭାବ ଦେଖାଦିଏ । ଭାଲୁ ଓ ଚିତାବାଘ ଗାଁ ଆଡ଼କୁ ଚାଲି ଆସିଥାନ୍ତି । ଏଭଳି ସ୍ଥିତିକୁ ଖାତିର ନ କରି ସେ ଚିଠି ବାଣ୍ଟିବାକୁ ବାହାରି ଯାଇଥାନ୍ତି । ତେବେ ଦୀର୍ଘବର୍ଷ ମଧ୍ୟରେ ସେ କେବେ ବି ବନ୍ୟଜନ୍ତୁଙ୍କ ସାମ୍ନା କରି ନାହାନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ଡିସେମ୍ବର ୧୯୭୬**

- ମିଃ. ଜିନ୍‌ଲୁଇ ଗଏସିମିଶଙ୍କୁ ଭାରତରେ କେନ୍ଦ୍ର ଆଫ୍ରିକା ସାଧାରଣତନ୍ତ୍ରର ପ୍ରଥମ ରାଷ୍ଟ୍ରଦୂତ ଭାବେ ମନୋନୀତ କରାଯାଇଛି ।
- ମରିସସ୍‌ର ପାର୍ଲାମେଣ୍ଟ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶିବସାଗର ରାମଗୁଲାମଙ୍କ ପାର୍ଟି ଓ ଅଂଶୀଦାର ଦଳ ବିପର୍ଯ୍ୟୟର ସମ୍ମୁଖୀନ ।

## ଚିରନ୍ତନୀ

ଜାଗିଥିଲା ତହିଁ ସହସା ମୋ କବି–ପାଗଳ
ମାନସର ଶିଶୁ ନାଚିଥିଲା ଅତି ଚପଳ
ସେଇ ପାହାଡ଼ର ଚୂଳେ ହୋଇ ଠିଆ–
ଡାକିବାକୁ ମୋର ଲୋଡ଼ିଥିଲା ହିଆ
ଜଗତ ଭିତରେ ଅକୁହା ବାରତା ସକଳ
କୁଟିଳ ଘାଟିରେ ଉଠିଥିଲା ହୋଇ ବିକଳ ।

–(ଜୟପୁର ଘାଟି)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 8 | | | 9 |
| 3 | | | | | | | | 5 |
| 5 | | 8 | | | 3 | 2 | | |
| | | 6 | 2 | | | 1 | 9 | 7 |
| | | | | | | | | |
| | | | 7 | | | 3 | | 2 |
| | | | | 8 | | | | |
| | 7 | | | 5 | 4 | | | |
| | | 4 | 6 | 1 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 8 | 4 | 1 | 3 | 7 | 6 | 2 |
| 3 | 6 | 2 | 7 | 5 | 8 | 1 | 4 | 9 |
| 7 | 4 | 1 | 6 | 2 | 9 | 5 | 8 | 3 |
| 2 | 3 | 5 | 8 | 6 | 1 | 9 | 7 | 4 |
| 4 | 7 | 6 | 3 | 9 | 5 | 8 | 2 | 1 |
| 1 | 8 | 9 | 2 | 7 | 4 | 6 | 3 | 5 |
| 8 | 1 | 4 | 9 | 3 | 7 | 2 | 5 | 6 |
| 6 | 5 | 7 | 1 | 4 | 2 | 3 | 9 | 8 |
| 9 | 2 | 3 | 5 | 8 | 6 | 4 | 1 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜାତୀୟ ଉତ୍ସବ ଚରମ୍ପାରେ ହେଉ

ମହାଶୟ,

'ଧରିତ୍ରୀ'ରେ ସ୍ଥାନିତ ଶୀର୍ଷକ 'ସାଂସ୍କୃତିକ ମହୋତ୍ସବ'ର ନୂଆ ଠିକଣା ଚରମ୍ପା ଓଏସ୍‌ଆର୍‌ଟିସି ପଡ଼ିଆ ଖବରଟି ପଢ଼ି ଖୁସି ଲାଗିଲା । କିଛିଦିନ ତଳେ ଚରମ୍ପାରେ ଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ପୁରାତନ ବସ୍‌ଷ୍ଟାଣ୍ଡରୁ ଜବରଦଖଲ ଉଚ୍ଛେଦ କରାଯାଇ ୪ ଏକରରୁ ଊର୍ଦ୍ଧ୍ୱ ଜମି ସରକାରଙ୍କ ନିୟନ୍ତ୍ରଣକୁ ଆସିଥିଲା । ଏଠାରେ ବିଭିନ୍ନ ସରକାରୀ ଉତ୍ସବାନୁଷ୍ଠାନ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି । ଏହି ସରକାରୀ ଜାଗାକୁ ଲିଜ୍ ଆକାରରେ ଦିଆଯାଇଥିଲା ଏବଂ ଲିଜ୍ ଅବଧି ସରିବା ପରେ ମଧ୍ୟ ଲିଜ୍‌ଧାରୀ ଏହାକୁ ନିଜ ନିୟନ୍ତ୍ରଣରେ ରଖିଥିଲେ । ଅବଶ୍ୟ ଜିଲାସ୍ତରର କିଛି ଅଧିକାରୀଙ୍କ ପ୍ରଚ୍ଛନ୍ନ ସମର୍ଥନ ସେମାନଙ୍କ ପଛରେ ଥିଲା । ବର୍ତ୍ତମାନ ଏହା ନିୟନ୍ତ୍ରଣମୁକ୍ତ ଏବଂ ଏଠାରେ ସବୁ ଉତ୍ସବ ଅନୁଷ୍ଠିତ ହେବ । ଏଥିସହ ଏଠାରେ ପ୍ରତିବର୍ଷ କୃଷିମେଳା, ପୁସ୍ତକ ମେଳା, ଶିଶୁ ମେଳା ଇତ୍ୟାଦି ଆୟୋଜନ କରାଯିବ । ଏଠାରେ ଭାରତର ୨ଟି ମୁଖ୍ୟ ଜାତୀୟ ଉତ୍ସବ ପତାକା ଉତ୍ତୋଳନ ଓ ପରେଡ କରାଯିବାର ବ୍ୟବସ୍ଥା କରାଯାଉ ।

**–ବୈଲୋଚନ ମହାନ୍ତି, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ବିରଜା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନେଇ ଉତ୍ତେଜନା

## ଫୋନ୍ ପେ'ରୁ ଜଣାପଡ଼ିଲା ଯୁବକଙ୍କ ପରିଚୟ

ଯାଜପୁରଟାଉନ,୨୨।୧୨
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ବିରଜା ମନ୍ଦିରରେ ସୋମବାର ହିନ୍ଦୁ ଝିଅ ଓ ଅଣହିନ୍ଦୁ ଯୁବକ ଉଭୟ ମିଶି ପ୍ରବେଶ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଯାଜପୁର ଟାଉନ ଥାନା ପୋଲିସ ଉଭୟ ପ୍ରେମୀ ଯୁଗଳଙ୍କୁ କାବୁକରି ଥାନାରେ ଆଣି ପଚରାଉଚରା କରିଛି। ପରେ ପୋଲିସ ଉଭୟ ହିନ୍ଦୁ ଝିଅ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ପୁଅଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାରର ଲୋକେ ଥାନାକୁ ଆସିବା ପରେ ଆଇଆଇସି ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ସମ୍ପୃକ୍ତ ଝିଅ ଓ ଯୁବକଙ୍କୁ ଉଭୟଙ୍କ ପରିବାର ଲୋକଙ୍କୁ ଜିମା ଦେଇଥିଲେ। ପରେ ଭବିଷ୍ୟତରେ ଯେପରି ଏପରି ଭୁଲ୍ ନ ହୁଏ ସେଥିପ୍ରତି ଧ୍ୟାନ ଦେବା ପାଇଁ ଏକ ଲେଖା ରଖି ଥାନାରେ ଏକ ଷ୍ଟେଶନ ଡାଏରି କରାଯାଇଛି।

ପୋଲିସ ସୂଚନା ମୁତାବକ, କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ହିନ୍ଦୁ ଝିଅ ଯାଜପୁର କକିଟା ଇଜାପୁର ଅଞ୍ଚଳର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ସୋମବାର ପୂର୍ବାହ୍ନରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରକୁ ଆସିଥିଲେ। ବାଇକ୍ ଷ୍ଟାଣ୍ଡରେ ଗାଡ଼ି ଓ ଜୋତା ଦୁଇ ହଳ ରଖିଥିଲେ। ଗାଡ଼ି ପାର୍କିଂ ଓ ଜୋତା ବାବଦକୁ ବିରଜା ମନ୍ଦିର ସେବାୟତ ତଥା ସାଇକେଲ ଷ୍ଟାଣ୍ଡର ମାଲିକ ବ୍ରହ୍ମାନନ୍ଦ ରଣା ସମ୍ପୃକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କୁ ୨୦ ଟଙ୍କା ମାଗିଥିଲେ। ଯୁବକ ଜଣକ ପାର୍କିଂ ବାବଦକୁ ୨୦ଟଙ୍କା ଫୋନ୍ ପେ କରିଥିଲେ। ଷ୍ଟାଣ୍ଡର ମାଲିକ ରଣା ସମ୍ପୃକ୍ତ ଯୁବକଙ୍କୁ ଫୋନ୍ ଦେଖାଇବାକୁ କହିଥିଲେ। କିନ୍ତୁ ଯୁବକ ଜଣକ ଫୋନ ନ ଦେଖାଇ ପଳାଇଥିଲେ। ବ୍ରହ୍ମାନନ୍ଦଙ୍କ ସନ୍ଦେହ ହେବାରୁ ସେ ତାଙ୍କ ଫୋନ୍ ପେ ଟିକୁ ଯାଞ୍ଚ୍ କରିବା ପରେ ଜାଣିବାକୁ ପାଇଥିଲେ ଯେ ଫୋନ୍ ପେ କରିଥିବା ଯୁବକଙ୍କ ନାମ ହେଉଛି ଏସ୍. କେ. ମସ୍ତୁର। ସେ ତୁରନ୍ତ ମନ୍ଦିରର ପୋଲିସ ଓ ବଜରଙ୍ଗ ଦଳର ସଦସ୍ୟଙ୍କୁ ଅବଗତ କରାଇଥିଲେ। ହିନ୍ଦୁ ଝିଅ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ମନ୍ଦିରର ବେଢ଼ାରେ ପ୍ରବେଶ କରି ବଉଳଗଛ ମୂଳରେ ବସିଥିଲେ। ସେଠାରୁ ମନ୍ଦିରର ପୋଲିସ ତାଙ୍କୁ ପଦାକୁ ଆଣି ପଚରାଉଚରା କରିବା ପରେ ସମ୍ପୃକ୍ତ ଯୁବକ ଜଣକ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି କହିଥିଲେ। କିଛି ସମୟ ପାଇଁ ବିରଜା ମନ୍ଦିର ସମ୍ମୁଖରେ ଉତ୍ତେଜନା ଲାଗି ରହିଥିଲା। ଉଭୟଙ୍କୁ ଯାଜପୁର ଟାଉନ ଥାନାକୁ ଆଣି ଅଟକ ରଖି ପଚରାଉଚରା କରାଯାଇଥିଲା।


ବିରଜା ମନ୍ଦିର ବାହାରେ ଉତ୍ତେଜନା ପ୍ରକାଶ ପାଇଛି।

# ଇଚ୍ଛାମୃତ୍ୟୁ ଆବେଦନ କଲେ ଯୁବକ

## ରାଜନୈତିକ କାରଣରୁ ସାମାଜିକ ବାସନ୍ଦ

ଦିଗପହଣ୍ଡି,୨୨।୧୨ (ଅଶେଷ ନାଥ ମିଶ୍ର)


ସନ୍ତୋଷ ବେହେରା


JOINT GRIEVANCE CELL OF COLLECTOR & SP, GANJAM
DIGAPAHANDI BLOCK OFFICE
(Receipt of Grievance Petition)

| Unique No. | 2 | 2 | 1 | 2 | 2 | 5 | 0 | 5 | 9 |
|---|---|---|---|---|---|---|---|---|---|

Name & Address of the Petitioner:
Subject:
To Whom Sent for Action:
Deputy Collector (PG Cell)

ସନ୍ତୋଷଙ୍କ ପଞ୍ଜୀକୃତ ଦରଖାସ୍ତ ସ୍ଲିପ।

ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇ ହାରିବା ପରେ ସାହିରୁ ୪ ବର୍ଷ ହେଲା ବାସନ୍ଦ ହୋଇଥିବା ଏକ ପରିବାରର ଜଣେ ଯୁବକ ଇଚ୍ଛା ମୃତ୍ୟୁ ଆବେଦନ କରିଛନ୍ତି। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହଦେବ ଟିକରପଡ଼ା ପଞ୍ଚାୟତ ବାବୁଲିବନ୍ଧ ଗ୍ରାମର ସନ୍ତୋଷ ବେହେରା(୪୮) ଇଚ୍ଛାମୃତ୍ୟୁ ପାଇଁ ଦରଖାସ୍ତ ଦେଇଥିଲେ। ଏହା ଶୁଣି ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ସମେତ ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ତୁରନ୍ତ ସମସ୍ୟା ସମାଧାନ ପାଇଁ ଆଶ୍ୱାସନା ଦେଇଛନ୍ତି।

ବାବୁଲିବନ୍ଧ ଗ୍ରାମର ଅନୁସୂଚିତ ଜାତି ବର୍ଗର ଭୁବୁନି ବେହେରାଙ୍କ ପୁଅ ହେଉଛନ୍ତି ସନ୍ତୋଷ। ୨୦୨୨ ପଞ୍ଚାୟତ ନିର୍ବାଚନରେ ସନ୍ତୋଷଙ୍କ ଭାଉଜ ରଞ୍ଜୁ ବେହେରା ସରପଞ୍ଚ ପଦବୀ ପାଇଁ ପ୍ରାର୍ଥୀ ହୋଇ ୧୭ ଖଣ୍ଡ ଭୋଟ ବ୍ୟବଧାନରେ ପ୍ରତିପକ୍ଷ ପ୍ରିୟଙ୍କା ନାୟକଙ୍କଠାରୁ ପରାଜିତ ହୋଇଥିଲେ। ସେବେଠାରୁ ଗ୍ରାମର ଅନୁସୂଚିତ ଜାତିର ସାହିବାସିନ୍ଦା ରାଜନୈତିକ କାରଣରୁ ସନ୍ତୋଷ ଓ ତାଙ୍କ ପରିବାର ଲୋକଙ୍କୁ ନିଆଁପାଣି ମନା କରିବା ସହ ସାମାଜିକ ବାସନ୍ଦ କରିଥିବା ଜଣାଇଥିଲେ। ଏପରିକି ସାହିରେ କାହାରି ବିବାହ କିମ୍ବା ଏକାଦଶାହ ଭୋଜି ହେଲେ କେହି ତାଙ୍କ ପରିବାରଙ୍କୁ ଲୋଡୁନାହାନ୍ତି। ସାହିବାସିନ୍ଦା ତାଙ୍କ ପରିବାର ସହ କଥାବାର୍ତ୍ତା ମଧ୍ୟ କରୁନାହାନ୍ତି। ଗତ ପ୍ରାୟ ୧୫ ଦିନ ତଳେ ଜଣେ ବ୍ୟକ୍ତିଙ୍କ ଘରେ ଭୋଜି ଚାଲିଥିବା ବେଳେ ତାଙ୍କୁ ଡକାଗଲାନାହିଁ। ଏଥିରେ ସନ୍ତୋଷ ଓ ତାଙ୍କ ପରିବାର ମାନସିକ ସ୍ତରରେ ଭାଙ୍ଗିପଡିଛନ୍ତି। ତେଣୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦିଆଯାଉ ବୋଲି ସନ୍ତୋଷ ଜିଲାପାଳଙ୍କୁ ଗୁହାରି କରିଥିଲେ। ଜିଲାପାଳ ସମସ୍ତ ଘଟଣା ଶୁଣି ସନ୍ତୋଷଙ୍କୁ ଆଶ୍ୱାସନା ଦେଇଥିଲେ। ଜିଲାପାଳ ଅଭିଯୋଗ ଶୁଣାଣିରେ ଉପସ୍ଥିତ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଅତିରିକ୍ତ ଏସପି ଆଲୋକ କୁମାର ଜେନା, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ବିଡିଓ ଅନାମିକା ପାଣ୍ଡେଙ୍କୁ ଘଟଣାର ଅନୁଧ୍ୟାନ କରିବାକୁ କହିଛନ୍ତି। ତୁରନ୍ତ ସେହି ଗାଁକୁ ସ୍ଥାନୀୟ ପୋଲିସ, ପ୍ରଶାସନିକ ଅଧିକାରୀ ଯାଇ ସାହିବାସିନ୍ଦାଙ୍କ ସହ ଆଲୋଚନା କରି ଘଟଣାର ସ୍ଥାୟୀ ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ନୂଆ ୫ ମହାନଗର, ୨୪ ଏନ୍‌ଏସିର ଚୂଡାନ୍ତ ବିଜ୍ଞପ୍ତି

ଭୁବନେଶ୍ୱର,୨୨।୧୨
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ୨୪ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଲାଗି ଚୂଡାନ୍ତ ବିଜ୍ଞପ୍ତି ଜାରି ହୋଇଛି। ବିଭାଗର ବିଜ୍ଞପ୍ତିରେ ୧୪ଟି ଜିଲାର ୨୪ ଏନ୍‌ଏସି ତାଲିକା ରହିଥିବାବେଳେ ବିଭାଗ ୫ଟି ମହାନଗର ଲାଗି ଚିଠା ବିଜ୍ଞପ୍ତି ରହିଛି। ନୂତନ ଏନଏସି ତାଲିକାରେ ଅନୁଗୋଳର ପାଲଲହଡ଼ା, ବାଲେଶ୍ୱରର ସିମୁଳିଆ ଏବଂ ବରଗଡ଼ର ସୋହେଲା ଏନ୍‌ଏସି ରହିଛି। ସେହିପରି ଏନ୍‌ଏସି ତାଲିକାରେ ଭଦ୍ରକର ତିହିଡି, ଧୁଷୁରି, କଟକର ସାଲେପୁର, ବଡ଼ମ୍ବା, ନରସିଂହପୁର, ଢେଙ୍କାନାଳର ଗନ୍ଦିଆ, ଗଞ୍ଜାମର ଜଗନ୍ନାଥପ୍ରସାଦ ଏବଂ ପାତ୍ରପୁର, କଳାହାଣ୍ଡିର ନର୍ଲା ଏବଂ ଜୟପାଟଣା, ଖୋର୍ଦ୍ଧାର ଟାଙ୍ଗୀ, କୋରାପୁଟର ବୋରିଗୁମ୍ମା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷୀ, ଚିତ୍ରଡା, କପ୍ତିପଦା, ରାସଗୋବିନ୍ଦପୁର, ରାୟଗଡ଼ାର ବିଷମକଟକ, ସମ୍ବଲପୁରର ବାମରା ଏବଂ ରେଙ୍ଗାଲି ରହିଥିବାବେଳେ ସୁବର୍ଣ୍ଣପୁରର ବୀରମହାରାଜପୁର ରହିଛି। ଅନ୍ୟପକ୍ଷରେ ନୂତନ ମହାନଗର ଚିଠା ବିଜ୍ଞପ୍ତି ତାଲିକାରେ ବୌଦ୍ଧର ବୌଦ୍ଧଗଡ଼, ଗଞ୍ଜାମର ଭଞ୍ଜନଗର, କବିସୂର୍ଯ୍ୟନଗର ଏବଂ ପୋଲସରା ରହିଥିବାବେଳେ ମୟୂରଭଞ୍ଜର କରଞ୍ଜିଆ ରହିଛି।

# ଆଜି 'ଟିଏସି' ବୈଠକ ନେବେ ମୁଖ୍ୟମନ୍ତ୍ରୀ

## ଉଠିବ ଆଦିବାସୀଙ୍କ ସଂରକ୍ଷଣ ଏବଂ ବିକାଶ ପ୍ରସଙ୍ଗ

ଭୁବନେଶ୍ୱର,୨୨।୧୨
(ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀଙ୍କ ସୁରକ୍ଷାକୁ କେତେଦୂର ଗୁରୁତ୍ୱ ଦିଆଯାଉଛି ସେନେଇ ମଙ୍ଗଳବାର ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିବେ। ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଆଦିବାସୀ ଉପଦେଷ୍ଟା କମିଟି(ଟିଏସି) ବୈଠକରେ ଗତ ବର୍ଷକ ମଧ୍ୟରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଉନ୍ନୟନ ପାଣ୍ଠି କେତେଦୂର କାର୍ଯ୍ୟକାରୀ ହୋଇଛି ଏବଂ କେଉଁ ସବୁ ଅଞ୍ଚଳରେ କି ପ୍ରକାର ବିକାଶ ହୋଇଛି ତା'ର ଚିକିନିଖି ହିସାବ କରାଯିବ। ଏହାପରେ କେତେକ ଆଦିବାସୀ ବର୍ଗ ରାଜ୍ୟ ସରକାରଙ୍କ ତାଲିକାରେ ଆସୁଥିଲେ ହେଁ କେନ୍ଦ୍ର ସରକାରଙ୍କ ତାଲିକାରେ ଅନ୍ତର୍ଭୁକ୍ତ ନ ଥିବାରୁ ସରକାରୀ ସୁବିଧା ସୁଯୋଗ ପାଇବାରେ ସମସ୍ୟା ଉପୁଜୁଛି। ରାଜ୍ୟ ଏବଂ ଦେଶରେ ଡବଲ ଇଞ୍ଜିନ ସରକାର ଥିବାରୁ ଏହାର ଲାଭ କିଭଳି ରାଜ୍ୟର ଆଦିବାସୀ ବର୍ଗ ପାଇପାରିବେ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ଟିଏସି ବୈଠକରେ ମୁଖ୍ୟମନ୍ତ୍ରୀ ଅଧକ୍ଷ ରହିଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପାଧକ୍ଷ, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରହିବେ। ଏହାବାଦ୍ ଆଦିବାସୀ ଅଧ୍ୟୁଷିତ ଜିଲାରୁ ପ୍ରାୟ ୨୮ଜଣ ସଭ୍ୟ ରହିଛନ୍ତି। ଆଦିବାସୀଙ୍କ ବିକାଶକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ଯେଉଁସବୁ ନୂତନ ଯୋଜନା କାର୍ଯ୍ୟକାରୀ ହୋଇଛି ତା'ର କାର୍ଯ୍ୟକାରିତା ଉପରେ ଚିକିନିଖି ସମୀକ୍ଷା ହେବ ବୋଲି ଜଣାଯାଇଛି।

ଉଲ୍ଲେଖଯୋଗ୍ୟ, ଟିଏସି ବୈଠକ ପ୍ରତିବର୍ଷ ଦୁଇଥର ଅନୁଷ୍ଠିତ ହେବା କଥା। ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରେ ୨୦୨୪ ଡିସେମ୍ବର ୩୧ରେ ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ଜୁନ୍‌ରେ ହେବାକୁ ଥିବା ବୈଠକ ସମୟରେ ସଂସଦର ମୌସୁମୀ ଅଧିବେଶନ ଥିବାରୁ ଏହାକୁ ଏଡ଼ାଇ ଦିଆଯାଇଥିଲା। ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଟିଏସି ବୈଠକ ଲାଗି ସୋମବାର ବିଭିନ୍ନ ସଦସ୍ୟ ଏବଂ ସଙ୍ଗଠନ ଲୋକସେବା ଭବନରେ ଚଳଚଞ୍ଚଳ ଥିବା ଦେଖିବାକୁ ମିଳିଛି।

# ପରେଡ୍ ପରେ ସର୍ବସାଧାରଣରେ ପ୍ରଦର୍ଶିତ ହେବ ପ୍ରଜ୍ଞାପନ ମେଢ଼

## ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

### ୫ ସୁଦ୍ଧା ବିଷୟବସ୍ତୁ, ସ୍କେଚ୍ ପଠାଇବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୧୨
(ସୌମ୍ୟରଞ୍ଜନ ରାଉତ)

ଜାନୁଆରୀ ୨୬ରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ସହ ପରେଡରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ସାମିଲ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧକ୍ଷତା କରି ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଲେ, ଚଳିତ ବର୍ଷର ପ୍ରଜ୍ଞାପନ ମେଢ଼ରେ ବିଭିନ୍ନ ବିଭାଗର ସଫଳତାର କାହାଣୀ ସହ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ଉପଯୁକ୍ତ ପ୍ରତିଫଳନ ହେବ। ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଏହାକୁ ସୁନ୍ଦର ଏବଂ ସର୍ବାଦୃତ କରିବା ପାଇଁ ଶର୍ମା କହିଥିଲେ। ପ୍ରଜ୍ଞାପନ ମେଢ଼ଗୁଡ଼ିକୁ ଦିନେ ୨ଦିନ ପର୍ଯ୍ୟନ୍ତ ରଖିହେବା ଭଳି ଓ ସର୍ବସାଧାରଣ ସ୍ଥାନରେ ପ୍ରଦର୍ଶିତ ହେବା ଭଳି ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଅଧିକରୁ ଅଧିକ ଜନସାଧାରଣ ସରକାରଙ୍କ ଯୋଜନା ବାବଦରେ ସଚେତନ ହୋଇପାରିବେ ବୋଲି ସେ ମତ ଦେଇଥିଲେ। ଜାନୁଆରୀ ୫ ସୁଦ୍ଧା ସମସ୍ତ ବିଭାଗ ସେମାନଙ୍କ ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ଏବଂ ସ୍କେଚ୍ ବିଭାଗକୁ ପଠାଇବା ପାଇଁ ମଧ୍ୟ ଶର୍ମା କହିଥିଲେ। ବୈଠକରେ ଅଧିକାରୀମାନେ ନିଜ ନିଜ ବିଭାଗର ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ସହ ଅଧିକ ଆକର୍ଷଣୀୟ କରିବା ନେଇ ଆଲୋଚନା କରିଥିଲେ। ଏଥିସହ ନିଜ ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର୍ ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବେଲଗୁଣ୍ଠା,୨୨।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବାହାର ରାଜ୍ୟରେ ଦାଦନ ଭାବେ କାର୍ଯ୍ୟ କରୁଥିବା ଜଣେ ଓଡ଼ିଆ ଯୁବକଙ୍କ ମୃତଦେହ ଗାଁକୁ ଫେରିଛି। ଏଭଳି ଦୁଃଖଦ ଖବର ଆସିଛି ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ୍ ଉଦ୍ଧୁରା ପଞ୍ଚାୟତର ନାୟକପଡ଼ା ଗ୍ରାମରୁ। ନାୟକପଡ଼ା ବୈଦ୍ୟନାଥ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରୁଥିବା ସୂର୍ଯ୍ୟନାରାୟଣ ରଣାଙ୍କ ଦ୍ୱିତୀୟ ପୁତ୍ର ଉତ୍ତମ ପ୍ରସାଦ ରଣା ଚେନ୍ନାଇରେ ଏକ୍ ଟ୍ରାକ୍ଟର୍ ପାର୍ଟସ୍ ନିର୍ମାଣ କମ୍ପାନୀରେ କିଛି ଦିନ ହେବ କାର୍ଯ୍ୟ କରୁଥିଲେ। ୭/୮ ଦିନ ତଳେ ଉତ୍ତମଙ୍କୁ ଜ୍ୱର ହେବାରୁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ତାଙ୍କର ସମ୍ପର୍କୀୟ ଭାଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ଯୋଗାଯୋଗ କରି ସୋମବାର ସକାଳେ ବିମାନ ଯୋଗେ ଉତ୍ତମଙ୍କ ମୃତଦେହକୁ ଭୁବନେଶ୍ୱର ଅଣାଯାଇ ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ଅଣାଯାଇଛି। ଉତ୍ତମଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳି ଯାଇଥିଲା।

## ଟ୍ରେନରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର, ୨୨।୧୨(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ୍ ବାଦପୁର ପଞ୍ଚାୟତ ତିନିଘରିଆ ଗ୍ରାମର ନରସିଂହ ନାଇକ (୨୮) ନେଲ୍ଲୁରୁ ସ୍ଥିତ ଦିଶା ନାମକ ଏକ କମ୍ପାନୀରେ କାମ କରୁଥିଲେ। ୧୯ ତାରିଖରେ କିଛି ସାଙ୍ଗଙ୍କ ସହିତ ଗ୍ରାମକୁ ଫେରୁଥିବା ବେଳେ ଆନ୍ଧ୍ରପ୍ରଦେଶ ଅନୁଗୁଳଠାରେ ଟ୍ରେନରୁ ଖସି ମୃତ୍ୟୁ ଘଟିଛି। ସେଠାକାର ପୋଲିସ ନରସିଂହଙ୍କ ପକେଟରେ ଥିବା ମୋବାଇଲରୁ ମୁଣ୍ଡିକିରି ଗ୍ରାମରେ ଥିବା ମାଉସୀ ପାଖକୁ ଫୋନ କରି ନରସିଂହର ମୃତ୍ୟୁ ଖବର ଜଣାଇ ଥିଲେ। ଏମ୍‌ପିପ୍ରତିନିଧି ମୀନା ଦ୍ୟାନ ସାମନ୍ତରା ଏହି ଘଟଣାରେ ହସ୍ତକ୍ଷେପ କରି ଗ୍ରାମକୁ ମୃତଦେହ ଆଣିବା ପାଇଁ ବ୍ୟବସ୍ଥା କରିଛନ୍ତି।

# ଆର୍‌ଟିଇ ପିଲାଙ୍କୁ ଦିଆଯାଉନି ବହି, ଖାତା, ୟୁନିଫର୍ମ

ଭୁବନେଶ୍ୱର,୨୨।୧୨ (ସୁଚିସ୍ମିତା ସାହୁ)

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୨୦୨୦ ମସିହାରୁ ପାରଦର୍ଶୀ ପୋର୍ଟାଲରେ ଆବେଦନ କରି ଘରୋଇ ବିଦ୍ୟାଳୟରେ ବହୁ ପିଲା ମାଗଣାରେ ପାଠପଢୁଛନ୍ତି। ହେଲେ ସେମାନଙ୍କୁ ମାଗଣା ବହି, ଖାତା କି ୟୁନିଫର୍ମ ଦିଆଯାଉନାହିଁ। ଏନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ରହିଛି। ଏଥିସହ ଜାତୀୟ ମାନବାଧିକାର କମିଶନଙ୍କ ସ୍ପଷ୍ଟ ନିର୍ଦ୍ଦେଶ ମଧ୍ୟ ରହିଛି। ଏହାସତ୍ତ୍ୱେ ଆର୍‌ଟିଇ ପିଲାଙ୍କୁ ମାଗଣା ପାଠ୍ୟପୁସ୍ତକ ଏବଂ ପୋଷାକ ଦିଆଯାଉ ନ ଥିବାରୁ ସେମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଆର୍ଥିକ ଦୁର୍ବଳ ଶ୍ରେଣୀ ବା ଗରିବ ଶ୍ରେଣୀ ଅଭିଭାବକମାନେ ଅଯଥାରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ହନ୍ତସନ୍ତ ହେଉଛନ୍ତି। ଏହି ଯୋଜନାକୁ ତୁରନ୍ତ ପୂର୍ଣ୍ଣ କାର୍ଯ୍ୟକାରୀ କରିବା ସହ ମାଗଣାର ବହି ଓ ୟୁନିଫର୍ମ ଆଦି ଯୋଗାଇ ଦେବାକୁ ଦାବି କରି ସୋମବାର ଓସେପା ଓ ପ୍ରାଥମିକ ନିର୍ଦ୍ଦେଶକଙ୍କୁ ଘେରିଛି ଅଭିଭାବକ ମହାସଂଘ। ମହାସଂଘ ପକ୍ଷରୁ ଅଭିଭାବକମାନେ ଓସେପା ନିର୍ଦ୍ଦେଶକ ଅନନ୍ୟା ଦାସ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁଙ୍କୁ ଭେଟି ଆଲୋଚନା କରିଛନ୍ତି। ଉଭୟ ନିର୍ଦ୍ଦେଶକ ଅଭିଭାବକଙ୍କ ସହ ଆଲୋଚନା କରି ତୁରନ୍ତ ଏ ସଂକ୍ରାନ୍ତରେ ଡିଇଓ ଏବଂ ବିଇଓଙ୍କୁ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ କୁହାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ମହାସଂଘ ସଭାପତି ବାସୁଦେବ ଭଟ୍ଟ ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି। ଏହି ଆଲୋଚନାରେ ମହାସଂଘ ଆବାହିକା କଳ୍ପନା ସାହୁ, ମିନା ରାଣୀ ନାୟକଙ୍କ ସମେତ ଶତାଧିକ ଅଭିଭାବକ ଯୋଗଦେଇଥିଲେ।

# ଚିଲିକା କୂଳରେ ମୃତ ଇରାୱାଡ଼ି ଡଲ୍‌ଫିନ

ଗଞ୍ଜାମ,୨୨।୧୨(ଅନାଥ ତରାଇ)

ଗଞ୍ଜାମ ଜିଲା ରମ୍ଭା ନିକଟସ୍ଥ ଚିଲିକା ହ୍ରଦରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଚିଲିକା ମଧ୍ୟରେ ଥିବା ଘଣ୍ଟଶିଳା ପର୍ବତ ପାଦଦେଶରେ ସାମବାର ସକାଳେ ସ୍ଥାନୀୟ ମତ୍ସଜୀବୀ ଇରାୱାଡି ଡଲଫିନ ଭାସୁଥିବା ଦେଖିବାକୁ ପାଇଥିଲେ। ସେମାନେ ଏ ସମ୍ପର୍କରେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ବନ୍ୟପ୍ରାଣୀ କାର୍ଯ୍ୟାଳୟର ଏକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତ ଡଲଫିନକୁ ଉଦ୍ଧାର କରିଥିଲେ। ପରେ ବ୍ୟବଚ୍ଛେଦ ପାଇଁ ରମ୍ଭା ପ୍ରାଣୀ ଚିକିତ୍ସାଳୟକୁ ପଠାଯାଇଥିଲା। ରମ୍ଭା ରେଞ୍ଜର ମାନସ ରଞ୍ଜନ ମହାପାତ୍ରଙ୍କ ସୂଚନାନୁଯାୟୀ ଡଲଫିନଟିର କିଛି ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଉତ୍ତରା ପବନ ଯୋଗୁ ମୃତଦେହଟି ଭାସି ଆସି ଘଣ୍ଟଶିଳା ପାଦଦେଶରେ ଲାଗିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି।

# ବ୍ରାହ୍ମଣୀ ନଦୀରେ ବୁଡ଼ି ଯୁବତୀଯୁବକ ମୃତ

ବଣାଇଁ, ଲହୁଣୀପଡା,୨୨।୧୨
(ପ୍ରଦୀପ ତ୍ରିପାଠୀ/ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନାର ବିରତୋଳା ମନ୍ଦିର ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ସୋମବାର ଜଣେ ଯୁବତୀ ଓ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ରାଉରକେଲା ଅଞ୍ଚଳର ଜ୍ଞାନେନ୍ଦ୍ର ସ୍ୱାଇଁ ଓ ଡି. ମୋନାଲିସା ରାଓ। ଏନେଇ ପୋଲିସ ଚାନ୍ଦିପୋଷ ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟାରେ ବ୍ରାହ୍ମଣୀ ନଦୀ କୂଳ ନିକଟରେ ଏକ ବାଇକ ଓ କିଛି କପଡ଼ା ଥିବା ନେଇ ନିକଟସ୍ଥ ଗ୍ରାମବାସୀଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ଏନେଇ ସେମାନେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପରେ ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ନଦୀରୁ ୨ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ।

# ଦେଶବାସୀଙ୍କ ଆସ୍ଥାରେ ମହାତ୍ମା ଗାନ୍ଧୀ: କଂଗ୍ରେସ

ଭୁବନେଶ୍ୱର,୨୨।୧୨
(ରବିନାରାୟଣ ଜେନା)

ଦେଶବାସୀଙ୍କ ଆସ୍ଥାରେ ମହାତ୍ମା ଗାନ୍ଧୀ ରହିଛନ୍ତି। ମାତ୍ର କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରୁ ମହାତ୍ମାଙ୍କ ନାମ ବାଦ୍ ଦେଇ ସାରା ଦେଶବାସୀଙ୍କ ଭାବାବେଗ ସହିତ ଖେଳ ଖେଳିଛନ୍ତି ବୋଲି କଂଗ୍ରେସ କହିଛି।

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ମହାତ୍ମା ଗାନ୍ଧୀ ପାର୍କଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜେନା କହିଲେ, କେନ୍ଦ୍ର ସରକାର ଚକ୍ରାନ୍ତକରି ଉପରୋକ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍‌ଦେଇ ଭାରତର କୋଟି କୋଟି ଜନସାଧାରଣଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଇଛନ୍ତି। ହିତାଧିକାରୀଙ୍କ ଅଧିକାରଙ୍କୁ ସଂକୁଚିତ କରିଛନ୍ତି। ଫଳରେ ଲାଭବାନ ହେଉଥିବା ଗରିବ ଲୋକମାନେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଖୁବ୍‌ଶୀଘ୍ର ପୁନର୍ବିଚାର କରାଯାଇ ଏହି ଆଇନକୁ ପୂର୍ବଭଳି ଅକ୍ଷୁଣ୍ଣ ରଖାଯାଉ। ନଚେତ୍ ଦେଶବାସୀ ଭାଜପା ସରକାରକୁ କ୍ଷମାଦେବେ ନାହିଁ ବୋଲି ସେ କହିଥିଲେ।

ଏହି ଅବସରରେ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏଡିଏମ୍‌ଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଠକ ସଂସ୍ଥାର ୩ ଅଧିକାରୀ ଅଟକ

## ଚାକିରି, ଋଣ କରାଇଦେବେ କହି ଟଙ୍କା ନେଉଥିଲେ

ପାରଳାଖେମୁଣ୍ଡି,୨୨।୧୨
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର ବେକାର ଯୁବତୀ ଯୁବକଙ୍କୁ ବିଭିନ୍ନ ଚାକିରି ଆଉ ସେମାନଙ୍କ ପାଇଁ ଋଣ କରାଇଦେବା ଏବଂ ଘରେ ବସି ଡିଜିଟାଲରେ ଟଙ୍କା ରୋଜଗାର କରିବା ପ୍ରଲୋଭନ ଦେଖାଇ ଠକୁଥିବା ଏକ ସଂସ୍ଥାର ୩ ଜଣଙ୍କୁ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ସମ୍ବଲପୁରର ୨ ଜଣ ଏବଂ ଅନ୍ୟ ଜଣେ ଗଜପତି ଜିଲା ଲାଇଲାଇ ଅଞ୍ଚଳର ବୋଲି ଜଣାପଡିଛି। ଏମାନେ ବିନା ଅନୁମତିରେ ସରକାରୀ ସଭାଗୃହରେ କର୍ମଶାଳା କରୁଥିଲେ।

ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ସଭାଗୃହରେ ପଶ୍ଚିମବଙ୍ଗର ସୁହାନା ଟ୍ରଷ୍ଟ/ସୁଇମ ଗ୍ରୁପ ଅଫ କମ୍ପାନୀ ନାମକ ଏକ ସଂସ୍ଥା କେତେଜଣ ବେକାର ଯୁବତୀ ଯୁବକଙ୍କୁ ନେଇ କର୍ମଶାଳା କରୁଥିବା ଜଣାପଡିଥିଲା। ଉକ୍ତ ସଂସ୍ଥା ଋଣ ଯୋଗାଇବା, ଚାକିରି ଦେବା ଏବଂ ଘରେ ବସି ମାସିକ ହଜାର ହଜାର ଟଙ୍କା କିପରି ରୋଜଗାର କରିହେବ ସେ ନେଇ ଡିଜିଟାଲ କର୍ମଶାଳା କରିଥିଲା। ସଂସ୍ଥାର ୩ ଅଧିକାରୀଙ୍କ ସମେତ କେତେଜଣ ଯୁବତୀ ମଞ୍ଚରେ ବସି ଯୁବତୀ ଯୁବକଙ୍କୁ ଆକୃଷ୍ଟ କଲାଭଳି ଭାଷଣ ଦେଉଥିଲେ। ତେବେ କେଜେଣ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ତଥ୍ୟ ସଂଗ୍ରହ କରିବାରୁ ଶତାଧିକ ଯୁବତୀ ଯୁବକ ଉକ୍ତ ସଂସ୍ଥାକୁ ୨୫୦ ଟଙ୍କାରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଦେଇଥିବା ପ୍ରକାଶ କରିଥିଲେ। ଏପରି କର୍ମଶାଳା ହେଉଥିବା ଖବରପାଇ ଜିଲା ପ୍ରଶାସନ ପକ୍ଷରୁ ଡେପୁଟି କଲେକ୍ଟର ତ୍ରିନାଥ ସାହୁ ପହଞ୍ଚି ତଦନ୍ତ କରି ପାରଳାଖେମୁଣ୍ଡି ଆଦର୍ଶ ଥାନାକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଠକ ସଂସ୍ଥାର ୩ ଅଧିକାରୀଙ୍କୁ ଥାନାକୁ ଆଣି ଅଟକ ରଖିଛି। ଅନ୍ୟପଟେ ଟଙ୍କା ଦେଇଥିବା ଯୁବତୀଯୁବକମାନେ ପାରଳାଖେମୁଣ୍ଡି ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଭା ଗୃହ ଜିଲା ପରିଷଦ ଅଧୀନରେ ପରିଚାଳିତ ହେଉଛି। ସେଠାରେ ଅଭିଯୁକ୍ତମାନଙ୍କୁ କର୍ମଶାଳା କରିବା ପାଇଁ କିଏ ଅନୁମତି ଦେଲେ ବୋଲି ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି, କିଛି ଦିନ ପୂର୍ବରୁ ସଭାଗୃହ ବ୍ୟବହାର ପାଇଁ ଏକ ଦରଖାସ୍ତ ଆସିଥିଲେ ମଧ୍ୟ ତାହାକୁ ଖାରଜ କରାଯାଇଥିଲା ବୋଲି ଜଣାଇଛନ୍ତି। ଏ ବାବଦରେ ସେମାନଙ୍କ ଠାରୁ କୌଣସି ସଭାଗୃହ ବାବଦରେ ଭଡା ମଧ୍ୟ ନିଆଯାଇ ନ ଥିବା ସେ ପ୍ରକାଶ କରିଛନ୍ତି।


ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଯୁବତୀ।

ଗତ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସମଗ୍ର ବିଶ୍ୱବାସୀ ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟକୁ ଭୋଗି ଆସୁଛନ୍ତି। ୨୦୨୫ ବର୍ଷରେ ମଧ୍ୟ ପ୍ରକୃତିର ପ୍ରକୋପକୁ ସାରା ଦୁନିଆରେ ଦେଖିବାକୁ ମିଳିଛି। ବିଶେଷକରି ବାତ୍ୟା, ବନ୍ୟା, ଭୂସ୍ଖଳନ, ଜଙ୍ଗଲ ନିଆଁ, ଗ୍ରୀଷ୍ମପ୍ରବାହ ବ୍ୟାପକ ଜୀବନହାନି ଘଟାଇଛି। ଏଥିସହ ବିସ୍ଥାପନ, ବିପୁଳ ଆର୍ଥିକ କ୍ଷତି ଘଟାଇ ଲୋକଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି।

## ବାତ୍ୟା 'ମୋନ୍ଥା'



ଅକ୍ଟୋବରରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ମୋନ୍ଥା' ଦେଶର ଦକ୍ଷିଣ-ପୂର୍ବ ଉପକୂଳରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ମୁଖ୍ୟତଃ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରେ ବିଶେଷ ପ୍ରଭାବ ପକାଇଥିଲା। ଅକ୍ଟୋବର ୨୮ ମଧ୍ୟରାତ୍ରରେ ଆନ୍ଧ୍ରପ୍ରଦେଶର ମଚିଲିପଟ୍ଟଣମ ନିକଟରେ ମୋନ୍ଥା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ପବନର ବେଗ ପ୍ରାୟ ୧୦୦ କି.ମି. ରହିଥିଲା। ବାତ୍ୟା ଜନିତ ବିଭିନ୍ନ ଦୁର୍ଘଟଣାରେ ପ୍ରାୟ ୧୫ ଜଣ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୨୦୦ ମିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଥିଲା। ପ୍ରବଳ ବର୍ଷା ଯୋଗୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବ୍ୟାପକ ଫସଲ କ୍ଷତି ହୋଇଥିଲା। ଅନେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିବା ଫଳରେ ଯୋଗାଯୋଗ ଏବଂ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଥିଲା।

## କାଲିଫର୍ନିଆ ଜଙ୍ଗଲ ନିଆଁ: ୨୪ ଦିନର ଦୁର୍ଦ୍ଦଶା

୨୦୨୫ ଜାନୁଆରୀ ୭ରୁ ୩୧ ତାରିଖ ଧରି ଆମେରିକାର କାଲିଫର୍ନିଆ ରାଜ୍ୟର ଦକ୍ଷିଣ ଭାଗରେ ଲସ୍ଏଞ୍ଜେଲସ୍ ନିକଟରେ ଅତ୍ୟନ୍ତ ବିନାଶକାରୀ ଜଙ୍ଗଲ ନିଆଁ ଲାଗି ସେଠି ଅଞ୍ଚଳରେ ବ୍ୟାପକ ଧନଜୀବନର ହାନି କରିଥିଲା। ଏହା ମୁଖ୍ୟତଃ ଲସ୍ ଏଞ୍ଜେଲସ୍, ଅରେଞ୍ଜ, ଭେଣ୍ଟୁରା, ସାନ୍ ବର୍ଣ୍ଣାର୍ଡିନୋ, ସାନ୍ ଡିଏଗୋ ଓ ରିଭରସାଇଡ କାଉଣ୍ଟି ଏବଂ ଏହାର ଆଖପାଖ ପାର୍ବତ୍ୟ ଅଞ୍ଚଳର ୫୭,୫୨୯ ଏକର ଅଞ୍ଚଳରେ ବ୍ୟାପିଥିଲା। 'ସାନ୍ତା ଆନା' ପବନ ଯୋଗୁ ନିଆଁ ଖୁବଶୀଘ୍ର ଚାରିଆଡେ ମାଡ଼ି ଯାଇଥିଲା। ଏଥିରେ ଶତାଧିକ ଲୋକ ପ୍ରାଣ ହରାଇଥିଲେ। ୧୮ ହଜାରରୁ ଅଧିକ ଘର ଓ ଅଟ୍ଟାଳିକା ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। ପ୍ରାୟ ୫୩ ବିଲିୟନ ଡଲାରର କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଥିଲା। ଏହାକୁ କାଲିଫର୍ନିଆ ଇତିହାସର ସବୁଠୁ ମହଙ୍ଗା ପ୍ରାକୃତିକ ବିପର୍ଯ୍ୟୟ ଭାବେ ଗଣାଯାଉଛି। ୨ ଲକ୍ଷରୁ ଅଧିକ ଲୋକ ଘର ଛାଡ଼ି ଅନ୍ୟତ୍ର ଯିବାକୁ ବାଧ୍ୟ ହୋଇଥିଲେ। ପ୍ରବଳ ଧୂଆଁ ଯୋଗୁ ବାୟୁ ପ୍ରଦୂଷଣ ସ୍ତର ମଧ୍ୟ ଅତ୍ୟନ୍ତ ବିପଜ୍ଜନକ ହୋଇଯାଇଥିଲା। ଦୀର୍ଘ ଦିନର ମରୁଡ଼ି ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଜଙ୍ଗଲଗୁଡ଼ିକ ଶୁଷ୍କ ରହିବା ଏହି ଭୟଙ୍କର ଅଗ୍ନିକାଣ୍ଡର ମୁଖ୍ୟ କାରଣ ବୋଲି ପରିବେଶ ବିଶେଷଜ୍ଞମାନେ ମତ ଦେଇଥିଲେ।



## ମ୍ୟାନ୍ମାର ଭୂକମ୍ପ ନେଇଥିଲା ୫,୪୫୦ ଜୀବନ

ମାର୍ଚ୍ଚ ୨୮ରେ ମ୍ୟାନ୍ମାର (ବର୍ମା)ରେ ଏକ ଅତି ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା, ଯାହା ସେହି ଦେଶର ଇତିହାସରେ ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୭ ଥିଲା। ଏହାର କେନ୍ଦ୍ରବିନ୍ଦୁ ମ୍ୟାନ୍ମାରର ପ୍ରସିଦ୍ଧ ସହର ମାଣ୍ଡାଲେ ନିକଟରେ ଥିଲା। ଏହି ବିପର୍ଯ୍ୟୟରେ ୫,୪୫୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ୧୧,୦୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ପ୍ରାୟ ୪୮,୦୦୦ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଅନେକ ଐତିହାସିକ ବୌଦ୍ଧ ମନ୍ଦିର ଏବଂ ସ୍ମାରକୀ କ୍ଷତିଗ୍ରସ୍ତ ହୋଇଥିଲା। ଏହାର ଆର୍ଥିକ କ୍ଷୟକ୍ଷତି ପ୍ରାୟ ୧୧ ବିଲିୟନ ଡଲାର ବୋଲି ଆକଳନ କରାଯାଇଥିଲା। ମାଣ୍ଡାଲେ ଏବଂ ସାଗାଇଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ଏବଂ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଥିଲା। ଭୂକମ୍ପର ପ୍ରଭାବ ପଡ଼ୋଶୀ ଦେଶଗୁଡ଼ିକରେ ଅନୁଭୂତ ହୋଇଥିଲା। ୨୦୨୫ରେ ଏହା ଦକ୍ଷିଣ-ପୂର୍ବ ଏସିଆରେ ସବୁଠାରୁ ଭୟଙ୍କର ଭୂକମ୍ପ ଥିଲା।



## ବାତ୍ୟା 'ସେନ୍ୟାର': ୧୩୯୦ ମୃତ



ନଭେମ୍ବରରେ ଆସିଥିବା ସାମୁଦ୍ରିକ ବାତ୍ୟା 'ସେନ୍ୟାର' ଦକ୍ଷିଣ-ପୂର୍ବ ଏସିଆରେ ବଡ଼ଧରଣର ପ୍ରଳୟ ସୃଷ୍ଟି କରିଥିଲା। ଏହି ବାତ୍ୟା ବିଶେଷକରି ମାଲାକା ପ୍ରଣାଳୀ ଅଞ୍ଚଳରେ ଅଧିକ ପ୍ରଭାବ ପକାଇଥିଲା। ମୁଖ୍ୟତଃ ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ନଭେମ୍ବର ୨୬ରେ ଏହା ସୁମାତ୍ରାରେ ସ୍ଥଳଭାଗ ଛୁଇଁଥିଲା। ବାତ୍ୟା ପ୍ରଭାବରେ ଏହି ଦେଶଗୁଡ଼ିକରେ ପ୍ରବଳ ବର୍ଷା ଏବଂ ସମୁଦ୍ର ଜୁଆର ମାଡ଼ି ଆସିଥିଲା। ୧,୩୯୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୧୯.୮ ବିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିଲା। ଅନେକ ବନ୍ଦର, ରାସ୍ତାଘାଟ ଏବଂ ଉପକୂଳବର୍ତ୍ତୀ ବସତି ସମ୍ପୂର୍ଣ୍ଣ ରୂପେ ବିଧ୍ୱସ୍ତ ହୋଇଯାଇଥିଲା। ଏହି ବାତ୍ୟା ଅତ୍ୟନ୍ତ ବିରଳ ଥିଲା। କାରଣ ମାଲାକା ପ୍ରଣାଳୀ ଭଳି ଅଞ୍ଚଳରେ ଏତେ ଶକ୍ତିଶାଳୀ ବାତ୍ୟା ସାଧାରଣତଃ ଦେଖାଯାଏ ନାହିଁ। ଏହି ବାତ୍ୟା ଯୋଗୁ ବହୁ ହଜାର ଲୋକ ବେଘର ହୋଇଥିଲେ ଏବଂ ସାମୁଦ୍ରିକ ବାଣିଜ୍ୟ ବହୁଳ ଭାବେ ବାଧାପ୍ରାପ୍ତ ହୋଇଥିଲା।



# ଇଥିଓପିଆ
## ଆଗ୍ନେୟଗିରି ଉଦ୍‌ଗିରଣ



### ଭାରତ ଆକାଶରେ ପାଉଁଶ ବାଦଲ

ନଭେମ୍ବର ୨୩ ସକାଳେ ଇଥିଓପିଆର ହାଇଲି ଗୁବି ଆଗ୍ନେୟଗିରିରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା, ଯାହାକି ପ୍ରାୟ ୧୨,୦୦୦ ବର୍ଷ ପରେ ପ୍ରଥମ ଥର ପାଇଁ ଜାଗ୍ରତ ହୋଇଥିଲା। ପ୍ରାୟ ୫ ଦିନ ପର୍ଯ୍ୟନ୍ତ ତାହା ଜାରି ରହିଥିଲା। ଇଥିଓପିଆର ଉତ୍ତର ଭାଗରେ ଥିବା ଅଫାର୍ ରିଫ୍ଟ ଅଞ୍ଚଳରେ ଅବସ୍ଥିତ ଏହି ଆଗ୍ନେୟଗିରିରେ ବିସ୍ଫୋରଣ ଯୋଗୁ ଆକାଶରେ ପ୍ରାୟ ୧୪ ରୁ ୧୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ପାଉଁଶ ବ୍ୟାପିଥିଲା। ଏହି ପାଉଁଶ ବାଦଲ ଲୋହିତ ସାଗର ଦେଇ ପାକିସ୍ତାନ, ଭାରତ ଏବଂ ଚାଇନା ପର୍ଯ୍ୟନ୍ତ ପହଞ୍ଚିଥିଲା। ଆଗ୍ନେୟ ପାଉଁଶ ଯୋଗୁ ଆକାଶମାର୍ଗରେ ଦୃଶ୍ୟମାନତା କମିଯାଇଥିଲା। ଫଳରେ ଭାରତର ଏୟାର ଇଣ୍ଡିଆ, ଆକାଶ ଏୟାର ଭଳି ଅନେକ ବିମାନସେବା ବାତିଲ ଏବଂ ରୁଟ୍ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ। ଇଥିଓପିଆର ସ୍ଥାନୀୟ ଅଞ୍ଚଳରେ ଗୃହପାଳିତ ପ୍ରାଣୀଙ୍କ ଚାରଣଭୂମି ଏବଂ ଜଳ ଉତ୍ସଗୁଡ଼ିକ ପାଉଁଶ ଦ୍ୱାରା ପ୍ରଦୂଷିତ ହୋଇଯାଇଥିଲା। ପରିବେଶ ବିଜ୍ଞାନୀମାନଙ୍କ ମତରେ, ଏହି ବିସ୍ଫୋରଣ ବାୟୁମଣ୍ଡଳରେ ସଲ୍‌ଫର୍ ଡାଇଅକ୍ସାଇଡ ପରିମାଣ ବୃଦ୍ଧି କରିଥିଲେ ମଧ୍ୟ ଏହା ଭୂପୃଷ୍ଠର ବାୟୁ ପ୍ରଦୂଷଣ ଉପରେ ସେତେଟା ପ୍ରଭାବ ପକାଇ ନାହିଁ। କାରଣ ଏହା ବହୁତ ଉଚ୍ଚରେ ରହିଥିଲା।

## ତିବ୍ବତ, ଉତ୍ତର ଭାରତରେ ଶକ୍ତିଶାଳୀ ଭୂକମ୍ପ

୨୦୨୫ ଜାନୁଆରୀ ୭ରେ ତିବ୍ବତ ଏବଂ ଭାରତର ସୀମାବର୍ତ୍ତୀ ଅଞ୍ଚଳରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା, ଯାହା ହିମାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୧ ଥିଲା। ଏହାର କେନ୍ଦ୍ରବିନ୍ଦୁ ଦକ୍ଷିଣ ତିବ୍ବତୀୟ ମାଳଭୂମି ଅଞ୍ଚଳରେ ଥିଲା। ଏହି ଭୂକମ୍ପର ଝଟକା ଉତ୍ତର ଭାରତ, ବିଶେଷକରି ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ନେପାଳରେ ଅନୁଭୂତ ହୋଇଥିଲା। ଶତାଧିକ ଲୋକ ପ୍ରାଣ ହରାଇଥିଲେ। ଅନେକ ଲୋକ ଆହତ ହେବା ସହ ନିଖୋଜ ମଧ୍ୟ ହୋଇଥିଲେ। ପାର୍ବତ୍ୟ ଅଞ୍ଚଳରେ ଅନେକ କୋଠାବାଡ଼ି ଭୁଶୁଡ଼ି ପଡ଼ିଥିଲା ଏବଂ ଭୂସ୍ଖଳନ ଯୋଗୁ ପ୍ରମୁଖ ଜାତୀୟ ରାଜପଥଗୁଡ଼ିକ ଅବରୋଧ ହୋଇଯାଇଥିଲା। ଅନେକ ଦୂରଦୂରାନ୍ତର ଗ୍ରାମଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲେ। ଫଳରେ ଉଦ୍ଧାର କାର୍ଯ୍ୟରେ ବହୁ ବାଧା ସୃଷ୍ଟି ହୋଇଥିଲା।



## ରେକର୍ଡ ଭାଙ୍ଗିଥିଲା ୟୁରୋପ ଗ୍ରୀଷ୍ମପ୍ରବାହ




ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୟୁରୋପର ବିଭିନ୍ନ ଦେଶରେ ଭୟଙ୍କର ଗ୍ରୀଷ୍ମପ୍ରବାହ ଦେଖାଦେଇଥିଲା, ଯାହା ଅନେକ ଦଶନ୍ଧିର ରେକର୍ଡ ଭାଙ୍ଗିଥିଲା। ବିଶେଷକରି ଜୁଲାଇ ଏବଂ ଅଗଷ୍ଟରେ ତାପମାତ୍ରା ଚରମ ସୀମାରେ ପହଞ୍ଚିଥିଲା। ସ୍ପେନ, ଫ୍ରାନ୍ସ ଏବଂ ଇଟାଲୀ ଭଳି ଦେଶଗୁଡ଼ିକରେ ତାପମାତ୍ରା ଅନେକ ସ୍ଥାନରେ ୪୫° ସେଲ୍‌ସିଅସ ଅତିକ୍ରମ କରିଥିଲା। ସ୍ପେନ ପାଇଁ ଏହା ଇତିହାସର ସବୁଠାରୁ ଗରମ ଗ୍ରୀଷ୍ମକାଳ ଥିଲା। ଏହି ଗ୍ରୀଷ୍ମ ପ୍ରବାହରେ ୟୁରୋପରେ ପ୍ରାୟ ୧୬,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ବିଶେଷକରି ବୃଦ୍ଧାବୃଦ୍ଧ ଏବଂ ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତିମାନେ ଅଧିକ ପ୍ରଭାବିତ ହୋଇଥିଲେ। ପ୍ରବଳ ଗରମ ଏବଂ ଶୁଷ୍କ ପାଗ ଯୋଗୁ ସ୍ପେନ ଏବଂ ପର୍ତ୍ତୁଗାଲରେ ଭୟଙ୍କର ଜଙ୍ଗଲ ନିଆଁ ଦେଖାଦେଇଥିଲା। ଏହା ଗତ ୩୦ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ଘଟଣା ଥିଲା। ଅନେକ ପ୍ରମୁଖ ନଦୀର ଜଳସ୍ତର ହ୍ରାସ ପାଇଥିଲା। ୟୁରୋପର ଅନେକ ଦେଶରେ ରେଳ ଧାରଣା ବଙ୍କା ହୋଇଯିବା ଯୋଗୁ ପରିବହନ ସେବା ମଧ୍ୟ ପ୍ରଭାବିତ ହୋଇଥିଲା।



## ମହାବାତ୍ୟା 'ମେଲିସା'

୨୦୨୫ ଅକ୍ଟୋବରରେ ଆଟ୍‌ଲାଣ୍ଟିକ ମହାସାଗରରେ ସୃଷ୍ଟି ହୋଇଥିବା 'ମେଲିସା' ମହାବାତ୍ୟା କାରବିୟାନ ଦ୍ୱୀପପୁଞ୍ଜ ଏବଂ ଆମେରିକାର ପୂର୍ବ ଉପକୂଳରେ ଭୟଙ୍କର ତାଣ୍ଡବ ରଚିଥିଲା। ଏହା 'କ୍ୟାଟେଗୋରି-୫' ବା ସବୁଠାରୁ ଶକ୍ତିଶାଳୀ ବର୍ଗର ମହାବାତ୍ୟା ଥିଲା। ଏହାର କେନ୍ଦ୍ରସ୍ଥଳରେ ପବନର ବେଗ ଘଣ୍ଟା ପ୍ରତି ପ୍ରାୟ ୧୮୫ ମାଇଲ (୨୯୭ କିଲୋମିଟର) ରହିଥିଲା। ଏହା ପ୍ରଥମେ ଜାମାଇକା, କ୍ୟୁବା ଏବଂ ହାଇତିକୁ ଭୟଙ୍କର ଭାବେ ପ୍ରଭାବିତ କରିଥିଲା। ଏହାପରେ ଏହା ଆମେରିକାର ପୂର୍ବ ଉପକୂଳ ଆଡ଼କୁ ଅଗ୍ରସର ହୋଇ ବ୍ୟାପକ କ୍ଷୟକ୍ଷତି କରିଥିଲା। ପ୍ରବଳ ପବନ ଏବଂ ସମୁଦ୍ରର ଉଚ୍ଚ ଜୁଆର ଯୋଗୁ ଉପକୂଳବର୍ତ୍ତୀ ସହରଗୁଡ଼ିକରେ ବନ୍ୟା ସୃଷ୍ଟି ହୋଇଥିଲା। ବହୁ ହଜାର ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଏବଂ ବିଦ୍ୟୁତ୍ ଭିତ୍ତିଭୂମି ବିଧ୍ୱସ୍ତ ହୋଇଯାଇଥିଲା।

## ବାତ୍ୟା ଡିଟ୍‌ୱା: ୬୪୦ ମୃତ

୨୦୨୫ ନଭେମ୍ବର ୨୬ରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଡିଟ୍‌ୱା' ଅତି ଭୟଙ୍କର ସାମୁଦ୍ରିକ ଝଡ଼ ଥିଲା, ଯାହା ପ୍ରାୟ ସପ୍ତାହକ ମଧ୍ୟରେ ଶ୍ରୀଲଙ୍କା ଏବଂ ଦକ୍ଷିଣ ଭାରତରେ ପ୍ରଳୟ ସୃଷ୍ଟି କରିଥିଲା। ଭାରତରେ ଏହା ମୁଖ୍ୟତଃ ତାମିଲନାଡୁକୁ ବିଶେଷ ପ୍ରଭାବିତ କରିଥିଲା। ଏହି ପ୍ରଳୟଙ୍କରୀ ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା, ଭୂସ୍ଖଳନ ଓ ସମୁଦ୍ର ଜୁଆର ଯୋଗୁ ପ୍ରାୟ ୬୪୦ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୧.୬୪ ବିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିଲା। ଶ୍ରୀଲଙ୍କାରେ ପ୍ରବଳ ବୃଷ୍ଟିପାତ ଯୋଗୁ ଭୂସ୍ଖଳନ ଘଟି ଶତାଧିକ ଲୋକ ବେଘର ହୋଇଥିଲେ। ସେହିପରି ତାମିଲନାଡୁ ଓ କେରଳ ଉପକୂଳବର୍ତ୍ତୀ ଅଞ୍ଚଳରେ ଘରଦ୍ୱାର, ନଡ଼ିଆ ବଗିଚା ଏବଂ ମତ୍ସ୍ୟଜୀବୀଙ୍କ ଡଙ୍ଗା ବହୁମାତ୍ରାରେ ନଷ୍ଟ ହୋଇଯାଇଥିଲା। ବିଦ୍ୟୁତ୍ ଏବଂ ଟେଲିଫୋନ ସେବା ଅନେକ ଦିନ ଧରି ବିଚ୍ଛିନ୍ନ ରହିଥିଲା।





## ଓଡ଼ିଶା ବର୍ଷା, ବନ୍ୟା, ଭୂସ୍ଖଳନ

୨୦୨୫ରେ ଓଡ଼ିଶା କେତେକ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଛି, ଯେଉଁଥିରେ ସାମୁଦ୍ରିକ ବାତ୍ୟା, ବନ୍ୟା ଏବଂ ଅଦିନିଆ ବର୍ଷା ସାମିଲ ରହିଛି। ବାତ୍ୟା ମୋନ୍ଥା ଅକ୍ଟୋବରରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିଲା। ଏହା ମୁଖ୍ୟତଃ ଆନ୍ଧ୍ରପ୍ରଦେଶରେ ସ୍ଥଳଭାଗ ଅତିକ୍ରମ କରିଥିଲେ ମଧ୍ୟ ଦକ୍ଷିଣ ଓଡ଼ିଶାର ଜିଲାଗୁଡ଼ିକରେ ପ୍ରବଳ ବର୍ଷା ଓ ପବନ ବହିଥିଲା। ଏହାର ପ୍ରଭାବରେ ପାରଳାଖେମୁଣ୍ଡି, କାଶୀପୁର ଅଞ୍ଚଳରେ ଭୂସ୍ଖଳନ ଏବଂ ରାସ୍ତା ଅବରୋଧ ହୋଇଥିଲା। ସେହିପରି ଜୁନରେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ବାଲେଶ୍ୱର ଜିଲାର ପ୍ରାୟ ୫୦,୦୦୦ ଲୋକ ପ୍ରଭାବିତ ହୋଇଥିଲେ। ଜୁଲାଇ ଶେଷ ସପ୍ତାହରେ ପୁଣି ଥରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ବନ୍ୟା ଦେଖାଦେଇଥିଲା, ଯେଉଁଥିରେ ୧୧,୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ। ରାଜ୍ୟ ସରକାର ୫,୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ଅଗଷ୍ଟରେ ମଧ୍ୟ ବାଲେଶ୍ୱର ଓ ଭଦ୍ରକର ପ୍ରାୟ ୧୭୦ ଗ୍ରାମ ଜଳମଗ୍ନ ରହିଥିଲା। ବର୍ଷ ଆରମ୍ଭରେ ହୋଇଥିବା ଅଦିନିଆ ବର୍ଷାକୁ ରାଜ୍ୟ ସରକାର ଏକ ରାଜ୍ୟଭିତ୍ତିକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଥିଲେ।





## ଇଏଫ୍‌୫ ତୀବ୍ରତାର ଟର୍ନାଡୋ ନର୍ଥ ଡାକୋଟା

୨୦୨୫ ଜୁନ୍ ୨୦ରେ ଆମେରିକାର ନର୍ଥ ଡାକୋଟା ରାଜ୍ୟରେ ଅତି ଭୟଙ୍କର ଘୂର୍ଣ୍ଣିବଳୟ (ଟର୍ନାଡୋ) ଦେଖାଦେଇଥିଲା, ଯାହା ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ବିନାଶକାରୀ ଟର୍ନାଡୋ ମୁଖ୍ୟତଃ ନର୍ଥ ଡାକୋଟାର ଏଣ୍ଡରଲିନ୍ ଅଞ୍ଚଳ ଦେଇ ଗତି କରିଥିଲା। ଏହାକୁ ଇଏଫ୍‌୫ ଶ୍ରେଣୀଭୁକ୍ତ କରାଯାଇଥିଲା, ଯାହା ଟର୍ନାଡୋ ମାପକାଠିରେ ସବୁଠାରୁ ଶକ୍ତିଶାଳୀ ବର୍ଗ। ଏହି ବର୍ଗର ଘୂର୍ଣ୍ଣିବଳୟରେ ପବନର ବେଗ ଘଣ୍ଟା ପ୍ରତି ୩୨୨ କିଲୋମିଟରରୁ ଅଧିକ ରହିଥାଏ। ଗତ ୧୨ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱରେ ଏହା ଥିଲା ପ୍ରଥମ EF୫ ତୀବ୍ରତାର ଟର୍ନାଡୋ, ଯାହା ତାହାର ଗତିପଥରେ ଆସୁଥିବା ସମସ୍ତ ପକ୍କା ଘର, ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟିକୁ ସମ୍ପୂର୍ଣ୍ଣ ରୂପେ ଉପୁଡ଼ାଇ ଦେଇଥିଲା। ଗାଡ଼ିଗୁଡ଼ିକ ଖେଳନା ଭଳି ଆକାଶରେ ଉଡ଼ି ଦୂରରେ ପଡ଼ିଥିଲା।

## ଉତ୍ତରକାଶୀ ବାଦଲଫଟା ବର୍ଷା: ଭାସିଗଲା ଧରାଲି ଗାଁ

ଅଗଷ୍ଟ ୫ରେ ଉତ୍ତରାଖଣ୍ଡରେ ଘଟିଥିଲା ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ। ଉତ୍ତରକାଶୀ ଜିଲାର ଧରାଲି ନିକଟବର୍ତ୍ତୀ ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ହୋଇଥିବା ବାଦଲଫଟା ବର୍ଷା ଏବଂ ତଜ୍ଜନିତ ଆକସ୍ମିକ ବନ୍ୟା ବହୁ କ୍ଷତି ଘଟାଇଥିଲା। ଧରାଲି ଗାଁ ସମ୍ପୂର୍ଣ୍ଣ ଭାସି ଯାଇଥିଲା। ଗଙ୍ଗୋତ୍ରୀ ଧାମ ଦେଇ ପ୍ରବାହିତ ଭାଗୀରଥୀ ନଦୀର ଜଳସ୍ତର ହଠାତ୍ ବଢ଼ିଯାଇଥିଲା। ଏଥିଯୋଗୁ ତଳିଆ ଅଞ୍ଚଳକୁ ବନ୍ୟା ମାଡ଼ି ଆସିଥିଲା। ଏହି ଘଟଣାରେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା। ପ୍ରାୟ ୧୦୦ ଲୋକ ନିଖୋଜ ହୋଇଯାଇଥିଲେ। ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଦୀର୍ଘ ଦିନ ଧରି ଚାଲିଥିଲା। ଅନେକ ଘର, ଦୋକାନ ଏବଂ କୋଠାବାଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଜାତୀୟ ରାଜପଥ ସମେତ କେତେକ ରାସ୍ତା, ବ୍ରିଜ୍ ଏବଂ ଯୋଗାଯୋଗ ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ନିକଟସ୍ଥ ଗ୍ରାମଗୁଡ଼ିକ କାଦୁଅ ଓ ପଥର ତଳେ ପୋତି ହୋଇଯାଇଥିଲା।



## ପଞ୍ଜାବ ବନ୍ୟା: ଦୋହଲିଥିଲା କୃଷି ଅର୍ଥନୀତି

ଅଗଷ୍ଟରେ ପଞ୍ଜାବରେ ଏକ ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା, ଯାହାକୁ ଗତ ୪୦ ବର୍ଷ ମଧ୍ୟରେ ସବୁଠାରୁ ବିନାଶକାରୀ ବୋଲି କୁହାଯାଉଛି। ହିମାଚଳ ପ୍ରଦେଶ ଏବଂ ପଞ୍ଜାବର କ୍ୟାଚମେଣ୍ଟ ଏରିଆରେ ଅତ୍ୟଧିକ ବୃଷ୍ଟିପାତ ଯୋଗୁ ଭାକ୍ରା ଏବଂ ପୋଙ୍ଗ ଡ୍ୟାମରୁ ଅଧିକ ଜଳ ଛଡ଼ାଯିବା ଫଳରେ ସତଲେଜ୍, ବ୍ୟାସ ଏବଂ ରବି ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହୋଇଥିଲା। ଫଳରେ ହୋସିଆରପୁର, ଗୁରୁଦାସପୁର, ରୂପନଗର, ଜଳନ୍ଧର ଏବଂ ଫିରୋଜପୁର ଜିଲାରେ ବନ୍ୟାର ଭୟଙ୍କର ରୂପ ଦେଖିବାକୁ ମିଳିଥିଲା। ପ୍ରାୟ ୧,୪୦୦ ଗ୍ରାମ ଜଳମଗ୍ନ ହୋଇଯାଇଥିଲା। ଏଥିରେ ପ୍ରାୟ ୫୫ ଜଣ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୩୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ପ୍ରାୟ ୨.୫ ଲକ୍ଷ ଏକର ଚାଷଜମି ବୁଡ଼ିଯାଇଥିଲା। ଫଳରେ ଧାନ ଏବଂ ଅନ୍ୟାନ୍ୟ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବହୁ ହଜାର ଲୋକଙ୍କ ଘର ଭାଙ୍ଗିଯାଇଥିଲା। ଅନେକ ସ୍ଥାନରେ ନଦୀ ବନ୍ଧଗୁଡ଼ିକ ଧୋଇଯିବା ଫଳରେ ଗାଁଗୁଡ଼ିକରେ କାଦୁଅ ପାଣି ପଶିଯାଇଥିଲା। ଏହି ବିପର୍ଯ୍ୟୟ ପଞ୍ଜାବର କୃଷି ଅର୍ଥନୀତି ଉପରେ ଏକ ବଡ଼ ଶକ୍ତ ଧକ୍କା ଦେଇଥିଲା।



## ପାକିସ୍ତାନରେ ଜଳପ୍ରଳୟ

ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ପାକିସ୍ତାନରେ ମୌସୁମୀଜନିତ ବନ୍ୟା ଏକ ବଡ଼ ମାନବୀୟ ସଙ୍କଟ ସୃଷ୍ଟି କରିଥିଲା। ପ୍ରବଳ ବର୍ଷା ଯୋଗୁ ପାକିସ୍ତାନର ବିଭିନ୍ନ ପ୍ରାନ୍ତରେ ଜଳପ୍ରଳୟ ଦେଖାଦେଇଥିଲା। ବିଶେଷକରି ସିନ୍ଧ, ବେଲୁଚିସ୍ତାନ ଏବଂ ପଞ୍ଜାବ ପ୍ରଦେଶରେ ବନ୍ୟାର ସବୁଠାରୁ ଭୟଙ୍କର ରୂପ ଦେଖିବାକୁ ମିଳିଥିଲା। ୧,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୬୯ ଲକ୍ଷ ଲୋକ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଥିଲେ। ଅନେକ ଲୋକ ଘରଦ୍ୱାର ହରାଇ ବେଘର ହୋଇଯାଇଥିଲେ। ବହୁ ପ୍ରମୁଖ ରାସ୍ତା, ବ୍ରିଜ୍, ବିଦ୍ୟୁତ୍ ଭିତ୍ତିଭୂମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବହୁ ଲକ୍ଷ ଏକର ଚାଷଜମିରେ ପାଣି ପଶି ଫସଲ ନଷ୍ଟ ହୋଇଥିଲା, ଯାହା ଦେଶରେ ଖାଦ୍ୟ ସଙ୍କଟ ସୃଷ୍ଟି କରିଥିଲା।



## ଟେକ୍ସାସ ବନ୍ୟା: ଅଚାନକ ମାଡ଼ିଆସିଲା



ଜୁଲାଇ ୪ ଓ ୫ରେ ଆମେରିକାର ଟେକ୍ସାସ ହିଲ୍ କଣ୍ଟ୍ରି ଅଞ୍ଚଳରେ ଏକ ଅତି ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା। ଏହାକୁ ଟେକ୍ସାସ ଇତିହାସରେ ଅତ୍ୟନ୍ତ ଦୁଃଖଦାୟକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଗଣାଯାଉଛି। 'ଗୁଆଡାଲୁପ ନଦୀ' ଅବବାହିକାରେ ଅତି ପ୍ରବଳ ବୃଷ୍ଟିପାତ ଯୋଗୁ ଏହି ଆକସ୍ମିକ ବନ୍ୟା ସୃଷ୍ଟି ହୋଇଥିଲା। ନଦୀର ଜଳସ୍ତର କିଛି ଘଣ୍ଟା ମଧ୍ୟରେ ଅକଳ୍ପନୀୟ ଭାବେ ବଢ଼ିଯାଇଥିଲା। ଏହି ବନ୍ୟାରେ ୧୩୫ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ବିଶେଷକରି ଏକ ସମର କ୍ୟାମ୍ପରେ ଥିବା ୨୭ ଜଣ ବନ୍ୟାଜଳରେ ଭାସିଯାଇ ପ୍ରାଣ ହରାଇଥିଲେ। ଏହି ବିପର୍ଯ୍ୟୟ ଯୋଗୁ ପ୍ରାୟ ୧.୧ ବିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିଲା। ହିଲ୍ କଣ୍ଟ୍ରି ଅଞ୍ଚଳର ଅନେକ ଘର, ବ୍ରିଜ୍ ଏବଂ ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଥିଲା। ନଦୀକୂଳରେ ଥିବା ଶତାଧିକ ଗାଡ଼ି ଏବଂ ଗୃହପାଳିତ ପ୍ରାଣୀ ବନ୍ୟାପାଣି ସୁଅରେ ଭାସି ଯାଇଥିଲେ। ବନ୍ୟା ଏତେ ଶୀଘ୍ର ଆସିଥିଲା ଯେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ସମୟ ମିଳି ନ ଥିଲା।

# ଅବଧି ସରି ବର୍ଷେ ପୂରିଲା, ରାସ୍ତା ନିର୍ମାଣ ନୋହିଲା

## କୃଷ୍ଣଦାସପୁର, ଉଦୟଗିରି, ରତ୍ନଗିରି ରାସ୍ତା

ଚଣ୍ଡିଖୋଲ,୨୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ବହୁସଂଖ୍ୟାରେ ପର୍ଯ୍ୟଟକମାନେ କିପରି ଆସିବେ ସେଥିପାଇଁ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଓ ରାସ୍ତାଘାଟର ଉନ୍ନତୀକରଣ କରାଯାଉଛି। ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦିଗରେ ବିଭାଗୀୟ ଅଧିକାରୀମାନଙ୍କ ଖାମଖିଆଲି ମନୋଭାବ ହିଁ ବାଧକ ସାଜୁଛି। ଏଭଳି ଅବସ୍ଥା ଦେଖାଦେଇଛି ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ର ଭାବେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ଯାଜପୁର ଜିଲା ଉଦୟଗିରି ଓ ରତ୍ନଗିରି କ୍ଷେତ୍ରରେ। ଏହି କ୍ଷେତ୍ରକୁ ଯାତାୟାତ ପାଇଁ ୫୩ ନଂ. ଜାତୀୟ ରାଜପଥର କୃଷ୍ଣଦାସପୁରଠାରୁ ଉଦୟଗିରି, ରତ୍ନଗିରି ମୁଖ୍ୟ ରାସ୍ତା ହେଉଛି। ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଓ ବଡ଼ଚଣା ସବ୍ ଡିଭିଜନ ଅଧୀନରେ ଏହି ରାସ୍ତା ରହିଛି। ଏହି ରାସ୍ତାର ନବୀକରଣ ଓ ପ୍ରଶସ୍ତୀକରଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ଟେଣ୍ଡର ହୋଇଥିଲା। ୨୯ କୋଟି ୪୯ ଲକ୍ଷ ୫୩ ହଜାର ୭୬୧ ଟଙ୍କା ରେ ୧୭ କିଲୋମିଟର ୩୨୪ ମିଟର ରାସ୍ତା ନିର୍ମାଣ ପାଇଁ ଠିକାଦାରଙ୍କ ସହ ଚୁକ୍ତି ହୋଇଥିଲା। କୋଣାର୍କ ଇନୋଭେସନ ପ୍ରାଇଭେଟ୍ ଲିମିଟେଡ୍ ନାମକ ଠିକା ସଂସ୍ଥା ୨୦୨୩-୨୪ରେ ପୂର୍ତ୍ତ ବିଭାଗ ସହ ଚୁକ୍ତି କରିଥିଲେ। ୨୦୨୩ ମେ ୧ ରୁ କାର୍ଯ୍ୟ ଆରମ୍ଭ କରି ୨୦୨୪ ଅକ୍ଟୋବର ୩୧ରେ ଶେଷ କରିବାକୁ ଚୁକ୍ତିରେ ଉଲ୍ଲେଖ କରାଯାଇଥିଲା। ଦୁଃଖର କଥା ଏହା


ଉଦୟଗିରି-ରତ୍ନଗିରି ରାସ୍ତା।

ମଧ୍ୟରେ ଅବଧି ଶେଷ ହେବାକୁ ୧ ବର୍ଷ ପୂରଣ କରିଥିଲାବେଳେ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହି ରାସ୍ତାକଡ଼ରୁ ଗଛ କଟା ଓ ବିଦ୍ୟୁତ୍ ଖୁଣ୍ଟ ଉଠାଇବା ପାଇଁ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ପରେ ମଧ୍ୟ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ଗତବର୍ଷ ଉଦୟଗିରିଠାରେ ୧୫୦୦ ବୌଦ୍ଧ ଧର୍ମାବଲମ୍ବୀମାନେ ଯୋଗଦେଇ ପ୍ରାର୍ଥନା କରିଥିଲେ। ଚଳିତବର୍ଷ ଜାନୁଆରୀ ୧୦ ତାରିଖରୁ ଏଠାରେ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଅନୁଷ୍ଠିତ ହେବ। ୧୦ଟି ଦେଶରୁ ୩ ହଜାର ବୌଦ୍ଧ ଧର୍ମାବଲମ୍ବୀ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ତେବେ ଆଶା ଥିଲା ଏହି ସମ୍ମିଳନୀ ପୂର୍ବରୁ ରାସ୍ତା କାର୍ଯ୍ୟ ଶେଷ ହେବ। କିନ୍ତୁ ଅଦ୍ୟାବଧି ଅବଧି ସରି ବର୍ଷ ପୂରି ଯାଇଥିଲା ବେଳେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀଙ୍କୁ ପଚାରିବାରୁ ଠିକାସଂସ୍ଥାକୁ ବାରମ୍ବାର ନୋଟିସ ଦିଆଯାଇଛି। ଆସନ୍ତା ସପ୍ତାହରେ କାର୍ଯ୍ୟ ଆରମ୍ଭ କରିବ ବୋଲି ଠିକାସଂସ୍ଥା ସମୟ ନେଇଛି ବୋଲି ସେ କହିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନାମ ପରିବର୍ତ୍ତନର ପ୍ରତିବାଦ



ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ନେତା ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ଚନ୍ଦ୍ର ରାଉତ ଓ କର୍ମୀମାନେ।

## କଂଗ୍ରେସ ପକ୍ଷରୁ ପଦଯାତ୍ରା

ବଡ଼ଚଣା/ ଛତିଆ, ୨୨।୧୨(ଦିଲୀପ କୁମାର ମହାନ୍ତି/ ସୌମ୍ୟ ରଞ୍ଜନ ସାହୁ) :

କେନ୍ଦ୍ର ସରକାରଙ୍କ ଦ୍ୱାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ନାମ ପରିବର୍ତ୍ତନ କରି ବିକଶିତ ଭାରତ ରୋଜଗାର ଏବଂ ଆଜିବିକା ଗ୍ୟାରେଣ୍ଟି ମିଶନ ରଖିବାକୁ ବିରୋଧ କରି ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ସୋମବାର ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ପଦଯାତ୍ରା କରାଯାଇଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ ବୈରୀ ରେଳ ଷ୍ଟେଶନଠାରୁ ଏକ ପଦଯାତ୍ରାରେ ଚମ୍ପାପୁରକୁ ଆସିଥିଲେ। ଏହି ସ୍ମୃତିକୁ ଉଦ୍‌ଜୀବିତ କରିବା ପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ପଦଯାତ୍ରାର ଅୟୋଜନ କରାଯାଇଥିଲା। ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇଥିଲେ। ପ୍ରଥମେ କଂଗ୍ରେସ ନେତା ଓ କର୍ମକର୍ତ୍ତାମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଦେଶ କଂଗ୍ରେସ ସେବା ଦଳ ସଭାପତି ଶୁଭେନ୍ଦୁ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏକ ପଦଯାତ୍ରାରେ ଛତିଆ ଚମ୍ପାପୁରଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଉଥିଲା। ଯାଜପୁର ଜିଲା କଂଗ୍ରେସ କମିଟି ସଭାପତି ମାଗୁଣୀ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିସିସି ସଭାପତି ଦାସ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମ ପରିବର୍ତ୍ତନ କରି ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ଗ୍ୟାରେଣ୍ଟି ମିଶନ ରଖିଥିବାରୁ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏହି ଯୋଜନା ଶ୍ରମିକ ମାରଣ ନୀତି, ଯାହାଦ୍ୱାରା ଦେଶରେ ବହୁ କୋଟି ଶ୍ରମିକ ନିଜର ଜୀବନ ଜୀବିକା ହରାଇବେ। ନାଥୁରାମଙ୍କ ଦ୍ୱାରା ଗାନ୍ଧିଜୀଙ୍କ ହତ୍ୟା କଲାପରେ କେନ୍ଦ୍ରର ମୋଦି ସରକାର ଦ୍ୱିତୀୟ ଥର ପାଇଁ ତାଙ୍କୁ ହତ୍ୟା କରିଛି। ରାଜ୍ୟରେ ଶ୍ରମିକ ମାରଣ ନୀତି, ନାରୀ ନିର୍ଯାତନା ବୃଦ୍ଧି, ଖଣି ଖାଦାନ ଲୁଟ୍, ବେଆଇନ୍ ବିଦ୍ୟୁତ ଆଡ଼ିସନାଲ ସରଚାର୍ଜ୍ ଲାଗୁ, ଧାନର ଅଭାବୀ ବିକ୍ରି, ଆଦି ସମସ୍ୟା ଉପରୁ ନଜର ହଟାଇବା ପାଇଁ ସରକାର ଏପରି ଏକ ବିଲ୍ ପାରିତ କରିଛନ୍ତି ବୋଲି ଦାସ ଅଭିଯୋଗ କରିବା ସହିତ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଉନ୍ତି। ନଚେତ ଆଗାମୀଦିନରେ କଂଗ୍ରେସ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଚେତାବନୀ ଦେଇଛନ୍ତି। ପ୍ରତ୍ୟେକ କଂଗ୍ରେସ କର୍ମୀ ଏହି କଳା ଆଇନକୁ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ରାଜ୍ୟସଭା ସଦସ୍ୟ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ଚନ୍ଦ୍ର ରାଉତ, ପୂର୍ବତନ ଜିଲା ସଭାପତି ମନୋଜ କୁମାର ରାଉତ, ଅଜୟ ସାମଲ, କିସାନ ପଣ୍ଡା, ଡ. ସନ୍ତୋଷ କୁମାର ବଳ, ଚିନ୍ମୟ ପ୍ରଧାନ, ସୁଧାଂଶୁ ଶେଖର ଦେଓ, ବିଶ୍ୱପ୍ରକାଶ ସାମଲ, ଜୟ ପ୍ରକାଶ ସାମଲ, ଚର୍ଚ୍ଚିତ ମାହାଲା, ଶିଶିର କୁମାର ସାମଲ, ବିପିନ ପ୍ରତାପ, ଆରତୀ ଦେଓ, ବନ୍ଦିତା ପରିଡ଼ା, ହିମାଂଶୁ ଲେଙ୍କା, ଆରତୀ ସ୍ୱାଇଁ, ସୁଦୀପ୍ତ କର, ହରିହର ସ୍ୱାଇଁ, ମୋହନ ହେମ୍ବ୍ରମ, କନକଲତା ମଲ୍ଲିକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ଶେଷରେ ମନୋଜ କୁମାର ରାଉତ ଧନ୍ୟବାଦ୍ ଦେଇଥିଲେ।

# ମା' ମହାଲକ୍ଷ୍ମୀ ପୀଠରୁ ମହାକାଳ ଶିବ ଲିଙ୍ଗ ଉଦ୍ଧାର

ପାଣିକୋଇଲି, ୨୨।୧୨(ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲିସ୍ଥିତ ମା' ମହାଲକ୍ଷ୍ମୀ ପୀଠରୁ ଏକ ଶିବ ଲିଙ୍ଗ ଉଦ୍ଧାର କରାଯାଇଛି। ଉକ୍ତ ଶିବ ଲିଙ୍ଗକୁ ପୂଜାର୍ଚ୍ଚନା କରାଯାଇ ଧାନ ମଧ୍ୟରେ ପୋତି ରଖାଯାଇଛି। ଅନେକ ସମୟରେ କିଛି ନା କିଛି ଅଲୌକିକ ଦୃଶ୍ୟ ଏଠାରେ ଦେଖିବାକୁ ମିଳିଥାଏ। ସନ୍ଧ୍ୟାରେ ପୀଠରେ ମହାଲକ୍ଷ୍ମୀଙ୍କ ବାହାନ ପେଚା ଆବିର୍ଭାବ ହୋଇଥାଏ। ଏହି ପୀଠରୁ ଶିବ ଲିଙ୍ଗ ଉଦ୍ଧାର ହେବା ପରେ ସେଠାରେ ଭକ୍ତ ଓ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା।

ମନ୍ଦିର ପ୍ରତିଷ୍ଠା ପାଇଁ ଜାଗା ଚିହ୍ନଟ ହୋଇ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରେ ବାଲି କାମ ହେବା ପାଇ ଆସିଥିଲା। ୨ଜଣ ଆଦିବାସୀ କିଶୋରୀ ସରସ୍ୱତୀ ଓ ଗୀତା ଏହି ବାଲି ଉପରେ ଖେଳୁଥିଲେ। ଖେଳିବା ସମୟରେ ଏକ ପଥରମୂର୍ତ୍ତି ତାଙ୍କ ହାତରେ ଲାଗିଥିଲା। ମାତ୍ର ତାହାକୁ ସେ ଟେକି ପାରି ନ ଥିଲେ। ଫଳରେ ସେ ଏକଥା ତାଙ୍କ ମା'ଙ୍କୁ ଜଣାଇଥିଲେ। ଉକ୍ତ ଆଦିବାସୀ ମହିଳା ସେଠାରେ ପହଞ୍ଚି ଶିବ ଲିଙ୍ଗକୁ ତାଙ୍କ ଘରକୁ ନେଇଯାଇଥିଲେ। ପରଦିନ ସେଠାରେ ଧାନ କାଟୁଥିବା ଜଣେ ବ୍ୟକ୍ତି ମନ୍ଦିର ପରିଚାଳକ ଦେବଦତ୍ତ ରାୟଙ୍କୁ ଏ ବିଷୟରେ ଜଣାଇଥିଲେ। ଦେବଦତ୍ତ ପୂଜାରୀ ଓ ସ୍ଥାନୀୟ କେତେଜଣ ବ୍ୟକ୍ତିଙ୍କୁ ନେଇ ସାପୋଖରୀ ଆଡିରେ ଥିବା ଆଦିବାସୀ ବସ୍ତିରେ ପହଞ୍ଚି ଥିଲେ। ସେଠାରେ ତାଙ୍କୁ ପଚାରିବାରୁ ସେ ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ। ପରେ ଉକ୍ତ ଶିବ ଲିଙ୍ଗକୁ ଆଣି ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ ସ୍ଥାପନା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବେଦଜ୍ଞ ବ୍ରାହ୍ମଣମାନଙ୍କ ପରାମର୍ଶରେ ଏହାକୁ ପୂଜାର୍ଚ୍ଚନା କରାଯାଇ ଧାନ ମଧ୍ୟରେ ପୋତି ରଖାଯାଇଛି।


ଉଦ୍ଧାର ହୋଇଥିବା ଶିବ ଲିଙ୍ଗକୁ ପୂଜାର୍ଚ୍ଚନା କରାଯାଉଛି।

# ନାଳରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

କାଏମା, ୨୨।୧୨ (ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା ପଞ୍ଚାୟତ କୋହ୍ଲା ଗ୍ରାମ ନିକଟସ୍ଥ ଏକ ନାଳରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହକୁ ସୋମବାର ସନ୍ଧ୍ୟାରେ ଉଦ୍ଧାର କରିଛି। ସୂଚନା ମୁତାବକ, କୋହ୍ଲା ଗ୍ରାମର ସନିଆ ଦାସ (୮୫) ରବିବାର ଅପରାହ୍ନରେ ଶୌଚ ପାଇଁ ନିକଟସ୍ଥ ନାଳକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ସୋମବାର ଅପରାହ୍ନରେ ନାଳରେ ଏକ ମୃତଦେହ ଭାଶୁଥିବା ଲୋକେ ଦେଖିଥିଲେ। ପରେ ସନିଆଙ୍କ ଘରଲୋକ ସେଠାରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚିବା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଧର୍ମଶାଳା ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ କରୁଛି।

# ଷଣ୍ଢ ଗୋଡ଼ ହଣା ଘଟଣା: ୩ କୋର୍ଟ ଚାଲାଣ

ଯାଜପୁରଟାଉନ,୨୨।୧୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଷଣ୍ଢ ଗୋଡ଼ ହଣାକୁ କେନ୍ଦ୍ରକରି ସୋମବାର ଯାଜପୁର ସଦର ଥାନା ପୋଲିସ ୩ଜଣ ଦୁର୍ବୃତ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ସଦର ଥାନା ଅଡ଼ଙ୍ଗ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ସେକ୍ ମୁସ୍ତାକ ହୁସେନ(୭୨), ସେକ୍ ନିୟାସ



ଅହମ୍ମଦ(୩୮) ଓ ସେକ୍ ସାନ ଅହମ୍ମଦ(୪୩)। ଏହି ୩ଜଣ ଷଣ୍ଢର ଗୋଡ଼କୁ ହାଣିଥିବା ନେଇ ପୋଲିସ ତଦନ୍ତରୁ ଜାଣିବା ପରେ ସେମାନଙ୍କୁ ରବିବାର ଗିରଫ କରି ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ସୋମବାର ପୂର୍ବାହ୍ନରେ ପୋଲିସ କୋର୍ଟ ଚାଲାଣ କରିଛି।















ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ବିଶ୍ୱଜିତ୍

@ କିରଣକୁମାର

@ ପିଣ୍ଟୁ

@ ପ୍ରଦୀପ୍ତ

@ ରଜତ

@ ଟିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚଣ୍ଡିଖୋଲ ଏସ୍‌ଡିପିଓ କାର୍ଯ୍ୟାଳୟ ପାଇଁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ


ପ୍ରଶାସନ ପକ୍ଷରୁ ଜବରଦଖଲରେ ଥିବା ଘରକୁ ଉଚ୍ଛେଦ କରାଯାଉଛି।

ଚଣ୍ଡିଖୋଲ,୨୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ଚଣ୍ଡିଖୋଲଠାରେ ପୋଲିସ ଉପଖଣ୍ଡ କାର୍ଯ୍ୟାଳୟ (ଏସ୍‌ଡିପିଓ) ନିର୍ମାଣ ହେବ। ଏଥିପାଇଁ ଚଣ୍ଡିଖୋଲ ଫାଣ୍ଡି ନିକଟରେ ସ୍ଥାନ ନିରୂପଣ ହୋଇଛି। ଏଠାରେ ଥିବା ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଅବରୋଧ କରି ରଖିଥିଲେ। ସୋମବାର ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ସହଯୋଗରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ମଧ୍ୟ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ। ସୂଚନାଯୋଗ୍ୟ, ଚଣ୍ଡିଖୋଲଠାରେ ଏସ୍‌ଡିପିଓ କାର୍ଯ୍ୟାଳୟ ଖୋଲିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନୋଟିସ ବାହାରିବା ପରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଏହା ଅଧୀନରେ ୬ଟି ଥାନା ରହିବ। ସେଗୁଡିକ ହେଲା ବଡ଼ଚଣା, ବାଲିଚନ୍ଦ୍ରପୁର, ବୈରୀ, ଧର୍ମଶାଳା, ଜେନାପୁର ଓ ବ୍ରହ୍ମବରଦା। ଉଚ୍ଛେଦ ପରେ ଶିଳାନ୍ୟାସ କରାଯାଇ ଖୁବ୍‌ଶୀଘ୍ର କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ହେବ।

# ଟିସିସି ଭୁବନେଶ୍ୱର ଚାମ୍ପିୟନ

## ସଞ୍ଜିତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଚଣ୍ଡିଖୋଲ,୨୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଦର୍ପଣ ପଞ୍ଚାୟତ ଗୁଲଜାରନଗରପାଟଣାସ୍ଥିତ ମା' ତାରିଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଅଷ୍ଟମ ବାର୍ଷିକ ସଞ୍ଜିତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଟିସିସି ଭୁବନେଶ୍ୱର ଓ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ କଟକକୁ ୯ ଉଇକେଟରେ ପରାସ୍ତ କରି ଟିସିସି ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଏହି ଫାଇନାଲ ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ କଟକ ଟସ୍ ଜିତି ପ୍ରଥମେ ନିର୍ଦ୍ଧାରିତ ୨୫ ଓଭର ଖେଳରେ ବ୍ୟାଟିଂ ଆରମ୍ଭକରି ସମସ୍ତ ଉଇକେଟ ହରାଇ ୧୭୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗଣେଶ ୩୮ବଲରେ ୪୮ରନ, କାମେଶ୍ୱର ବାରିକ ୩୬ ବଲରେ ୪୪ ରନ କରିଥିବା ବେଳେ ଭୁବନେଶ୍ୱର ପକ୍ଷରୁ କାଳିଆ ସାହୁ ୩ ଓଭର ବୋଲିଂ କରି ୧୯ ରନ ଦେଇ ୩ ଉଇକେଟ ଓ ରାଜେଶ କୁମାର ୪.୧ ଓଭର ବୋଲିଂ କରି ୧୬ ରନ ଦେଇ ୨ ଉଇକେଟ ଦଖଲ କରିଥିଲେ। ଜବାବରେ ଭୁବନେଶ୍ୱର ୨୦.୨ ଓଭର ବ୍ୟାଟିଂକରି ୧ ଉଇକେଟ ହରାଇ ୧୭୨ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସତ୍ୟଜିତ ସାବତ ୬୬ବଲରେ ୧୦୦ ରନ ଓ ଅନୁରାଗ ଷଡ଼ଙ୍ଗୀ ୪୬ବଲରେ ୫୮ ରନ ସଂଗ୍ରହ କରିଥିବାବେଳେ କଟକର ଶୁଭମ ପ୍ରିୟଦର୍ଶୀ ୫ ଓଭର ବୋଲିଂ କରି ୪୨ ରନ ଦେଇ ୧ ଉଇକେଟ୍ ଓ ସମ୍ପଦ କୁମାର ଦାସ ୫ ଓଭର ବୋଲିଂ କରି ୧୭ ରନ ଦେଇଥିଲେ। ଖେଳକୁ ଓସିଏ ଅମ୍ପାୟର ବିଭୁପ୍ରସାଦ ଚୌଧୁରୀ ଓ ସୁମେନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ଚିରଞ୍ଜୀବ ବଳ(ଓସିଏ)ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସଞ୍ଜିତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ପକ୍ଷରୁ ସଭାପତି ଦିଲୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ମୁଖ୍ୟବକ୍ତା ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଓ ସମ୍ମାନିତ ଅତିଥି ଭାବେ ବଡ଼ଚଣା ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସରପଞ୍ଚ ରଞ୍ଜନ କୁମାର ଦାଶ, ଭାଜପା ଜିଲା ସମ୍ପାଦକ ପ୍ରମୋଦ କୁମାର ଜେନା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସତ୍ୟଜିତ ସାବତ ମ୍ୟାନ୍ ଅଫ ଦି ମ୍ୟାଚ ଓ ସୁଶୀଲ କୁମାର ବାରିକ ମ୍ୟାନ୍ ଅଫ୍ ଦ ସିରିଜ, କ୍ଷମା ସାଗର ବଳ ବେଷ୍ଟ ବ୍ୟାଟ୍ସମ୍ୟାନ, ବାସୁକିନାଥ ତିୱାରୀ ବେଷ୍ଟ ବୋଲର ଓ ବିନୟ ପାଇକରାୟଙ୍କୁ ବେଷ୍ଟ ଫିଲ୍‌ଡର ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ଚେକ୍ ପ୍ରଦାନ କରୁଛନ୍ତି।

# ଆରମ୍ଭ ହେଲାଣି ଖରିଫ ଧାନ ଅଭାବୀ ବିକ୍ରି

## ମଣ୍ଡି ଅପେକ୍ଷାରେ ଚାଷୀ

କେନ୍ଦ୍ରାପଡ଼ା, ୨୨।୧୨ (ଜଗନ୍ନାଥ ଧଳ)



ରାଜନଗର ବ୍ଲକ ବରାହପୁର ଗ୍ରାମରେ ଧାନ ଗଦାହୋଇଛି ।

କେନ୍ଦ୍ରାପଡ଼ା ଜିଲାର ଖରିଫ ଧାନ ଚାଷୀ ମଣ୍ଡି ଅପେକ୍ଷାରେ ଅଛନ୍ତି। ନଭେମ୍ବର ଶେଷ ସପ୍ତାହ ସୁଦ୍ଧା ଅଧିକାଂଶ ଚାଷୀ ଧାନ ଅମଳ କରିଥିଲେ ମଧ୍ୟ ମଣ୍ଡି ଅଭାବରୁ ବିକ୍ରି କରିପାରିନାହାନ୍ତି। ଏଥିପାଇଁ ଅଭାବୀ ବିକ୍ରିର ସୁଯୋଗ ବ୍ୟବସାୟୀ ଗୋଷ୍ଠୀ ନେଉଛନ୍ତି। ସରକାରୀ ମଣ୍ଡିରୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ମିଳିବାକୁ ଥିବା ବେଳେ ମାତ୍ର ୧୭୦୦ରୁ ୧୮୦୦ ଟଙ୍କାରେ ଗୋଟାଏ କୁଇଣ୍ଟାଲ ଧାନ ବୁଲା ବେପାରୀଙ୍କୁ ଦେବାକୁ ପଡୁଛି। ତେବେ ଜାନୁଆରୀ ୧୦ରେ ମଣ୍ଡି ଖୋଲାଯିବ ବୋଲି ଯୋଗାଣ ବିଭାଗ ସୂଚନାରୁ ଜଣାପଡିଛି।

ଜମ୍ବୁର ଚାଷୀ ଜିତେନ୍ଦ୍ର ସାମଲ କହିଛନ୍ତି, ଆସନ୍ତା ଜାନୁଆରୀ ପର୍ଯ୍ୟନ୍ତ ଧାନ ବିକ୍ରି ପାଇଁ ଅପେକ୍ଷା ସମ୍ଭବ ନୁହେଁ। ହାତଉଧାରୀ ଋଣ ଶୁଝିବା ପାଇଁ ସ୍ଥାନୀୟ ମହାଜନଙ୍କ ଚାପ ବହୁତ ପଡୁଛି। ଏହା ବ୍ୟତୀତ ମହାକାଳପଡ଼ା ପାକ୍ସ ଏଠାରୁ ୧୫ କିଲୋମିଟର ଦୂର। ମାତ୍ର ୩ କୁଇଣ୍ଟାଲ ଧାନ ଏଥର ବିକ୍ରି ପାଇଁ ବଳକା ଥିଲା। ସରକାରୀ ଧାର୍ଯ୍ୟ ଦରରେ ମଣ୍ଡିରେ ବିକ୍ରି କରିଥିଲେ ଅଧିକ ଲାଭ ହୋଇଥାନ୍ତା। ମଣ୍ଡି ଖୋଲିବା ବିଳମ୍ବ ଯୋଗୁ ଏହି ଧାନକୁ ୫୪୦୦ ଟଙ୍କାରେ ବ୍ୟବସାୟୀଙ୍କୁ ବିକ୍ରିକରି ଦେଇଛି। ସେହିପରି ରାଜନଗର ବ୍ଲକ ବାରହାପୁର ଗ୍ରାମର ଅଶୋକ ରାଉତ କହିଛନ୍ତି, ଚଳିତ ବର୍ଷ ଖରିଫ ଧାନ ଫସଲ ଭଲ ହୋଇଛି। ପ୍ରାୟ ୧୮ ଏକର ଜମିରେ ଚାଷ ହୋଇଥିଲା। ଏହି ଫସଲ ରଖିବାକୁ ସ୍ଥାନ ଅଭାବରୁ ପର୍ଯ୍ୟାୟକ୍ରମେ ଅମଳ କରାଯାଇ ବ୍ୟବସାୟୀଙ୍କୁ ବିକ୍ରି କରାଯାଉଛି। ଗ୍ରାମରେ ସରକାରୀ ଖଳା ନ ଥିବାରୁ ଏହି ଅବସ୍ଥା ସୃଷ୍ଟି ହୋଇଛି। ଏହାବ୍ୟତୀତ ଖୋଲା ଆକାଶ ତଳେ ଫସଲ ସୁରକ୍ଷିତ ନୁହେଁ ବୋଲି ସେ ମତ ଦେଇଛନ୍ତି। ବଡିଘର ଗ୍ରାମର ହରିପଦ ମଣ୍ଡଳ କହିଛନ୍ତି, ମଣ୍ଡିରେ ଧାନ ଦେବା ଏତେ ସହଜ କଥା ନୁହେଁ। ଗମନାଗମନ ପାଇଁ ନଦୀ ଓ ନାଳ ବାଧକ ସାଜିଛି। ନଦୀ ଆରପାଖରେ ଥିବା ମଣ୍ଡିକୁ ଚାଷୀ ଧାନ ନେବା ଅପେକ୍ଷା ବ୍ୟବସାୟୀଙ୍କୁ ବିକ୍ରି କରାଯାଉଛି। ଏପରି ଅସୁବିଧା ଥିବା ସ୍ଥାନରେ ସରକାରୀ ମଣ୍ଡି ଖୋଲିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ସିଏସ୍‌ଓ ବିନୋଦ ବିହାରୀ ପାଣିଗ୍ରାହୀଙ୍କୁ ପଚାରିବାରେ ଚଳିତଥର ପ୍ରଥମ ପର୍ଯ୍ୟାୟରେ ଜିଲାରୁ ୮ ଲକ୍ଷ ୫୩ ହଜାର ଟନ ଖରିଫ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଜିଲାରେ ୧୧୮ ସମବାୟ ସମିତି ସହ ଅତିରିକ୍ତ ୪ଟି ପାକ୍ସ ଖୋଲାଯାଇଛି। ଧାନ କ୍ରୟ ଆସନ୍ତା ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ଧାନ କ୍ରୟ ପାଇଁ ମିଲରଙ୍କ ନିଯୁକ୍ତି ଶେଷ ପର୍ଯ୍ୟାୟରେ ଅଛି। ଅଦ୍ୟାବଧି ୪୪ ହଜାରରୁ ଅଧିକ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। ଧାନ ଅମଳ ଏବେ ଆରମ୍ଭ ହୋଇଛି। ଅଭାବୀ ବିକ୍ରିକୁ ସେ ଅସ୍ୱୀକାର କରିଛନ୍ତି।

## ମା' ବୁଢିଜାଗୁଳାଇଙ୍କ ପୀଠରେ ୨୬ରୁ ଆରମ୍ଭ ହେବ ବାଦୀ ପାଲା ମହୋତ୍ସବ

ଡେରାବିଶ, ୨୨।୧୨(ବେବର୍ତ୍ତା ଅଜୟ ଦାସ)

ପାଲାକୁ ଉଜ୍ଜୀବିତ ରଖିବା ପାଇଁ ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ପଞ୍ଚୁପାଣ୍ଡବ ନିକଟସ୍ଥ ମା' ବୁଢିଜାଗୁଳାଇଙ୍କ ପୀଠରେ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ ବାଦୀ ପାଲା ମହୋତ୍ସବ। ୧୪୦ ତମ ମହୋତ୍ସବ ୯ଦିନ ବ୍ୟାପି ଅନୁଷ୍ଠିତ ହୋଇ ଜାନୁଆରୀ ୩ତାରିଖରେ ଉଦ୍‌ଯାପିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଶିଷ୍ଟ ଗାୟକ ଅଭିରାମ ଶତପଥୀ, ଶତ୍ରୁଘ୍ନ ରଣା, ଦୁର୍ଯୋଧନ ନାୟକ, ସତ୍ୟନାରାୟଣ ଜେନା, ସନାତନ ଦାଶ ଓ ବିଶ୍ୱନାଥ ସ୍ୱାଇଁ ଭାଗନେଇ ପାଲା ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଡେରାଢିଅ ଓ କେଉଟକଣ୍ଡିଆ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ମହୋତ୍ସବ ପାଇଁ ପାଲା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣି

### ଗରଦପୁର ବ୍ଲକ

■ ୭୯ ଅଭିଯୋଗ ଶୁଣିଲେ, ୪ ଜଣକୁ ଚିକିତ୍ସା ସହାୟତା



ଅଭିଯୋଗ ଶୁଣାଣିରେ ଜିଲାପାଳ ରଘୁରାମ ଆର ଆୟାର ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

ପାଟକୁରା,୨୨।୧୨(ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ ସଭା ଗୃହରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଘୁରାମ ଆର ଆୟାର ଶିବିରରେ ଉପସ୍ଥିତ ରହି ୭୯ଅଭିଯୋଗର ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ପଦସ୍ଥ ପ୍ରଶାସନିକ ଅଧିକାରୀମାନେ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ୯ ଟି ଅଭିଯୋଗ ସାମୁହିକ ହୋଇଥିବା ବେଳେ ୭୦ ଅଭିଯୋଗ ବ୍ୟକ୍ତିଗତ ଥିଲା । ଚିକିତ୍ସାରେ ସହାୟତା ପାଇଁ ଜିଲାପାଳ ୪ ଜଣକୁ ସହାୟତା ରାଶି ପାଇଁ ପାଇଁ ମଞ୍ଜୁର କରିଥିଲେ । ସେମାନେ ହେଲେ ସୁଚିତ୍ରା ଜେନା, ତୃପ୍ତିମୟୀ ବେହେରା, ମନୋରମା ସାମନ୍ତରାୟ ଓ ସୁଶାନ୍ତ ସାମନ୍ତରାୟ ।

ଅଭିଯୋଗ ଗୁଡିକ ମଧ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ପାଇଁ ଆବେଦନ, ଖାଉଟି କାର୍ଡ, ଭତ୍ତା, ପାନୀୟ ଜଳ ଓ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଆଦି ଅନ୍ତର୍ଭୁକ୍ତ ଥିଲା । ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଉପଜିଲାପାଳ ଅରୁଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋରଞ୍ଜନ ରାଉତ, ଏସ୍‌ଡ଼ିପିଓ ଜ୍ୟୋତିରଞ୍ଜନ ଗୌଡ଼, ଉପଜିଲାପାଳ ଅମିୟ କୁମାର ଖଟୁଆ,ବିଡ଼ିଓ ଆଲୋକ କୁମାର ସେଠୀ, ତହସିଲଦାର ତୃପ୍ତି ଦାଶ, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁମନ୍ତ ମହାନ୍ତି ପ୍ରମୁଖ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ । ଏତତ୍ ବ୍ୟତୀତ ଜିଲାର ଅନ୍ୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ନଡ଼ିଆ ବରେଇ କାଡା ନାଳ ଅବରୋଧ ପାଇଁ ୩୦୦ଏକର ଚାଷଜମି ପଡିଛି ପଡିଛି ବୋଲି ଶେଷଦେବ ପରିଜା ଅଭିଯୋଗ କରିଥିଲେ । ପାଟକୁରା ଗୋଷ୍ଠ ସ୍ୱାସ୍ଥ୍ୟ କେନ୍ଦ୍ରରେ ସର୍ଜରୀ ବିଭାଗ ଡାକ୍ତର ନିଯୁକ୍ତି ପାଇଁ ମଦନା ଗ୍ରାମର ଶିଶିର ପରିଡା ଦାବୀ କରିଥିଲେ। ବିଦ୍ୟୁତ୍ ମିଟର ପରିବର୍ତ୍ତନ ନ କରିବା ପାଇଁ ଅନ୍ତେଇ ଗ୍ରାମର ଉଦୟନାଥ ଚୌଧୁରୀ ଅଭିଯୋଗ ଏବଂ ସାପଧରା ଯନ୍ତ୍ରଯୋଗାଇ ଦେବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ହରିଦାସପୁର ଗ୍ରାମରେ ପାନୀୟ ଜଳ ଓ ରାସ୍ତାର ଉନ୍ନତିକରଣପାଇଁ ଭାଜପା ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ ଓ ବାବୁଲି ବେହେରା ଦାବି କରିଥିଲେ । ସାଇକୃଷ୍ଣ ବେହେରା ଶାରୀରିକ ଅକ୍ଷମ ସାର୍ଟିଫିକେଟ ପାଇଁ, ସୁଶାନ୍ତ ବେହେରା, ମନୋରମା ସାହୁ ପ୍ରମୁଖ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ ।

## ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଆଳି,୨୨।୧୨(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ନିଆଳଠାରେ ଥିବା ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ 'ଦର୍ପଣ' ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ମୁଖ୍ୟ ବକ୍ତା ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ,ସମ୍ମାନିତ ଅତିଥି ବିଦ୍ୟାଳୟ ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା, ସାମାଜିକକର୍ମୀ ବୈଦ୍ୟନାଥ ମହାନ୍ତି, ଭାଗ୍ୟବତୀ ପଣ୍ଡା, ବିଦ୍ୟାଳୟ ନିର୍ଦ୍ଦେଶିକା ଜୟଶ୍ରୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ବାରିକ କହିଥିଲେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସୀମ ଲୁକ୍କାୟିତ ପ୍ରତିଭା ଭରି ରହିଛି । ସେହି ପ୍ରତିଭାର ବିକାଶ ହେଲେ ଦେଶର ମାନବ ସମ୍ବଳର ପ୍ରକୃତ ବିକାଶ ହେବ । ଏଥି ନିମନ୍ତେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ନିମନ୍ତେ ସୁଯୋଗ ଦେବା ଆବଶ୍ୟକ । ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପଣ୍ଡିତ ମହେଶ୍ୱର ନନ୍ଦ, ଇଞ୍ଜିନିୟର ନୀଳାଦ୍ରି ଭୂଷଣ ମହାପାତ୍ର, ଉର୍ବଶୀ ଦାସ, ବରିଷ୍ଠ ଶିକ୍ଷାବିତ ଗାଳ୍ପିକ ବନମାଳୀ ସେନାପତି ଓ ପ୍ରମୋଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅଧକ୍ଷା ମାନସୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉତ୍ସବ ପରିଚାଳନା କରିଥିଲେ ବିଦ୍ୟାଳୟ ପ୍ରଶାସକ ସ୍ୱାଧୀନ ଦାସ । ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରତିଭା ବିକଶିତ କ୍ଷେତ୍ରରେ ଗୁରୁଜୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରଘୁନାଥପୁର,୨୨।୧୨(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୬ ତମ ବାର୍ଷିକୋତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଶିକ୍ଷକ ନେତା ନିର୍ମଳେନ୍ଦୁ ସୋମ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଆରକ୍ଷୀ ଅଧିକ୍ଷକ ରାଜ୍ୟ ପୋଲିସ କାର୍ଯ୍ୟାଳୟ କଟକ ବାସୁଦେବ ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଭିତ୍ତିକ ଦିଗଦର୍ଶନ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ପ୍ରତିଭା ବିକଶିତ କ୍ଷେତ୍ରରେ ଗୁରୁଜୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ କୋଷାଧ୍ୟକ୍ଷ ପୂର୍ବ ସମ୍ଭାଗ ଶିକ୍ଷାବିକାଶ ସମିତି ରବୀନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ଭାବେ ସଙ୍କୁଳ ପ୍ରମୁଖ ଅଶୋକ କୁମାର ରାଉତରାୟ ଉପସ୍ଥିତ ଥିଲେ। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ଅଜୟ କୁମାର ନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଶିଶୁ ମନ୍ଦିର ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଥିବା ପ୍ରାକ୍ତନ ଛାତ୍ରୀଛାତ୍ର ରଶ୍ମିତା ଦାସ,ବିଷ୍ଣୁପ୍ରିୟା ଜେନା,ମାନସ କୁମାର ସାହୁ,ସଚ୍ଚିକାନ୍ତ ମହାନ୍ତି ଓ ଯୁକ୍ତ ୨ ଟପର ବିନୀତ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା ।ଏହାଛଡା କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ ସଫଳ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ସଚିକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ପରେ ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜାତୀୟ ଗଣିତ ଦିବସ

ପଟ୍ଟାମୁଣ୍ଡାଇ,୨୨।୧୨(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ ଗଣିତ ବିଭାଗ ତରଫରୁ ଜାତୀୟ ଗଣିତ ଦିବସ ୨୦୨୫ ଓ ଗାଣିତିକ ଶ୍ରୀନିବାସ ରାମାନୁଜନଙ୍କର ୧୩୮ ତମ ଜୟନ୍ତୀ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରହିତରେ ଅନୁଷ୍ଠିତ ସଭାରେ ଗଣିତ ବିଭାଗର ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବ ସ୍ୱାଗତ ଦେଇଥିଲେ । ରସାୟନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ଼. ସୁନୀଲ କୁମାର ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପ୍ରାକ୍ ଐତିହାସିକ ଯୁଗରୁ ଏପର୍ଯ୍ୟନ୍ତ ବିଶ୍ୱଦରବାରରେ ଭାରତୀୟମାନଙ୍କ ଗଣିତର ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ । ଆକ୍ୟୁଏସି ସଂଯୋଜକ ଶୁବାଶିଷ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ଗଣିତର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପକ ଡ. ନିର୍ମଳ ସାହୁ ଗାଣିତିକ ରାମାନୁଜନଙ୍କର ଜୀବନୀ ଓ ତାଙ୍କର ଗଣିତ ପ୍ରତିଭା ଅଦ୍ୱିତୀୟ ବୋଲିବିଶ୍ଳେଷଣ କରିଥିଲେ । ଶେଷରେ ଗଣିତ ସମ୍ମାନର ତୃତୀୟ ବର୍ଷ ଛାତ୍ର ଅଭିଜିତ ସ୍ୱାଇଁ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ।

## କନିକା ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ରାଜକନିକା,୨୨।୧୨
(ସଞ୍ଜୟ ଦାଶ/ରବୀନ୍ଦ୍ର କୁମାର ଦାସ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ରାଜକନିକାରେ ୧୯୬୦ରୁ ସ୍ଥାପିତ ହୋଇଥିବା ସମଗ୍ର କନିକା ଇଷ୍ଟେଟର ଅଦିତୀୟ ଶିକ୍ଷାନୁଷ୍ଠାନ ଭାବେ ଆୟତନ କନିକା ସରକାରୀ ଉଚ୍ଚ ବିଦ୍ୟାଳୟ ଖ୍ୟାତି ଅର୍ଜନ କରିଛି । ଦୀର୍ଘ ୧ ଶହ ବର୍ଷ ମଧ୍ୟରେ ତିଆରି କରିଛି ଅନେକ ପ୍ରତିଭା। ସେ ମହାଦ୍ରୁମ ସଦୃଶ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ସମାରୋହ ୩ ଦିନି ଧରି ଚାଲିବ। ସୋମବାର ପୂର୍ବାହ୍ନ ୮.୩୦ରେ ତ୍ରୈଲୋକ୍ୟପୁର ପଞ୍ଚାୟତ ମେଘପୁର ସ୍ଥିତ ଓଡ଼ିଶାର ପ୍ରଥମ ଶହୀଦ କୁହାଯାଉଥିବା ଶହୀଦ ବାସୁ ବିଶୁନି ସ୍ମୃତିସ୍ତମ୍ଭ ନିକଟରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବିଦ୍ୟାଳୟରରେ ପହଞ୍ଚିଥିଲା । ସକାଳୁ କଳସ ଶୋଭାଯାତ୍ରା ଓ ହୀରକ ଜୟନ୍ତୀ ପତାକା ଶୋଭାଯାତ୍ରାରେ ସ୍କୁଲର ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପୂର୍ବାହ୍ନ ୯ ଟାରେ ବିଦ୍ୟାଳୟର ହୀରକ ଜୟନ୍ତୀ ପତାକା ଉତ୍ତୋଳନ ହେବା ପରେ ଉଦ୍‌ଘାଟନୀ ଅଧିବେଶନରେ ଆଧ୍ୟାତ୍ମିକ ପ୍ରବକ୍ତା ବୀରେନ୍ଦ୍ର ପଣ୍ଡା ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ଉପସଭାପତି ଆଳି ନିର୍ବାଚନ ମଣ୍ଡଳୀ ନେତା କୃଷ୍ଣଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ବର୍ଷିଆନ ଅଭିନେତା କୁନା ତ୍ରିପାଠୀ, ସମ୍ମାନିତ ବକ୍ତା ଭାବେ କନିକା ଭାସ୍କର ଡ଼. ହୟଗ୍ରୀବ ଗୁରୁ ପ୍ରମୁଖ ଯୋଗଦେଇ ହୀରକ ଜୟନ୍ତୀର ସଫଳତା କାମନା କରି ସ୍ମୃତି ଫଳକ ଉନ୍ମୋଚନ ପୂର୍ବକ ଉତ୍ସବର ସଫଳତା କାମନା କରିଥିଲେ । ପୁରାତନ ଛାତ୍ର କୈଳାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହୀରକ ଜୟନ୍ତୀ କମିଟି ସମ୍ପାଦକ ନବକିଶୋର ସୂତାର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରସନ୍ନ କୁମାର ଧଳ ଅତିଥି ଆବାହନ କରିଥିଲେ । କମଳାକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପୁରାତନ ଛାତ୍ର ସଂସଦ ଆୟୋଜନରେ ଅନୁଷ୍ଠିତ ସମାରୋହର ସନ୍ଧ୍ୟାରେ କଟକର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ କିରଣକୁମାର



@ ପିଣ୍ଟୁ



@ ପ୍ରଦୀପ୍ତ



@ ରଜତ



@ ଟିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ତ୍ରିବେଣୀ ମେଳା ରୁଦ୍ରଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ

ଡେରାବିଶ, ୨୨।୧୨(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଜଗନ୍ନାଥପୁରସ୍ଥିତ ପ୍ରସିଦ୍ଧ ଶୈବପୀଠ ଆର୍ତ୍ତେଶ୍ୱରଙ୍କ ବେଢାରେ ପବିତ୍ର ତ୍ରିବେଣୀ ଆମାବାସ୍ୟା ତିଥିରେ ଜାନୁଆରୀ ୧୮ ତାରିଖରୁ ଆରମ୍ଭ ହେବ ପ୍ରସିଦ୍ଧ ତ୍ରିବେଣୀ ମେଳା। ଏଥିସହିତ ମନ୍ଦିର ବେଢାରେ ବିଶ୍ୱ କଲ୍ୟାଣ ମହାରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହେବ। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମେଳା ଜାନୁଆରୀ ୨୨ରେ ଶେଷ ହେବ। ଏନେଇ ରବିବାର ସନ୍ଧ୍ୟାରେ ଯଜ୍ଞ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ନାରାୟଣ ଚନ୍ଦ୍ର ଲେଙ୍କା ଚଳିତ ବର୍ଷ ମେଳା ଓ ଯଜ୍ଞର ରୁପରେଖ ବିଷୟରେ ପ୍ରାରମ୍ଭିକ ସୁଚନା ଦେଇଥିଲେ। କମିଟି ଉପସଭାପତି ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ଜିଲାରେ ଏହି ମେଳା ଓ ଯଜ୍ଞ ପ୍ରସିଦ୍ଧିଲାଭ କରିଥିବାରୁ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏନେଇ ପ୍ରଶାସନିକ ସହଯୋଗ ପାଇଁ ଜିଲାପାଳଙ୍କୁ କମିଟି କର୍ମକର୍ତ୍ତାମାନେ ଭେଟି ଆଲୋଚନା କରିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପୋଲିସ ବ୍ୟବସ୍ଥା ଓ ଅଗ୍ନିଶମ ବିଭାଗ ପକ୍ଷରୁ ସହଯୋଗ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ରଖିଥିଲେ। କମିଟି ପକ୍ଷରୁ ପ୍ରତିବର୍ଷ ପରି ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ବାହିନୀ ତାଲିକା ପ୍ରସ୍ତୁତ ସହ ବିଭିନ୍ନ ବିଭାଗ ପାଇଁ ସବ୍ କମିଟି ଗଠନ କରାଯାଇଥିଲା। ବୈଠକରେ କମିଟି ସହ ସମ୍ପାଦକ ପ୍ରଦୀପ କୁମାର ନାୟକ, ଅଧ୍ୟାପକ ପ୍ରଭାକର ସାମଲ, କୈଳାସ ଚନ୍ଦ୍ର ଲେଙ୍କା, ଅଭିମନ୍ୟୁ ରାଉତ, ତାରାକାନ୍ତ ଚାଟାର୍ଜୀ, ସନ୍ତୋଷ କୁମାର ରାଉତ ଓ ଦିଗାମ୍ବର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଶିକ୍ଷକଙ୍କ ବେକରେ ଗାମୁଛା ପକାଇ ପିଟିବା ଅଭିଯୋଗ

## ନୀଳମାଧବ ମନ୍ଦିର ଦର୍ଶନବେଳେ ଗଣ୍ଡଗୋଳ

- ଠାକୁର ଦର୍ଶନ କରାଇବା ପାଇଁ ନେଉଥିଲେ ୧୦୦ଟଙ୍କା
- ଭାଙ୍ଗିଲେ କ୍ୟାମେରା

ନୟାଗଡ଼,୨୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା କଣ୍ଟିଲୋ ନୀଳମାଧବ ମନ୍ଦିରକୁ ଦର୍ଶନ ପାଇଁ ୧୦୦ ଟଙ୍କା ନେଉଥିବାର ଦୃଶ୍ୟ କ୍ୟାମେରାରେ କଏଦ ହେବା ପରେ ଭାଇରାଲ ଭୟରେ କେତେକ ସେବାୟତ କଟକ ଆଦର୍ଶ ବିଦ୍ୟାଳୟର ଇଂଲିଶ ଶିକ୍ଷକ ଅବିନାଶ ସାହୁଙ୍କ କ୍ୟାମେରା ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସେହିପରି ବେକରେ ଗାମୁଛା ପକାଇ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିବାର ଅଭିଯୋଗ ପରେ ଖଣ୍ଡପଡା ଥାନା ପୋଲିସ ନଂ.୩୮୦/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଘଟଣା ଜଣାପଡିବା ପରେ ସାଧାରଣରେ ଉଦ୍‌ବେଗ ଓ କ୍ଷୋଭ ପ୍ରକାଶ ପାଇଛି ।

ଇଂଲିଶ ଶିକ୍ଷକଙ୍କ ଅଭିଯୋଗ ଅନୁସାରେ ରବିବାର ଅପରାହ୍ନରେ କଟକ ଆଦର୍ଶ ବିଦ୍ୟାଳୟର ୫୪ ଜଣ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ନୀଳମାଧବଙ୍କ ଦର୍ଶନ କରିବାକୁ ଶିକ୍ଷକଙ୍କ ସହ ଆସିଥିଲେ । ଇଂଲିଶ ଶିକ୍ଷକ ଅବିନାଶ ପେଷାରେ ଶିକ୍ଷକ ହୋଇଥିଲେ ହେଁ, ନିଶାରେ ଜଣେ ବ୍ଲଗର। ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ ରହିଥିବାରୁ ସେ ଦର୍ଶନ କାର୍ଯ୍ୟ ସହ ଭିଡିଓ ସୁଟିଂ କରୁଥିଲେ। ଅବିନାଶ ଭିଡିଓ ସୁଟିଂ କରୁଥିବା ବେଳେ ଗହଳି ଥିଲା। ୪ରୁ ୫ଜଣ ସେବାୟତ ଠାକୁର ଦର୍ଶନ ପାଇଁ ଭକ୍ତମାନଙ୍କଠାରୁ ୧୦୦ ଟଙ୍କା ନେଉଥିଲେ। ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ମଧ ଦର୍ଶନ କରାଇବା ପାଇଁ ୧୦୦ ଟଙ୍କା ମଗାଯାଇଥିଲା । ତେବେ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ର ଦେବାକୁ ଅରାଜି ହେବା ପରେ ଆକ୍ରମଣ ଆରମ୍ଭ ହୋଇଥିଲା। ଇଂଲିଶ ଶିକ୍ଷକଙ୍କ ବେକରେ ଗାମୁଛା ପକାଇ ଅଫିସକୁ ନେଇଗଲେ । ବେକରେ ଝୁଲୁଥିବା କ୍ୟାମେରାକୁ ଭାଙ୍ଗି ଦେଲେ। ପରେ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ। ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ମାଡ, ଗାଳିଗୁଲଜ ପରି ଘଟଣା ସମ୍ମାନ ଉପରେ ଆଞ୍ଚ ଆସିବାରୁ ଶିକ୍ଷକ ଥାନାରେ ଅଭିଯୋଗ କରିଥିଲେ। ଏନେଇ ନୟାଗଡ଼ର ଖବରଦାତା ସ୍ୱଦେଶ ରଥ କୁହନ୍ତି, କଣ୍ଟିଲୋ ନୀଳମାଧବ ମନ୍ଦିରରେ ସେବାୟତଙ୍କ ଏଭଳି ଆଚରଣ କିଛି ନୂଆ କଥା ନୁହେଁ । ଏହା କେବଳ କଣ୍ଟିଲୋ ପାଇଁ ନୁହେଁ, ସାରା ଜିଲା ପାଇଁ ଲଜ୍ଜାଜନକ ଘଟଣା । ଏପରି ଘଟଣା ସମ୍ପୃକ୍ତ ଥିବା ସେବାୟତଙ୍କ ବିରୋଧରେ କେବଳ ମାମଲା ନୁହେଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି, ନଚେତ ଆଗକୁ ଅନେକ କିଛି ଘଟଣା ଘଟିପାରେ ବୋଲି ସତର୍କ କରାଇ ଦେଇଛନ୍ତି।

ଖଣ୍ଡପଡା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ କୁହନ୍ତି, ନୀଳମାଧବ ମନ୍ଦିରରେ ଶିକ୍ଷକଙ୍କୁ ମାରପିଟ୍, କ୍ୟାମେରା ଭଙ୍ଗା, ଗାଳିଗୁଲଜର ଅଭିଯୋଗ ମିଳିଛି । ଏହାକୁ ଗୁରୁତର ସହ ନିଆଯାଇ ତଦନ୍ତ କରାଯାଉଛି। ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର କୁହନ୍ତି, ନୀଳମାଧବ ମନ୍ଦିରରେ ଶିକ୍ଷକଙ୍କୁ ମାରପିଟ୍, କ୍ୟାମେରା ଭଙ୍ଗା, ଗାଳିଗୁଲଜ ଘଟଣାର ଅଭିଯୋଗ ପାଇନାହିଁ । ତେବେ ଏଭଳି ଘଟଣା ଘଟିଥିଲେ ତଦନ୍ତ କରାଯାଇ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ କରାଯିବ। ଖଣ୍ଡପଡା ତହସିଲଦାରଙ୍କ ରିପୋର୍ଟ ଆଧାରରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ପୂଜକ ସମାଜ ସଭାପତି ମନୋଜ ମିଶ୍ର କୁହନ୍ତି, ଶିକ୍ଷକ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ । ମନ୍ଦିର ଭିତରେ ଭିଡିଓ କରିବାକୁ ମନା କରାଯାଇଥିଲା। ମନା କରିବା ପରେ ଶୁଣି ନ ଥିବାରୁ ଆମେ ଥାନାରେ କାଉଣ୍ଟର ଅଭିଯୋଗ କରିଛୁ ବୋଲି କହିଛନ୍ତି।

# ବିଜିପୁରରେ ବଧୂ ହତ୍ୟା ଅଭିଯୋଗ

ନୟାଗଡ଼,୨୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟାମାଟି ଥାନା ବିଜିପୁର ଗାଁରେ ମମତା ମହାନ୍ତି(୨୯)ଙ୍କୁ ବିଷ ପିଆଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତ କୁହନ୍ତି, ବିଜିପୁର ଗାଁର ଟୁକୁନା ମହାନ୍ତିଙ୍କ ସ୍ତ୍ରୀ ମମତାଙ୍କୁ ବିଷ ପିଆଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଲିଖିତ ଭାବେ ମିଳି ନାହିଁ । ପୋଲିସ ଘଟଣାର ତଦନ୍ତ କରୁଛି। କ'ଣ ପାଇଁ ହତ୍ୟାକାଣ୍ଡ ଘଟିଛି ଅନୁଧ୍ୟାନ କରାଯାଇଛି ବୋଲି କହିଛନ୍ତି ।

ଆମ୍ବୁଲାନ୍ସରେ ନେବା ଆଣିବା ପାଇଁ ୧୩ ହଜାର ଭଡା ବିଜିପୁର ଗାଁର ମମତାଙ୍କୁ ଜୀବିତ ଅବସ୍ଥାରେ ଭୁବନେଶ୍ୱର ଆମ୍ବୁଲାନ୍ସରେ ନେବା ପାଇଁ ୫ ହଜାର ଓ ଆଣିବା ପାଇଁ ୮ ହଜାର ଏପରି ୧୩ ହଜାର ଭଡା ନିଆଯାଇଥିବା ଅଭିଯୋଗ ହୋଇଛି । ମମତା ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ଚିକିତ୍ସିତ ହେଉଥିବା ବେଳେ ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା।ଭୁବନେଶ୍ୱର ଯିବାବେଳେ ୫ ହଜାର ଭଡା ନିଆଯାଇଥିଲା । ତେବେ ଭୁବନେଶ୍ୱରରେ ପ୍ରାଣ ହରାଇବା ପରେ ସମ୍ପୃକ୍ତ ଆମ୍ବୁଲାନ୍ସରେ ନୟାଗଡ଼କୁ ଆଣିବା ପାଇଁ ପୁଣି ୮ ହଜାର ଭଡା ନିଆଯାଇଛି। ଏତେ ଟଙ୍କା ନେବାକୁ ସ୍ୱାସ୍ଥ୍ୟ ବିଭାଗର ଅନୁମତି ଅଛିକି ବୋଲି ପ୍ରଶ୍ନ ଉଠିଛି।

# ଏମ୍‌ଜିଏନ୍‌ଆରଇଜିଏସ୍‌ରୁ ମହାତ୍ମା ଗାନ୍ଧୀଙ୍କ ନାମବାଦ୍‌କୁ ନେଇ କଂଗ୍ରେସର ବିକ୍ଷୋଭ



କଂଗ୍ରେସ ପକ୍ଷରୁ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଦାବିପତ୍ର

ନୟାଗଡ଼,୨୨।୧୨(ଲୋକନାଥ ମିଶ୍ର)

ଭାଜପା ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା (ଏମଜିଏନଆରଇଜିଏସ୍)କୁ ରଦ୍ଦ କରିବା ପାଇଁ ଏକ ବିଲ ଆଣି ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରିଛି ବୋଲି କଂଗ୍ରେସ ଆଭିଯୋଗ ଆଣି ସୋମବାର ନୟାଗଡ଼ରେ ବିକ୍ଷୋଭ କରିଛି। କେନ୍ଦ୍ର ସରକାରଙ୍କ ରାଜନୈତିକ ଚକ୍ରାନ୍ତ ଐତିହାସିକ, ଅଧିକାର-ଆଧାରିତ ଜନକଲ୍ୟାଣ ଆଇନକୁ ଦୁର୍ବଳ କରିବା ସହ ମହାତ୍ମା ଗାନ୍ଧୀଙ୍କ ନାମ ଓ ମୂଲ୍ୟବୋଧକୁ ଉଠାଇଦେବା ଭଳି ହୀନ ଉଦ୍ୟମ କରିଛି। ଶେଷ ଦିବସରେ ଗୃହରେ ଆଲୋଚନା କରାନଯାଇ ତରବରିଆ ଭାବେ ତାଳି ମାରି ସଂସଦରେ ଗୃହୀତ କରାଇ ଥିବାରୁ ପିସିସି ଆହ୍ୱାନ କ୍ରମେ ଗାନ୍ଧୀଙ୍କୁ ପୁଷ୍ପମାଲ୍ୟ ଦେଇ କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବୀପତ୍ର ଦେଇଥିଲେ। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ, କଂଗ୍ରେସ ନେତା ବିଭୂପ୍ରସାଦ ମିଶ୍ର ଓ ବରିଷ୍ଠ ନେତା ବିଶ୍ୱନାଥ ବରା କହିଥିଲେ, ଜନସାଧାରଣଙ୍କ ସଂଘର୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍ ଜନ୍ମ ନେଇଥିଲା। ପ୍ରତି ହାତକୁ କାମ ଦିଅ, କାମର ପୁରା ଦାମ ଦିଅ ବାଣୀକୁ ସାକାର କରିଥିଲା। ଏହା ଗ୍ରାମୀଣ ଭାରତର ଲୋକମାନଙ୍କୁ କାମ ମାଗିବାର ଆଇନଗତ ଅଧିକାର ଦେଇଥିଲା। ସମଗ୍ର ଗ୍ରାମୀଣ ଭାରତରେ ୧୦୦ ଦିନର ରୋଜଗାର ନିଶ୍ଚିତ କରିଥିଲା ଓ ବିକେନ୍ଦ୍ରୀକୃତ ଶାସନକୁ ଶକ୍ତିଶାଳୀ କରିଥିଲା। ମହିଳା ଓ ଭୂମିହୀନମାନଙ୍କୁ ସଶକ୍ତ ଏବଂ ଶ୍ରମର ଗରିମାକୁ ସୁରକ୍ଷିତ କରିଥିଲା। ଅପରପକ୍ଷେ କହିଥିଲେ ଆଇନରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ଏକ ଆପତ୍ତିଜନକ ନିଷ୍ପତ୍ତି। ଗାନ୍ଧୀଜୀ ଶ୍ରମର ଗରିମା, ସାମାଜିକ ନ୍ୟାୟ ଓ ଗରିବମାନଙ୍କ ପ୍ରତି ରାଜ୍ୟର ନୈତିକ ଦାୟିତ୍ୱର ପ୍ରତୀକ ଥିଲେ। ଏହି ନାମ ପରିବର୍ତ୍ତନ ଗାନ୍ଧୀମୂଲ୍ୟ ପ୍ରତି ଅସମ୍ମାନ ।

ପ୍ରସ୍ତାବିତ ନୂଆ ବିଲ ଏମ୍‌ଜିଏନଆରଇଜିଏସ୍ ଦ୍ୱାରା ଦିଆଯାଇଥିବା କାମର ଆଇନଗତ ଅଧିକାରକୁ ସମାପ୍ତ କରୁଛି। ଯେଉଁଥିରେ କୌଣସି କାର୍ଯ୍ୟ କରିବା ରୋଜଗାରର ଗ୍ୟାରେଣ୍ଟି ନାହିଁ, ସାର୍ବଜନୀନ ଆବର୍ତ୍ତନ ନାହିଁ ଏବଂ ଲୋକମାନେ ଆବଶ୍ୟକ ସମୟରେ କାମ ପାଇବେ ବୋଲି କୌଣସି ନିଶ୍ଚିତତା ନାହିଁ। କାମର ଅଧିକାର ନଷ୍ଟ କରାଯାଉଛି।

ପୁଣି କେନ୍ଦ୍ର ସରକାରଙ୍କ ଦାୟିତ୍ୱ ପ୍ରତ୍ୟାହାର ହୋଇଯାଇଛି। ଏମ୍‌ଜିଏନଆରଇଜିଏସ୍‌ରେ ମଜୁରୀ ଅର୍ଥାୟନର ପ୍ରାଥମିକ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ଉପରେ ଥିଲା। ନୂଆ ବିଲ ଏହି ଦାୟିତ୍ୱକୁ ପ୍ରତ୍ୟାହାର କରି ଭାର ରାଜ୍ୟମାନଙ୍କ ଉପରେ ଛାଡି ଦେଇଛି। ଅନୁଦାନକୁ ସୀମିତ କରୁଛି ଏବଂ ଚାହିଦା-ଆଧାରିତ କାର୍ଯ୍ୟକ୍ରମର ମୂଳଭିତ୍ତିକୁ ଦୁର୍ବଳ କରୁଛି। ଏହା ସଂଘୀୟ ବ୍ୟବସ୍ଥାକୁ ଆଘାତ କରୁଛି ବୋଲି କହିଥିଲେ।

ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ନକୁଳ ନାୟକ, ସୁକାନ୍ତ ଶତପଥି,ଶତ୍ରୁଘ୍ନ ପାଇକରାୟ, ଅଶୋକ ନାୟକ, ବୁଲୁ ପରିଡା, ବିନୋଦିନୀ ମହାନ୍ତି, ରମେଶ ପ୍ରଧାନ, ସନ୍ତୋଷ ସାହୁ, ପୂର୍ଣ୍ଣଚନ୍ଦ୍ର ଶାନ୍ତ,ବସନ୍ତ କର,ମଦନ ବିଶୋଇ, ଅମ୍ଲାନ ଅଂଶୁମାନ ସାହୁ, ଜୀବନ ଜ୍ୟୋତିପ୍ରକାଶ ରାଉତ ଓ ନବକିଶୋର ସାଥୁଆଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।





ଆଦର୍ଶ ବିଦ୍ୟାଳୟ କ୍ରୀଡ଼ା ଉତ୍ସବରେ ଛାତ୍ରୀ ଛାତ୍ରଙ୍କ ସହ ଅତିଥି ।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଦଶପଲ୍ଲା,୨୨।୧୨(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଦୁଆରଗାଁସ୍ଥିତ ଆଦର୍ଶ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ସ୍କୁଲ ଅଧ୍ୟକ୍ଷ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିହଗାଁ ସରପଞ୍ଚ ବରୁଣ କୁମାର ସାହୁ ଯୋଗ ଦେଇଥିଲେ। ଦୁଇଦିନ ବ୍ୟାପୀ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ୟୁନିୟନ ବ୍ୟାଙ୍କ ମ୍ୟାନେଜର ରଶ୍ମି ରଞ୍ଜନ ପଣ୍ଡା, ମୁଖ୍ୟ ବକ୍ତା ଶିକ୍ଷକ ପ୍ରକାଶ କୁମାର ସାହୁ, ସମ୍ମାନୀତ ଅତିଥି ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବକୁ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରୀତି ସାଗରିକା ପଣ୍ଡା ସଂଯୋଜନା କରିଥିବା ବେଳେ ଖେଳ ଶିକ୍ଷକ ନୀହାର ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଭାସ୍କର ଚନ୍ଦ୍ର ଦାଶ, ପୁଷ୍ପିତା ସାହୁ ,ଲିଜା ମାଝୁଆ, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ,ସୁରଜ କୁମାର ବିଶି ଓ ଚିନ୍ମୟ ନନ୍ଦ ଏଥିରେ ସହଯୋଗ କରିଥିଲେ।

## ଓଡ଼ଗାଁରେ ଏମ୍‌ପି ଖେଳ ମହୋତ୍ସବ ଉଦ୍‌ଘାଟିତ

# ୬୨୫ ଖେଳାଳିଙ୍କ ନାମ ପଞ୍ଜୀକୃତ

ଓଡ଼ଗାଁ, ୨୨।୧୨
(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍‌ସ୍ତରୀୟ ଏମ୍‌ପି ଖେଳ ମହୋତ୍ସବ - ୨୦୨୫ର ଶୁଭାରମ୍ଭ ସ୍ଥାନୀୟ ମିନି ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପୁରୀ ଲୋକ ସଭା ଏମ୍‌ପି ଡା. ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୩୬ ରେ ଭାରତ ଅଲିମ୍ପିକ୍ସ କ୍ରୀଡ଼ାର ଆୟୋଜକ ହେବା ପାଇଁ ଦାବିଦାର ହୋଇଥିବା ବେଳେ ଠିକ୍ ୧୦ ବର୍ଷ ପୂର୍ବରୁ ପ୍ରାକ୍ ପ୍ରସ୍ତୁତି ପାଇଁ ଏମ୍‌ପି ଖେଳ ମହୋତ୍ସବ ଆୟୋଜନ କରାଯାଇଥିବା କହିଥିଲେ । ଗାଁରୁ ଜିଲା ଏବଂ ରାଜ୍ୟ ତଥା ଦେଶବ୍ୟାପୀ ବର୍ତ୍ତମାନର ଛାତ୍ରୀଛାତ୍ର ଆଜି ଯେଉଁମାନେ ସେମାନଙ୍କ ନାମ ପଞ୍ଜୀକୃତ କରି ଖେଳରେ ଅଂଶଗ୍ରହଣ କରିଛନ୍ତି ୧୦ ବର୍ଷ ପରେ ସେମାନଙ୍କ ବୟସ ୨୨ରୁ ୨୩ କିମ୍ବା ୨୫ ବର୍ଷରେ ପହଞ୍ଚିଥିବ। ସେତେବେଳେ ସମଗ୍ର ଭାରତ ଖେଲୋ ଇଣ୍ଡିଆ ଫିଟ୍ ଇଣ୍ଡିଆ' ନାରାରେ ଗୁଞ୍ଜରିତ ହେଉଥିବ। ଆୟୋଜକ ଭାରତୀୟ ଖେଳାଳିମାନେ ଧୂଆଁ ଧାର ଖେଳ ପ୍ରଦର୍ଶନକରି ଅନେକ ପ୍ରକାର ଖେଳରେ ଏକାଧିକ ସ୍ୱର୍ଣ୍ଣ,ରୌପ୍ୟ ଏବଂ କାଂସ୍ୟ ପଦକ ହାସଲ କଲେ ଯାଇ ଆମର ଲକ୍ଷ୍ୟ ସଫଳ ହେବ। ଏହାହିଁ ଦେଶର ଅଗଣିତ ଖେଳାଳିଙ୍କଠାରେ ଆମ ପ୍ରିୟ ପ୍ରଧାନମନ୍ତ୍ରୀଙ୍କର ଆଶା ଏବଂ ବିଶ୍ୱାସ ରହିଛି ବୋଲି ଏମ୍‌ପି ପାତ୍ର ଅଭିଭାଷଣରେ ଖେଳାଳିଙ୍କୁ ବାର୍ତ୍ତା ଦେଇଥିଲେ। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ୧୦୦ ମିଟର, ୨୦୦ ମିଟର ଦୌଡ଼, କବାଡି, ବ୍ୟାଡ୍‌ମିଣ୍ଟନ,ଲଙ୍ଗଜମ୍ପ,ହାଇଜମ୍ପ,ଭଲି ଓ ଖୋଖୋ ଇତ୍ୟାଦି ପ୍ରତିଯୋଗିତା ରହିଥିବା ବେଳେ ଅପରାହ୍ନ ସୁଦ୍ଧା ୬୨୫ ଖେଳାଳି ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ କନ୍ଧମାଳ ଏମ୍‌ପି ତଥା ନୟାଗଡ଼ ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ମୁଖ୍ୟବକ୍ତା ଏବଂ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ବିଡିଓ ପ୍ରୀତିବାଳା ରଣା ଏବଂ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିବା ବେଳେ ଅଲିମ୍ପିକ ସ୍ତରୀୟ ପ୍ରସ୍ତୁତି ନିମନ୍ତେ ସ୍ଥାନୀୟ ମିନି ଷ୍ଟାଡିୟମର ଭିତ୍ତିଭୂମିକୁ ଉନ୍ନତ କରିବାକୁ ପଡିବ ବୋଲି ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।





ଅତିଥିମାନେ ଶପଥ ନେଉଛନ୍ତି।

### ଅବ୍ୟବସ୍ଥା ମଧ୍ୟରେ ମହୋତ୍ସବ ଉଦ୍‌ଘାଟିତ

ସୋମବାର ଉଦ୍‌ଘାଟିତ ହୋଇଥିବା ମହୋତ୍ସବ ଏକ କେନ୍ଦ୍ର ସରକାରଙ୍କ ସୁଦୂରପ୍ରସାରୀ କାର୍ଯ୍ୟକ୍ରମ ଏବଂ ସରକାରୀ କାର୍ଯ୍ୟକ୍ରମ ବୋଲି ଅତିଥିମାନେ ବାରମ୍ବାର ନିଜ ବକ୍ତବ୍ୟରେ ପ୍ରକାଶ କରୁଥିବା ବେଳେ ନାନା ଅବ୍ୟବସ୍ଥା ମଧ୍ୟରେ ଏହାକୁ କେହି ବି ପରିଚାଳନା କରିବାକୁ ଉତ୍ତରଦାୟୀ ଥିଲା ଭଳିଆ ଲାଗ ନ ଥିଲା । ଖେଳ ନିମନ୍ତେ ଆସିଥିବା ଶତାଧିକ ଛାତ୍ରୀଛାତ୍ର ସକାଳ ପ୍ରାୟ ୮ ରୁ ସ୍କୁଲରୁ ଆସିଥିବା ବେଳେ ଅପରାହ୍ନ ୪ ପର୍ଯ୍ୟନ୍ତ ସେମାନେ ପଡିଆରେ ଉପସ୍ଥିତ ଥିଲେ। ହେଲେ ସେମାନଙ୍କୁ ଜଳଖିଆ କିମ୍ବା ପାଣି ଟୋପେ ପିଇବାକୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ପିଲାମାନେ ବାହାରେ ଥିବା ଷ୍ଟଲ୍‌ରୁ ଗୁପ୍‌ଚୁପ,ଚାଟ ଓ ଆଇସ୍‌କ୍ରିମ ଖାଇ କାମ ଚଳାଇଥିଲେ। ହେଲେ ପିଲାମାନେ ଘରୁ ଆଣିଥିବା ପାଣି ବଟଲ ସରିଗଲା ପରେ ବାହାରେ ଥିବା ଏକ ନଳକୂପରୁ ଜଣେ ଛାତ୍ର ସହପାଠୀଙ୍କ ପାଇଁ ପାଣି ବଟଲ ବ୍ୟାଗ୍‌ରେ ଭର୍ତ୍ତି କରୁଥିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷେ ଦ୍ୱିପ୍ରହର ଖରାରେ ପିଲାମାନେ ସମସ୍ତ ଅତିଥି ଭାଷଣ ଦେବା ପର୍ଯ୍ୟନ୍ତ ମଞ୍ଚ ପରିଚାଳନା କରୁଥିବା ଜଣେ ଅଣ କ୍ରୀଡ଼ା ଶିକ୍ଷକଙ୍କ ନିର୍ଦ୍ଦେଶ (କମାଣ୍ଡ)ଅନୁସାରେ ପିଲାଙ୍କୁ ବସାଇବା ବଦଳରେ ସାବଧାନ ମୁଦ୍ରାରେ ଠିଆହୋଇ ରହିବାକୁ ବାଧ୍ୟ ହୋଇଥିଲେ । ଏନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ଖେଳ ସମୟରେ ପିଲାମାନେ ଆରମ୍ଭରୁ ଖେଳ ଶେଷ ଯାଏ ଠିଆହୋଇ ରହିବା ପାଇଁ ନିୟମ ରହିଥିବା ଭଳି ଯୁକ୍ତି କରିଥିଲେ। ହେଲେ ଏନେଇ କୌଣସି ଅଧିକାରୀ କିଛି ଜାଣି ନ ଥିବା କହିଛନ୍ତି ।

## ସାରା ଦିନ ପିଲାମାନେ ରହିଲେ ଉପାସ

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଶ୍ୱଜିତ୍



@ କିରଣକୁମାର



@ ପିଣ୍ଟୁ



@ ପ୍ରଦୀପ୍ତ



@ ରଜତ



@ ଟିପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ

ନୟାଗଡ,୨୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ ରୋଟାରି କ୍ଲବ ଏକ୍ସଲେନ୍ସି ପକ୍ଷରୁ ନୟାଗଡ଼ ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ଅନ୍ତେବାସୀମାନଙ୍କୁ ପାଠ୍ୟ ଉପକରଣରେ ଖାତା, ପେନ, ପେନସିଲ ଏବଂ କମ୍ପାସ ପ୍ରଦାନ କରାଯାଇଛି । ଜିଲା ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲବ ପ୍ରତିଷ୍ଠାତା ସଭାପତି ପ୍ରମୋଦ ପଟ୍ଟନାୟକ, କ୍ଲବ ସମ୍ପାଦକ ସଂଗ୍ରାମ କେଶରୀ ଗୁମାନସିଂ, ରୋଟାରିଆନ ତଥା ଜିଲା ଓକିଲ ସଙ୍ଘ ସଭାପତି ରଣଜିତ ଦାଶ, କମଳ ଚରଣ ସାହୁ, ସରଜେଣ୍ଟ ଆର୍ମସ୍ ଶେଖ ମସ୍‌ଜୁଦ ହୁସେନ ଏବଂ ଅନୁଷ୍ଠାନିକ ଯତ୍ନ ଅଧିକାରୀ ସତ୍ୟରଞ୍ଜନ ଦାଶ,ବାଳାଶ୍ରମ ପରିଚାଳକ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଏହି ସେବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ସହ ପାଠ୍ୟ ଉପକରଣ ପାଇଥିବା ଛାତ୍ରୀଛାତ୍ର ।

**କଳାପଥର ପରିବହନ, ୧ ହାଇୱା, ୧ ଟିପର ଜବତ**

ଯାଜପୁର ଟାଉନ,(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି): ବେଆଇନ କଳାପଥର ପରିବହନ ବେଳେ ଯାଜପୁର ଖଣି ବିଭାଗ ପକ୍ଷରୁ ୧ ହାଇୱା ଓ ୧ ଟିପରକୁ ସୋମବାର ଜବତ କରାଯାଇଛି। ଯାଜପୁର ଅଙ୍ଗଦ, କାଳିଆବାଦ, ମଲ୍ଲିକାବାଦ ଅଞ୍ଚଳରେ ବେଆଇନ ଭାବେ କଳାପଥର ପରିବହନ ହେଉଥିଲା। ଖବର ପାଇ ଯାଜପୁର ଖଣି ବିଭାଗର ଅଧିକାରୀ ସାତେଶ କୁମାର ନାୟକ, ଦୀପ୍ତା ସୁଜ୍ୟର ସେଠୀ ଓ ଟାଉନ ପୋଲିସ ମିଳିତ ଭାବେ ଚଢ଼ାଉ କରି ଉପରୋକ୍ତ ଅଞ୍ଚଳରୁ ଗାଡ଼ିକୁ ଜବତ କରି ଟାଉନ ଥାନାକୁ ହସ୍ତାନ୍ତର କରିଥିଲେ।

# ନକଲି ସାର ବିକ୍ରି ଅଭିଯୋଗ, ଉତ୍ତେଜନା

## ସାର ବିକ୍ରୟ କେନ୍ଦ୍ରରେ ତାଲା

ଯାଜପୁର (ହର୍ଷବର୍ଦ୍ଧନ ବେହେରା/ଯଯାତି କେଶରୀ ବେହେରା),୨୨।୧୨



ସାର ବିକ୍ରିୟ କେନ୍ଦ୍ରରେ ତାଲା ପକାଇ ଚାଷୀମାନେ ହୋହଲ୍ଲା କରୁଛନ୍ତି।

ମରୁଡ଼ି, ଅଦିନିଆ ବର୍ଷା ତଥା ପ୍ରାକୃତିକ ବିପର୍ଯ୍ୟୟରେ ଯାଜପୁର ଜିଲା ଚାଷୀ ତଳିତଳାନ୍ତ ହୋଇଆସୁଛନ୍ତି। ଏହାସହ ନକଲି ସାର ଓ କୀଟନାଶକ ବ୍ୟବହାର ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଲପଡ଼ା ଛକଠାରେ ଥିବା ଏକ ସାର ଦୋକାନରେ ସୋମବାର ନକଲି ସାର ବିକ୍ରି ହେଉଥିବା ସୂଚନା ମିଳିଥିଲା। ଏହାକୁ ନେଇ ଉଭୟ ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ କଥା କଟାକଟି ହେବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଖବର ପାଇଁ ବ୍ରହ୍ମବରଦା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସାର ବିକ୍ରୟ କେନ୍ଦ୍ରରେ ତାଲା ପକାଇ ଉତ୍ତେଜିତ ଚାଷୀମାନଙ୍କୁ ବୁଝାଶୁଝା କରି ଫେରିଥିବା ଜାଣିବାକୁ ମିଳିଛି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଝାଲପଡ଼ା, ମଙ୍ଗରାଜପୁର ଓ ଅର୍ଥଙ୍ଗା ଗ୍ରାମର ଶତାଧିକ ଚାଷୀ ଉକ୍ତ ବ୍ୟବସାୟୀଙ୍କଠାରୁ ଡିଏପି ୧୮୪୬ ନାମକ ସାର କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କାରେ କ୍ରୟ କରି ଆଖୁ, ଚିନାବାଦାମ ପ୍ରମୁଖ ଚାଷ ଜମିରେ ପକାଇଛନ୍ତି। ହେଲେ ମାସମାସ ବିତିଯାଇଥିଲେ ମଧ୍ୟ ଉକ୍ତ ସାର ମାଟିରେ ମିଶୁ ନାହିଁ। ଏହି ଘଟଣାକୁ ନେଇ ସୋମବାର ସକାଳେ ବହୁ ଚାଷୀ ଉକ୍ତ ବ୍ୟବସାୟୀଙ୍କ ଦୋକାନରେ ପହଞ୍ଚି ପଚରାଉଚରା କରିଥିଲେ। ବ୍ୟବସାୟୀଜଣକ ଉକ୍ତ ସାରକୁ ଜାରକା ଡିପୋରୁ ଆଣି ବିକ୍ରି କରୁଥିବା ବେଳେ ପ୍ରକୃତରେ ଏହା ଅସଲି କି ନକଲି ସେ ଜାଣି ନ ଥିବା କହିଥିଲେ। ଏନେଇ ସେ ଜାରକା ଡିପୋର ବ୍ୟବସାୟୀଙ୍କୁ ଡକାଇଥିଲେ। ଜାରକା ଡିପୋ ବ୍ୟବସାୟୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ଆହୁରି ବଢ଼ିଯାଇଥିଲା। ଏହାଦେଖି ସ୍ଥାନୀୟ ଲୋକେ ବ୍ରହ୍ମବରଦା ଥାନା ପୋଲିସକୁ ସୂଚନା ଦେଇଥିଲେ। ଆସନ୍ତା ବୁଧବାର ଉଭୟ ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଆଲୋଚନା କରାଯିବା ସହ ଉକ୍ତ ସାର ନକଲି ପ୍ରମାଣିତ ହେଲେ ଚାଷୀମାନଙ୍କୁ କ୍ଷତିପୂରଣ ଦେବାକୁ ସମ୍ପୃକ୍ତ ଜାରକା ସାର ବ୍ୟବସାୟୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ଚାଷୀ ବୀର କିଶୋର ନାୟକ, ଦେବେନ୍ଦ୍ର ମୁଦୁଲି, କାହ୍ନୁ ଚରଣ ଦାସ, ସହଦେବ ମୁଦୁଲି, ମାଧବ ମୁଦୁଲି, ପ୍ରଶାନ୍ତ ମୁଦୁଲି, ଦୁର୍ଯ୍ୟୋଧନ ନାୟକ, କୃଷ୍ଣଚନ୍ଦ୍ର ଜେନା, ମଦନ ମଲ୍ଲିକ, ବଲ୍ଲଭ ବିଶ୍ୱାଳ ପ୍ରମୁଖ ଚାଷୀ ଏହି ସାରକୁ କ୍ରୟ କରି ଚାଷ କ୍ଷେତରେ ପକାଇଥିବା ଓ କ୍ଷତି ସହିଥିବା ଅଭିଯୋଗ କରିଛନ୍ତି। ରାଜ୍ୟର ବିଭିନ୍ନ ସାର କାରଖାନାରୁ ନକଲି ସାର ପ୍ରସ୍ତୁତ କରାଯାଇ ଚାଷୀଙ୍କୁ ଯୋଗାଣ ହେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି। କୃଷି ବିଭାଗ ପକ୍ଷରୁ କୀଟନାଶକ ଓ ସାର କାରଖାନାର କୌଣସି କାଗଜପତ୍ର ତଦନ୍ତ ନ କରି ପୂର୍ବରୁ ଲାଇସେନ୍ସ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ତେଣୁ ଏଭଳି ଅନୈତିକ ସଂସ୍ଥା ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇପିକଲ୍‌ର ଅଧ୍ୟକ୍ଷଙ୍କୁ ୨୦୧୮ ଜାନୁଆରୀରେ ନୋଟିସ ହୋଇଥିଲା। ଉକ୍ତ ନୋଟିସରେ ଜାରକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଓ କୋରେଇ ବ୍ଲକରେ ଥିବା ଦୁଇଟି ସାର କାରଖାନାର ନାମ ରହିଥିଲା। ବାର୍ଷିକ ୨ କୋଟି ଟଙ୍କାର କାରବାର କରୁଥିବା ଏହି ସାର ଉତ୍ପାଦନକାରୀ କିମ୍ବା ପ୍ୟାକିଂ କରୁଥିବା ସଂସ୍ଥା ଅନୁମତି ପତ୍ର ବିନା ଦୀର୍ଘ ବର୍ଷ ହେଲା ଚାଲୁଥିଲା। ଏହି ଖବର ସାରା ରାଜ୍ୟରେ ପ୍ରସାରିତ ହେବା ପରେ କୀଟନାଶକ ଓ ସାର ନେଇ ବିଧାନସଭାରେ ତୁମ୍ବିତୋଫାନ ହୋଇଥିଲା। ଏହାପରେ ଶିଳ୍ପ ଓ କୃଷି ବିଭାଗ ପକ୍ଷରୁ ସାର ଓ କୀଟନାଶକ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ଉପରେ ତଦନ୍ତ ଆରମ୍ଭ କରାଯାଇଥିଲା। ଏହାପରେ କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା ଜିଲାର ଏକାଧିକ ସାର କାରଖାନା ଆବଶ୍ୟକ ଅନୁମତି ନ ନେଇ ଚାଲିଥିବା ସେତେବେଳେ ଜଣାପଡ଼ିଥିଲା। ନକଲି ସାର ଉତ୍ପାଦନକାରୀ ସଂସ୍ଥାରୁ ବିଭିନ୍ନ ସାର ଆଣି ଚାଷୀ ଫସଲ ସଂକ୍ରମଣକୁ ରକ୍ଷା କରିବାକୁ ବହୁ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଫସଲ ସଂକ୍ରମଣରୁ ରକ୍ଷା ହେବା ପରିବର୍ତ୍ତେ ଅଧିକ କ୍ଷତି ହେଉଛି। ଧାନ ଚାଷରେ ବିଭିନ୍ନ ପୋକ ଲାଗିବା ଯୋଗୁ ପରିଶ୍ରମ ଅନୁଯାୟୀ ଅମଳ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ ଚାଷୀ କୃଷି ବିଭାଗର ଦୃଷ୍ଟି ଆକର୍ଷଣ କରୁଥିଲେ ବି କୌଣସି ଫଳ ମିଳୁନାହିଁ ବୋଲି ମତପ୍ରକାଶ ପାଇଛି।

# ଛାତ୍ରୀଛାତ୍ର ଦେଶର ଭବିଷ୍ୟତ ଦାୟିତ୍ୱ ନେବେ




ବାର୍ଷିକ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ହିମାଂଶୁ ଶେଖର ସାହୁ ଓ ଅନ୍ୟମାନେ।

## ଗୁରୁକୁଳ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

କାଏମା, ୨୨।୧୨ (ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ 'ଅରୋମା' ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଚେୟାରମ୍ୟାନ ଅଭୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ଏହି ସ୍କୁଲ ସରକାରୀ ସ୍କୁଲର ଭ୍ରମ ସୃଷ୍ଟି କରୁଛି। ଜାତୀୟ ଶିକ୍ଷା ନୀତିକୁ ଅନୁକରଣ କରି ସ୍କୁଲ ଯେଉଁ ଗୁଣାତ୍ମକ ଶିକ୍ଷା ଦେଉଛି ତାହା ପ୍ରଶଂସନୀୟ ବୋଲି ବାଚସ୍ପତି ପାଢ଼ୀ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଯାଜପୁର ଜିଲାର ଏହା ଅଗ୍ରଣୀ ଘରୋଇ ସ୍କୁଲର ସଂସ୍କୃତି ନିଆରା ବୋଲି କହିଥିଲେ। ଖାଲି ପାଠ ନୁହେଁ, ଆମ ସଂସ୍କୃତି ଉପରେ ଶିକ୍ଷା ମଧ୍ୟ ଦିଆଯାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲାପାଳ ଅୟର କୁମାର କର ଯୋଗଦେଇ ପିଲାମାନଙ୍କୁ ଭାରାକ୍ରାନ୍ତ ନ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ଦେଶର ଭବିଷ୍ୟତ ସେମାନେ ଆଗାମୀଦିନରେ ଦେଶର ଗୁରୁଦାୟିତ୍ୱ ନେବେ। ପିଲାମାନଙ୍କ ଜୀବନ ଗଢ଼ିବାର ଏହା ସୁବର୍ଣ୍ଣ ସମୟ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ କବି ଦୀନବନ୍ଧୁ ପତି ଯୋଗଦେଇଥିଲେ। ବିଇଓ ପ୍ରବୀର କୁମାର କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍କୁଲର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥି ବୃନ୍ଦ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ହିନ୍ଦୁ ପର୍ବପର୍ବାଣିକୁ ନେଇ ପ୍ରଦର୍ଶିତ ଆର୍ଟ ଆଣ୍ଡ କ୍ରାଫ୍ଟ ମେଳାକୁ ଅତିଥିମାନେ ବୁଲି ଦେଖିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସ୍କୁଲର ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।

# ସଫଳତା ପାଇଁ ଉତ୍ତମ ଚରିତ୍ର, କଠୋର ପରିଶ୍ରମ ଆବଶ୍ୟକ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଞ୍ଝାରପୁର,୨୨।୧୨(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଉତ୍ତରକୂଳ ପଞ୍ଚାୟତସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାକୁ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ବିଶ୍ୱପୂଜିତା ଦ୍ୱିବେଦୀ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ରୂପେ ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ବନ ଅଧିକାରୀ ବିପିନ ବିହାରୀ ବେହେରା, ମୁଖ୍ୟବକ୍ତା ଭାବେ ଡା. ଚିତ୍ତରଞ୍ଜନ ମିଶ୍ର ଅନ୍ୟତମ ଅତିଥି ଭାବେ ବିଡିଓ ହିତାଂଶୁ ଶେଖର ସାମଲ, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସୁରମା ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ମଣ୍ଡଳ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର, ସ୍ଥାନୀୟ ସରପଞ୍ଚ ପ୍ରୀତିକ୍ରିଷ୍ଟା ଯେନା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉତ୍ତମ ଶିକ୍ଷା ହିଁ ସମାଜରେ ଅମୂଲ୍ୟ ଧନ, ଜୀବନରେ ସଫଳତା ପାଇଁ ଉତ୍ତମ ଚରିତ୍ର ଓ କଠୋର ପରିଶ୍ରମ କରିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସଫଳ ଓ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ସୁନୀଲ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# କୁକୁର ପଶି ଯିବାରୁ ସ୍କୁଟି ଆରୋହୀ ଗୁରୁତର

ପାଣିକୋଇଲି, ୨୨।୧୨ (ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ରବିବାର ରାତିରେ ଏକ କୁକୁର ସହ ଧକ୍କା ହୋଇ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଭୁବନେଶ୍ୱରର ନୟାପଲ୍ଲୀ ଥାନା ଅଞ୍ଚଳର ସଞ୍ଜୟ ନାୟକଙ୍କ ପୁଅ ଶୁଭାଶିଷ (୨୦) ଏକ ସ୍କୁଟି ନଂ. ଓଡ଼ି ୦୨ ଆର ୩୪୩୨ରେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ଉକ୍ତ ସ୍ଥାନରେ ହଠାତ ଏକ କୁକୁର ସ୍କୁଟି ସମ୍ମୁଖକୁ ଚାଲି ଆସିବାରୁ ଧକ୍କା ହୋଇଥିଲା। ଫଳରେ ଭାରସାମ୍ୟ ହରାଇ ଶୁଭାଶିଷ ରାସ୍ତା ଉପରେ ଘୋଷାଡ଼ି ହୋଇ ରକ୍ତାକ୍ତ ହୋଇଥିଲେ। ଖବରପାଇ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଶୁଭାଶିଷଙ୍କୁ ସ୍ଥାନୀୟ ଏକ ବେସରକାରୀ ଚିକିତ୍ସାଳୟକୁ ନେଇଥିଲେ। ଉକ୍ତ ଦୁର୍ଘଟଣାରେ କୁକୁରଟି ମରିଯାଇଥିବା ବେଳେ ସ୍କୁଟିଟି ମଧ୍ୟ ଭାଙ୍ଗିରୁଜି ଯାଇଛି।

# ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଦାବିପତ୍ର ପ୍ରଦାନ

ଯାଜପୁରରୋଡ଼, ୨୨।୧୨(ପବିତ୍ର ରଞ୍ଜନ ମହାନ୍ତି)




ଭିବି-ଜି-ରାମ-ଜି ବିଲ୍ ୨୦୨୫ ପ୍ରତ୍ୟାହାର ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୨୦୦୫ ସୁରକ୍ଷା ଏବଂ ନୂତନ ଶ୍ରମ କୋର୍ଡ ବାତିଲ, ୮ ଘଣ୍ଟା ପରିବର୍ତ୍ତେ ୧୦ ଘଣ୍ଟା କାର୍ଯ୍ୟ ଦିବସ ବାତିଲ ଦାବିରେ ଦେଶବ୍ୟାପୀ ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ ସିପିଆଇଏମ୍ ଓ ସିଆଇଟିୟୁ ଯାଜପୁର ଜିଲା କମିଟି ପକ୍ଷରୁ ଶୋଭାଯାତ୍ରା ଓ ପ୍ରତିବାଦ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଯାଜପୁରରୋଡ଼ ରେଳ ଷ୍ଟେଶନ ସମ୍ମୁଖରୁ ବାହାରି ଗୋପବନ୍ଧୁ ଛକ ନିକଟରେ ପହଞ୍ଚିବା ପରେ ସିଆଇଟିୟୁ ଯାଜପୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସିପିଆଇଏମ୍ ଜିଲା ସମ୍ପାଦକ ନିର୍ମଳ ରଥ, ଜିଲା କମିଟି ସଭ୍ୟ ସୁରେଶ ସାହୁ, ତ୍ରିଲୋଚନ ରାଉତ, ପନି କିସ୍କୁ, ମାଳତି ହାଁସଦା, ଲିଟା ଲାଗୁରୀ, ଜୟରାମ ମୁର୍ମୁ, ଜଗା ମୁଣ୍ଡା, କୁନି ପୂର୍ତ୍ତି, ଗୋବିନ୍ଦ ନାୟକ, ରସାଇ ବାଦ୍ରା, ଗୁରୁବାରି ଲାଗୁରୀ ଓ ସୁରିୟା ହେମ୍ବ୍ରମ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପରେ ଗୋପବନ୍ଧୁ ଛକଠାରୁ ଶୋଭାଯାତ୍ରା ବାହାରି କଳିଙ୍ଗନଗର ଏଡିଏମ୍ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ୧୬ତମ ବିଶ୍ୱଶାନ୍ତି ଚଣ୍ଡୀଯଜ୍ଞର ପୂର୍ଣ୍ଣାହୁତି

ବରୀ, ୨୨।୧୨(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ଅଧୀନ ବାଲିବିଲ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବଜ୍ରମହାକାଳୀଙ୍କର ୧୬ ତମ ବିଶ୍ୱଶାନ୍ତି ଚଣ୍ଡୀଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ଯଜ୍ଞର ପ୍ରଥମ ଦିନରେ ଅଙ୍କୁରାରୋପଣ କରାଯାଇଥିବାବେଳେ ଦ୍ୱିତୀୟ ଓ ତୃତୀୟ ଦିନରେ ସୂର୍ଯ୍ୟପୂଜା, ଧେନୁ ପୂଜା ହୋଇଥିବାବେଳେ ସୋମବାର ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞ ଅବସରରେ ଅନୁଷ୍ଠାନ ପକ୍ଷରୁ ଯାତ୍ରା ଶ୍ରୀକ୍ଷେତ୍ର ଗଣନାଟ୍ୟ ମାଧ୍ୟମରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଧର୍ମୀୟ ପୀଠଟି ଗ୍ରାମଦେବତୀ ଭାବେ ବିବେଚନା କରାଯାଉଥିବାରୁ ପୂର୍ଣ୍ଣାହୁତି ସମୟରେ ବହୁ ଶହ ଶ୍ରଦ୍ଧାଳୁ ଭିଡ ଜମାଇଥିଲେ। ଗୁରୁଚରଣ ପଢ଼ିହାରୀ, ଗୋଲେଖ ବାରିକ, ମହେଶ୍ୱର ପଢ଼ିହାରୀ, ଚକ୍ରଧର ପଢ଼ିହାରୀ, ନବଘନ ପରିଡ଼ା, ଅକ୍ଷୟ ପଢିହାରୀ, ଦିଲୀପ ନାୟକ, ନୃସିଂହ ପଢିହାରୀ, ରଞ୍ଜନ ରାଉତ, ପ୍ରଫୁଲ୍ଲ ପଢ଼ିହାରୀ ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଟିଏସ୍ଏଫ୍ ପକ୍ଷରୁ ୫ ବର୍ଷରେ ୨୪୩ ପୋଖରୀ ଖନନ

## ଜଳସେଚନ ସୁବିଧା ସହ ଭୂତଳ ଜଳ ବୃଦ୍ଧିରେ ସହାୟକ

ଯାଜପୁର/କଳିଙ୍ଗନଗର (ହର୍ଷବର୍ଦ୍ଧନ ବେହେରା/ ଶୁଭାଶିଷ ରାଉତ),୨୨।୧୨ :



କଳିଙ୍ଗନଗରରେ ଟାଟା ଷ୍ଟିଲ ଫାଉଣ୍ଡେଶନ (ଟିଏସ୍ଏଫ୍) ପକ୍ଷରୁ ସ୍ଥାୟୀ ଜଳସମ୍ପଦ ସୃଷ୍ଟିକୁ ଗୁରୁତ୍ୱ ଦେଇ ଗତ ୫ବର୍ଷରେ ଦାନଗଦି ଓ ସୁକିନ୍ଦା ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ୨୪୩ଟି ନୂଆପୋଖରୀ ଖନନ କରାଯାଇଛି। ଏଥିଯୋଗୁ ଶତାଧିକ ପରିବାର ପାଇଁ ଦୀର୍ଘମିଆଦୀ ଜଳସୁରକ୍ଷା ସୁନିଶ୍ଚିତ ହେବା ସହ କୃଷିକ୍ଷେତ୍ରରେ ଜଳସେଚନ ପାଇଁ ସହାୟକ ହୋଇଛି। ଏହାବାଦ ଭୂତଳ ଜଳସ୍ତର ବୃଦ୍ଧି ଏବଂ ବର୍ଷା ଜଳ ଅମଳରେ ସହାୟକ ହୋଇ ପାରିଛି ବୋଲି ଟିଏସଏଫ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଦାନଗଦି ବ୍ଲକରେ ୧୩୯ଟି ଏବଂ ସୁକିନ୍ଦା ବ୍ଲକରେ ୧୦୪ଟି ପୋଖରୀ ନିର୍ମାଣ ହୋଇଛି। ବର୍ଷା ଜଳକୁ ଅଧିକରୁ ଅଧିକ ସଂଗ୍ରହ ଓ ସଂରକ୍ଷଣ କରିବା ପାଇଁ ଏହି ନୂତନ ପୋଖରୀଗୁଡ଼ିକୁ ଡିଜାଇନ କରାଯାଇଛି। ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଜଳାଶୟ ଭାବେ ଲୋକଙ୍କ କାମରେ ଆସୁଛି। ବର୍ଷାଦିନ ପରେ ମଧ୍ୟ ଫସଲ ବଞ୍ଚାଇବା ପାଇଁ ନିର୍ଭରଯୋଗ୍ୟ ଜଳସେଚନ ସୁବିଧା ଯୋଗାଇ ଦେଉଛି। କେବଳ ଚଳିତ ଆର୍ଥିକ ବର୍ଷରେ ଟିଏସ୍ଏଫ୍ ୫୯ଟି ନୂତନ ପୋଖରୀ ନିର୍ମାଣ କାର୍ଯ୍ୟ ଶେଷ କରିସାରିଛି। ସେଥିମଧ୍ୟରୁ ଦାନଗଦିରେ ୨୭ଟି ଏବଂ ସୁକିନ୍ଦାରେ ୩୨ଟି ପୋଖରୀ ରହିଛି। ପାଟପୁର ଗ୍ରାମର ଚାଷୀ ସିଦ୍ଧେଶ୍ୱର ଜାମୁଡ଼ାଙ୍କ କହିବା ମୁତାବକ, ସେ ବର୍ଷକୁ ଥରେ ମାତ୍ର ଧାନ ଚାଷ କରୁଥିଲେ। ଟିଏସ୍ଏଫ୍ ଦ୍ୱାରା ବିଭିନ୍ନ ପୋଖରୀ ନିର୍ମାଣ ହେବାପରେ ଧାନଚାଷ ସମେତ ବିଭିନ୍ନ ଋତୁ ଅନୁଯାୟୀ ପନିପରିବା ଆଦି ଚାଷ କରି ଅଧିକ ଲାଭବାନ ହୋଇ ପାରିଛନ୍ତି। ଏହାବାଦ୍ ଅନେକ ଲୋକ ମାଛ ଏବଂ ବତକ ଚାଷ କରିବା ସହ ପୋଖରୀ ହିଡରେ କିଛି କିଛି ପନିପରିବା, ଲେମ୍ବୁ, କଦଳୀ ଆଦି ଲଗାଇ ଉପକୃତ ହୋଇପାରୁଛନ୍ତି। ଫୁଲଜହର ଗ୍ରାମର ଚାଷୀ କନରେଶ ଶୁଦ୍ଧ କହିଛନ୍ତି, ଜଳସେଚନରେ ସମସ୍ୟା ଦେଖାଦେଉଥିଲା। ତେଣୁ କେବଳ ଧାନଚାଷ କରି ଆମେ ୫ରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିଲୁ। ବର୍ତ୍ତମାନ ବିଭିନ୍ନ ଚାଷ କରି ବାର୍ଷିକ ହାରାହାରି ୭୦ ହଜାରରୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛୁ ବୋଲି ମତପ୍ରକାଶ କରିଛନ୍ତି।


**TO-LET**

A 5000 SFT 1st Floor Morden Office Premises available for long term rent at Main Road, Mancheswar Industrial Estate, Bhubaneswar. Plug & Play with all facilities like 5 Glass Cabins, Conference Hall, 40 Seat Capacity Hall, AC, Ceiling Lights, with well finished corporate style, ready to move office. Suitable for Elite business houses, Corporates/IT companies. Lift facility can be arranged.

**Contact No.: 9437011130**
Email: malla@magnum-india.com

**"ଜାତୀୟ ତାଳଗୁଡ଼ ଦିବସ"**
**ଉପଲକ୍ଷେ**

ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଲିଃ. ପରିବାର ତରଫରୁ ତାଳଗୁଡ଼ ଶିଳ୍ପରେ ନିୟୋଜିତ ରାଜ୍ୟର ସମସ୍ତ କାରିଗର, କର୍ମଚାରୀ, ପ୍ରାଥମିକ ତାଳଗୁଡ଼ ସମିତି ଓ ସଂଘ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା, ଶୁଭେଚ୍ଛୁ ତଥା ତାଳଗୁଡ଼ ଶିଳ୍ପପ୍ରେମୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

"ସହଯୋଗ ହିଁ ଯୁଗଧର୍ମ"

ପି ପ୍ରଭାକର ରାଓ, ପରିଚାଳନା ନିର୍ଦ୍ଦେଶକ | ପ୍ରଫୁଲ୍ଲ କୁମାର ଜେନା, ସଭାପତି

**ଭାରତୀୟ କପା ନିଗମ ଲିମିଟେଡ୍**
ଶାଖା କାର୍ଯ୍ୟାଳୟ: ରାୟଗଡ଼ା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୨୨.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଶାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ


**ଅସାଧାରଣ**
**ଅଂଶ-II-ଖଣ୍ଡ-3, ଉପଖଣ୍ଡ (II)**
**ରେଳମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ)**
**ସୂଚନା ପତ୍ର, ଭୁବନେଶ୍ୱର, ତାରିଖ-21.11.2025**
**ରେଳ ଆଇନ, 1989 ର ସେକ୍ସନ୍ 20A ଅନ୍ତର୍ଗତ ସୂଚନା**

**S.O. 5344(E).**- ରେଲୱେ (ସଂଶୋଧନ) ଆଇନ, 1989 (24/89)-ର ସେକ୍ସନ୍ 20Aର ସବ୍-ସେକ୍ସନ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେଲା ପରେ ଯେ ଜନ ସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହା ପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଲୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ "ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନ, ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ରମ୍ଭା (RBA)-ହୁମ୍ମା (HMA) ଷ୍ଟେସନ ମଧ୍ୟରେ KM 556/1-3ରେ ଲେଭେଲ୍ କ୍ରସିଂସଂଖ୍ୟା-275 ବନ୍ଦ କରିବା ପ୍ରତିଷ୍ଠାନରେ ସଡ଼କ ଉପର ଅଧିସେତୁ ନିର୍ମାଣ" ପ୍ରକଳ୍ପ ପାଇଁ, ସେହି ସ୍ଥଳ ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି।

ଉକ୍ତ ଜମିରେ ରୁଚିରୁପ୍ତ କୌଣସି ବ୍ୟକ୍ତି, ଅଧିକୃତ ଗଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶି ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ବିରୋଧ ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଥାଏ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ ଖଲିକୋଟ ତହସିଲଦାରଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା ଲେଭେଲ୍ କ୍ରସିଂସଂଖ୍ୟା-275 କୁ ବନ୍ଦ କରିବା ପରିବର୍ତ୍ତେ KM 556/1-3 ମଧ୍ୟରେ ରମ୍ଭା (RBA)-ହୁମ୍ମା (HMA) ଷ୍ଟେସନ୍ ମଧ୍ୟରେ ସଡ଼କ ଉପର ଅଧିସେତୁ ନିର୍ମାଣ ପାଇଁ ହାୱଡ଼ା-ଭିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥ ଖୁର୍ଦ୍ଧା ରୋଡ୍ ବିଭାଗରେ ନିର୍ମିତ ହେବ। ଏହାର ତଥ୍ୟ ଓ ତ୍ରୁଟିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର। କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ସୁଣିବାର ସୁଯୋଗ ଦେବେ, ସେ ନିଜେ ଲଗତାର କିମ୍ବା ଏକ ଆଇନ ସମ୍ବିଧାନକାରୀ ମାଧ୍ୟମରେ ଆପତ୍ତିଗୁଡ଼ିକୁ ସୁଣିବେ, ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ସୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧ୍ୟମରେ, ସେହି ଆପତ୍ତିଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ।

ଏହି କାନୁନର 20D ର ସବ୍-ସେକସନ୍(2) ଅନୁସାରେ ପ୍ରାଧିକୃତ କର୍ତ୍ତୃକ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ। ଏହି ସୂଚନା ଅଧୀନ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରି ପାରିବେ।

**ସୂଚୀ**

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଅନେକ୍ସଚର-୧) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବାପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା 'ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନ ହେଉଥିବା ହାୱଡ଼ା-ବିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥରେ ରମ୍ଭା(RBA)-ହୁମ୍ମା(HMA) ଷ୍ଟେସନ୍ ମଧ୍ୟରେ KM-556/1-3 ରେ ଲେଭେଲ୍ କ୍ରସିଂସଂଖ୍ୟା.275 ବନ୍ଦ କରିବା ପ୍ରତିଷ୍ଠାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ') ଗଞ୍ଜାମ ଜିଲ୍ଲାରେ, ଓଡ଼ିଶା ରାଜ୍ୟରେ।

ଜିଲ୍ଲାର ନାମ:-ଗଞ୍ଜାମ — ଏନେକ୍ସର-1

**ଭୂମି ସୂଚୀ**
**ପ୍ରକଳ୍ପର ନାମ:- ଆର.ଓ.ବି–275 ର ନିର୍ମାଣ**
**ଜିଲ୍ଲାର ନାମ:-ଗଞ୍ଜାମ, ବିଭାଗର ନାମ:-ଖୁର୍ଦ୍ଧା ରୋଡ୍**
**ତହସିଲଦାରଙ୍କ ନାମ:-ଖଲ୍ଲିକୋଟ**

| କ୍ରମିକ ସଂଖ୍ୟା | ଗାଁର ନାମ | ପ୍ଲଟ୍ ନମ୍ବର | ଏକରରେ | ଭୂମିର ପ୍ରକାର | ଭୂମିର ମାଲିକାନା |
|---|---|---|---|---|---|
| 1 | ରମ୍ଭା | 1550/4923 | 0.0430 | ଉପଲବ୍ଧ ନାହିଁ | ନିଜସ୍ୱ |
| 2 | ରମ୍ଭା | 1522 | 0.2054 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 3 | ରମ୍ଭା | 1521 | 0.0107 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 4 | ରମ୍ଭା | 2207 | 0.0293 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 5 | ରମ୍ଭା | 2209 | 0.3587 | ରାସ୍ତା | ସରକାରୀ |
| 6 | ରମ୍ଭା | 1563 | 0.1150 | ରାସ୍ତା | ସରକାରୀ |
| 7 | ରମ୍ଭା | 2205 | 0.0514 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 8 | ରମ୍ଭା | 2206 | 0.0024 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 9 | ରମ୍ଭା | 2206/4905 | 0.0048 | ବିଲ ଦୋଫସଲି ଦୁଇ | ନିଜସ୍ୱ |
| 10 | ରମ୍ଭା | 3033 | 0.0002 | ବିଲ ଦୋଫସଲି ଦୁଇ | ନିଜସ୍ୱ |
| 11 | ରମ୍ଭା | 3175 | 0.1157 | ବିଲ ଏକ | ନିଜସ୍ୱ |
| 12 | ରମ୍ଭା | 3173 | 0.1516 | ବିଲ ଏକ | ନିଜସ୍ୱ |
| 13 | ରମ୍ଭା | 3165 | 0.0525 | ଅଡ଼ି | ସରକାରୀ |
| 14 | ରମ୍ଭା | 3166 | 0.5079 | ଜଳାସୟ ଦୁଇ | ସରକାରୀ |
| 15 | ରମ୍ଭା | 3167 | 0.0266 | ଅଡ଼ି | ସରକାରୀ |
| 16 | ରମ୍ଭା | 3168 | 0.0014 | ଦେବସ୍ଥଳୀ | ସରକାରୀ |
| 17 | ରମ୍ଭା | 2210 | 0.1457 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 18 | ରମ୍ଭା | 2211 | 0.1818 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 19 | ରମ୍ଭା | 2213 | 0.0332 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 20 | ରମ୍ଭା | 2212 | 0.1180 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 21 | ରମ୍ଭା | 2214 | 0.1580 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 22 | ରମ୍ଭା | 2217 | 0.0914 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 23 | ରମ୍ଭା | 2863 | 0.2702 | ରାସ୍ତା | ସରକାରୀ |
| 24 | ରମ୍ଭା | 2863/4929 | 0.0272 | ନୟନଜୋରି | ସରକାରୀ |
| 25 | ରମ୍ଭା | 3035 | 0.0387 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 26 | ରମ୍ଭା | 3034 | 0.0276 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 27 | ରମ୍ଭା | 3036 | 0.3678 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 28 | ରମ୍ଭା | 3030 | 0.1467 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 29 | ରମ୍ଭା | 3031 | 0.1467 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 30 | ରମ୍ଭା | 3157 | 0.1283 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 31 | ରମ୍ଭା | 3158 | 0.0261 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 32 | ରମ୍ଭା | 3163 | 0.0499 | ରାସ୍ତା | ସରକାରୀ |
| 33 | ରମ୍ଭା | 4274 | 0.0328 | ନୟନଜୋରି | ସରକାରୀ |
| 34 | ରମ୍ଭା | 3174 | 0.1301 | ବିଲ ଏକ | ନିଜସ୍ୱ |
| 35 | ରମ୍ଭା | 3172 | 0.0460 | ନାଳ | ସରକାରୀ |
| | | ମୋଟ | 3.8428 | | |

ତହଶିଲଦାର ଖଲିକୋଟ — ଉପ ମୁଖ୍ୟ ଇଞ୍ଜିନିୟର/ନିର୍ମାଣ/ଆରଏସପି/ ପୂର୍ବ ତଟ ରେଳପଥ /ଭୁବନେଶ୍ୱର

PR-194/CI/25-26

# ଇ-ଟଏଲେଟ ନିର୍ମାଣକୁ ପୂରିଲା ୫ ବର୍ଷ

■ ଭଙ୍ଗା ଦଦରା ଅବସ୍ଥାରେ ବନ୍ଦ ପଡ଼ିଛି
■ ସ୍ୱଚ୍ଛ ସୁନ୍ଦର ସହର ପ୍ରହସନ
■ ବିନା ପ୍ଲାନରେ ଚାଲିଛି ପୌରପାଳିକା



**ପଟ୍ଟାମୁଣ୍ଡାଇ,୨୨।୧୨(କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳକୁ ସରସ ସୁନ୍ଦର କରିବା ଓ ସହରକୁ ସ୍ୱଚ୍ଛ ସର୍ଭେକ୍ଷଣରେ ସାମିଲ ଲାଗି ପୌରପରିଷଦ ପକ୍ଷରୁ ବିଭିନ୍ନ ପ୍ରୟାସ ଜାରିରହିଛି । ଗତବିଛି ମାସ ହେବ ସ୍ୱଚ୍ଛ ସହର ଯୋଡି ମେଣ୍ଟରସିପ୍ ସହଯୋଗୀ ଭାବେ ବିମସ୍ତିର ସହଯୋଗ ନିଆଯାଇଛି । ମାତ୍ର କେତେକ ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ପାଇଁ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ସହରକୁ ବାଣିଜ୍ୟ ମଲଫୁଲ୍ ସହର ଭାବେ ଗଢ଼ି ତୋଳିବା ପାଇଁ ପରିଷଦ ପକ୍ଷରୁ ଗୋଷ୍ଠୀ ଶୌଚାଳୟ ସମେତ ଗତ ୫ ବର୍ଷତଳେ ପ୍ରାୟ ଦେଢକୋଟି ଟଙ୍କା ବ୍ୟୟରେ ୨୦ଟି ଇ-ଟଏଲେଟର ନିର୍ମାଣ କରାଯାଇଥିଲା। ଏହି ଇ-ଟଏଲେଟ ନିର୍ମାଣ ଦିନରୁ ତାଲା ପଡି ସେବସବୁ ନଷ୍ଟ ହୋଇ ପଡିରହିଛି। ପ୍ରତିଦିନ ପଟ୍ଟାମୁଣ୍ଡାଇ ସହରକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ବହୁ ସଂଖ୍ୟାରେ ଲୋକ ପାଇଖାନା ଯିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନେ ବାହାରେ ମଳ ଓ ମୂତ୍ର ତ୍ୟାଗ କରୁଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏ ନେଇ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବୀ କରାଯାଉଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସାମାଜିକ କର୍ମୀ ପ୍ରବୀର ନାୟକ, ମାନବ ଅଧିକାର କର୍ମୀ ସୁଶାନ୍ତ ଧଳ, ଆଇନଜୀବୀ ପ୍ରମୋଦ ସାହୁ ପ୍ରମୁଖ କୁହନ୍ତି, କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତମ ସହର ପଟ୍ଟାମୁଣ୍ଡାଇକୁ ପ୍ରତିଦିନ ବେପାର ବଣିଜ ପାଇଁ ଆଖପାଖ ୫ ବ୍ଲକର ଲୋକେ ନିର୍ଭର କରିଥାନ୍ତି। ଜନସାଧାରଣଙ୍କ ସୁବିଧା ଓ ସହରର ସ୍ୱଚ୍ଛତା ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷରେ ୧ କୋଟି ୫୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ସହରର ୨୦ ସ୍ଥାନରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଇ-ଟଏଲେଟ୍ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏହି ଇକୋ ଟଏଲେଟ୍ କାର୍ଯ୍ୟକୁ ମହାରାଷ୍ଟ୍ରର ଏକ ଠିକା ସଂସ୍ଥା କରିଥିଲା। ନିର୍ମାଣ ବେଳେ ଗୋଟିଏ ଗୋଟିଏ ଟଏଲେଟରେ ୧୦୦୦ ଲିଟରର ଲେଖାଏ ୩ଟି ଟାଙ୍କି ବସିଥିବା ବେଳେ ସେଥିରେ ମଳକୁ ନଷ୍ଟ କରିବା ପାଇଁ ଏକ ତରଳ (ରାସାୟନିକ) ପଦାର୍ଥ ପକାଯାଉଥିଲା। ମାତ୍ର ନିର୍ମାଣ ୬ ମାସ ପରେ ଉକ୍ତ ଇ-ଟଏଲେଟରେ ସମସ୍ତ ସିନଟେକ୍ସ ଟାଙ୍କିକୁ ହଟାଇ ସିମେଣ୍ଟ ନନ୍ଦ ବସାଇ ଦିଆଗଲା । ଏହା କାହା ନିର୍ଦ୍ଦେଶରେ ହୋଇଥିଲା ବୋଲି ତତ୍କାଳୀନ ପୌରପରିଷଦ ଅଧିକାରୀଙ୍କ ନିକଟରେ ଉତ୍ତର ନ ଥିଲା । ବର୍ତ୍ତମାନ ଉକ୍ତ ଇ-ଟଏଲେଟ ନିର୍ମାଣକୁ ୫ବର୍ଷ ବିତି ଯାଇଥିଲେ ମଧ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ସରକାର ସ୍ୱଚ୍ଛ ଭାରତ ମିଶନ ଆଳରେ ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଇ-ଟଏଲେଟ ନିର୍ମାଣ କରି ଏତେ ଅର୍ଥ ବ୍ୟୟ କରିବା ଏକ ପ୍ରହସନ ପରିଣତ ହୋଇଛି । ଉକ୍ତ ଇ-ଟଏଲେଟ ଖୋଲିବା ସହ ଅର୍ଥ ହେରଫେରର ତଦନ୍ତ କରିବାକୁ ବିଭିନ୍ନ ସମୟରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପାଳବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ ଜିଲାପାଳଙ୍କ ନିକଟରେ ଦାବି କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ । ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କୁ ପଚାରିବାରେ ସମସ୍ତ ଇ-ଟଏଲେଟକୁ ମରାମତିକରାଯାଇ କାର୍ଯ୍ୟକ୍ଷମ କରାଇବାକୁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି।

# ଦେଶସେବା ପାଇଁ ୪ ଅଗ୍ନିବୀରଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ଅଗ୍ନିବୀରଙ୍କ ସହ ଅତିଥି ।

**ତେରାବିଶ, ୨୨।୧୨(ବେଦ୍ରା ଅଭୟ ଦାସ)**

ତେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଦି ଇନଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟନେସ ଆଣ୍ଡ ଷ୍ଟ୍ରେସ ମ୍ୟାନେଜମେଣ୍ଟ ପକ୍ଷରୁ ଦେଶସେବା ପାଇଁ ମନୋନୀତ ୪ ଜଣ ଅଗ୍ନିବୀରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପରିବେଶର ସମୃଦ୍ଧି, ସ୍ୱଚ୍ଛତା ଓ ସୁରକ୍ଷା ସମେତ ନିଃଶୁଳ୍କ ସେବା ପ୍ରଦାନ କରି ଯୁବ ବର୍ଗଙ୍କୁସଶକ୍ତକରି ଏକ ଉତ୍ତମ ରାଷ୍ଟ୍ର ଗଠନ ପାଇଁ ପ୍ରୟାସ ଏହି ସଂସ୍ଥା ଅଗ୍ନିବୀରଙ୍କୁ ସମ୍ବର୍ଦ୍ଧିତ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳକ ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଓ କାଙ୍ଗାଳି ଚରଣ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା କିଶୋର କୁମାର ପଣ୍ଡା ମୁଖ୍ୟ ଅତିଥି ଓ ଉପିନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଗ୍ନିବୀର ଭାବେ ମନୋନୀତ ହୋଇଥିବା ବର୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକ, ଦୀପକ କୁମାର ସାହୁ, ବିଦ୍ୟୁ ଦର୍ଶନ କର ଓ ମହମ୍ମଦ ନୁରଉଦ୍ଦିନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲା ପୂର୍ବତନ ସୈନିକ ସଂଘ ସଭାପତି କ୍ୟାପଟେନ ଅଭୟ ଲେଙ୍କା, ସମ୍ପାଦକ ସୁବେଦାର ମେଜର ବୀରବର ପାତ୍ର, କୋଷାଧ୍ୟକ୍ଷ ୱାରେଣ୍ଟ ଅଫିସର ମନୋଜ ବାରିକ, ପ୍ରଦୀପ କୁମାର ସାହୁ, କ୍ୟାପଟେନ ସୁରେନ୍ଦ୍ର କୁମାର ସାହୁ,ସୁବେଦାର ନାରାୟଣ ଜେନା, ମହେଶ୍ୱର କର , ପ୍ରଫୁଲ୍ଲ କୁମାର ଉପାଧ୍ୟାୟ ଓ ସସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡ୍ରପ୍‌ଆଉଟ ଶିଶୁଙ୍କ ଭବିଷ୍ୟତ ଶିକ୍ଷାକୁ ନେଇ ଅସନ୍ତୋଷ

**ମହାକାଳପଡ଼ା,୨୨।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)**



■ ମାଗଣା, ବାଧ୍ୟତାମୂଳକ ଶିଶୁ ଶିକ୍ଷା ଅଧିକାର ଆଇନ -୨୦୦୯
■ ବାଟବଣା ହେଉଛି ସ୍କୁଲ ୟୁନିଫର୍ମ, ମଧାହ୍ନଭୋଜନ, ସାଇକେଲ ଓ ବ୍ୟାଗ ବଣ୍ଟନ

ଡ୍ରପ୍‌ଆଉଟ ଶିଶୁଙ୍କ ଭବିଷ୍ୟତ ଶିକ୍ଷାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାଗଣା, ବାଧ୍ୟତାମୂଳକ ଶିଶୁ ଅଧିକାର ଆଇନ-୨୦୦୯ ସଂସଦରେ ସ୍ୱତନ୍ତ୍ର ବିଲ୍ ପାରିତ ହୋଇଥିଲା। ପରବର୍ତ୍ତୀ ସମୟରେ ସମସ୍ତ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିବାକୁ ସରକାର ବିଭିନ୍ନ ଯୋଜନା ସୁନିଶ୍ଚିତ କରୁଛନ୍ତି । କୌଣସି ଗୋଟିଏ ପିଲା ଯେପରି ଶିକ୍ଷାଲାଭରୁ ବାଦ୍ ନ ପଡନ୍ତି ସେଥିପାଇଁ ଘରୁ ଡାକି ଆଣି ବିଦ୍ୟାଳୟ ପହଞ୍ଚାଇବାକୁ ବ୍ୟବସ୍ଥା ରହିଛି। ଉତ୍ତମ ପାଠ ପଢିବା ପାଇଁ ପିଲାମାନଙ୍କୁ ମାଗଣାରେ ସ୍କୁଲ ୟୁନିଫର୍ମ, ମଧ୍ୟାହ୍ନଭୋଜନ, ସାଇକେଲ ଯୋଗାଣ, ବ୍ୟାଗ ବଣ୍ଟନ ସମେତ ବିଭିନ୍ନ ପ୍ରକାର ସୁବିଧା ସରକାର ଯୋଗାଇ ଦେଉଛନ୍ତି। ଏହା ସତ୍ତ୍ୱେ ସ୍କୁଲକୁ ପିଲାମାନେ ଆସିବା ପାଇଁ ଉଚିତ ମଣୁନାହାନ୍ତି। ଅପରପକ୍ଷରେ ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗରିବ, ଚାଷୀମୂଲିଆ, ଆଦିବାସୀ ପିଲାଙ୍କୁ ବୃତ୍ତି ଓ ଷ୍ଟାଇପେଣ୍ଡ ରାଶି ପ୍ରଦାନ କରାଯାଉଛି। ହେଲେ ଅନେକ ବିଦ୍ୟାଳୟ ଶ୍ରେଣୀ ଗୃହରେ ଶିକ୍ଷୟିତ୍ରୀଶିକ୍ଷକମାନେ ମୋବାଇଲରେ ବ୍ୟସ୍ତ ରହୁଛନ୍ତି ବୋଲି କୁହାଯାଉଛି। ଅପରପକ୍ଷରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ୨୫୦ ସରକାରୀ ବିଦ୍ୟାଳୟ ଓ ୪୫ଟି ହାଇସ୍କୁଲ ଥିବାବେଳେ ୨୮ ହଜାରରୁ ଅଧିକ ଛାତ୍ରୀଛାତ୍ର ପଢୁଛନ୍ତି। ଅଦ୍ୟାବଧି କେତୋଗୋଟି ବିଦ୍ୟାଳୟରେ ଛାତ୍ରୀଛାତ୍ର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଭାବକ ମହଲରେ କୁହାଯାଉଛି।

ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୟୁନିଫର୍ମ ଶାର୍ଟ, ପ୍ୟାଣ୍ଟ, ଜୋତା ଓ ଅନ୍ୟ ସାମଗ୍ରୀ ନିମ୍ନମାନର ଯୋଗାଣ କରାଯାଉଛି। ଛାତ୍ରୀଛାତ୍ରଙ୍କ ମାଗଣା ପୋଷାକ ସାମଗ୍ରୀ ଓ ଅନ୍ୟ ଆନୁଷଙ୍ଗିକ ବଣ୍ଟନ ଅର୍ଥରାଶି ଭାଗୁଆଳିମାନଙ୍କ ଭାଗ ବଣ୍ଟୁଆରାରେ ଥିବା କୁହାଯାଉଛି। ସେହିପରି ବ୍ଲକର ଅନେକ ବିଦ୍ୟାଳୟରେ ପୂର୍ବବର୍ଷଗୁଡ଼ିକର ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ବଣ୍ଟନ କରା ନ ଯାଇ ରଖାଯାଇ ଖତଖାଉଛି ବୋଲି ଜଣେ ପ୍ରଧାନ ଶିକ୍ଷକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ୟୁନିଫର୍ମ ବଣ୍ଟନ ଅର୍ଥ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିପିଲାଙ୍କ ପାଇଁ ଯଥାକ୍ରମେ ୬୦୦ ଓ ୪୦୦ ଟଙ୍କା ଅନୁଦାନ ପ୍ରଦାନ କରାଯାଉଛି। ଅପରପକ୍ଷରେ ୟୁନିଫର୍ମ ଯୋଗାଣ ପାଇଁ ପ୍ରଥମରୁ ଅଷ୍ଟମ ୧୪ଟି ଓ ନବମ, ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୩୧ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅନୁମତି ପ୍ରଦାନ କରାଯାଉଥିବା ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅଦ୍ୟାବଧି ୩୦ ପ୍ରତିଶତ ବିଦ୍ୟାଳୟରେ ୟୁନିଫର୍ମ ବଣ୍ଟନ ଅଧାପନ୍ତରିଆ ହୋଇ ରହିଛି ବୋଲି ପ୍ରଧାନ ଶିକ୍ଷକମାନେ କହିଛନ୍ତି। କେତେଗୋଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ କହିବା କଥା ନିମ୍ନମାନର ପୋଷାକ ଓ ସାମଗ୍ରୀ ପ୍ରଦାନ କରାଯାଉଛି। ୟୁନିଫର୍ମ ଯୋଗାଣକାରୀ ସଂସ୍ଥାକୁ ବାରଣ କରାଯାଇଥିଲେ ମଧ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯାହା ପୋଷାକ ଯାଉଛି ତାହା ରଖନ୍ତୁ ବୋଲି ଅଲିଖିତ ନିର୍ଦ୍ଦେଶ ଦେଉଛନ୍ତି ବୋଲି କେତେଜଣ ପ୍ରଧାନ ଶିକ୍ଷକ କହିଛନ୍ତି। ସରକାରଙ୍କ ପକ୍ଷରୁ ପିଲାମାନଙ୍କ ପାଇଁ ଆସୁଥିବା ଅର୍ଥ ବାଟବଣା ହେଉଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଶିକ୍ଷାବିତ୍ କହିଛନ୍ତି। ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରତି ବିଦ୍ୟାଳୟରେ ପିଲାଙ୍କ ନାମଲେଖା ଅନୁସାରେ ୩୦ରୁ ୪୦ ପ୍ରତିଶତ ପିଲାଙ୍କ ଅନୁପସ୍ଥିତି ବା ଉପସ୍ଥାନ ହ୍ରାସ ପାଉଛି ବୋଲି ଅଧିକାଂଶ ପ୍ରଧାନ ଶିକ୍ଷକ କହିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର ଆୟରଙ୍କୁ ପଚାରିବାରେ ଅଭିଯୋଗର ତଥ୍ୟ ଅନୁସାରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଅସହାୟଙ୍କୁ ସହାୟତାର ହାତ ବଢ଼ାଇବାକୁ ସଂକଳ୍ପ

**ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ୧୯୮୧ ମାଟ୍ରିକ ବ୍ୟାଚ ବନ୍ଧୁମିଳନ**

ରଘୁନାଥପୁର,୨୨।୧୨(ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ୧୯୮୧ ମାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଏହି ବ୍ୟାଚର ସଭାପତି ପ୍ରଭାତ ରାଉତ ବନ୍ଧୁମିଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସମାଜର ମଙ୍ଗଳ ପାଇଁ ଏକତ୍ରିତ ହୋଇ କ'ଣ କରିପାରିବେ ସେବିଷୟରେ ଆଲୋଚନା କରିଥିଲେ। ଅସହାୟଙ୍କୁ ସହାୟତା କରିବା ପାଇଁ ସଭିଏଁ ସଂକଳ୍ପ ନେଇଥିଲେ। ଏହି ଉତ୍ସବରେ କଲ୍ୟାଣ ମୁଖାର୍ଜୀ, ଭାସ୍କର ତ୍ରିପାଠୀ, ଜ୍ୟୋତିର୍ମୟୀ ନନ୍ଦ, ପ୍ରଦୀପ ଦାସ, ବାବୁଲି ସାହୁ, ରବି ବିଶ୍ୱାଳ,ବସନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ହେମନ୍ତ ସାହୁ, ବୀରକିଶୋର ବେହେରା,ପ୍ରଶାନ୍ତ ସାହୁ, ବସନ୍ତ ଦାସ, ବିବେକାନନ୍ଦ ସାହୁ ଓ ସୁଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କୁକୁର ପଶିଯିବାରୁ ସ୍କୁଟି ଆରୋହୀ ଗୁରୁତର

**ପାଣିକୋଇଲି, ୨୨।୧୨ (ବିକାଶ ଚନ୍ଦ୍ର ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ରବିବାର ରାତିରେ ଏକ କୁକୁର ସହ ଧକ୍କା ହୋଇ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଭୁବନେଶ୍ୱରର ନୟାପଲ୍ଲୀ ଥାନା ଅଞ୍ଚଳର ସଞ୍ଜୟ ନାୟକଙ୍କ ପୁଅ ଶୁଭାଶିଷ (୨୦) ଏକ ସ୍କୁଟିନଂ. ଓଡ଼ି୦୨ ଆର ୩୪୩୨ରେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ଉକ୍ତ ସ୍ଥାନରେ ହଠାତ ଏକ କୁକୁର ସ୍କୁଟି ସମ୍ମୁଖକୁ ଚାଲି ଆସିବାରୁ ଧକ୍କା ହୋଇଥିଲା। ଫଳରେ ଭାରସାମ୍ୟ ହରାଇ ଶୁଭାଶିଷ ରାସ୍ତା ଉପରେ ଘୋଷାଡ଼ି ହୋଇ ରକ୍ତାକ୍ତ ହୋଇଥିଲେ। ଖବରପାଇ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଶୁଭାଶିଷଙ୍କୁ ସ୍ଥାନୀୟ ଏକ ବେସରକାରୀ ଚିକିତ୍ସାଳୟକୁ ନେଇଥିଲେ। ଉକ୍ତ ଦୁର୍ଘଟଣାରେ କୁକୁରଟି ମରିଯାଇଥିବା ବେଳେ ସ୍କୁଟିଟି ମଧ ଭାଙ୍ଗିରୁଜି ଯାଇଛି।

**TO-LET**

A 5000 SFT 1st Floor Morden Office Premises available for long term rent at Main Road, Manchesswar Industrial Estate, Bhubaneswar. Plug & Play with all facilities like 5 Glass Cabins, Conference Hall, 40 Seat Capacity Hall, AC, Ceiling Lights, with well finished corporate style, ready to move office. Suitable for Elite business houses, Corporates/IT companies. Lift facility can be arranged.

**Contact No.: 9437011130**
**Email: malla@magnum-india.com**

**ଅସାଧାରଣ**
**ଅଂଶ-II-ଖଣ୍ଡ-3, ଉପଖଣ୍ଡ (II)**
**ରେଳମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ)**
**ସୂଚନା ପତ୍ର, ଭୁବନେଶ୍ୱର, ତାରିଖ-21.11.2025**
**ରେଳ ଆଇନ, 1989 ର ସେକ୍ସନ୍ 20A ଅନ୍ତର୍ଗତ ସୂଚନା**

**S.O. 5344(E).**- ରେଲୱେ (ସଂଶୋଧନ) ଆଇନ, 1989 (24/89)-ର ସେକ୍ସନ୍ 20Aର ସବ୍-ସେକ୍ସନ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେଲା ପରେ ଯେ ଜନ ସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହା ପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଲୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ "ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନ, ଓଡିଶାର ଗଞ୍ଜାମ ଜିଲ୍ଲାରେ ରମ୍ଭା (RBA)-ହୁମ୍ମା (HMA) ଷ୍ଟେସନ ମଧ୍ୟରେ KM 556/1-3ରେ ଲେଭେଲ୍ କ୍ରସିଂସଂଖ୍ୟା-275 ବନ୍ଦ କରିବା ପ୍ରତିଷ୍ଠାନରେ ସଡ଼କ ଉପର ଅଧିସେତୁ ନିର୍ମାଣ" ପ୍ରକଳ୍ପ ପାଇଁ, ସେହି ସ୍ଥଳ ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି।

ଉକ୍ତ ଜମିରେ ରୁଚିରୁପ୍ତ କୌଣସି ବ୍ୟକ୍ତି, ଅଧିକୃତ ଗଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶି ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ବିରୋଧ ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଥାଏ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ ଖଲିକୋଟ ତହସିଲଦାରଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା ଲେଭେଲ୍ କ୍ରସିଂସଂଖ୍ୟା-275 କୁ ବନ୍ଦ କରିବା ପରିବର୍ତ୍ତେ KM 556/1-3 ମଧ୍ୟରେ ରମ୍ଭା (RBA)-ହୁମ୍ମା (HMA) ଷ୍ଟେସନ୍ ମଧ୍ୟରେ ସଡ଼କ ଉପର ଅଧିସେତୁ ନିର୍ମାଣ ପାଇଁ ହାୱଡ଼ା-ଭିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥ ଖୁର୍ଦ୍ଧା ରୋଡ୍ ବିଭାଗରେ ନିର୍ମିତ ହେବ। ଏହାର ତଥ୍ୟ ଓ ତୃଟିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର। କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ସୁଣିବାର ସୁଯୋଗ ଦେବେ, ସେ ନିଜେ ଲଗତାର କିମ୍ବା ଏକ ଆଇନ ସମ୍ବିଧାନକାରୀ ମାଧମରେ ଆପତ୍ତିଗୁଡ଼ିକୁ ସୁଣିବେ, ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ସୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧମରେ, ସେହି ଆପତ୍ତିଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ।

ଏହି କାନୁନର 20D ର ସବ୍-ସେକସନ୍(2) ଅନୁସାରେ ପ୍ରାଧିକୃତ କର୍ତ୍ତୃକ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ। ଏହି ସୂଚନା ଅଧୀନ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରି ପାରିବେ।

**ସୂଚୀ**

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଅନେକ୍ସଚର-୧) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବାପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା 'ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନ ହେଉଥିବା ହାୱଡ଼ା-ବିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥରେ ରମ୍ଭା(RBA)-ହୁମ୍ମା(HMA) ଷ୍ଟେସନ୍ ମଧ୍ୟରେ KM-556/1-3 ରେ ଲେଭେଲ୍ କ୍ରସିଂସଂଖ୍ୟା.275 ବନ୍ଦ କରିବା ପ୍ରତିଷ୍ଠାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ') ଗଞ୍ଜାମ ଜିଲ୍ଲାରେ, ଓଡ଼ିଶା ରାଜ୍ୟରେ।

**ଜିଲ୍ଲାର ନାମ:-ଗଞ୍ଜାମ** **ଏନେକ୍ସର-1**

**ଭୂମି ସୂଚୀ**
**ପ୍ରକଳ୍ପର ନାମ:- ଆର.ଓ.ବି–275 ର ନିର୍ମାଣ**
**ଜିଲ୍ଲାର ନାମ:-ଗଞ୍ଜାମ, ବିଭାଗର ନାମ:-ଖୁର୍ଦ୍ଧା ରୋଡ୍**
**ତହସିଲଦାରଙ୍କ ନାମ:-ଖଲ୍ଲିକୋଟ**

| କ୍ରମିକ ସଂଖ୍ୟା | ଗାଁର ନାମ | ପ୍ଲଟ୍ ନମ୍ବର | ଏକରରେ | ଭୂମିର ପ୍ରକାର | ଭୂମିର ମାଲିକାନା |
|---|---|---|---|---|---|
| 1 | ରମ୍ଭା | 1550/4923 | 0.0430 | ଉପଲବ୍ଧ ନାହିଁ | ନିଜସ୍ୱ |
| 2 | ରମ୍ଭା | 1522 | 0.2054 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 3 | ରମ୍ଭା | 1521 | 0.0107 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 4 | ରମ୍ଭା | 2207 | 0.0293 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 5 | ରମ୍ଭା | 2209 | 0.3587 | ରାସ୍ତା | ସରକାରୀ |
| 6 | ରମ୍ଭା | 1563 | 0.1150 | ରାସ୍ତା | ସରକାରୀ |
| 7 | ରମ୍ଭା | 2205 | 0.0514 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 8 | ରମ୍ଭା | 2206 | 0.0024 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 9 | ରମ୍ଭା | 2206/4905 | 0.0048 | ବିଲ ଦୋଫସଲି ଦୁଇ | ନିଜସ୍ୱ |
| 10 | ରମ୍ଭା | 3033 | 0.0002 | ବିଲ ଦୋଫସଲି ଦୁଇ | ନିଜସ୍ୱ |
| 11 | ରମ୍ଭା | 3175 | 0.1157 | ବିଲ ଏକ | ନିଜସ୍ୱ |
| 12 | ରମ୍ଭା | 3173 | 0.1516 | ବିଲ ଏକ | ନିଜସ୍ୱ |
| 13 | ରମ୍ଭା | 3165 | 0.0525 | ଅଡ଼ି | ସରକାରୀ |
| 14 | ରମ୍ଭା | 3166 | 0.5079 | ଜଳାସୟ ଦୁଇ | ସରକାରୀ |
| 15 | ରମ୍ଭା | 3167 | 0.0266 | ଅଡ଼ି | ସରକାରୀ |
| 16 | ରମ୍ଭା | 3168 | 0.0014 | ଦେବସ୍ଥଳୀ | ସରକାରୀ |
| 17 | ରମ୍ଭା | 2210 | 0.1457 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 18 | ରମ୍ଭା | 2211 | 0.1818 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 19 | ରମ୍ଭା | 2213 | 0.0332 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 20 | ରମ୍ଭା | 2212 | 0.1180 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 21 | ରମ୍ଭା | 2214 | 0.1580 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 22 | ରମ୍ଭା | 2217 | 0.0914 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 23 | ରମ୍ଭା | 2863 | 0.2702 | ରାସ୍ତା | ସରକାରୀ |
| 24 | ରମ୍ଭା | 2863/4929 | 0.0272 | ନୟନଜୋରି | ସରକାରୀ |
| 25 | ରମ୍ଭା | 3035 | 0.0387 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 26 | ରମ୍ଭା | 3034 | 0.0276 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 27 | ରମ୍ଭା | 3036 | 0.3678 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 28 | ରମ୍ଭା | 3030 | 0.1467 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 29 | ରମ୍ଭା | 3031 | 0.1467 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 30 | ରମ୍ଭା | 3157 | 0.1283 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 31 | ରମ୍ଭା | 3158 | 0.0261 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 32 | ରମ୍ଭା | 3163 | 0.0499 | ରାସ୍ତା | ସରକାରୀ |
| 33 | ରମ୍ଭା | 4274 | 0.0328 | ନୟନଜୋରି | ସରକାରୀ |
| 34 | ରମ୍ଭା | 3174 | 0.1301 | ବିଲ ଏକ | ନିଜସ୍ୱ |
| 35 | ରମ୍ଭା | 3172 | 0.0460 | ନାଳ | ସରକାରୀ |
| | | ମୋଟ | 3.8428 | | |

**ତହଶିଲଦାର ଖଲିକୋଟ**
**ଉପ ମୁଖ୍ୟ ଇଞ୍ଜିନିୟର/ନିର୍ମାଣ/ଆରଏସପି/ ପୂର୍ବ ତଟ ରେଳପଥ /ଭୁବନେଶ୍ୱର**
PR-194/CI/25-26

# ନାଳରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**କାଏମା, ୨୨।୧୨ (ଶିବ ପ୍ରସାଦ ମହାନ୍ତି):**ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା ପଞ୍ଚାୟତ କୋହ୍ଲା ଗ୍ରାମ ନିକଟସ୍ଥ ଏକ ନାଳରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହକୁ ସୋମବାର ସନ୍ଧ୍ୟାରେ ଉଦ୍ଧାର କରିଛି। ସୂଚନା ମୁତାବକ, କୋହ୍ଲା ଗ୍ରାମର ସନିଆ ଦାସ (୮୫) ରବିବାର ଅପରାହ୍ନରେ ଶୌଚ ପାଇଁ ନିକଟସ୍ଥ ନାଳକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ସୋମବାର ଅପରାହ୍ନରେ ନାଳରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ପରେ ସନିଆଙ୍କ ଘରଲୋକ ସେଠାରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚିବା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଧର୍ମଶାଳା ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ କରୁଛି।

**"ଜାତୀୟ ତାଳଗୁଡ଼ ଦିବସ"**
**ଉପଲକ୍ଷେ**

**ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଲିଃ.**
**ପରିବାର ତରଫରୁ ତାଳଗୁଡ଼ ଶିଳ୍ପରେ ନିୟୋଜିତ ରାଜ୍ୟର ସମସ୍ତ କାରିଗର, କର୍ମଚାରୀ, ପ୍ରାଥମିକ ତାଳଗୁଡ଼ ସମିତି ଓ ସଂଘ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା, ଶୁଭେଚ୍ଛୁ ତଥା ତାଳଗୁଡ଼ ଶିଳ୍ପପ୍ରେମୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।**

**"ସହଯୋଗ ହିଁ ଯୁଗଧର୍ମ"**

**ପି ପ୍ରଭାକର ରାଓ**
**ପରିଚାଳନା ନିର୍ଦ୍ଦେଶକ**

**ପ୍ରଫୁଲ୍ଲ କୁମାର ଜେନା**
**ସଭାପତି**

# କଲେଜ ଛାତ୍ରୀ ପୋତିଲେ ଢଳେଇ ଘାଇ

**ବାଘୁଆମେଦୀ ଆଦିବାସୀ ଗାଁକୁ ଆମ୍ବୁଲାନ୍ସ ସେବା ବନ୍ଦ**



ବଉଳକଣି ପଞ୍ଚାୟତ ବାଘୁଆମେଦୀ କଲଭର୍ଟରେ ଖାଲ ପୋତିଛନ୍ତି ଗାଁ ଲୋକ ଓ କଲେଜ ପିଲା।

**ମହାକାଳପଡ଼ା, ୨୨।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଉଳ କଣି ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ଗାଁ ବାଘୁଆମେଦୀ ୧୧ ନମ୍ବର ୱାର୍ଡରେ ଶହେ ପରିବାର ବାସ କରନ୍ତି। ଗାଁ ମୁଖ୍ୟ ରାସ୍ତା ଶୋଚନୀୟ ହୋଇ ଥିବାରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଚାଷୀ, ବୁଦ୍ଧିଜୀବି ଓ ସାମାଜିକକର୍ମୀମାନେ ମିଳିତ ହୋଇ ଅଭିଯୋଗ କରିଛନ୍ତି। ଗାଁ ଲୋକଙ୍କ ସହିତ କଲେଜ ଛାତ୍ରୀ ଓ ସ୍କୁଲ ପିଲାମାନେ ବାଧହୋଇ ସୋମବାର ମାଟି ଭର୍ତ୍ତି କରିଥିବା ଦେଖିବକୁ ମିଳିଛି। ଗାଁ ମୁଖ୍ୟ ରାସ୍ତା କଲଭର୍ଟ ଖାଲ ପୋତିବା ପାଇଁ ଗ୍ରାମର ଖୁଣ୍ଟିଆ ସିଂ, ଟୁନୁ ସିଂ, ରବୀନ୍ଦ୍ର ସିଂ ଓ ଛାତ୍ରୀମାନଙ୍କ ମଧ୍ୟରେ ସୋନାଲି ସିଂ, ରୂପାଲୀ ସିଂ, ବନିତା ସିଂ, ସୀମା ସିଂ, ମାମା ସିଂ, ନମିତା ସିଂ, ବର୍ଷା ସିଂ, ସଙ୍ଗୀତା ସିଂ ଓ ରେଖା ସିଂଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

ଅଦ୍ୟାବଧି ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ଗାଁକୁ ଆସିବା ବନ୍ଦ ହୋଇଯାଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। କିଛି ବର୍ଷ ପୂର୍ବେ ଗାଁକୁ ପକ୍କା ରାସ୍ତା ନିର୍ମାଣ ହୋଇଥିଲା। ହେଲେ ନିମ୍ନମାନର ଢ଼ଳେଇ କାର୍ଯ୍ୟ ଯୋଗୁ ଫାଟି ଦୁଇଫାଳ ହୋଇ ଗାତ ସୃଷ୍ଟି ହୋଇଛି। ପ୍ରଶାସନକୁ ବହୁବାର ଅଭିଯୋଗ କରିଥିଲେ ମଧ ତାହା ଆଦିବାସୀଙ୍କ ପାଇଁ ଲକ୍ଷ୍ମଣ ରେଖା ପାଲଟିଛି। ଏ ସମ୍ପର୍କରେ ଜିଲାପାଳ ରଘୁରାମ ଆର ଆୟରଙ୍କୁ ପଚାରିବାରୁ ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ଭାରତୀୟ କପା ନିଗମ ଲିମିଟେଡ୍**
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୨.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

[illegible]

ସ୍ୱା/-ଶାଖା ପ୍ରମୁଖ

# ଗୋଡ଼ିପଡ଼ାରେ ନୂଆ ବ୍ଲକ ପାଇଁ କ୍ରିୟାନୁଷ୍ଠାନ କମିଟି ବୈଠକ

- ୧୫ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟଙ୍କ ଅଂଶଗ୍ରହଣ
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପାଇଁ ପ୍ରସ୍ତାବ

ନୟାଗଡ଼,୨୨।୧୨(ଲୋକନାଥ ମିଶ୍ର)



ବୈଠକରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ।

ଗୋଡିପଡାରେ ନୂତନ ବ୍ଲକ ଗଠନ ପାଇଁ କ୍ରିୟାନୁଷ୍ଠାନ କମିଟି ବୈଠକ ଗୋଡିପଡ଼ା କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ରିୟାନୁଷ୍ଠାନ କମିଟି ସଭାପତି ସତ୍ୟବାଦୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୧୫ ସରପଞ୍ଚ, ସମିତି ସଭ୍ୟ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ପ୍ରସ୍ତାବିତ ଗୋଡିପଡ଼ା ବ୍ଲକରେ ଯେଉଁ ପଞ୍ଚାୟତଗୁଡିକ ସାମିଲ ହେବାର ଅଛି ସେଥିରୁ ଅଧିକାଂଶ ଗାଁ ଆଦିବାସୀ ଅଧ୍ୟୁଷିତ ବୋଲି ସରକାରଙ୍କୁ ଅବଗତ କରାଯାଉ। ସେହିପରି ଭୌଗୋଳିକ ଦୃଷ୍ଟିକୋଣରୁ ନୟାଗଡ଼, ରଣପୁର ଓ ଓଡ଼ଗାଁ ବ୍ଲକ ମଧ୍ୟବର୍ତ୍ତୀ ଅଞ୍ଚଳ ଗୋଡିପଡ଼ା ହୋଇଥିବାରୁ ବ୍ଲକ ଗୋଡିପଡାରେ ହେବାର ଆବଶ୍ୟକତା ରହିଛି ତାହା ମଧ୍ୟ ସରକାରଙ୍କୁ ଅବଗତ କରାଯିବାକୁ ନିଷ୍ପତି ହୋଇଛି। ଅପରପକ୍ଷେ ଗୋଡିପଡ଼ାରେ ବ୍ଲକ ପାଇଁ ଜିଲାପାଳ, ମୁଖ୍ୟମନ୍ତ୍ରୀ, ବାଚସ୍ପତି, ବିଧାୟକ ଓ ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟ ଶେଷ ହୋଇଥିବା ବେଳେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେବା ପାଇଁ ଅନୁରୂପ ନିଷ୍ପତି ହୋଇଛି ।

ପ୍ରକାଶଯେ, ଗୋଡିପଡ଼ା ଓଡଗାଁ ବ୍ଲକରେ ରହିଥିବାବେଳେ ନୟାଗଡ଼, ରଣପୁର ଏବଂ ଓଡଗାଁ ବ୍ଲକ ମଧ୍ୟବର୍ତ୍ତୀ ଅଞ୍ଚଳ। ଗୋଡିପଡ଼ାଠାରୁ ୩ ବ୍ଲକର ଦୂରତା ୨୫ କି.ମି.ରହିଛି । ଗୋଡିପଡା ଓଡଗାଁ ବ୍ଲକରେ ଥିବାବେଳେ ଗୋଡିପଡା ଓ ଆଖପାଖ ପଞ୍ଚାୟତ ଜନସାଧାରଣ ୨୫ କି.ମି. ଯାଇ ସେମାନଙ୍କର ବ୍ଲକ, ତହସିଲ ଓ ଅନ୍ୟାନ୍ୟ କାମ କରିବା ନେଇ ହଇରାଣ ହୋଇ ଆସୁଛନ୍ତି । ପୁଣି ରଣପୁର, ନୟାଗଡ଼ ଏବଂ ଓଡଗାଁ ବ୍ଲକରେ ପଞ୍ଚାୟତ ସଂଖ୍ୟା ବୃଦ୍ଧି ପାଇଛି। ୩ ବ୍ଲକରୁ କେତେକ ପଞ୍ଚାୟତକୁଅଣାଯାଇ ଗୋଡିପଡ଼ା ବ୍ଲକରେ ରଖାଗଲେ ୩ ବ୍ଲକ ସୀମାନ୍ତ ଅଞ୍ଚଳ ଲୋକ ଉପକୃତ ହେବେ ବୋଲି କୁହାଯାଉଛି।

ଗୋଡିପଡାରେ ବ୍ଲକ ଗଠନ ଦାବି ୫୫ ବର୍ଷ ହେଲା ହୋଇ ଆସୁଥିବାବେଳେ ସରକାରଙ୍କର ନିଷ୍ପତି ଗୋଡିପଡା ଅଞ୍ଚଳର ବ୍ଲକ ପ୍ରତିଷ୍ଠା ଦାବି ପ୍ରତି ଆଶା ସଞ୍ଚାର କରିଥିଲା । ତେବେ ବ୍ଲକ ଗଠନ ପାଇଁ ସରକାରଙ୍କ ପ୍ରସ୍ତାବ କଣ ଜଣା ପଡୁନାହିଁ। ଅନ୍ୟପକ୍ଷେ ଗୋଡିପଡ଼ାରେ ବ୍ଲକ ପାଇଁ ଆବଶ୍ୟକ ଭିତ୍ତିଭୂମି ଥିବାବେଳେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ମଧ ବ୍ଲକ ପୁର୍ନଗଠନ କମିଟିର ଗୋଡିପଡ଼ା ବ୍ଲକ ପାଇଁ ସୁପାରିସ ଥିଲା। ତେବେ କେନ୍ଦ୍ର ସରକାରଙ୍କ ସିଗ୍‌ନାଲ ମିଳିନଥିବାରୁ ବ୍ଲକ ଗଠନ ଦାବି ଉପେକ୍ଷିତ ହୋଇ ରହିଯାଇଥିଲା। ଏବେ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଥିବାରୁ ରାଜ୍ୟ ସରକାରଙ୍କର ବ୍ଲକ ପୁର୍ନଗଠନ ନିଷ୍ପତିର ଫାଇଦା ଗୋଡିପଡା ନେବ ବୋଲି ଆଶା ରହିଛି ।

ବୈଠକରେ ଗୋଡିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମି ସାହୁ, ସମିତି ସଭ୍ୟା ସସ୍ମିତା ମହାନ୍ତି, ଡମସାହି, ହରିଡାବନ୍ଧ, ଆଙ୍ଗିସିଙ୍ଗି, କଜଳାଇପଲ୍ଲୀ, ଗୋଲଗାଁ, ଭାଲିଆଡିହି, ପଞ୍ଚୁମୁ, ବନ୍ଧମୁଣ୍ଡାର ସରପଞ୍ଚ ଓ ସମିତି ସଭ୍ୟ, ଉଭୟଙ୍କ ପ୍ରତିନିଧି ଯୋଗ ଦେଇଥିଲେ । ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଭାତ ଦଳବେହେରା ଓ ଗୋଡିପଡ଼ା ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପଡ଼ିଆରି ଯୋଗଦେଇ ପ୍ରସ୍ତାବିତ ଗୋଡିପଡ଼ା ବ୍ଲକରେ ଆଦିବାସୀଙ୍କ ସଂଖ୍ୟା ଅଧିକ ଥିବାରୁ ବ୍ଲକ ଗଠନ କରିବାକୁ ସରକାର ପ୍ରାଧାନ୍ୟ ଦେବେ ବୋଲି କହିଥିଲେ। ବ୍ଲକ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ବସନ୍ତ କୁମାର ମହାନ୍ତି ବିବରଣୀ ପାଠ ସହ ଗୋଡିପଡ଼ାରେ ବ୍ଲକ ପାଇଁ ଆନ୍ଦୋଳନକୁ ଦ୍ୱରାନ୍ୱିତ କରିବାକୁ ପ୍ରସ୍ତାବ ଦେଇଥିଲେ।

## ଘରୋଇ ଟ୍ୟୁଶନ, କୋଚିଂ ସେଣ୍ଟରରେ ସରକାରୀ ଶିକ୍ଷକ, ଅଧାପକ ବ୍ୟସ୍ତ

ଖଣ୍ଡପଡ଼ା, ୨୨।୧୨(ଅଜୟ କୁମାର ମହାରଣା)

ସରକାରୀ ଶିକ୍ଷକମାନେ ଘରୋଇ ଟ୍ୟୁଶନ କରିପାରିବେ ନାହିଁ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯଦି କେହି ଶିକ୍ଷକ ଓ ଅଧାପକ ଘରୋଇ ଟ୍ୟୁଶନ କରୁଥିବାର ଦୃଷ୍ଟିକୁ ଆସେ ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ମାତ୍ର ନିର୍ଦ୍ଦେଶନାମା ଠିକ୍ ରୂପେ କାର୍ଯ୍ୟକାରୀ ହେଉ ନ ଥିବାର ସୁଯୋଗ ନେଇ ଖଣ୍ଡପଡ଼ା ସହରାଞ୍ଚଳ ସମେତ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ପରି ଖୋଲିଥିବା ଘରୋଇ କୋଚିଂ ସେଣ୍ଟର ଓ ଟ୍ୟୁଶନରେ ଏକାଧିକ ସରକାରୀ ଶିକ୍ଷକ ଓ ଅଧାପକ ଛାତ୍ରୀଛାତ୍ରମାନଙ୍କୁ ପାଠ ପାଉଥିବା ଜଣାପଡିଛି। ଫଳରେ ସରକାରଙ୍କ ନିର୍ଦ୍ଦେଶନାମା ପାଣିର ଗାର ପାଲଟିବା ସହ କେବଳ ଘୋଷଣାରେ ସୀମିତ ଥିବା ଜଣାପଡିଛି। ଜିଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭକରି ବିଭିନ୍ନ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଏହି ନିର୍ଦ୍ଦେଶକୁ ସରକାରୀ ବିଦ୍ୟାଳୟଗୁଡିକ କାର୍ଯ୍ୟରତ ଶିକ୍ଷକ ଓ ଅଧାପକମାନେ ଅଣଦେଖାକରି ଘରୋଇ ଟ୍ୟୁଶନରେ ବ୍ୟସ୍ତ ରହୁଥିବା ଜଣାପଡିଛି। ଫଳରେ ସରକାରୀ ଶିକ୍ଷାନୁଷ୍ଠାନ ଅପେକ୍ଷା କୋଚିଂ ସେଣ୍ଟର ଓ ଟ୍ୟୁଶନକୁ ସମ୍ପୃକ୍ତ ଶିକ୍ଷକମାନେ ଅଧିକ ଗରୁତ୍ୱ ଦେଉଥିବା ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳ ଦୃଷ୍ଟିଦେବାକୁ ଦାବି ହେଉଛି।

## ଯୋଜନାର ପୁନଃ ପ୍ରଚଳନ ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ନୟାଗଡ,୨୨।୧୨(ଲୋକନାଥ ମିଶ୍ର)

କେନ୍ଦ୍ର ମୋଦି ସରକାର ବିକଶିତ ଭାରତ ଜୀ ରାମଜୀ ଯୋଜନା ପ୍ରବର୍ତ୍ତନ ଆଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ କବର ଦେଇ ଉପା ସରକାରଙ୍କ ପ୍ରଣୀତ ଜନବାଦୀ କାର୍ଯ୍ୟକ୍ରମକୁ ହଟେଇ ଦେଇଛନ୍ତି । ପୁଣି ଏହି ପ୍ରତିକ୍ରିୟାଶୀଳ ନୀତିର ପୃଷ୍ଠପୋଷକତାରେ ଗାନ୍ଧିଜୀଙ୍କ ନାମକୁ ମୂଳପୋଛ କରିବାର ହୀନଚକ୍ରାନ୍ତ କରିଥିବାରୁ ସିପିଆଇ(ଏମ୍)ପକ୍ଷରୁ ନୟାଗଡ଼ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୋଜନାର ପୁନଃ ପ୍ରଚଳନ କରିବା ସହିତ କର୍ମ ଦିବସ ୨୦୦ ଦିନକୁ ବୃଦ୍ଧି କରିବା ଦାବି ନେଇ କର୍ମୀମାନେ ନୟାଗଡ଼ ସହର ପରିକ୍ରମା କରିଥିଲେ। ଅପରପକ୍ଷେ ଜିଲାପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ବରିଷ୍ଠ ସିପିଆଇଏମ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ପାର୍ଟିର ନେତୃତ୍ୱ ସାଥୀ ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ, ସରୋଜ କୁମାର ନାୟକ, ଜ୍ୟୋତିପ୍ରଭା ଜେନା, ବିପିନ ବାଛୁ, ବୁଦ୍ଧି ନାୟକ, ନିରଞ୍ଜନ ସାହୁ, କୁଳମଣି ପୃଷ୍ଟି ଓ ଚାପଧାରୀ ରାଉତ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ।



ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ମାର୍ଚ୍ଚ ୧୫ରୁ ୭ଦିନ ଧରି ଚାଲିବ ମହୋତ୍ସବ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ନାଟ୍ୟଧାରା ସଦସ୍ୟମାନେ ।

### ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ନୟାଗଡ଼,୨୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହରସ୍ଥିତ ବଡ଼ମଠରେ ନାଟ୍ୟଧାରା ନାଟ୍ୟନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ନାଟ୍ୟଭୂଷଣ ବିଜୟ କୁମାର ଚୌଧୁରୀ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ନାଟ୍ୟକାର ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନାଟ୍ୟମେଳା ତଥା ନାଟକ ମହୋତ୍ସବ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମାର୍ଚ୍ଚ ୧୫ରୁ ୨୧ ସପ୍ତାହବ୍ୟାପୀ ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୨୬ ପଠାଣି ସାମନ୍ତ ଅଡିଟୋରିୟମଠାରେ କରିବାକୁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ଭୁବନେଶ୍ୱର, ସମ୍ବଲପୁର, କଟକ, ବରଗଡ଼, ବାଲେଶ୍ୱର ଏବଂ ନୟାଗଡ଼ ପ୍ରଭୃତି ସ୍ଥାନର ଧୁରୀଣ ନାଟ୍ୟାନୁଷ୍ଠାନଗୁଡ଼ିକ ସହିତ ନାଟକ ମଞ୍ଚସ୍ଥ ନିମନ୍ତେ ଯୋଗାଯୋଗ କରାଯାଉଛି। ପ୍ରତ୍ୟହ ସନ୍ଧ୍ୟା ୭ଟା୩୦ରେ ଆରମ୍ଭ ହେବାକୁ ଥିବା ନାଟକଗୁଡିକ ଥିଏଟର ଶୈଳୀରେ ପ୍ରଦର୍ଶିତ ହୋଇ ସର୍ବାଧିକ ୨ ଘଣ୍ଟା ଅବଧି ମଧ୍ୟରେ ଶେଷ ହେବ। ନାଟକ ସମୂହ ସାମ୍ପ୍ରତିକ ସମାଜ ଭିତ୍ତିକ ହୋଇ ଦର୍ଶକୀୟ ଆଦୃତି ଲାଭ କରିବ ବୋଲି ଉପସ୍ଥିତ ନାଟ୍ୟଧାରା ସଦସ୍ୟମାନେ ମତ ଦେଇଥିଲେ।

## ନୟାଗଡ଼ରେ ମେଡିକାଲ କଲେଜ ପାଇଁ ପୁରୀ ଏମ୍‌ପିଙ୍କୁ ସ୍ମାରକପତ୍ର

ନୟାଗଡ଼,୨୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ରେ ମେଡ଼ିକାଲ କଲେଜ ସ୍ଥାପନ ନେଇ ଜୟ ନୟାଗଡ଼ ଫାଉଣ୍ଡେଶନ ପକ୍ଷରୁ ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ନେବା ବେଳେ ଏମ୍‌ପି ପୋଜ ଦେଲେ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ମାପିଚୁପି ଦେଇଥିଲେ । ନୟାଗଡ଼ରେ ସ୍ମାରକପତ୍ର ନେବା ବେଳେ ଏମ୍‌ପି ପାତ୍ର କହିଥିଲେ, ଏମ୍‌ପିର କାର୍ଯ୍ୟ ଲଢ଼େଇ ଲଗାଇବା ନୁହେଁ, ସମାଧାନ କରିବା ହେଉଛି ଦାୟିତ୍ୱ। ମୁଖ୍ୟମନ୍ତ୍ରୀ ସମ୍ବେଦନଶୀଳ ବ୍ୟକ୍ତି। ମୁଖ୍ୟମନ୍ତ୍ରୀ ଯେତେବେଳେ ସବୁ ଅଧ୍ୟୟନ କରି ଏମ୍‌ପି, ବିଧାୟକ ଓ ସମସ୍ତଙ୍କୁ ଡାକି ଚର୍ଚ୍ଚା କରିବେ ତା ପରେ ମେଡିକାଲ କଲେଜ ସମ୍ପର୍କରେ କହିବାର କ୍ଷମତା ରହିବ। ଏବେ ମୁଖ୍ୟମନ୍ତ୍ରୀ ବୈଠକ କି ଚର୍ଚ୍ଚା କରି ନ ଥିବାରୁ ମୁଁ କିଛି କହି ପାରିବି ନାହିଁ । ମୁଖ୍ୟମନ୍ତ୍ରୀ କହିବା ପୂର୍ବରୁ ମୁଁ କିଛି କହିବା ଧୃଷ୍ଟତା ହେବବୋଲି କହିଛନ୍ତି । ଅନ୍ୟପକ୍ଷେ ମେଡ଼ିକାଲ କଲେଜ ରଣପୁରେ ହେଉ କିମ୍ବା ନୟାଗଡ଼ରେ ହେଉ ଉଭୟେ ମୋ ପାଇଁ ବାପା ମା ସଦୃଶ ବୋଲି କହିଛନ୍ତି ।

### ନିର୍ଦ୍ଦିଷ୍ଟ ସ୍ଥାନର ନାଁ ନେଲେ ନାହିଁ ବାଚସ୍ପତି

ନୟାଗଡ଼ ଜିଲା ମେଡିକାଲ କଲେଜ ଚାନ୍ଦପୁର ନାଁ ନୟାଗଡ଼ରେ କରାଯିବ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନ ଉତ୍ତରରେ ବାଚସ୍ପତି ସୁରମା ପାଢୀ ସ୍ପଷ୍ଟ କରି ନ ଥିଲେ। ବାଚସ୍ପତିଙ୍କ ସୂଚନା ଅନୁସାରେ ଜିଲାରେ ମେଡ଼ିକାଲ କଲେଜ କରାଯିବା ପାଇଁ ସରକାର ଘୋଷଣା କରିଛନ୍ତି। କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଏହା ଚାଲିଥିଲା । ବର୍ତ୍ତମାନ ରାଜ୍ୟ ଅଂଶଧନରେ ମେଡ଼ିକାଲ କଲେଜ ସ୍ଥାପନ ହେବାର ରହିଛି। ଏହି ପରିପ୍ରେକ୍ଷୀରେ କେଉଁ ଜାଗାରେ ମେଡ଼ିକାଲ କଲେଜ ହେବ ବଡ କଥା ନୁହେଁ, ଆମ ଜିଲାରେ ମେଡ଼ିକାଲ କଲେଜ ହେବା ଦରକାର । ଯେମିତି ଆମ ଜିଲାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଚାନ୍ଦପୁର ମେଡ଼ିକାଲରେ କରୋନା ସମୟରେ ଦୁଇଟି ସ୍ଥାନରେ ଅକ୍ସିଜେନ କେନ୍ଦ୍ର ସ୍ଥାପନ ହେଲା। ଚାନ୍ଦପୁର ମେଡ଼ିକାଲକୁ କୋଭିଡ ସେଣ୍ଟର ଘୋଷଣା କରାଗଲା। ମୂଳ କଥା ସ୍ୱାସ୍ଥ୍ୟସେବା ନୟାଗଡ଼ ଜିଲାରେ ଠିକ ଭାବରେ ମିଳିବା ଦରକାର।

**TO-LET**

A 5000 SFT 1st Floor Morden Office Premises available for long term rent at Main Road, Mancheswar Industrial Estate, Bhubaneswar. Plug & Play with all facilities like 5 Glass Cabins, Conference Hall, 40 Seat Capacity Hall, AC, Ceiling Lights, with well finished corporate style, ready to move office. Suitable for Elite business houses, Corporates/IT companies. Lift facility can be arranged.

**Contact No.: 9437011130**
Email: malla@magnum-india.com

**ଅସାଧାରଣ**
**ଅଂଶ-II-ଖଣ୍ଡ-3, ଉପଖଣ୍ଡ (II)**
**ରେଳମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ)**
**ସୂଚନା ପତ୍ର, ଭୁବନେଶ୍ୱର, ତାରିଖ-21.11.2025**
**ରେଳ ଆଇନ, 1989 ର ସେକ୍ସନ୍ 20A ଅନ୍ତର୍ଗତ ସୂଚନା**

**S.O. 5344(E).**- ରେଲୱେ (ସଂଶୋଧନ) ଆଇନ, 1989 (24/89)-ର ସେକ୍ସନ୍ 20Aର ସବ୍-ସେକ୍ସନ୍ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେଲା ପରେ ଯେ ଜନ ସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହା ପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଲୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ "ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନ, ଓଡିଶାର ଗଞ୍ଜାମ ଜିଲ୍ଲାରେ ରମ୍ଭା (RBA)-ହୁମ୍ମା (HMA) ଷ୍ଟେସନ ମଧ୍ୟରେ KM 556/1-3ରେ ଲେଭେଲ୍ କ୍ରସିଂସଂଖ୍ୟା-275 ବନ୍ଦ କରିବା ପ୍ରତିଷ୍ଠାନରେ ସଡ଼କ ଉପର ଅଧିସେତୁ ନିର୍ମାଣ" ପ୍ରକଳ୍ପ ପାଇଁ, ସେହି ସ୍ଥଳ ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି।

ଉକ୍ତ ଜମିରେ ରୁଚିରୁପ୍ତ କୌଣସି ବ୍ୟକ୍ତି, ଅଧିକୃତ ଗଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶି ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ବିରୋଧ ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଥାଏ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ ଖଲିକୋଟ ତହସିଲଦାରଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା ଲେଭେଲ୍ କ୍ରସିଂସଂଖ୍ୟା-275 କୁ ବନ୍ଦ କରିବା ପରିବର୍ତ୍ତେ KM 556/1-3 ମଧ୍ୟରେ ରମ୍ଭା (RBA)-ହୁମ୍ମା (HMA) ଷ୍ଟେସନ୍ ମଧ୍ୟରେ ସଡ଼କ ଉପର ଅଧିସେତୁ ନିର୍ମାଣ ପାଇଁ ହାଓଡ଼ା-ଭିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥ ଖୁର୍ଦ୍ଧା ରୋଡ୍ ବିଭାଗରେ ନିର୍ମିତ ହେବ। ଏହାର ତଥ୍ୟ ଓ ତ୍ରୁଟିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର। କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ସୁଣିବାର ସୁଯୋଗ ଦେବେ, ସେ ନିଜେ ଲଗତାର କିମ୍ବା ଏକ ଆଇନ ସମ୍ବିଧାନକାରୀ ମାଧ୍ୟମରେ ଆପତ୍ତିଗୁଡ଼ିକୁ ସୁଣିବେ, ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ସୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧ୍ୟମରେ, ସେହି ଆପତ୍ତିଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ।

ଏହି କାନୁନର 20D ର ସବ୍-ସେକସନ୍(2) ଅନୁସାରେ ପ୍ରାଧିକୃତ କର୍ତ୍ତୃକ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ। ଏହି ସୂଚନା ଅଧୀନ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରି ପାରିବେ।

**ସୂଚୀ**

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଅନେକ୍ସଚର-୧) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବାପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା 'ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନ ହେଉଥିବା ହାଓଡ଼ା-ବିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥରେ ରମ୍ଭା(RBA)-ହୁମ୍ମା(HMA) ଷ୍ଟେସନ୍ ମଧ୍ୟରେ KM-556/1-3 ରେ ଲେଭେଲ୍ କ୍ରସିଂସଂଖ୍ୟା.275 ବନ୍ଦ କରିବା ପ୍ରତିଷ୍ଠାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ') ଗଞ୍ଜାମ ଜିଲ୍ଲାରେ, ଓଡ଼ିଶା ରାଜ୍ୟରେ।

**ଜିଲ୍ଲାର ନାମ:-ଗଞ୍ଜାମ** — **ଏନେକ୍ସର-1**

**ଭୂମି ସୂଚୀ**
**ପ୍ରକଳ୍ପର ନାମ:- ଆର.ଓ.ବି–275 ର ନିର୍ମାଣ**
**ଜିଲ୍ଲାର ନାମ:-ଗଞ୍ଜାମ, ବିଭାଗର ନାମ:-ଖୁର୍ଦ୍ଧା ରୋଡ୍**
**ତହସିଲଦାରଙ୍କ ନାମ:-ଖଲ୍ଲିକୋଟ**

| କ୍ରମିକ ସଂଖ୍ୟା | ଗାଁର ନାମ | ପ୍ଲଟ୍ ନମ୍ବର | ଏକରରେ | ଭୂମିର ପ୍ରକାର | ଭୂମିର ମାଲିକାନା |
|---|---|---|---|---|---|
| 1 | ରମ୍ଭା | 1550/4923 | 0.0430 | ଉପଲବ୍ଧ ନାହିଁ | ନିଜସ୍ୱ |
| 2 | ରମ୍ଭା | 1522 | 0.2054 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 3 | ରମ୍ଭା | 1521 | 0.0107 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 4 | ରମ୍ଭା | 2207 | 0.0293 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 5 | ରମ୍ଭା | 2209 | 0.3587 | ରାସ୍ତା | ସରକାରୀ |
| 6 | ରମ୍ଭା | 1563 | 0.1150 | ରାସ୍ତା | ସରକାରୀ |
| 7 | ରମ୍ଭା | 2205 | 0.0514 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 8 | ରମ୍ଭା | 2206 | 0.0024 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 9 | ରମ୍ଭା | 2206/4905 | 0.0048 | ବିଲ ଦୋଫସଲି ଦୁଇ | ନିଜସ୍ୱ |
| 10 | ରମ୍ଭା | 3033 | 0.0002 | ବିଲ ଦୋଫସଲି ଦୁଇ | ନିଜସ୍ୱ |
| 11 | ରମ୍ଭା | 3175 | 0.1157 | ବିଲ ଏକ | ନିଜସ୍ୱ |
| 12 | ରମ୍ଭା | 3173 | 0.1516 | ବିଲ ଏକ | ନିଜସ୍ୱ |
| 13 | ରମ୍ଭା | 3165 | 0.0525 | ଅଡ଼ି | ସରକାରୀ |
| 14 | ରମ୍ଭା | 3166 | 0.5079 | ଜଳାସୟ ଦୁଇ | ସରକାରୀ |
| 15 | ରମ୍ଭା | 3167 | 0.0266 | ଅଡ଼ି | ସରକାରୀ |
| 16 | ରମ୍ଭା | 3168 | 0.0014 | ଦେବସ୍ଥଳୀ | ସରକାରୀ |
| 17 | ରମ୍ଭା | 2210 | 0.1457 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 18 | ରମ୍ଭା | 2211 | 0.1818 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 19 | ରମ୍ଭା | 2213 | 0.0332 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 20 | ରମ୍ଭା | 2212 | 0.1180 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 21 | ରମ୍ଭା | 2214 | 0.1580 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 22 | ରମ୍ଭା | 2217 | 0.0914 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 23 | ରମ୍ଭା | 2863 | 0.2702 | ରାସ୍ତା | ସରକାରୀ |
| 24 | ରମ୍ଭା | 2863/4929 | 0.0272 | ନୟନଜୋରି | ସରକାରୀ |
| 25 | ରମ୍ଭା | 3035 | 0.0387 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 26 | ରମ୍ଭା | 3034 | 0.0276 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 27 | ରମ୍ଭା | 3036 | 0.3678 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 28 | ରମ୍ଭା | 3030 | 0.1467 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 29 | ରମ୍ଭା | 3031 | 0.1467 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 30 | ରମ୍ଭା | 3157 | 0.1283 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 31 | ରମ୍ଭା | 3158 | 0.0261 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 32 | ରମ୍ଭା | 3163 | 0.0499 | ରାସ୍ତା | ସରକାରୀ |
| 33 | ରମ୍ଭା | 4274 | 0.0328 | ନୟନଜୋରି | ସରକାରୀ |
| 34 | ରମ୍ଭା | 3174 | 0.1301 | ବିଲ ଏକ | ନିଜସ୍ୱ |
| 35 | ରମ୍ଭା | 3172 | 0.0460 | ନାଳ | ସରକାରୀ |
| | | ମୋଟ | 3.8428 | | |

ତହଶିଲଦାର ଖଲିକୋଟ — ଉପ ମୁଖ୍ୟ ଇଞ୍ଜିନିୟର/ନିର୍ମାଣ/ଆରଏସପି/ ପୂର୍ବ ତଟ ରେଳପଥ /ଭୁବନେଶ୍ୱର

PR-194/CI/25-26

# ଭିବି ଜି ରାମ ଜି ଆଇନ ପ୍ରତ୍ୟାହାର ଦାବି

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡିଓଙ୍କୁ ଦାବିପତ୍ର


ସିପିଆଇ(ଏମ୍) ରଣପୁର ଆଞ୍ଚଳିକ କମିଟି ତରଫରୁ ସିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରଣପୁର, ୨୨।୧୨ (ସୁକାନ୍ତ କିଶୋର ଡାକୁଆ)

ଦେଶରେ ଭାଜପା ସରକାର ଆଗରୁ ପ୍ରଚଳିତ ବିଭିନ୍ନ ଯୋଜନା ଓ ଆଇନର ନାମ ବଦଳାଇ ନୂଆ ନାମ ଦେଉଥିଲା ବେଳେ ଏହାକୁ ନେଇ ପ୍ରତିବାଦର ସ୍ୱର ଦେଖିବାକୁ ମିଳୁଛି । ଏନେଇ ସୋମବାର ରଣପୁର ବ୍ଲକ୍‌ରେ ଜିଲା ପ୍ରଶାସନ ତରଫରୁ ଅନୁଷ୍ଠିତ ଜନଶୁଣାଣିରେ ଏହି ଆଇନକୁ ୪ ଟି ବାମପନ୍ଥୀ ଦଳ ବିରୋଧକରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ)ଙ୍କୁ ଏକ ଦାବିପ୍ରତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ଭିବି ଜି ରାମ ଜି ଆଇନ ପ୍ରତ୍ୟାହାର କରିବା, ଏମ୍‌ଜିଏନ୍‌ଆରଇଜିଏସ୍ ଆଇନ ପୁନଃ ପ୍ରଚଳନ କରିବା ପାଇଁ ଦେଶରେ ୪ ବାମପନ୍ଥୀ ଦଳଗୁଡ଼ିକ ଆହ୍ୱାନରେ ସିପିଆଇ(ଏମ୍) ରଣପୁର ଆଞ୍ଚଳିକ କମିଟି ତରଫରୁ ରଣପୁର ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବ ଉପା ସରକାରଙ୍କ ଦ୍ୱାରା ୨୦୦୫ ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଗ୍ରାମୀଣ) ପ୍ରଣୟନକରି ଗ୍ରାମାଞ୍ଚଳର କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କ ପାଇଁ ଶହେ ଦିନର ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିଲେ। କେନ୍ଦ୍ର ଭାଜପା ସରକାର ଆସିବାପରେ ଉକ୍ତ ଯୋଜନାରୁ ବଜେଟରେ ଟଙ୍କା ପର୍ଯ୍ୟାୟକ୍ରମେ ବ୍ୟୟ ହ୍ରାସକରି ଆସୁଥିଲେ। ଶେଷରେ ଚଳିତ ସଂସଦ ଅଧିବେଶନରେ ଏହାର ନାମ ପରିବର୍ତ୍ତନ କରି ଭିବି ଜି ରାମ ଜି ନାମରେ ନୂଆ ଆଇନ ଲାଗୁ କରିବା ପାଇଁ ଯାଉଛନ୍ତି। ବାମପନ୍ଥୀ ଦଳଙ୍କ ଦାବି ନୂତନ ଆଇନକୁ ବାତିଲକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ପୁନଃ କାର୍ଯ୍ୟକାରୀ କରିବା ସହ ୨ଶହ ଦିନର କାମ ୬ ଶହ ଟଙ୍କା ଦୈନିକ ମଜୁରି ଲାଗୁ କରିବା ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ କରାଯିବା ପରେ ବ୍ଲକ୍ ସମ୍ମୁଖରେ ବରିଷ୍ଠ ସିପିଆଇ(ଏମ୍) ନେତା ନିତ୍ୟାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ଜିଲା ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର, ଦୁଃଶାସନ ଜେନା, ସୁଶୀଲ ମହାନ୍ତି, ଗଦାଧର ପ୍ରଧାନ, ଲକ୍ଷ୍ମୀଧର ଲେଙ୍କା, ଭିକାରୀ ଚରଣ ସାହୁ, କୁଳମଣି ପଲେଇ, ମହେନ୍ଦ୍ର କୁମାର ସାହୁ, ଜଗନ୍ନାଥମାଟିଓପବିତ୍ରପ୍ରଧାନପ୍ରମୁଖବକ୍ତବ୍ୟରଖିଥିଲେ।

**"ଜାତୀୟ ତାଳଗୁଡ଼ ଦିବସ"**
**ଉପଲକ୍ଷେ**

ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଲିଃ. ପରିବାର ତରଫରୁ ତାଳଗୁଡ଼ ଶିଳ୍ପରେ ନିୟୋଜିତ ରାଜ୍ୟର ସମସ୍ତ କାରିଗର, କର୍ମଚାରୀ, ପ୍ରାଥମିକ ତାଳଗୁଡ଼ ସମିତି ଓ ସଂଘ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା, ଶୁଭେଚ୍ଛୁ ତଥା ତାଳଗୁଡ଼ ଶିଳ୍ପପ୍ରେମୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

"ସହଯୋଗ ହିଁ ଯୁଗଧର୍ମ"

ପି ପ୍ରଭାକର ରାଓ, ପରିଚାଳନା ନିର୍ଦ୍ଦେଶକ
ପ୍ରଫୁଲ୍ଲ କୁମାର ଜେନା, ସଭାପତି

**ଭାରତୀୟ କପା ନିଗମ ଲିମିଟେଡ୍**
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ- ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ ରୋଡ଼, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୨୨.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୭୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

# ଆନ୍ତଃରାଜ୍ୟ ଲିଙ୍କ୍‌ରେ ବିହାରରୁ ଆଉ ଜଣେ ଗିରଫ

## ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା

- ଶଙ୍କର, ସୁରେଶଙ୍କୁ ପଚରାଉଚରା ପରେ ମିଳିଲା ଅମିତ୍‌ଙ୍କ ଲିଙ୍କ୍
- ରିମାଣ୍ଡ ଶେଷ ପରେ ଜେଲ ଗଲେ ଶଙ୍କରଙ୍କ ସମେତ ୩ ଅଭିଯୁକ୍ତ
- ହଜାର କୋଟି ସମ୍ପର୍କରେ ସିବିଆଇକୁ ସବୁ କହିଛି: ଶଙ୍କର
- ରାକେଟ୍‌ରେ ଥିବା ଆଇପିଏସ୍ ଅଧିକାରୀଙ୍କୁ ସିବିଆଇର ସମନ

ଭୁବନେଶ୍ୱର,୨୨।୧୨(ତ୍ରିନାଥ ମହାନ୍ତି)

ପୋଲିସ ଏସଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ମାମଲାରେ ସିବିଆଇ ଆନ୍ତଃରାଜ୍ୟ ଲିଙ୍କ୍ ଅଭିଯୋଗରେ ବିହାରରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାରର ଅମିତ୍ ଭାରତୀ। ତାଙ୍କୁ ସିବିଆଇ ଗିରଫ କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିଛି। ଶଙ୍କର ପୃଷ୍ଟି ଏବଂ ସୁରେଶ ନାୟକଙ୍କୁ ମାରାଥନ ଜେରା କରାଯିବାପରେ ଅମିତ୍‌ଙ୍କ ଲିଙ୍କ୍ ପଦାକୁ ଆସିଥିଲା। ପ୍ରଶ୍ନପତ୍ର କିଭଳି ପିଲାଙ୍କ ନିକଟରେ ପହଞ୍ଚିବ, କେଉଁଭଳି ପ୍ରଶ୍ନ ପ୍ରସ୍ତୁତ କରାଯିବ, ସେନେଇ ସବୁକିଛି ଅମିତ୍ ବୁଝୁଥିଲେ। ତେଣୁ ସିବିଆଇର ଏକ ଟିମ୍ ବିହାର ଯାଇ ତାଙ୍କୁ ଗିରଫ କରିଛି। ଅମିତ୍‌ଙ୍କୁ ଭୁବନେଶ୍ୱର ଆଣିବା ପରେ ସ୍ୱେଶାଲ ସିବିଆଇ କୋର୍ଟରେ ହାଜର କରାଯାଇ ଝାରପଡ଼ା ଜେଲ ପଠାଯାଇଥିବା ଜଣାପଡ଼ିଛି।

ଅନ୍ୟପଟରେ ୪ ଦିନିଆ ରିମାଣ୍ଡ ଶେଷ ପରେ ଶଙ୍କର, ସୁରେଶ ଏବଂ ସାଗର ଗୌଡ଼ଙ୍କୁ ସ୍ୱେଶାଲ ସିବିଆଇ କୋର୍ଟରେ ହାଜର କରିବାପରେ ଜେଲ ପଠାଇ ଦିଆଯାଇଛି। କୋର୍ଟରେ ହାଜର ସମୟରେ ଶଙ୍କରଙ୍କୁ ହଜାର କୋଟିର ଡିଲ୍ କଥା ଗଣମାଧ୍ୟମ ପ୍ରତିନିଧି ପଚାରିଥିଲେ। ସିବିଆଇକୁ ସବୁ କଥା କହିଛି, ତାଙ୍କୁ ପଚାରନ୍ତୁ ସେମାନେ କହିବେ ବୋଲି ଶଙ୍କର କହିଥିଲେ। ରିମାଣ୍ଡ ସମୟରେ ଶଙ୍କର, ସୁରେଶଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଦାୟ କରିଥିବା ଜାଣିବାକୁ ମିଳିଛି। ବିଶେଷ କରି ଏହି ରାକେଟ୍ କିଭଳି ଚାଲୁଥିଲା ଶଙ୍କର ଏବଂ ସୁରେଶ ସବୁ କିଛି ସିବିଆଇ ଆଗରେ ବଖାଣିଛନ୍ତି। ବଡ଼ କଥା ହେଲା ଏହି ରାକେଟରେ ଥିବା ଜଣେ ଆଇପିଏସ୍‌ଙ୍କ



ଶଙ୍କର ପୃଷ୍ଟି

ଭୂମିକା ଏବେ ପଦାକୁ ଆସିଛି। ତାଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବା ପାଇଁ ସିବିଆଇ ଲାଗିପଡ଼ିଛି। ଓପିଆର୍‌ବିର ଜଣେ ଏସ୍‌ପି ର୍‍ୟାଙ୍କର ଅଧିକାରୀଙ୍କୁ ପଚରାଉଚରା କରିବା ପରେ ଧିରେ ତାଙ୍କ ଲିଙ୍କ୍ ସିବିଆଇ ଜାଣିବାକୁ ପାଇଛି। ତେଣୁ ପୁଣି ସିବିଆଇ ଓପିଆର୍‌ବିର ଆଉ ୩ ଜଣଙ୍କୁ ପଚରାଉଚରା କରିଥିବା ଜଣାପଡ଼ିଛି। ଏହି ୩ଜଣଙ୍କୁ ପଚରାଉଚରା କରିବା ପରେ ସିବିଆଇ ଏହି ଆଇପିଏସ୍ ଭୂମିକା ଥିବା ଜଣାପଡ଼ିବାପରେ ସିବିଆଇ ସମନ୍ କରିଥିବା କୁହାଯାଉଛି। ଆସନ୍ତା ୨ଦିନ ଭିତରେ ଉକ୍ତ ଆଇପିଏସ୍ ହାଜର ହେବେ ବୋଲି ଜଣାପଡ଼ିଛି। ପରୀକ୍ଷା ପରିଚାଳନା ଦାୟିତ୍ୱ ସମ୍ପୂର୍ଣ୍ଣଭାବେ ଓପିଆରବିର ଥିବାବେଳେ କେଉଁ କାରଣ ପାଇଁ ଏହି ବିଭାଗ ଚୁପ ରହିଥିଲା, ତାହା ଏବେ ସିବିଆଇ ଘାଣ୍ଟୁଛି। ଏପରିକି ଓପିଆରବିରେ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀଙ୍କ ବ୍ୟାଙ୍କ୍ ଡିଟେଲ୍ ଘାଣ୍ଟିବା ସହ ସିଡିଆର ମଧ୍ୟ ଯାଞ୍ଚ କରାଯାଉଛି। ତାହା ସ୍ପଷ୍ଟ ହେବା ପରେ ସିବିଆଇ ଉଠାଇବ ବୋଲି ଚର୍ଚ୍ଚା ହେଉଛି। ଏହି ଜାଲିଆତି ମାମଲାରେ ସିବିଆଇର ଗିରଫ ସଂଖ୍ୟା ୬ ହୋଇଥିବାବେଳେ ସମୁଦାୟ ଗିରଫ ସଂଖ୍ୟା ୧୨୯ରେ ପହଞ୍ଚିଛି।

# ଅବସରପ୍ରାପ୍ତ ମହିଳା ସୁପରଭାଇଜରଙ୍କୁ ହତ୍ୟା

## ସାଇଣ୍ଟିଫିକ ଟିମ୍ ସହ ପୋଲିସର ତଦନ୍ତ



ମୃତ ମହିଳା, ସାଇଣ୍ଟିଫିକ ଟିମ୍‌ର ତଦନ୍ତ।

ଭବାନୀପାଟଣା/ଧର୍ମଗଡ଼, ୨୨।୧୨ (ଉତ୍ତମ କୁମାର ଦାଶ/ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଗଡ଼ିଆଜୋର ଗାଁରୁ ସୋମବାର ସକାଳୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ସୁଚିତ୍ରା ଖୁଣ୍ଟିଆ (୬୨) ନାମ୍ନୀ ସ୍ୱାସ୍ଥ୍ୟ ବିଭାଗର ଜଣେ ଅବସରପ୍ରାପ୍ତ ମହିଳା ସୁପରଭାଇଜରଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। ତାଙ୍କ ବେକରେ ଆଘାତ ଲାଗିଥିବାବେଳେ ହାତରେ ମଧ୍ୟ ଚିହ୍ନ ରହିଛି। ମହିଳା ଜଣକ ଘୋଡାଇ ହୋଇଥିବା ଶାଲ୍‌ରେ ତାଙ୍କ ବେକକୁ ଚିପି ଦୁର୍ବୃତ୍ତମାନେ ମାରିଥିବା ଅନୁମାନ କରାଯାଉଛି। ଏହାସହ ସେ ପିନ୍ଧିଥିବା ସମସ୍ତ ସୁନା ଗହଣା ଲୁଟିନେଇଛନ୍ତି। ମହିଳାଙ୍କୁ ହତ୍ୟା ପରେ ଅଭିଯୁକ୍ତମାନେ ତାଙ୍କ ସ୍କୁଟିକୁ ନେଇ ୨ କି.ମି. ଦୂର ବିଜୁ ଏକ୍ସପ୍ରେସ ୱେରେ ଛାଡି ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୦୨୪ରେ ସୁଚିତ୍ରା ସୁପରଭାଇଜର ପଦବୀରୁ ଅବସର ନେଇଥିଲେ। ତାଙ୍କ ଘର ପୁରୀ ଜିଲା କାକଟପୁର ଥାନା ଅନ୍ତର୍ଗତ ମହାଦେବ ବସ୍ତ ବୋଲି ଜଣାପଡିଛି। ତାଙ୍କ ସ୍ୱାମୀ ଜଣେ ଅସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଓ ୨ ପୁଅ ସରକାରୀ କର୍ମଚାରୀ। ମହିଳାଙ୍କ ସ୍ୱାମୀ ଓ ୨ ପୁଅ ସମସ୍ତେ ବାହାରେ ରହୁଥିବାବେଳେ ସେ ଘରେ ଏକାକୀ ରହୁଥିଲେ। ଏପରିସ୍ଥଳେ ରବିବାର ରାତିରେ ଦୁର୍ବୃତ୍ତମାନେ ଆସି ତାଙ୍କୁ ହତ୍ୟା କରିଥିଲେ। ତେବେ କେଉଁ କାରଣରୁ ସେମାନେ ଏଭଳି କାଣ୍ଡ ଭିଆଇଲେ ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ସ୍ଥାନୀୟ ଲୋକେ ଘର ଆଗରେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ଧର୍ମଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଚୋରି ପାଇଁ ନୁହେଁ ବରଂ ଅନ୍ୟ ଉଦ୍ଦେଶ୍ୟରେ ହତ୍ୟାକାଣ୍ଡ ଘଟିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏ ନେଇ ଧର୍ମଗଡ଼ ଥାନାରେ ଏକ ମାମଲା (ନଂ.୩୮୭/୨୫) ରୁଜୁ ହୋଇଛି। କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ: କଲେଜ ସମ୍ପାଦକ ଗିରଫ

ବଲାଙ୍ଗୀର, ୨୨।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଉପକଣ୍ଠ ଏକ ଘରୋଇ କଲେଜରେ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବଲାଙ୍ଗୀର ସଦର ଥାନା ପୋଲିସ ଉକ୍ତ କଲେଜର ସମ୍ପାଦକ ନାରାୟଣ ମିଶ୍ର (୪୩)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୋଗ ମୁତାବକ, ଶୁକ୍ରବାର ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ନାରାୟଣ ତାଙ୍କ କ୍ୱାର୍ଟର୍ସକୁ ଡାକି ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ସେଠାରୁ ଖସି ଆସିବା ପରେ ଜୀବନରେ ମାରିଦେବା ପାଇଁ ସେ ତାଙ୍କୁ ଧମକ ଦେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (୫୫୩/୨୫) ରୁଜୁ କରି ଅଭିଯୁକ୍ତ ମିଶ୍ରଙ୍କୁ ରବିବାର ରାତିରେ ଗିରଫ କରିଛି। ତେବେ ଏନେଇ ଅଭିଯୁକ୍ତ ସମ୍ପାଦକ ମିଶ୍ରଙ୍କ ମତାମତ ମିଳିପାରିନାହିଁ।

# ଜୁନିୟର ଆକାଉଣ୍ଟାଣ୍ଟଙ୍କ ବିପୁଳ ସମ୍ପତ୍ତି ଠାବ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ, ଭିଜିଲାନ୍ସ ଚଢ଼ାଉ

ସୁନ୍ଦରଗଡ଼/ବାଲେଶ୍ୱର, ୨୨।୧୨ (ଜୟ ନାରାୟଣ ମେଣ୍ଡୁଲି/ ବାଞ୍ଛାନିଧି ଦେ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ସୁନ୍ଦରଗଡ଼ ଜିଲା ଓଡ଼ିଶା ଷ୍ଟେଟ ସିଭିଲ ସପ୍ଲାଏ କର୍ପୋରେଶନ କାର୍ଯ୍ୟାଳୟ (ଓଏସ୍‌ସିଏସ୍‌ସି)ର ଜୁନିୟର ଆକାଉଣ୍ଟାଣ୍ଟ ରବୀନ୍ଦ୍ର କୁମାର ବାରିକଙ୍କ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ବାଲେଶ୍ୱର ଓ ସୁନ୍ଦରଗଡ଼ରେ ତାଙ୍କର ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି। ସେ ଗତବର୍ଷ ବାଲେଶ୍ୱରରୁ ସୁନ୍ଦରଗଡ଼ ବଦଳି ହୋଇ ଆସିଛନ୍ତି। ବାରିକଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ବଡ଼ ଧରଣର ଚଢ଼ାଉ ଆରମ୍ଭ ହୋଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏହି ଚଢ଼ାଉ ଜାରି ରହିଛି।

ମିଳିଥିବା ସୂଚନା ମୁତାବକ, ବାଲେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ୩ ଜଣ ଡିଏସପି, ୬ ଇନ୍ସପେକ୍ଟର ଓ ଅନ୍ୟ





ଗିରଫ ରବୀନ୍ଦ୍ର କୁମାର ବାରିକ ଏବଂ ତାଙ୍କ ବାଲେଶ୍ୱରସ୍ଥିତ ୩ ମହଲା କୋଠା।

ସହାୟକ କର୍ମଚାରୀଙ୍କ ସମ୍ମିଳିତ ଟିମ୍ ଦ୍ୱାରା ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲାରେ ତାଙ୍କର ୫ଟି ସ୍ଥାନରେ ସମକାଳୀନ ତଲାସି ଚାଲିଛି। ବାଲେଶ୍ୱର ଜିଲା ଗୋପାଳଗାଁରେ ଥିବା ତିନିମହଲା ବିଶିଷ୍ଟ ବାସଭବନ, ବାଲେଶ୍ୱରରେ ଥିବା ତିନିମହଲା ବ୍ୟବସାୟିକ ମାର୍କେଟ କମ୍ପ୍ଲେକ୍ସ ଏବଂ ଜିମ୍, କଲ୍ୟାଣ ମଣ୍ଡପ, ସୁନ୍ଦରଗଡ଼ ସ୍ଥିତ ତାଙ୍କ କାର୍ଯ୍ୟାଳୟ ଏବଂ ସୁନ୍ଦରଗଡ଼ ସହରରେ ଭଡା ନିଆ ଯାଇଥିବା ବାସଗୃହରେ ଭିଜିଲାନ୍ସ ପକ୍ଷରୁ ତଲାସି ଚାଲିଛି। ବାଲେଶ୍ୱର ସହର ଓ ଆଖପାଖରେ ୪ଟି ମୂଲ୍ୟବାନ ଜମି ପ୍ଲଟ ଠାବ ହୋଇଛି। ୧୭୫ଗ୍ରାମ ସୁନା ଅଳଙ୍କାର, ଗୋଟିଏ ୪ ଚକିଆ ଓ ୨ଟି ୨ ଚକିଆ ଯାନ ଥିବା ଠାବ ହୋଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ.୧୯/୨୫) ରୁଜୁ କରାଯାଇ ତାଙ୍କ ନାମରେ ବିଭିନ୍ନ ବ୍ୟାଙ୍କ, ଡାକଘରେ ଥିବା ଜମା ଓ ଅନ୍ୟାନ୍ୟ ନିବେଶ ସମ୍ପର୍କିତ ସୂଚନା ସଂଗ୍ରହ କରାଯାଉଛି।

# ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ

## ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ ମାମଲା

ଭୁବନେଶ୍ୱର,୨୨।୧୨(ସତ୍ୟଜିତରାଉତ)

ରାଜଧାନୀରୁ କ୍ରାଇମବ୍ରାଞ୍ଚର ସ୍ୱେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିବା ମାମଲାରେ ଭୁବନେଶ୍ୱର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜଙ୍କ ଅଦାଲତ ସୋମବାର ରାୟ ପ୍ରକାଶ କରିଛନ୍ତି। ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ସେମାନେ ହେଲେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ନଗରର ସେକ୍ ସାଗ୍‌ବା ଓରଫ ରଏ, ବାଲେଶ୍ୱର ଟାଉନ ଅନ୍ତର୍ଗତ ଗୋପାଳ ଗ୍ରାମର ତନ୍ମୟ କୁମାର ସାହୁ ଓ ସହଦେବଖୁଣ୍ଟା ଥାନା ଅଞ୍ଚଳର ସେକ୍ ଫକିର୍। ଏଥିସହ ଅଭିଯୁକ୍ତଙ୍କୁ ୨ ଲକ୍ଷ ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲରେ ରହିବାକୁ ହେବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ସେକ୍ ହବିବୁଲ୍‌ଙ୍କୁ ବିଚାରପତି ବେନିଫିଟ୍ ଅଫ୍ ଡାଉଟରେ ଛାଡ଼ିଛନ୍ତି।

# ଆକାଉଣ୍ଟରୁ ଲୁଟିନେଲେ ୪.୩୬ ଲକ୍ଷ ଟଙ୍କା

ତାଳଚେର,୨୨।୧୨(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଧରମପୁର ଗାଁର ସୁଶାନ୍ତ ସାହୁଙ୍କ ଆକାଉଣ୍ଟରୁ ସାଇବର ଠକ ୪ ଲକ୍ଷ ୩୬ ହଜାର ଟଙ୍କା ଲୁଟିନେଇଥିବା ତାଳଚେର ଥାନା ଓ ସାଇବର ଥାନାରେ ସୋମବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସୁଶାନ୍ତଙ୍କ ମୋବାଇଲକୁ ପୂର୍ବରୁ କିଛି ଆପ୍ ଆସିଥିଲା। ତାହାକୁ ସେ ଖୋଲିଥିଲେ। ଏହାପରେ ତାଙ୍କୁ ଓଟିପି ଆସିଥିଲା। ଏହାର କିଛି ସମୟ ପରେ ୩ ଥରରେ ୪ ଲକ୍ଷ ୩୬ ହଜାର ଟଙ୍କା ଆକାଉଣ୍ଟରୁ କଟିଯାଇଥିଲା। ତାଙ୍କ ମୋବାଇଲକୁ ହ୍ୟାକ୍ କରି ଓଟିପି ପଠାଇ ସାଇବର ଲୁଟେରାମାନେ ଏଭଳି ଟଙ୍କା ଲୁଟିଥିବା ଅନୁମାନ କରାଯାଉଥିବା ବେଳେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## Business

# ରିଲାଏନ୍ସ ଜୁଏଲ୍‌ସର ଆଇକନିକ ଡ୍ରିମ୍ ଡାଇମଣ୍ଡ ସେଲ୍



### ମାଗଣା ଗୋଲ୍ଡ କଏନ୍ ଅଫର

ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ଡ୍ରିମ୍ ଡାଇମଣ୍ଡ ସେଲ୍ ଆରମ୍ଭ ହୋଇଛି। ଏହି ସେଲ୍ ୨୦୨୬ ଜାନୁଆରୀ ୨୭ ପର୍ଯ୍ୟନ୍ତ ଚାଲିବ। ଏହି ସେଲ୍‌ରେ ପ୍ରତି ୨୫,୦୦୦ ଟଙ୍କାର ହୀରା ଗହଣା ଉପରେ ଗ୍ରାହକମାନଙ୍କୁ ୦.୨୫ ଗ୍ରାମ୍ ସୁନା କଏନ ମାଗଣାରେ ମିଳୁଛି। ଏହା ବ୍ୟତୀତ ସେଲ ଅବଧି ମଧ୍ୟରେ ୭୫,୦୦୦ ଟଙ୍କା ଓ ତା'ଠାରୁ ଅଧିକ ମୂଲ୍ୟର ସୁନା ଗହଣା କ୍ରୟ କଲେ ସୁନା ଗଢ଼ା ମଜୁରି ଖର୍ଚ୍ଚ ଉପରେ ସିଧାସଳଖ ୨୦% ରିହାତି ମିଳୁଛି। ରିଲାଏନ୍ସ ଜୁଏଲ୍‌ସ ଷ୍ଟୋରରେ ଦୈନନ୍ଦିନ ପିନ୍ଧାଯାଉଥିବା କାନ ଫୁଲ, ମୁଦି, ଚେନ ଠାରୁ ଆରମ୍ଭ କରି ଚୋକର, ବିବାହ ଗହଣା ଭଳି ଷ୍ଟେଟମେଣ୍ଟ ଡିଜାଇନ ପର୍ଯ୍ୟନ୍ତ ଯେକୌଣସି ଡାଇମଣ୍ଡ ଗହଣା କଲେକ୍ସନ କରିପାରିବେ। ଏହି ସେଲ୍ ଭାରତର ୧୪୫ରୁ ଅଧିକ ରିଲାଏନ୍ସ ଜୁଏଲ୍‌ସ ଷ୍ଟୋରରେ ଉପଲବ୍ଧ।

# କାତାର ମ୍ୟୁଜିୟମ-ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର ଚୁକ୍ତି

ଭୁବନେଶ୍ୱର,୨୨।୧୨

ଦୋହା: କାତାର ମ୍ୟୁଜିୟମ (କ୍ୟୁଏମ୍)ର ଅଧକ୍ଷା ହର୍ ଏକ୍ସଲେନ୍ସି ଶେଖା ଅଲ୍ ମାୟାସା ବିନ୍ତ ହାମଦ ବିନ୍ ଖଲିଫା ଅଲ୍ ଥାନୀ ଏବଂ ଭାରତର ମୁମ୍ବାଇସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଈଶା ଅମ୍ବାନୀଙ୍କ ମଧ୍ୟରେ ଏକ ୫ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ଭାରତ ଏବଂ କାତାରରେ ମ୍ୟୁଜିୟମ-ଇନ୍-ରେସିଡେନ୍ସ ଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାପନ କରିବ, ଯାହା ଶିଶୁମାନଙ୍କୁ ଖେଳପ୍ରିୟ ମ୍ୟୁଜିୟମ-ଆଧାରିତ ଶିକ୍ଷଣ ଅନୁଭୂତି ପ୍ରଦାନ କରିବ ଏବଂ ଶିକ୍ଷକମାନଙ୍କୁ ସୃଜନଶୀଳତା ପ୍ରେରଣା ପାଇଁ ନୂଆ ଉପକରଣ ଯୋଗାଇବ। ଏହି ସମାରୋହ କାତାରର ନ୍ୟାଶନାଲ ମ୍ୟୁଜିୟମରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାର ଶକ୍ତିରେ ସୃଜନଶୀଳତା ଜାଗ୍ରତ କରିବା ଏବଂ ସାଂସ୍କୃତିକ ବିନିମୟର ମହତ୍ତ୍ୱରେ ସମାନ ବିଶ୍ୱାସ ସହିତ ଯୁକ୍ତ, କ୍ୟୁଏମ୍ ଏବଂ ଏନ୍‌ଏମ୍‌ଏସିସି ଯୁବକ ଶିକ୍ଷାର୍ଥୀମାନଙ୍କ ପାଇଁ କାର୍ଯ୍ୟକ୍ରମ ବିକାଶ କରୁଛନ୍ତି। ଏହି ଉଦ୍ୟମଗୁଡ଼ିକ ଶିକ୍ଷକ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ନୂଆ ଉପକରଣ, ସାମଗ୍ରୀ ଏବଂ ଖେଳପ୍ରିୟ ପଦ୍ଧତି ପ୍ରଦାନ କରି ଶ୍ରେଣୀଗୃହରେ ନୂତନତ୍ୱ ଆଣିବ। ଶେଖା ଅଲ୍ ମାୟାସା କହିଛନ୍ତି, କାତାର ମ୍ୟୁଜିୟମ ଏବଂ ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର ସୃଜନଶୀଳତା ଏବଂ ସାଂସ୍କୃତିକ ବିନିମୟରେ ବିଶ୍ୱାସ କରନ୍ତି।



ଏହି ସହଯୋଗ ଭାରତର ଶିକ୍ଷଣ କାର୍ଯ୍ୟକ୍ରମକୁ ବଳବତ୍ତର କରିବ। ଭାରତରେ ଏନ୍‌ଏମ୍‌ଏସିସି ରିଲାଏନ୍ସ ଫାଉଣ୍ଡେଶନ ସହିତ ଭାଗୀଦାରିରେ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱିତ କରିବ। ଈଶା ଅମ୍ବାନୀ କହିଛନ୍ତି, ଏହି ଭାଗୀଦାରି ଶିଶୁମାନଙ୍କୁ ସୃଜନଶୀଳ ଶିକ୍ଷଣ ପ୍ରଦାନ କରିବ ଏବଂ ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱରେ ପ୍ରଚାର କରିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଭାରତର ବିଦ୍ୟାଳୟ, ଅଙ୍ଗନୱାଡି ଏବଂ ସମ୍ପ୍ରଦାୟ କେନ୍ଦ୍ରରେ, ଗ୍ରାମୀଣ ଏବଂ ଅବହେଳିତ ଅଞ୍ଚଳରେ କାର୍ଯ୍ୟାନ୍ୱିତ ହେବ। ଡାଡୁ ଚିଲଡ୍ରେନ୍ ମ୍ୟୁଜିୟମର କାର୍ଯ୍ୟକାରୀ ନିର୍ଦ୍ଦେଶକ ମହା ଅଲ ହାଜରୀ କହିଛନ୍ତି, ଏହି ସହଯୋଗ ଡାଡୁର ଲାଇଟ ଆଟେଲିଏରକୁ ଭାରତରେ ପ୍ରସାରିତ କରିବ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କର୍ମଶାଳା




ଭୁବନେଶ୍ୱର,୨୨।୧୨

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ସେଲ୍‌କୋ ଫାଉଣ୍ଡେଶନ ଏବଂ ସ୍ପନ୍ଦନ ଅନୁଷ୍ଠାନର ମିଳିତ ସହଯୋଗରେ 'ଜଳବାୟୁ ଉପଯୋଗୀ ସ୍ଥିର ଜୀବିକା ପାଇଁ ଆର୍ଥିକ ଅନୁପ୍ରବେଶ' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ସେଲ୍‌କୋ ଫାଉଣ୍ଡେଶନର ବରିଷ୍ଠ ଉପଦେଷ୍ଟା ପ୍ରଭୁ ପ୍ରସାଦ ମିଶ୍ର, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ମୁଖ୍ୟ କାର୍ଯ୍ୟାଳୟର ବରିଷ୍ଠ ପ୍ରବନ୍ଧକ ମାନସ ରଞ୍ଜନ ମିଶ୍ର, ପିପିଲି ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସୌମ୍ୟଦର୍ଶନ କର ଏବଂ ସ୍ପନ୍ଦନ ଅନୁଷ୍ଠାନର ସଭାନେତ୍ରୀ ବର୍ଷାରାଣୀ ମିଶ୍ରଙ୍କ ସହିତ ୨୫ରୁ ଅଧିକ ବ୍ୟାଙ୍କ ଶାଖା ପ୍ରବନ୍ଧକ ଉପସ୍ଥିତ ଥିଲେ। ସୌରଶକ୍ତି ଆଧାରିତ ସ୍ଥାୟୀ ଜୀବନଜୀବିକା ମାଧ୍ୟମରେ ଉଦ୍ୟୋଗୀ ସୃଷ୍ଟି କରିବା ସହିତ ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସେଲକୋର ସଞ୍ଜୟ ତ୍ରିପାଠୀ ପ୍ରକାଶ କରିଥିଲେ। ସେଲ୍‌କୋ ଫାଉଣ୍ଡେଶନ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଜରିଆରେ ୫୦୦ରୁ ଅଧିକ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ଏଥିପ୍ରତି ସମସ୍ତ ପ୍ରକାର ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରାଥମିକ ସ୍ତରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ଅଧିକାରୀମାନେ ସହମତି ପ୍ରକାଶ କରିଥିଲେ। ଜଣେ କୁମ୍ଭାର ଉଦ୍ୟୋଗୀ ବନିତା ମୁଦୁଲି ଓଜିବିଠାରୁ ଋଣ ମାଧ୍ୟମରେ ସୌରଶକ୍ତି ଆଧାରିତ ଜୀବିକା ଦ୍ୱାରା କିପରି ସଫଳ ହୋଇପାରିଛନ୍ତି, ତାହା ବର୍ଣ୍ଣନା କରିଥିଲେ। ସୌରଭ, ସାଇନା, ଅଭିଜିତ, ସତୀଶ ପ୍ରମୁଖ ସେଲକୋ ଫାଉଣ୍ଡେଶନ ଏବଂ ସ୍ପନ୍ଦନ ଅନୁଷ୍ଠାନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୱଣ୍ଡର୍ଲାରେ ବଡ଼ଦିନ, ନୂଆବର୍ଷର ମହାଉତ୍ସବ




ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠରେ ଥିବା ୱଣ୍ଡର୍ଲା ପକ୍ଷରୁ ଡିସେମ୍ବର ୨୦ରୁ ୨୦୨୬ ଜାନୁଆରୀ ୪ ପର୍ଯ୍ୟନ୍ତ ବଡ଼ଦିନ ଏବଂ ନୂଆବର୍ଷ ଉତ୍ସବ ପାଳନ ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ଏହି ବର୍ଷର ଉତ୍ସବଗୁଡ଼ିକୁ ଚମତ୍କାର ସାଜସଜ୍ଜା, ଉତ୍ସାହଜନକ ପ୍ରଦର୍ଶନ ଓ ସମସ୍ତ ବର୍ଗର ପରିବାର, ରୋମାଞ୍ଚକାରୀ ଏବଂ ଛୁଟି କରିବାକୁ ଚାହୁଁଥିବା ଲୋକଙ୍କୁ ଆନନ୍ଦିତ କରିବା ପାଇଁ ବିଶେଷ ଭାବେ ପ୍ରସ୍ତୁତ କରାଯାଇଛି। ୱଣ୍ଡର୍ଲାରେ ଏକ ବିଶେଷ ବଡ଼ଦିନ ଟ୍ରି ଆଲୋକୀକରଣ ସମାରୋହ ସହିତ ଆରମ୍ଭ ହୋଇଛି। ଉତ୍ସବ ଅବଧି ମଧ୍ୟରେ ଅତିଥିମାନେ ଡିସେମ୍ବର ୨୦ରୁ ନିର୍ଦ୍ଦିଷ୍ଟ ଦିନଗୁଡ଼ିକରେ ଆରମ୍ଭ ହେବାକୁ ଥିବା ୱେଭ୍ ପୁଲ୍ ଡିଜେ, ମ୍ୟାଜିକ ଶୋ ଏବଂ ମାସ୍କଟ ଚିକ୍କୁ ଓ ଗ୍ୟାଙ୍ଗ ସହିତ ମନୋରଞ୍ଜନ କାର୍ଯ୍ୟକ୍ରମଗୁଡ଼ିକର ମଜା ନେଇପାରିବେ। ଏହାସହ ଫାୟାର୍ ଶୋ, ରାପର ପ୍ରଦର୍ଶନ ଓ ଲୋକପ୍ରିୟ ଫୋମ୍ ପାର୍ଟିଗୁଡ଼ିକ ଭଲ ଅନୁଭୂତି ପ୍ରଦାନ କରିବ। ଉତ୍ସବ ଋତୁକୁ ଆହୁରି ଲାଭଦାୟକ କରିବା ପାଇଁ ୱଣ୍ଡର୍ଲା ପକ୍ଷରୁ ଏକ ବଡ଼ଦିନ ପାସ୍ ଅଫର ଅନଲାଇନରେ ସ୍ୱତନ୍ତ୍ର ଭାବେ ପ୍ରଚଳନ କରିଛି, ଯାହାର ବୁକିଂ ଡିସେମ୍ବର ୮ରୁ ଜାନୁଆରୀ ୪ ପର୍ଯ୍ୟନ୍ତ ଉପଲବ୍ଧ ହେବ ଏବଂ ସେହି ପାସ ଡିସେମ୍ବର ୨୦ରୁ ଜାନୁଆରୀ ୪ ମଧ୍ୟରେ ପାର୍କ ପରିଦର୍ଶନ ପାଇଁ ବୈଧ ରହିବ । ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ ଲିମିଟେଡର ଚିଫ୍ ଅପରେଟିଂ ଅଫିସର ଧୀରଣ ଚୌଧୁରୀ କହିଛନ୍ତି ଯେ, ବଡ଼ଦିନ ଓ ନୂଆବର୍ଷ ହେଉଛି ଆନନ୍ଦ ଓ ଏକତ୍ରିତ ହେବାର ସମୟ ଏବଂ ୱଣ୍ଡର୍ଲାରେ ଉତ୍ସବ ପ୍ରସ୍ତୁତି କରି ସେ ଖୁସିଥିବା କହିଛନ୍ତି।

# ଓଏମ୍‌ସି ବାର୍ଷିକ କ୍ରୀଡ଼ା ସମ୍ମିଳନୀ




ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ଓଡ଼ିଶା ମାଇନିଂ କର୍ପୋରେସନ (ଓଏମସି)ର ତୃତୀୟ ବାର୍ଷିକ କ୍ରୀଡା ସମ୍ମିଳନୀ ୨୦୨୫ ଆରମ୍ଭ ହୋଇଛି। ଏହି ୩ ଦିନିଆ କ୍ରୀଡା ମହୋତ୍ସବ ଡିସେମ୍ବର ୨୨ରୁ ୨୪ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଏବଂ ଇଷ୍ଟ କୋଷ୍ଟ ରେଲୱେ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଏହି କ୍ରୀଡା ସମ୍ମିଳନୀକୁ ଓଏମସିର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଉଦଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଖୋରା, ନିର୍ଦ୍ଦେଶକ (ଅପରେସନ୍ସ) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଲ, ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡା ସମ୍ମିଳନୀରେ ୫୫୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରୁଥିବା ବେଳେ ଦୌଡ଼ କୁଦ, ଲଙ୍ଗ ଜମ୍ପ, ଜାଭେଲିନ, ଟେବୁଲ ଟେନିସ, ଭଲିବଲ ଓ କ୍ରିକେଟ ସହିତ ମୋଟ ୧୮ଟି କ୍ରୀଡା ପ୍ରତିଯୋଗିତା ହେଉଛି। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ସାମଲ କହିଥିଲେ ଯେ, ଓଏମସି ବାର୍ଷିକ କ୍ରୀଡା ସମ୍ମିଳନୀ କେବଳ ଏକ ପ୍ରତିଯୋଗିତା ନୁହେଁ; ଏହା ଦଳଗତ ଭାବେ କାର୍ଯ୍ୟ କରିବା, ଶିଷ୍ଟାଚାର, ସହଭାଗିତାର ଏକ ଉତ୍ସବ। କ୍ରୀଡା ମାଧ୍ୟମରେ ଆମେ ସମସ୍ତେ ଏକ ପରିବାର ଭାବେ ଏକତ୍ରିତ ହେଉଛୁ। ଉଦଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଉଜାଗର କରୁଥିବା ଏକ ସାଂସ୍କୃତିକ ପ୍ରଦର୍ଶନ ମଧ୍ୟ ହୋଇଥିଲା। ସମ୍ବଲପୁରୀ ଲୋକନୃତ୍ୟ ଓ ସଙ୍ଗୀତର ଉତ୍ସାହଭରା ପ୍ରସ୍ତୁତି ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା। କ୍ରୀଡା ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ସମସ୍ତ ଅଂଶଗ୍ରହଣକାରୀ ଓ ଅଧିକାରୀମାନେ ସାମୂହିକ ଭାବେ କ୍ରୀଡା ସୁରକ୍ଷା ଶପଥ ଗ୍ରହଣ କରିଥିଲେ।

# ଜିନ୍ଦଲ ଷ୍ଟିଲକୁ ବିସିସି ଆଣ୍ଡ୍ ଆଇର ସିଏସଆର ପୁରସ୍କାର

ଭୁବନେଶ୍ୱର,୨୨।୧୨




ସ୍ୱାସ୍ଥ୍ୟ, ସାମାଜିକ ବିକାଶ ଏବଂ ମହିଳା ବିକାଶ କ୍ଷେତ୍ରରେ ଏହାର ଉଲ୍ଲେଖନୀୟ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟ ପାଇଁ ଜିନ୍ଦଲ ଷ୍ଟିଲକୁ ବେଙ୍ଗଲ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ବିସିସି ଆଣ୍ଡ ଆଇ) ଦ୍ୱାରା ପୁରସ୍କୃତ କରାଯାଇଛି। କୋଲକାତାରେ ଏକ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପୂର୍ବତନ ସଚିବ ଏବଂ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ କର୍ପୋରେଟ ଆଫେୟାରର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ଏବଂ ସିଇଓ ଡ. ଭାସ୍କର ଚାଟାର୍ଜୀ, ଜାତୀୟ ସିଏସଆର ଏବଂ କର୍ପୋରେଟ ଗଭର୍ନାନ୍ସ କମିଟି, ବିସିସି ଆଣ୍ଡ ଆଇର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର, ଆଇନ ଏବଂ କର୍ପୋରେଟ ଆଫେୟାରର ସଭାପତି ଏବଂ ଇନଫିନିଟି ଗ୍ରୁପର ଅଧ୍ୟକ୍ଷ ଡ. ରବିନ୍ଦ୍ର ଚମାରିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। କିଶୋରୀ ଝିଅମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାର ସାମଗ୍ରିକ ବିକାଶରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଜିନ୍ଦଲ ଷ୍ଟିଲର ପ୍ରମୁଖ ସିଏସଆର ପଦକ୍ଷେପ, କିଶୋରୀ ଏକ୍ସପ୍ରେସକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଏହି ସ୍ୱୀକୃତି ଆମର ବିଶ୍ୱାସକୁ ନିଶ୍ଚିତ କରୁଛି ଯେ ଅର୍ଥପୂର୍ଣ୍ଣ ବିକାଶ, ସାମଗ୍ରିକ ଏବଂ ଲୋକ-କୈନ୍ଦ୍ରିକ ହେବା ଆବଶ୍ୟକ। ଜିନ୍ଦଲ ଫାଉଣ୍ଡେଶନରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ପରିବେଶ ଏବଂ ସାମାଜିକ ସମାନତା କ୍ଷେତ୍ରରେ କାର୍ଯ୍ୟ କରିଆସୁଥିବା ସେ କହିଛନ୍ତି। ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ଏବଂ ଗ୍ରୁପ ହେଡ (ସିଏସଆର ଏବଂ ଶିକ୍ଷା) ପ୍ରଶାନ୍ତ ହୋତା କହିଛନ୍ତି, 'କିଶୋରୀ ଏକ୍ସପ୍ରେସ ପାଇଁ ଏହି ମାନ୍ୟତା ଜିନ୍ଦଲ ଫାଉଣ୍ଡେଶନର ସାମଗ୍ରିକ ଏବଂ ଅନ୍ତର୍ଭୁକ୍ତ ବିକାଶ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

**ବାଇକ୍ ଚୋରି ଘଟଣା: ଅଭିଯୁକ୍ତ ଗିରଫ**

କଳିଙ୍ଗନଗର, (ଶୁଭାଶିଷ ରାଉତ) କଳିଙ୍ଗନଗର ଥାନା ଦାନଗଦି ଅଞ୍ଚଳରୁ ଗତ ଗୁରୁବାର ବୁଦ୍ଧିରାମ ହୋସା ଡୁବୁରି ହାଟକୁ ବାଇକ୍ ନଂ. ଓଡି ୦୪ ଟି ୦୨୨୭ ନେଇ ଯାଇଥିବା ବେଳେ ଚୋରି ହୋଇଯାଇଥିଲା। ସେ ଏ ନେଇ ଥାନାରେ ଗତ ୧୮ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୫୬/୨୫ରେ ମାମଲା ରୁଜୁ କରିଥିଲା। ପୋଲିସ ତଦନ୍ତ କରିବାରେ ବାଇକଟି ଡୁବୁରି ବଜାର ନିକଟରେ ଥିବା ଖବର ପାଇଥିଲା। ସେଠାରୁ ବାଇକ୍ ସହ ଅଭିଯୁକ୍ତ ରାଛିପୁର ଗ୍ରାମର ସୁରେନ୍ଦ୍ର ଓଝାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଷଠିପୁର-ବରୁଣ୍ଡାଇ ରାସ୍ତାରେ ଭାରିଯାନ ରୋକିବାକୁ ଲାଗିଲା ଗେଟ୍

ପାଣିକୋଇଲି, ୨୨।୧୨(ବିକାଶ ଚନ୍ଦ୍ର ମଲ୍ଲିକ)



ଷଠିପୁର-ବରୁଣ୍ଡାଇ ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତୀକରଣ କାମ ଚାଲୁ ରହିଛି। ହେଲେ ଏହି କାର୍ଯ୍ୟ ପାଇଁ ପ୍ରଶାସନିକ ଅବହେଳା ଯୋଗୁ କାମ ଆଗେଇ ପାରୁନାହିଁ । ଅପରପକ୍ଷେ ବାଲି ଭାରିଯାନ ଚଳାଚଳ ଯୋଗୁ ବାରମ୍ବାର ରାସ୍ତା ଭାଙ୍ଗିବା ସହ କାର୍ଯ୍ୟରେ ବାଧା ଉପୁଜିଛି। ଗତ ଅଗଷ୍ଟରୁ ଯାଜପୁର ଜିଲାପାଳ ଏହି ରାସ୍ତାରେ ଭାରିଯାନ ଚଳାଚଳ ଉପରେ ରୋକ ଲଗାଇଥିଲେ। ବୈତରଣୀରୋଡରୁ ଭାରିଯାନ ଭାୟା ତରାକୋଟ ମୀନାବଜାର ଦେଇ ରଗଡି ନିକଟରେ ରାଜପଥକୁ ସ୍ପର୍ଶ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାରମ୍ବାର ଏହାର ଉଲଘଂନ ହେଉଥିବା ଦେଖିବାକୁ ମିଳିଥିଲା। ବାଲି ମାଫିଆମାନେ ଜିଲାପାଳ ନିର୍ଦ୍ଦେଶକୁ ଆମନ୍ୟ କରି ଷଠିପୁର-ବରୁଣ୍ଡାଇ ରାସ୍ତାରେ ରାତିରେ ଭାରିଯାନ ଚଳାଚଳ କରୁଛନ୍ତି। ଯାହାର ଅଭିଯୋଗ ପରେ ଜିଲାପାଳ ଏହି ରାସ୍ତା ପରିଦର୍ଶନ କରି ଗୋଟିଏ ବାଲି ବୋଝେଇ ଭାରିଯାନକୁ ଧରିଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଯାହାକୁ ତାହା ଘଟିଥିଲା। ଫଳରେ ଜିଲା ପ୍ରଶାସନ ଏବେ ଆକ୍ସନ ମୁଡକୁ ଆସିଛି। ଏହି ରାସ୍ତାର ବରୁଣ୍ଡାଇଠାରୁ ମୁଖ୍ୟ ପ୍ରବେଶ ପରେ ଭାରିଯାନ ଚଳାଚଳ ଉପରେ ରୋକ ଲଗାଯାଇଛି। ବିଭିନ୍ନସ୍ଥାନରେ ଭାରିଯାନ ଚଳାଚଳ ବନ୍ଦ ପାଇଁ ବ୍ୟାନର ମରାଯାଇଥିବା ବେଳେ ସୋମବାର ପ୍ରବେଶ ପଥରେ ଲୁହା ଗେଟ କରାଯାଇଛି। ଫଳରେ ଏହି ରାସ୍ତାରେ ଆଉ ଭାରିଯାନ ଚଳାଚଳ କରିପାରିବ ନାହିଁ। ଏହି ଲୁହା ଗେଟ ନିର୍ମାଣ ବେଳେ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଯାଜପୁର ପରିବହନ ଅଧିକାରୀ ଦେବେନ୍ଦ୍ର ନାୟକ, ପାଣିକୋଇଲି ଥାନା ଏଏସ୍ଆଇ ନିର୍ମଳ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଅପରପକ୍ଷେ ବର୍ତ୍ତମାନ ଧାନ ଅମଳ ଚାଲୁଥିବା ବେଳେ ଧାନ ମେଶିନ ଯାତାୟାତ ନେଇ ଚିନ୍ତାରେ ଚାଷୀ ରହିଛନ୍ତି। ଏହି ରାସ୍ତାରେ ମଧ୍ୟ ବଡ ଗାଡିରେ ଧାନ ନେବା ସମ୍ଭବ ନୁହେଁ। ଏ ଦିଗରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି।

## ଚୋରା ଦେଶୀ ମଦ ବିକ୍ରି ପାଇଁ ନେବାବେଳେ ଧରିଲା ପୋଲିସ

ପାଣିକୋଇଲି, ୨୨।୧୨ (ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ଥାନା ଅଞ୍ଚଳରେ ଚୋରା ଦେଶୀ ମଦ ବିକ୍ରି ପାଇଁ ନେଉଥିବା ବେଳେ ଅଭିଯୁକ୍ତଙ୍କୁ ପୋଲିସ ଧରି ସୋମବାର କୋର୍ଟ ଚାଲାଣ କରିଛି। ଏଏସ୍ଆଇ ନିର୍ମଳ କୁମାର ଚୌଧୁରୀ ସାନ୍ଧ୍ୟାରେ ପେଟ୍ରୋଲିଂ କରୁଥିବା ବେଳେ କୋରାଇ ଥାନା ଅନ୍ତର୍ଗତ ବେଗନା ଗ୍ରାମର ପ୍ରକାଶ ଲେଙ୍କା ୨ଟି ଜାରକିନ ଓ ୩ଟି ବୋତଲରେ ୧୮ ଲିଟର ମଦ ବିକ୍ରି ଉଦ୍ଦେଶ୍ୟରେ ନେଉଥିବା ବେଳେ ସନ୍ଦେହରେ ପୋଲିସ ତାଙ୍କୁ ଅଟକାଇଥିଲା। ମାତ୍ର ପ୍ରକାଶ ଖସିଯିବା ଲାଗି ଚେଷ୍ଟା କରୁଥିବା ବେଳେ ତାକୁ ଗିରଫ କରି ଥାନାକୁ ଆଣିବା ସହ ତାଙ୍କ ଠାରୁ ମଦକୁ ଜବତ କରିଥିଲା।

# ୧୫୨ ଅଭିଯୋଗରୁ ୩୧ର ତତ୍କାଳ ଫଇସଲା

### ବିଞ୍ଝାରପୁରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ବିଞ୍ଝାରପୁର, ୨୨।୧୨(ରାମକୃଷ୍ଣ ଦାସ)

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ବିଞ୍ଝାରପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପସ୍ଥିତ ରହି ଜିଲାପାଳ ଅମ୍ବର କୁମାର କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବା ସହ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏଥିରେ ମୋଟ ୧୫୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୧୧୭ ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୬ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଭାରପ୍ରାପ୍ତ ଉପଜିଲାପାଳ ପଲ୍ଲବୀରାଣୀ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ବିଜୟ କୁମାର ମିଶ୍ର, ବିଡିଓ ହିତାଂଶୁ ଶେଖର ସାମଲ, ଭାରପ୍ରାପ୍ତ ତହସିଲଦାର ରବିନାରାୟଣ ପାଢ଼ୀ ଓ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



ଶିବିରରେ ଜିଲାପାଳ ଅମ୍ବର କୁମାର କର ଅଭିଯୋଗ ଗ୍ରହଣ କରୁଛନ୍ତି।

# ଜାନୁଆରୀ ୪ରେ ଦକ୍ଷତା ବିକାଶ କର୍ମଶାଳା



ବୈଠକରେ ଉପସ୍ଥିତ ଖବରଦାତାମାନେ।

### ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଅଧିବେଶନ ପ୍ରସ୍ତୁତି ବୈଠକ

କଳିଙ୍ଗନଗର, ୨୨।୧୨ (ଶୁଭାଶିଷ ରାଉତ)

ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଅଧିବେଶନ ଆଗାମୀ ଜାନୁଆରୀ ୪ ରେ ଅନୁଷ୍ଠିତ ହେବ। ଦାନଗଦିଠାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ରବିବାର ଦାନଗଦିର ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ୨ୟ ଅଧିବେଶନରେ ଖବରଦାତାଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଅନୁଷ୍ଠିତ ହେବ। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ ଓ ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେବେ। ସେହିପରି ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବିଜେବି କଲେଜର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ସହକାରୀ ପ୍ରାଧ୍ୟାପକ ସାମନ୍ତ ବିଶ୍ୱଭୂଷଣ ଧୀର ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର କାଉନସିଲର ପ୍ରିୟରଞ୍ଜନ କର ସଞ୍ଚାଳନ କରିବେ। ବୈଠକରେ ଜିଲା ସଭାପତି ହରିହର ସ୍ୱାଇଁ, ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଜାତୀୟ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଜିଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ସମ୍ପାଦକ ଶୁଭାଶିଷ ରାଉତ, ଉପସଭାପତି ପ୍ରଦୀପ ଜେନା, ଉପଦେଷ୍ଟା ପ୍ରିୟରଞ୍ଜନ କର, ଦୁଷ୍ମନ୍ତ ଘଡାଇ, ବିପ୍ଳବ ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଦକ୍ଷତାକୁ କଳାତ୍ମକ ଦିଗରେ ବିକଶିତ କର

ବଡଚଣା, ୨୨।୧୨(ଦିଲୀପ କୁମାର ମହାନ୍ତି)

### ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆ ହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ସାଂସ୍କୃତିକ ପରିଷଦ ପକ୍ଷରୁ ଯୁକ୍ତ ୨ଓ ଯୁକ୍ତ ୩ ଛାତ୍ରୀଛାତ୍ରମାନଙ୍କ ପ୍ରତିଭାର ବିକାଶ ପାଇଁ ଉଭୟ ଇଂରାଜୀ ଓ ଓଡ଼ିଆ ପ୍ରବନ୍ଧ, ତର୍କ, ରଙ୍ଗୋଲି, ଝୋଟି, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିସହ ଏକ ପାରିବାରିକ ଓ ସାମାଜିକ ନାଟକ 'ଦିଅଁ ଗଢ଼ିବାକୁ ଦେଉଳ ମନା' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ ପରିଷଦର ମୁଖ୍ୟ ଡ. ଅମ୍ବିକା ତ୍ରିପାଠୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ମାହାଲା ଛାତ୍ରୀଛାତ୍ରମାନେ ପାଠପଢ଼ା ସହ ନିଜ ଭିତରେ ଥିବା ଲୁକ୍କାଇତ ପ୍ରତିଭା ଓ ଦକ୍ଷତାକୁ କଳାତ୍ମକ ଦିଗରେ ବିକଶିତ କରି ସମାଜର ଅଗ୍ରଗତିରେ ନିଜକୁ ସାମିଲ କରାଇବାକୁ ଆହ୍ୱାନ ଦେଇଥିଲେ। ବରୁଣେଶ୍ୱର ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ନାଟ୍ୟକାର, ପ୍ରାବନ୍ଧିକ ସଂଳାପ କାର ଡ. ଦୀପକ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ସଚେତନତା ଓ ଜନଜାଗରଣ ସୃଷ୍ଟି କରିବା ଦିଗରେ ନାଟ୍ୟ କଳାର ବହୁମୁଖୀ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ କିଶୋର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନଜିତ ସାହୁଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଅଧ୍ୟାପକ ଡ. ଦୀପକ କୁମାର ମିଶ୍ର ମାନପତ୍ର ପାଠ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଷଦର ସଭ୍ୟାସଭ୍ୟ ସମେତ ଅଧ୍ୟାପକ ଦୀପକ ଦାସ, ସତ୍ୟପ୍ରକାଶ ନାୟକ, ଅଧ୍ୟାପିକା ଇପ୍ସିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଭିନୟରେ ଅଶ୍ୱିନୀ କୁମାର ରାଉତରାୟ, ଅଭିଜିତ ନାୟକ, ବିକାଶ ସାହୁ, ମୃତ୍ୟୁଞ୍ଜୟ ନାୟକ, ଶିବପ୍ରସାଦ ରାୟ, ସନ୍ତୋଷ କୁମାର ମିଶ୍ର, ରୁଦ୍ରନାରାୟଣ ସ୍ୱାଇଁ, ଲକ୍ଷ୍ମୀଧର ଦାସ, ଶିବୁ ମଲିକ, ସୌମ୍ୟରଞ୍ଜନ ଲେଙ୍କା, ହରିହର ଦାସ, ଯଯାତିକେଶରୀ ବଳ, ଭବାନୀ ଶଙ୍କର ବରାଳ, ସ୍ମୃତିରଞ୍ଜନ ରାଉତ ଓ ଅଭିନେତ୍ରୀ ଲୋପାମୁଦ୍ରା ସାମଲ, ସୃଷ୍ଟି ଶୋଭାନା ବାରିକ, ମଧୁସ୍ମିତା ସେଠୀ, ଲକ୍ଷ୍ମୀପ୍ରିୟା ପୃଷ୍ଟି, ମଧୁସ୍ମିତା ମଲିକ୍, ସ୍ୱରୂପା ଦର୍ଶନୀ ଜେନାଙ୍କ ଅଭିନୟ ଚିତ୍ତାକର୍ଷକ ହୋଇଥଲା।

# ଭବାନୀପୁରରେ ସ୍ୱାସ୍ଥ୍ୟ ଶିବିରରେ ୬୨୦ ରୋଗୀଙ୍କ ଚିକିତ୍ସା

କାଏମା, ୨୨।୧୨ (ଶିବ ପ୍ରସାଦ ମହାନ୍ତି)

### ଅଂଶୁମାନ ମେମୋରିଆଲ ଟ୍ରଷ୍ଟ

ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଭବାନୀପୁର ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଏକ ସ୍ୱାସ୍ଥ୍ୟ ଶିବିର ସୋମବାର ଆୟୋଜିତ ହୋଇଯାଇଛି। ଧର୍ମଶାଳା ଥାନା ଭାରପ୍ରାପ୍ତ ଅଧିକାରୀ ରମାକାନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ୧୪ ନଂ. ମଣ୍ଡଳ ସଭାପତି ଦେବଦତ୍ତ ପଣ୍ଡା, ବରିଷ୍ଠ ସଙ୍ଗଠକ ଆଲୋକ ଲେଙ୍କା, ଶରତ ନାୟକ, ଭବାନୀପୁର ସମିତି ସଭ୍ୟା ସରୋଜିନୀ ମହାନ୍ତି, ଭବାନୀପୁର ସରପଞ୍ଚ ଜୋତିର୍ମୟୀ ନାୟକ, ବରିଷ୍ଠ ସଙ୍ଗଠକ ଚନ୍ଦ୍ରମଣି ପଣ୍ଡିତ, ଅଭିଷେକ ସାହୁ, ଲୋକନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା କରିଥିଲେ। ଏଥିରେ ହାଇଟେକ ମେଡିକାଲ କଲେଜର ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ଚର୍ମ, ମଧୁମେହ, ରକ୍ତଚାପ, ଶିଶୁରୋଗ, ରୋଗୀମାନଙ୍କ ରୋଗ ପରୀକ୍ଷା କରାଯାଇ ୩ ମାସ ପାଇ ବିନା ମୂଲ୍ୟରେ ଟ୍ରଷ୍ଟ ପକ୍ଷରୁ ଔଷଧ ବଣ୍ଟନ କରାଯାଇଥିଲା। ଆଖିପାଖି ଅଞ୍ଚଳର ୬୨୦ଜଣ ରୋଗୀ ଶିବିରରେ ଯୋଗଦାନ କରିଥିଲେ।

# ତତ୍କାଳ ୬ ନବଜାତ ଶିଶୁଙ୍କ ଜନ୍ମ ପ୍ରମାଣପତ୍ର ପ୍ରଦାନ

ସୁକିନ୍ଦା, ୨୨।୧୨(ସତ୍ୟଜିତ ଦାଶ )

ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଜଣ ନବଜାତ ଶିଶୁଙ୍କୁ ତତ୍କାଳ ସୋମବାର ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଦିବାସୀ ବହୁଳ ଏହି ବ୍ଲକ୍‌ର ଅନେକ ସ୍ଥାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଅନେକ ଦୂର। ବହୁଚର୍ଚ୍ଚିତ ନଗଡ଼ାର ଅଧିବାସୀ ଏବେ ମଧ୍ୟ ସଚେତନତା ଅଭାବରୁ ସରକାରୀ କାଗଜପତ୍ର ନ ପାଇ ହଇରାଣ ହେଉଛନ୍ତି। ସଂଖ୍ୟାଧିକ ଲୋକ ଜନ୍ମ ପ୍ରମାଣପତ୍ର ନ ଥିବା କାରଣରୁ ଶିକ୍ଷାନୁଷ୍ଠାନ ଯାଇପାରୁନାହାନ୍ତି। ଜନ୍ମହେବାର ୧ ମାସ ବିତିଗଲେ ଜିଲା ଅଧିକାରୀଙ୍କ ଅନୁମୋଦନ ଆବଶ୍ୟକ ହେଉଥିବାବେଳେ ୧ ବର୍ଷ ପରେ ଏକ ମାମଲା ରୁଜୁ କରାଯାଇ ଜନ୍ମ ପ୍ରମାଣପତ୍ର ପାଉଛନ୍ତି। ଏହା ସାଧାରଣ ଗରିବ ଲୋକଟିଏ ପାଇଁ ଅସମ୍ଭବ ଅବା ବହୁ କଷ୍ଟକର ହୋଇପଡୁଛି। ଏହାକୁ ଦୃଷ୍ଟିରେ ରଖି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ଜୟଦେବ ନନ୍ଦ ସୋମବାର ତତ୍କାଳ ଜନ୍ମ ପ୍ରମାଣପତ୍ର ସେବା ଆରମ୍ଭ କରିଛନ୍ତି। ନବ ଜନ୍ମିତ ଶିଶୁଙ୍କ ମା' ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡାର ବାସନ୍ତୀ ପ୍ରଧାନ, କାଦୁଅବନ୍ଦୀର ପୂଜା ମହାରଣା, ସାଆନ୍ତରାପୁରର ଦ୍ରୌପଦୀ ବିନ୍ଧାଣି, ଜେମାଦେଇପୁରର ଜିଙ୍ଗୀ ସୀଙ୍କୁ, ତାମରା ଗ୍ରାମର ନାଗୁରି ମୁଣ୍ଡା ଏବଂ କେନ୍ଦୁଝର ଜିଲା ବଡ଼ସୀଆଡିମାଳ ଗ୍ରାମର ମଞ୍ଜୁ ମହାନ୍ତ ପ୍ରମୁଖଙ୍କୁ ଶିଶୁମାନଙ୍କ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ରଶ୍ମିପ୍ରଭା ଖଟୁଆ, ଫାର୍ମାସିଷ୍ଟ କାର୍ତ୍ତିକ ଚନ୍ଦ୍ର ସାମଲ, ସେବିକା ଅଧିକାରିଣୀ ମମତା ମହାନ୍ତ, ତନ୍ମୟୀ ସାହୁ, କିରାଣି ଜାନକୀଲତା ସାହୁ ଏବଂ ବିଷ୍ଣୁ ଚରଣ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ନବଜାତ ଶିଶୁଙ୍କ ମା'ଙ୍କୁ ପିଲାର ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# କ୍ରିକେଟ: କେନ୍ଦ୍ରାପଡ଼ା, ଚିତ୍ତାଳ କଲେଜ ବିଜୟୀ

ଯାଜପୁରରୋଡ଼, ୨୨।୧୨(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ମହାବିଦ୍ୟାଳୟଠାରେ ଚାଲୁଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ପ୍ରଥମ ମ୍ୟାଚ କେନ୍ଦ୍ରାପଡ଼ା ଓ ଶ୍ରୀ ଶ୍ରୀବାଇଆଁବା କଲେଜ ମହାକାଳପଡ଼ା ମଧ୍ୟରେ ହୋଇଥିଲା। ପ୍ରଥମେ ଟସ୍ ଜିତି କେନ୍ଦ୍ରାପଡ଼ା ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମହାକାଳପଡ଼ା ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୮୧ ରନ କରିଥିଲା। ଏହାର ଜବାବରେ କେନ୍ଦ୍ରାପଡ଼ା ମାତ୍ର ୬ ଓଭରରେ ୨ ଉଇକେଟ ହରାଇ ୮୨ ରନ କରି ୮ ଉଇକେଟରେ ବିଜୟୀ ହୋଇଥିଲେ। କେନ୍ଦ୍ରାପଡ଼ାର ଦିବ୍ୟ ରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ମଠକରୋଗଳା ଢେଙ୍କାନାଳ ଓ ଚିତ୍ତାଳ କଲେଜ ମଧ୍ୟରେ ହୋଇଥିଲା। ପ୍ରଥମେ ଟସରେ ବିଜୟୀ ହୋଇ ମଠକରୋଗଲା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୧୫ ଓଭରରେ ଚିତ୍ତଳୋ କଲେଜ ୮ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ଶୁଭ୍ରାଂଶୁ ପଲେଇ ୫୫ ରନ କରିଥିଲେ। ଏହାର ଜବାବରେ ମଠକରୋଗଲା ୧୪. ୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ କରିଥିଲେ। ୨୨ ରନରେ ଚିତ୍ତଳୋ ବିଜୟୀ ହୋଇଥିଲେ। ବିଜୟୀ ଦଳର ପ୍ରିୟବ୍ରତ ସାହୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ପବିତ୍ର ମଲ୍ଲିକ ଶୁଭମ ବିଶ୍ୱାଳ,. ଅନିକେତ ଧୀର ପରିଚାଳନା କରିଥିଲେ।

# ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ

କାଳିଆପାଣି ,୨୨।୧୨ (ଅସିତ ମହାନ୍ତ)

ସୁକିନ୍ଦା ବ୍ଲକ୍ କଲରଙ୍ଗିଅତା ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରିନ୍ସିପାଲ ସଞ୍ଜୟ ରାଫେଲ ରାଜଙ୍କ ଅଧ୍ୟକ୍ଷତାରେ ଟାଟା ଷ୍ଟିଲ କାଟେପୂର୍ତ୍ତି ଅଡିଟୋରିୟମଠାରେ ତହସିଲଦାର ମାନସ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବକ୍ତବ୍ୟରେ ଅନୁଷ୍ଠାନ ଗଢ଼ିବାରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଅନ୍ୟତମ ଅତିଥି ଭାବେ କଳିଙ୍ଗ ଇଣ୍ଡଷ୍ଟ୍ରିଆଲ ମହାବିଦ୍ୟାଳୟର ନିର୍ଦ୍ଦେଶକ ଆଲେକଜାଣ୍ଡାର ଦାସ ସମ୍ମାନିତ ଅତିଥି ଓ ସ୍କୁଲ ପ୍ରତିଷ୍ଠାତା ସଦସ୍ୟ ଅମଳେନ୍ଦୁ ବେହୁରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଭୂମିକା ଶତପ୍ରତିଶତ ରହିଲେ, ଉନ୍ନତିର ଶୀର୍ଷକୁ ଯାଇ ପାରିବେ ବୋଲି କହିଥିଲେ। ସ୍କୁଲର ଛାତ୍ରୀଛାତ୍ର ଉତ୍ସବରେ ଭାଗ ନେଇ ନିଜ ନିଜ ଲୁକ୍କାଇତ ପ୍ରତିଭା ଦେଖିଥିଲେ। ଲିନା ତଡପଦାର, ଜିତା ରାଜ, ତୁସାରିକ ପ୍ରଧାନ, ପ୍ରଶାନ୍ତ କୁମାର ଦାସ, ଏସ୍ .କେ ଆଫ୍ରିନ, ମୋନାଲିସା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉନ୍ନତୀକରଣ ପାଇଁ ୧୦ ଲକ୍ଷ ସହାୟତା ଦିଆଯିବ: ଏମ୍‌ପି

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କାଏମା, ୨୨।୧୨(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପରିଚାଳନା ସମିତିର ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଦ୍ୱାବିଂଶ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଉଦ୍‌ଘାଟକ ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ଗବେଷଣା ଶୋଧ ବିଭାଗ ଓଡ଼ିଶା ସଦସ୍ୟା ତରୁଲତା ଦେବୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏମ୍‌ପି ବେହେରା ଶିଶୁମନ୍ଦିର ଉନ୍ନତିରେ ଛାତ୍ରମାନଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାମନ୍ଦିରର ଉନ୍ନତୀକରଣ ନିମନ୍ତେ ୧୦ ଲକ୍ଷ ଟଙ୍କାର ସହାୟତା ଦେବା ଲାଗି ଏମ୍‌ପି ବେହେରା ମଞ୍ଚରେ ଘୋଷଣା କରିଥିଲେ। ସେହିପରି ବିଧାୟକ ସାହୁ ବିଦ୍ୟାମନ୍ଦିର ଯୋଜନାର ଲକ୍ଷ୍ୟ ଉଦ୍ଦେଶ୍ୟ କିପରି ସମାଜରେ ଛାତ୍ରମାନଙ୍କ ମାଧ୍ୟମରେ କ୍ରିୟାନ୍ୱୟନ ହୋଇପାରିବ ସେ ବିଷୟରେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ତରୁଲତା ଦେବୀ ରାଷ୍ଟ୍ରଭକ୍ତ, ସତ ଚରିତ୍ର, ଶୃଙ୍ଖଳିତ ନାଗରିକ ନିର୍ମାଣରେ ଶିଶୁ ଅଭିଭାବକ ଓ ବିଦ୍ୟାଳୟର ଭୂମିକା ସମ୍ପର୍କରେ ମତ ରଖିଥିଲେ। ବିଦ୍ୟାମନ୍ଦିରର ସମ୍ପାଦକ ଧ୍ରୁବ ଚରଣ ପୃଷ୍ଟି ସ୍ୱାଗତ ଭାଷଣ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ପୃଷ୍ଟି ଓ ସଭାପତି ସାହୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ୫୫୦ ଜଣ ଶିଶୁ ଓ ୬୦୦ ଜଣ ଅଭିଭାବକ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର କୋଷାଧ୍ୟକ୍ଷ ନିଗମାନନ୍ଦ ମାହାଣା, ଉପସଭାପତି ତୁଳସୀ ଦେଇ, ସଦସ୍ୟ ଅକ୍ଷୟ କୁମାର ସାହୁ, ପୂର୍ବତନ ସମ୍ପାଦକ ଚିତ୍ତରଞ୍ଜନ ମଲ୍ଲିକ, ବିଦ୍ୟାଧର ସାହୁ, ଅନନ୍ତ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟର ସହସମ୍ପାଦକ ସୁକାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଗୁରୁମାଗୁରୁଜୀ, କର୍ମଚାରୀମାନେ ସହଯୋଗ କରିଥିଲେ।



ଉତ୍ସବରେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ହିମାଂଶୁ ଶେଖର ସାହୁ ଓ ଅନ୍ୟମାନେ।

# ୨୧ ପ୍ରତିଯୋଗିତାରେ ୭୮୦ ପ୍ରତିଯୋଗୀ

### ତ୍ରିଂଶତିତମ ଜିଲାସ୍ତରୀୟ ଶିଶୁ ମହୋତ୍ସବ

ରସୁଲପୁର, ୨୨।୧୨(ରଞ୍ଜିତ ରାଉତ)

ରସୁଲପୁର ମଣ୍ଡଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ସୋମବାର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ତ୍ରିଂଶତିତମ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛ। ମହୋତ୍ସବରେ ରସୁଲପୁର ମଣ୍ଡଳରୁ ୬୬ ଓ ଜିଲାରୁ ୨୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଭୟ ବ୍ଲକ ଓ ଜିଲାରୁ ମୋଟ ୮୬ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରୁ ୭୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ୨୧ଟି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସେମାନଙ୍କ ଦକ୍ଷତା ପ୍ରଦର୍ଶିତ କରିଥିଲେ। ଏଠାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଥମରୁ ଦଶମ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କୁ ନେଇ ୫ଟି ବର୍ଗରେ ବିଭକ୍ତ କରାଯାଇଥିଲା। ପ୍ରତିଯୋଗୀମାନଙ୍କୁ ନେଇ ଓଡ଼ିଆ ହସ୍ତାକ୍ଷର, ଆବୃତ୍ତି, ଚିତ୍ରାଙ୍କନ, ଗଣିତ କୌତୁକ, ସଙ୍ଗୀତ, ନୃତ୍ୟ, ସାଧାରଣଜ୍ଞାନ, ପ୍ରବନ୍ଧ ଲିଖନ, ଏକକ ଅଭିନୟ, ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ମହୋତ୍ସବରେ ଶିକ୍ଷକ ସଂଘ ଓଷ୍ଟାର ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟବକ୍ତା ଭାବେ ରସୁଲପୁର ଏବିଇଓ ପ୍ରଭଞ୍ଜନ ପତି, ସମ୍ମାନିତ ଅତିଥି ଭାବେରେ ଟ୍ରେଟ୍ରାହେଡନ ଗ୍ରୁପ୍‌ର ଅଧ୍ୟକ୍ଷ ତ୍ରିଦେବ ବେହେରା, ଅରୁଣ କୁମାର ସେଠୀ, ଶିଶୁମେଳା ପ୍ରତିଷ୍ଠାତା ବୈରାଗୀ ଚରଣ ଘଡାଇ, ସିଆରସିସି ଦେବକୀ ପାତ୍ର, ସାରଙ୍ଗପୁର ଉପ୍ରା ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଶିକ୍ଷକ ନେତା ସଞ୍ଜୀବ କୁମାର ସୁତାର, ପ୍ରଭାତ କୁମାର ଚନ୍ଦ, ପ୍ରମୋଦ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଶିଶୁ ମେଳାର ଉଦ୍ଦେଶ୍ୟ ଓ ତାର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ରବୀନ୍ଦ୍ର ଦାଶରଥି ମେମୋରିଆଲ ଚାମ୍ପିୟନ ସିପ ଟ୍ରଫି ଓ ମହେଶ୍ୱର ରାଉତ ସ୍ମାରକୀ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କୃତୀ ପ୍ରତିଯୋଗୀ ଓ ବିଭିନ୍ନ ବିଭାଗରେ ଚାମ୍ପିୟନ ହୋଇଥିବା ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଦୁଷ୍ମନ୍ତ କୁମାର ନାୟକ, ମୁଖ୍ୟବକ୍ତା ଭାବେରେ ସଂଘର ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଇଓ ଭୋଗରାଇ କମଳ ଲୋଚନ ବିଶ୍ୱାଳ, ଅଲଓଷ୍ଟା ସଂଘର କାର୍ଯ୍ୟକାରୀ ସଭାପତି ନୀଳମଣି ଲେଙ୍କା, ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ସଭାପତି ଅଲଓଷ୍ଟା ବିକ୍ରମ କୁମାର ଦାସ, ଉପସଭନେତ୍ରୀ ନିର୍ମଳା ପଣ୍ଡା, ସାରଙ୍ଗପୁର ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ରାଉତ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହାଛଡା ଉତ୍ସବ ଅବସରରେ ଏମ୍‌ପି ବେହେରା, ଜିଲାର ଆଦର୍ଶ ଶିକ୍ଷକ ରଞ୍ଜନ କୁମାର ବାରିକ, ଜନ୍ମେଜୟ ନାୟକ, ତାରିଣୀ ପ୍ରସାଦ ପୁହାଣ, ଡ. ଦୟାନିଧି ଦାଶ, ପ୍ରଫେସର ତ୍ରିଦେବ ବେହେରାଙ୍କୁ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ପ୍ରତିଭାରେ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଶୋକ ରାଉତ ଧନ୍ୟବାଦ ଦେଇଥିବାବେଳେ ଶିକ୍ଷକ ସୁଦର୍ଶନ ପଣ୍ଡା, ଜୟପ୍ରକାଶ ନାୟକ, ଅବିନାଶ ଆଏଚ, ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।



ମହୋତ୍ସବରେ ମଞ୍ଚାସୀନ ଅତିଥି।

# ୧୬୧ ବ୍ୟକ୍ତିଗତ, ୧୭ ଗୋଷ୍ଠୀଗତ ଅଭିଯୋଗ ପଞ୍ଜୀକୃତ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି

ଏରସମା, ୨୨।୧୨ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜେ.ସୋନାଲ, ଜିଲାପରିଷଦର ମୁଖ୍ୟ ବିକାଶ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ ତରାଇ, ବିଡିଓ ଦାଶରଥି ଜେନା ପ୍ରମୁଖ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୭୮ ଅଭିଯୋଗ ଶୁଣାଣି କରାଯାଇଥିଲା। ୧୬୧ ବ୍ୟକ୍ତିଗତ ଅଭିଯୋଗରୁ ରାଶନ କାର୍ଡ ୧୫, ଆବାସ ଯୋଜନା ୧୮, ଜମିଜମା ୪୨, ପୋଲିସ ସହାୟତା ୪, ବିଭିନ୍ନ ଭତ୍ତା ୬୧, ଅନ୍ୟାନ୍ୟ ୧୯ ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିରରେ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହା ବ୍ୟତୀତ ୧୭ଟି ଗୋଷ୍ଠୀଗତ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

# ଏମ୍‌ପି ବିଳମ୍ବ କଲେ, ଚାଲିଗଲେ ବିଧାୟକ

■ ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳାର ଉଦ୍‌ଘାଟନୀ ଉତ୍ସବରେ ବିଶୃଙ୍ଖଳା

■ ଯୋଗଦେଲେନି ମନ୍ତ୍ରୀଙ୍କ ସମେତ ଜିଲାର ୩ ବିଧାୟକ

ଜଗତ୍‌ସିଂହପୁର, ୨୨।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାର ଉଦ୍‌ଘାଟନୀ ଉତ୍ସବରେ ସୋମବାର ବିଶୃଙ୍ଖଳା ଦେଖାଦେଇଛି। କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବାହ୍ନ ୧୧ଟାରୁ ୧୧.୧୦ ଭିତରେ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରାଯିବା ସହ ମେଳାକୁ ଆନୁଷ୍ଠାନିକ ଉଦ୍‌ଘାଟନ କାର୍ଯ୍ୟକ୍ରମ ଥିଲା। ଏହା ପୂର୍ବରୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ସମେତ ଅନ୍ୟ ଅତିଥିମାନେ ସେଠାରେ ପହଞ୍ଚି ସାରିଥିଲେ। କିନ୍ତୁ ଏମ୍‌ପି ବିଭୁ ତରାଇ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଏଥିଯୋଗୁ ବିଧାୟକ ଦାସ ତୀବ୍ର ଅସନ୍ତୋଷ ବ୍ୟକ୍ତ କରି ସେଠାରୁ ଚାଲିଯାଇଥିଲେ। ଗଲାବେଳେ ଆୟୋଜକମାନଙ୍କୁ ତାଗିଦା କରି କହିଥିଲେ, ଆପଣମାନଙ୍କ ମନମାନି ଚଳିବ ନାହିଁ। ସମୟ ସବୁଠୁ ମୂଲ୍ୟବାନ୍। ଏଥିରେ ଖିଲାପ କଲେ ଗ୍ରହଣ କରାଯିବ ନାହିଁ। ଏହାପରେ ସଭାସ୍ଥଳରେ ନିଆରା ପରିବେଶ ସୃଷ୍ଟି


ବିଧାୟକ ଅମରେନ୍ଦ୍ର ଦାସ କ୍ଷୁବ୍ଧ ହୋଇ କାର୍ଯ୍ୟକ୍ରମରୁ ଫେରିଯାଉଛନ୍ତି।

ହୋଇଥିଲା। ଏ ସମ୍ପର୍କରେ ସିଡିଭିଓ ଡା. ଅଜୟ କୁମାର ସାହୁ କହିଛନ୍ତି, ଏମ୍‌ପି ରାସ୍ତାରେ ଥିବାରୁ କିଛି ସମୟ ଅପେକ୍ଷା କରିବାକୁ ଅନୁରୋଧ କରାଯାଇଥିଲା। ଏମ୍‌ପି ଆସିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥାନ୍ତା। ମାତ୍ର ବିଧାୟକ ଦାସ ଅଧଘଣ୍ଟା କାଳ ବସି ରହିଥିବାରୁ ବିଳମ୍ବକୁ ଗ୍ରହଣ କରିପାରି ନ ଥିଲେ। ଯେହେତୁ ଏମ୍‌ପିଙ୍କୁ ଅତିଥି କରି ଡାକିଛନ୍ତି ଅପେକ୍ଷା କରିବାକୁ ପଡ଼ିଥିଲା। ଏପରି କରି ନ ଥିଲେ ତାଙ୍କୁ ଅସମ୍ମାନ ହୋଇଥାନ୍ତା ବୋଲି ଡ. ସାହୁ କହିଛନ୍ତି। ସୂଚନାଯୋଗ୍ୟ, ନିମନ୍ତ୍ରଣ କାର୍ଡରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ଏମ୍‌ପି ତରାଇ ମୁଖ୍ୟବକ୍ତା, ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଜିଲା ପରିଷଦ ସଭାପତି ଭୋଇ, ଜିଲାପାଳ ତଥା ଜିଲା ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅଧ୍ୟକ୍ଷ ଜେ. ସୋନାଲ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ସିଂହ ଓ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେବେ ବୋଲି ଉଲ୍ଲେଖ ଥିଲା। କିନ୍ତୁ ମନ୍ତ୍ରୀ ସ୍ୱାଇଁ, ବାଲିକୁଦା-ଏରସମା ବିଧାୟକ, ତିର୍ତ୍ତୋଲ ବିଧାୟକଙ୍କ ସମେତ ଜିଲାପାଳ ଓ ପାରାଦୀପ ପୌରାଧ୍ୟକ୍ଷ ଏଥିରେ ଯୋଗଦେଇ ନ ଥିଲେ।

# ପ୍ରାଣୀ, ମତ୍ସ୍ୟ ପାଳନରେ ସମ୍ଭାବନା ଅନେକ

## ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ




ଜଗତ୍‌ସିଂହପୁର, ୨୨।୧୨ (ପ୍ରମୋଦ କୁମାର ନାୟକ)

ସରକାର ମତ୍ସ୍ୟ ଓ ପ୍ରାଣିପାଳନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ବିଭାଗ ଯୋଜନା ପ୍ରଣୟନ କରି ଚାଷୀଙ୍କୁ ସଶକ୍ତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହି ଚାଷରେ ଅନେକ ସମ୍ଭାବନା ରହିଛି। ତେଣୁ ଲୋକେ ଏଥିପ୍ରତି ଆକୃଷ୍ଟ ହୋଇ ଯୋଜନାରେ ଅନ୍ତର୍ଭୁକ୍ତ ହେବା ସହ ଏହାର ସୁବିଧା ହାତେଇବା ପାଇଁ ଆଗେଇ ଆସିବା ଉଚିତ। ସୋମବାର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ ଏହା କହିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିପାଳନ ସମେତ ଚାଷୀଙ୍କ ଉନ୍ନତି ଉପରେ ଆଲୋଚନା ହୋଇଥିଲା। ସେହିପରି ଉତ୍ସବରେ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ବ୍ୟାଙ୍କ ଖାତାକୁ, ୩ ଜଣଙ୍କୁ ଚେକ୍ ଜରିଆରେ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଆଉ ୫ ଜଣ ଚାଷୀଙ୍କୁ ଗୋ ଆହେଡ୍ ଲେଟର ଦିଆଯାଇଥିଲା। ବିଭିନ୍ନ ବିଭାଗ ଦ୍ୱାରା ସମ୍ପୃକ୍ତ ବିଭାଗର ଯୋଜନା ଓ କାର୍ଯ୍ୟକଳାପ ସମ୍ବନ୍ଧୀୟ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। ଏହି ଅବସରରେ ବିଭାଗୀୟ ବୈଜ୍ଞାନିକ ଓ କୃଷକମାନଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଉନ୍ନତ ପ୍ରଜନନ, ରୋଗ ନିୟନ୍ତ୍ରଣ ଓ ଆଧୁନିକ ଚାଷ ପ୍ରଣାଳୀ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ବିଭୁ ତରାଇ ମୁଖ୍ୟଅତିଥି, ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ମୁଖ୍ୟବକ୍ତା, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଜିଲା ପ୍ରାଣିସମ୍ପଦ ଅଧିକାରୀ (ସିଡିଭିଓ) ଡା. ଅଜୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ ଧନ୍ୟବାଦ ଦେଇଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇ ଦିନ ଧରି ହେବାକୁ ଥିବା ଏହି ମେଳାରେ ମୋଟ ୪୦ଟି ଷ୍ଟଲ ହୋଇଥିବା କୁହାଯାଇଛି।

# ୧୦୫ କିଲୋ ଗୋମାଂସ ଜବତ: ୨ ଗିରଫ

ଜଗତ୍‌ସିଂହପୁର, ୨୨।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ସାମନ୍ତରାପୁର ଗ୍ରାମ ଅଳକା ନଦୀ କୂଳରୁ ୧୦୫ କେଜି ଗୋମାଂସ, ଗୋରୁ ଚମଡ଼ା, ଚମଡ଼ା ନ ଥିବା ମୁଣ୍ଡ ସମେତ ୪ଟି ଲୁହା ଛୁରି, ଏକ ମେକାନିକାଲ ଓଜନ ଯନ୍ତ୍ର, କାଠ ଖଣ୍ଡ, ଦଉଡା, ମାଟିପାତ୍ର ଆଦି ଜବତ ହୋଇଛି। ଏନେଇ ଜଗତ୍‌ସିଂହପୁର ଥାନାରେ ମାମଲା ରୁଜୁ ସହ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସାମନ୍ତରାପୁର ଗ୍ରାମର ମାନା ଶା (୫୮) ଓ କାଟସିଂଗପୁରର ସେକ୍ ଅଫସାର (୫୭)। ଏ ସମ୍ପର୍କରେ ଜଗତ୍‌ସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ଦେଇଥିବା ସୂଚନା ଅନୁଯାୟୀ, ମାଂସ ବିକ୍ରି ଉଦ୍ଦେଶ୍ୟରେ ଗାଈ କଟାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହି ଆଧାରରେ ଏସ୍‌ଆଇ ବିବେକାନନ୍ଦ ସାହୁଙ୍କ ନେତୃତ୍ୱରେ ଏକ ଦଳ ଗଠନ କରାଯାଇଥିଲା। ପୋଲିସ ଦଳର ଉକ୍ତ ଗ୍ରାମରେ ଚଢ଼ାଉ ସମୟରେ ଗାଈ କଟା ଯାଉଥିବା ଦେଖିବାକୁ ମିଳିଥିଲା। ପୋଲିସ ସେମାନଙ୍କ ଧରିବାକୁ ଚେଷ୍ଟା କଲାବେଳେ ଅଭିଯୁକ୍ତମାନେ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ସେମାନେ ଛୁରିରେ ପୋଲିସ ଦଳ ଉପରେ ଆକ୍ରମଣ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ ପୋଲିସ ସେମାନଙ୍କୁ କାବୁ କରିବାରେ ସମର୍ଥ ହୋଇଥିବା ମାଣେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଜଣେ ବ୍ୟକ୍ତି ନିଜ ଘର ପଛପଟେ କଂସେଇଖାନା କରି ପ୍ରତ୍ୟହ ବହୁ ପରିମାଣର ଗୋମାଂସ ବିଭିନ୍ନ ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଏପରି କି ଏକ ବାଇକରେ ଗୋମାଂସ ପ୍ୟାକେଟ୍ କରି ଜଗତ୍‌ସିଂହପୁର ଅଭିମୁଖେ ଯାଉଥିବାବେଳେ ଲୋକଙ୍କ ହାତରେ ଧରାପଡିଥିଲେ। ଏହାପରେ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜିଲାର ଅନେକ ସ୍ଥାନରେ ଏଭଳି କାରବାର ଚାଲିଥିବା କୁହାଯାଉଛି।

# ଝଙ୍କଡ଼ ଶାରଳା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ: ପୂଜାନୀତିରେ ବିଭ୍ରାଟ

ତିର୍ତ୍ତୋଲ, ୨୨।୧୨ (ଗୌରାଙ୍ଗ ଚରଣ ସାଇଁ)



ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁରସ୍ଥିତ ପ୍ରସିଦ୍ଧ ଝଙ୍କଡ଼ ଶାରଳା ମନ୍ଦିରରେ ସୋମବାର ଅଣହିନ୍ଦୁ ପ୍ରବେଶ ଯୋଗୁ ମା'ଙ୍କ ପୂଜାନୀତିରେ ବିଭ୍ରାଟ ହୋଇଥିଲା। ଏହାପରେ ମନ୍ଦିର ପୂଜାନୀତିର ବିଧି ଅନୁଯାୟୀ ମନ୍ଦିର ପରିସର ଶୋଧ କରାଯାଇଥିଲା। ମା'ଙ୍କ ସ୍ନାନ ଓ ମାର୍ଜନା ସହ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ମଧ୍ୟାହ୍ନ ସମୟରେ ୨ ଜଣ ଯୁବତୀ ଯୁବକ ମନ୍ଦିର ପରିସରରେ ପ୍ରବେଶ କରିଥିଲେ। ସେମାନେ ପରସ୍ପର ମନ୍ଦିରରେ ବିବାହ କରିବା ନେଇ ପୂଜକଙ୍କୁ କହିଥିଲେ। ପୂଜକ ସେମାନଙ୍କ ଆଧାର କାର୍ଡ ଦେଖିବାରୁ ଯୁବତୀ ଜଣକ ଅଣହିନ୍ଦୁ ବୋଲି ଜଣାପଡ଼ିଥିଲା। ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ବାରଣ ଥିବାରୁ ମନ୍ଦିର ଫାଣ୍ଡିକୁ ଖବର ଦିଆଯାଇଥିଲା। ପୋଲିସ ଆସି ସେମାନଙ୍କୁ ମନ୍ଦିର ବାହାରକୁ ନେଇ ଯାଇଥିଲା। ଉଭୟ ଯୁବତୀ ଯୁବକ ଜଗତ୍‌ସିଂହପୁର ଜିଲା ବାହାର ଅଞ୍ଚଳର ହୋଇଥିବାବେଳେ ସେମାନେ ଏହି ନିୟମ ସମ୍ପର୍କରେ ଅବଗତ ନ ଥିବା କହିଥିଲେ। ଏହାପରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ମା'ଙ୍କ ମନ୍ଦିର ଶୋଧ କରାଯାଇଥିଲା। ଏଥିସହ ପ୍ରସ୍ତୁତ ହୋଇଥିବା ଭୋଗ ନଷ୍ଟ କରାଯାଇଥିଲା। ମନ୍ଦିରରେ ମାର୍ଜନା କରାଯାଇ ପୁଣି ଭୋଗ ଓ ପ୍ରସାଦ ପ୍ରସ୍ତୁତ କରାଯାଇଥିଲା। ଫଳରେ ମା'ଙ୍କ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

# ସାମାଜିକ ଜୀବନ ପାଇଁ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ

## ୧୯୯୭ ବ୍ୟାଚ୍ ବନ୍ଧୁ ମିଳନ

ଏରସମା, ୨୨।୧୨ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ କାଳିଆବୁଦା ଗାଦିବ୍ରହ୍ମ ହାଇସ୍କୁଲର ୧୯୯୭ ବ୍ୟାଚ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଛାତ୍ର ରବୀନ୍ଦ୍ର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜପହରି ଦାସ ଅତିଥି ଭାବରେ ଯୋଗଦେଇ କହିଥିଲେ, ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ସମ୍ପର୍କ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ଗନ୍ଧର୍ବ ଦାସ, ସୁଷମା ବେହେରା, ସ୍କୁଲ ଆଲୁମ୍‌ନି କମିଟି ସଭାପତି ଅଜୟ କୁମାର ଲେଙ୍କା, ସ୍କୁଲ ପରିଚାଳନା କମିଟି ଚେୟାରମାନ ପ୍ରଶାନ୍ତ ମୁଦୁଲି, କୌଶଲ୍ୟା ଦେଇ, ମଳୟ ମଲ୍ଲିକ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ। ଏଥିରେ ସମ୍ପୃକ୍ତ ସ୍କୁଲର ପ୍ରାକ୍ତନ ଛାତ୍ର ସଂଘ ଉପଦେଷ୍ଟା ସୁମନ୍ତ ଶଗଡିଆ, ପ୍ରକାଶ ଖଟୁଆ, ସଞ୍ଜୟ ମୁଦୁଲି, ହେମନ୍ତ ବେହେରା, ଜଟାଧାରୀ ଦାସ, ନିତ୍ୟାନନ୍ଦ ମହାନ୍ତି, ପ୍ରଭଞ୍ଜନ ପରିଡା, ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ରିତାଞ୍ଜଳୀ ବେହେରା, ହିରଣ୍ୟ ରାଉତ, ନିଖିଳ ପରିଡା, ଅକ୍ଷୟ ଦାସ, ଟୁନା ଦାସ, ସ୍ମିତପ୍ରଭା ଗଚ୍ଛାୟତ, ରଶ୍ମିତା ଦାସ, ଗଜେନ୍ଦ୍ର ଗିରି ରାଧାକୃଷ୍ଣ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଜୀବନର ଅଭୁଲା ସ୍ମୃତି ଚାରଣ କରିଥିଲେ। ସଭା ପ୍ରାରମ୍ଭରେ ପ୍ରାକ୍ତନ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ବନ୍ଧୁମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।.

# ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଲାଗିଲା ସ୍ଥାୟୀ ଶିଡି

ପାରାଦୀପ, ୨୨।୧୨ (ଶରତ ରାଉତ)



ପାରାଦୀପ ବନ୍ଦରର ଅନ୍ୟତମ ପ୍ରତିଷ୍ଠାତା ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅଠରବାଙ୍କି ଗୋଲେଇ ଛକ ନିକଟରେ ଅଛି। ଉକ୍ତ ପ୍ରତିମୂର୍ତ୍ତିରେ ବିଶେଷ ଦିନରେ ପୁଷ୍ପମାଲ୍ୟ ଅର୍ପଣ ବେଳେ ଅତିଥିଙ୍କୁ ଅସୁବିଧା ହୋଇଥାଏ। କାରଣ ଏହା ସୁଉଚ୍ଚ ଥିବାରୁ ପ୍ରାୟତଃ ଅସ୍ଥାୟୀ ବାଉଁଶ ଶିଡି ବ୍ୟବହାର କରାଯାଇଥାଏ। ଏପରି ଅସୁବିଧା ସମ୍ପର୍କରେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ ସଭାପତି ବାପି ସର୍ଖେଲ ଗତ ୧୪ ତାରିଖରେ ଜଗତ୍‌ସିଂହପୁର ଜିଲାପାଳ ଜେ. ସୋନାଲଙ୍କୁ ଚିଠି ଲେଖିଥିଲେ। ଉକ୍ତ ପ୍ରତିମୂର୍ତ୍ତି ସ୍ଥଳରେ ଏକ ସ୍ଥାୟୀ ଶିଡି ଲଗାଇବା ପାଇଁ ଦାବି କରାଯାଇଥିଲା। ଉକ୍ତ ଚିଠି ଆଧାରରେ ସୋମବାର ପାରାଦୀପ ପୌର ପରିଷଦ ପକ୍ଷରୁ ପ୍ରତିମୂର୍ତ୍ତି ସ୍ଥଳରେ ଶିଡି ଲଗାଯାଇଛି। ଏପରି କାର୍ଯ୍ୟ ପ୍ରଶାସନ ପକ୍ଷରୁ କରାଯାଇଥିବାରୁ ସର୍ଖେଲ ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବୁଲିବାକୁ ଆସି ସଫେଇ କଲେ ଛାତ୍ରୀଛାତ୍ର

ପାରାଦୀପ, ୨୨।୧୨ (ଶରତ ରାଉତ)



ସଫେଇରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ଶିକ୍ଷକ ଓ ସାମାଜିକ କର୍ମୀ ବାପି ଗୋଚ୍ଛାୟତ।

ପାରାଦୀପର ଜଣାଶୁଣା ପରିବେଶବିତ୍ ବାପି ଗୋଚ୍ଛାୟତଙ୍କ ଆହ୍ୱାନରେ ରବିବାର ଛାତ୍ରୀଛାତ୍ରମାନେ ନିଆରା କାମ କରି ଚର୍ଚ୍ଚିତ ହୋଇଛନ୍ତି। ପିଲାମାନେ ବେଳାଭୂମି ବୁଲିବାକୁ ଆସି ପରିବେଶ ସ୍ୱଚ୍ଛତା କାର୍ଯ୍ୟ କରିଛନ୍ତି। ପାରାଦୀପର ବତୀଘର ପାଖ ବେଳାଭୂମି ଓ ସ୍ମୃତିଉଦ୍ୟାନ ପାର୍କରେ ଏହା ଦେଖିବାକୁ ମିଳିଛି। କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ନନ୍ତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପାରାଦୀପ ବୁଲିବାକୁ ଆସିଥିଲେ। ଏଥିରେ ପରିବେଶବିତ୍ ବାପି ସାମିଲ ହୋଇଥିଲେ। ବଣଭୋଜି ପର୍ବ ଶେଷ ହେବା ପରେ ବାପିଙ୍କ ନେତୃତ୍ୱରେ ପର୍ଯ୍ୟଟନ ସ୍ଥାନରେ ସମୂହ ସଫେଇ କାର୍ଯ୍ୟ ଛାତ୍ରୀଛାତ୍ରମାନେ ଆରମ୍ଭ କରିଥିଲେ। ସେମାନେ ସନ୍ଧ୍ୟା ପର୍ଯ୍ୟନ୍ତ ସଫା କରିବା ସହ ଅନ୍ୟ ପର୍ଯ୍ୟଟକଙ୍କୁ ଏକକ ବ୍ୟବହାର ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ଅନ୍ୟ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥିଲା। ଏବେ ନୂଆବର୍ଷ ଓ ବଡ଼ଦିନ ଛୁଟି ଉପଲକ୍ଷେ ପାରାଦୀପକୁ ଦୈନିକ ହଜାରରୁ ଅଧିକ ପର୍ଯ୍ୟଟକ ବୁଲିବା ପାଇଁ ଆସୁଛନ୍ତି। ସେମାନେ ବଣଭୋଜି କରିଯିବା ପରେ ପର୍ଯ୍ୟଟନ ସ୍ଥାନ ବେଳାଭୂମି, ମହାନଦୀ ମୁହାଣ ଅଞ୍ଚଳ ଓ ଉଦ୍ୟାନ ଆଦି ଜାଗାରେ ଆବର୍ଜନା ଭର୍ତ୍ତି ହୋଇଯାଉଛି। ଛାତ୍ରୀଛାତ୍ରମାନେ ପର୍ଯ୍ୟଟକଙ୍କ ଭଳି ବୁଲି ଆସି ସଫେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ଆଲୋଚନା ହେଉଛି। ବାପିଙ୍କ ସହିତ ଶିକ୍ଷକ ସୁନ୍ଦର ମୋହନ ସିଂହ, ବିପିନ କୁମାର ପ୍ରଧାନ, ଦୀପକ ରଣରାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ସେମିଫାଇନାଲରେ ସାଇ ଇଲେଭେନ

## କୁଜଙ୍ଗ କପ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

କୁଜଙ୍ଗ, ୨୨।୧୨ (ମନୋଜ ପ୍ରଧାନ)


କ୍ରୀଡ଼ା ଉତ୍ସବକୁ ଡା, ଚେତନା ପୁରୋହିତ ଉଦ୍‌ଘାଟନ କରୁଛନ୍ତି।

କୁଜଙ୍ଗ ଆଥଲେଟିକ କ୍ଲବ ପକ୍ଷରୁ ସ୍ଥାନୀୟ ବନବିହାରୀ ହାଇସ୍କୁଲ ପଡ଼ିଆରେ କୁଜଙ୍ଗ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷିକା ଡା. ଚେତନା ପୁରୋହିତ ଯୋଗଦେଇ କୁଜଙ୍ଗ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ମା' ମଙ୍ଗଳା କ୍ରିକେଟ କ୍ଲବ କଟକ ଓ ସାଇ ଇଲେଭେନ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଇଇଲେଭେନ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

ଟସ୍ ଜିଣି ମା'ମଙ୍ଗଳା କ୍ରିକେଟ କ୍ଲବ ବୋଲିଂ ନିଷ୍ପତ୍ତି ନେଇଥିଲା। ସାଇ ଇଲେଭେନ ଭୁବନେଶର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୨୦୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ ସାବତ ୫୫ଟି ବଲ ଖେଳି୫ ଛକା ଓ ୮ ଟି ଚୌକା ସହାୟତାରେ ୧୦୦ ରନ ସଂଗ୍ରହ କରିଥିଲେ।। ସେହିପରି ଦଳ ପକ୍ଷରୁ ଆକାଶ ମହାପାତ୍ର ୬୯ ରନ ସଂଗ୍ରହ କରିଥିଲେ। ମା ମଙ୍ଗଳା କଟକ ପକ୍ଷରୁ ବୋଲର କୁନ୍ଦନ ଯାଦବ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଇନିଂସରେ ମା' ମଙ୍ଗଳା କଟକ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୧୯ ଓଭର ସୁଦ୍ଧା ସମସ୍ତ ଉଇକେଟ ହରାଇ ମାତ୍ର ୧୨୩ ରନ ସଂଗ୍ରହ କରବାକୁ ସକ୍ଷମ ହୋଇଥିଲା। ଫଳରେ ୮୦ ରନ ବ୍ୟବଧାନରେ ମା' ମଙ୍ଗଳା ଟିମ୍ ପରାଜିତ ହୋଇଛି। ଦଳ ପକ୍ଷରୁ ଅଧିନାୟକ ରଞ୍ଜନ ରାଉତ ୫ ଚୌକା ସହାୟତାରେ ସର୍ବାଧିକ ୨୦ ରନ ସଂଗ୍ରହ କରିଥିଲେ। ସାଇ ଇଲେଭେନ ପକ୍ଷରୁ ବୋଲର ସତ୍ୟକାମ ଭରଦ୍ୱାଜ ୫ ଉଇକେଟ ହାସଲ କରିଥିଲେ। ଶତକୀୟ ପାଳି ଖେଳିଥିବା ସତ୍ୟଜିତ୍ ସାବତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।। ରଶ୍ମୀରଞ୍ଜନ ମହାପାତ୍ର ଓ ସଞ୍ଜୟ ପ୍ରଧାନ ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ। ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ ମ୍ୟାଚରେ ସମୟରେ ଉପସ୍ଥିତ ରହି ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। କୁଜଙ୍ଗ ଆଥିଲେଟିକ କ୍ଲବର ସଭାପତି ଦିଲୀପ କୁମାର ସାହୁ, ସମ୍ପାଦକ ରଜନୀକାନ୍ତ ଗୁରୁ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ରାଜଗୁରୁ,ଉପସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, ସହସମ୍ପାଦକ ବୈଷ୍ଣବ ଚରଣ ଦାସ(ଟଗ), ଶୃଙ୍ଖଳା କମିଟିଅଧ୍ୟକ୍ଷ ଏଏନ୍‌ଡି ଯାଦବ,କ୍ରୀଡା ସଂଗଠକ ପ୍ରଦ୍ୟୁମ୍ନ କିଶୋର ପଟ୍ଟନାୟକ,ବିଶ୍ୱନାଥ ମଲ୍ଲିକ,ଏସ୍.କେ ରାଜା, ସନ୍ତୋଷ ମଲ୍ଲ, ଲିପୁ ପଣ୍ଡା, ଶୁକଦେବ ଶୁକ୍ଳା ଓ ପ୍ରବୀର ସ୍ୱାଇଁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ସମ୍ମୁଖରେ କାଠ ଗଦା, ଖେଳକୁଦ କରିପାରୁନାହାନ୍ତି ଛାତ୍ରୀଛାତ୍ର

## ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

■ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ବ୍ୟବହାରରେ ହେଉଛି କାଠଚୁଲା

ନାଉଗାଁ, ୨୨।୧୨ (ସୁଧା ବେହୁରା)


ବିଦ୍ୟାଳୟ ସମ୍ମୁଖରେ କାଠ ଗଦା ହୋଇ ରହିଛି।

ପିଲାମାନଙ୍କୁ ବିଦ୍ୟାଳୟ ଆଡ଼କୁ ଆକୃଷ୍ଟ କରିବା ପାଇଁ ସେଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ବିଦ୍ୟାଳୟ କାନ୍ଥରେ ବିଭିନ୍ନ ପ୍ରକାର କଳାକୃତି ଛବି ଅଙ୍କାଯିବା ସହ ବିଦ୍ୟାଳୟ ସମ୍ମୁଖକୁ ବିଭିନ୍ନ ପ୍ରକାର ଫୁଲଗଛରେ ସୁସଜ୍ଜିତ କରାଯିବା ପାଇଁ ନିୟମ ରହିଛି। କିନ୍ତୁ ନାଉଗାଁ ବ୍ଲକ ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୌନ୍ଦର୍ଯ୍ୟକରଣ ପରିବର୍ତ୍ତେ ଏହାର ସମ୍ମୁଖରେ କାଠ ଗଦାହୋଇଥିବା ଦେଖିବାକୁ ମିଳିଛି।

ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢିଥାନ୍ତି। ବିଦ୍ୟାଳୟଟି କୋକିଡିହ-ତେଲସରା ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ପାର୍ଶ୍ୱ ଗଙ୍ଗଦାହାଟ ନିକଟରେ ଅବସ୍ଥିତ। ବିଦ୍ୟାଳୟ ସମ୍ମୁଖରେ ଯେତିକି ସ୍ଥାନ ରହିଛି ବିଦ୍ୟାଳୟରେ ସମୁଦାୟ ସେତିକି ସ୍ଥାନ ଖାଲି ରହିଛି। ସେହି ସ୍ଥାନରେ ପିଲାମାନେ ଖେଳକୁଦ କରିବାପାଇଁ ମଧ୍ୟ ସଙ୍କୀର୍ଣ୍ଣ ଅଟେ। ଏଭଳି ସ୍ଥିତିରେ ଦୀର୍ଘଦିନ ଧରି କାଠଗଦା ହେବା ଫଳରେ ପିଲାମାନଙ୍କର ଖେଳକୁଦ ଏକରକମ ଠପ୍ ହୋଇ ଗଲାଣି। ସେହିପରି ପ୍ରତି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ପାଇଁ ରୋଷେଇ ଗୃହ ଥିବା ବେଳେ ସରକାରଙ୍କ ତରଫରୁ ଗ୍ୟାସରେ ରୋଷେଇ କରିବାକୁ ନିୟମ ରହିଛି। ଏହାସତ୍ତ୍ୱେ ଏହି ବିଦ୍ୟାଳୟରେ ଗ୍ୟାସ ବଦଳରେ କାଠଚୁଲାରେ ରୋଷେଇ ହେଉଛି। ଏହାଦ୍ୱାରା ଚୁଲି ଧୂଆଁରେ କେବଳ ରୋଷଘର ନୁହେଁ, ବିଦ୍ୟାଳୟ ଗୃହ କଳା ପଡିବା ସହ ବାୟୁ ପ୍ରଦୂଷଣ ମଧ୍ୟ ହେଉଛି। କାଠଚୁଲାରେ ରୋଷେଇ କରିବା ଫଳରେ ବିଦ୍ୟାଳୟରେ ଗଦା ଗଦା କାଠ ଗଚ୍ଛିତ ରଖିବାକୁ ପଡୁଛି। କେବଳ ଉକ୍ତ ବିଦ୍ୟାଳୟ ନୁହେଁ, ଏହି ବ୍ଲକର ଅନେକ ବିଦ୍ୟାଳୟରେ କାଠଚୁଲା ବ୍ୟବହାର କରାଯାଉଛି। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ।

ଏ ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କର ମତାମତ ମିଳିପାରି ନ ଥିବା ବେଳେ କ୍ଲଷ୍ଟରର ସିଆରସିସି ପୀତାମ୍ବର ପରିଡା କହିଛନ୍ତି, ବାରମ୍ବାର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରୁ କାଠ ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏଥିପ୍ରତି ସମ୍ପୃକ୍ତ ଶିକ୍ଷୟିତ୍ରୀ ଗୁରୁତ୍ୱ ଦେଉନାହାନ୍ତି।

**ସଂକ୍ଷେପରେ**

## କାର୍-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଗଞ୍ଜାମ,୨୨।୧୨(ଅନାଥ ତରାଇ)

ଗଞ୍ଜାମ ବ୍ଲକ ପୋଇରାସି ପଞ୍ଚାୟତର କାଇଁଚପୁର ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ କାର୍ ୨ଟି ବାଇକକୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତାହତଙ୍କ ପରିଚୟ ମିଳିପାରି ନାହିଁ। ଦ୍ରୁତ ଗତିରେ ଆସୁଥିବା କାରଟି ନିୟନ୍ତ୍ରଣ ହରାଇ ସମ୍ମୁଖରୁ ଆସୁଥିବା ବାଇକ୍ (ନଂ.ଓଆର୍୦୭ଏଲ୍୨୧୪୨) ଏବଂ ଟିଭିଏସ୍ ଆପାଚି (ନଂ. ଓଡି ୦୭ ଏଭି ୬୨୬୭)କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଆହତ ୨ ଜଣଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି।

## ଦୁର୍ଘଟଣାରେ ଆଇନଜୀବୀଙ୍କ ମୃତ୍ୟୁ

ଭଞ୍ଜନଗର,୨୨।୧୨(ବାବୁଲା ପ୍ରଧାନ):

ଭଞ୍ଜନଗର ବାର ଆସୋସିଏଶନର ବରିଷ୍ଠ ସଭ୍ୟ ତଥା ଭାଜପା ନେତା ଅରୁଣ ପ୍ରଧାନଙ୍କ ରବିବାର ରାତିରେ ତାରସିଂ ଥାନା ଅନ୍ତର୍ଗତ ଗାୟଗଣ୍ଡା ନିକଟରେ କାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ଅନ୍ୟମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ରବିବାର ରାତି ପ୍ରାୟ ୯ଟାରେ ଅରୁଣ ନିଜ ଗ୍ରାମ ଗାୟଗଣ୍ଡାକୁ କାର ଯୋଗେ ଫେରୁଥିବା ବେଳେ ବାଟରେ ଗାଡିରୁ ଭାରସାମ୍ୟ ହରାଇଥିଲେ। ଗାଡିଟି ଓଲଟି ପଡ଼ିବାରୁ ଅରୁଣ ଗୁରୁତର ଆହତ ହୋଇଥିଲେ। ସେଠାକାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଚିକିତ୍ସିତ ହେଉଥିବା ବେଳେ ରାତି ୧୧ଟାରେ ଅରୁଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାରସିଂ ପୋଲିସ, ଏଏସପି ରଞ୍ଜନ କୁମାର ଦେ, ଏସଡିପିଓ ଡ ଦୀପକ କୁମାର ମିଶ୍ର ପ୍ରମୁଖ ଭଞ୍ଜନଗର ମେଡ଼ିକାଲରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଅରୁଣ ଭାଜପାର ଜଣେ ଆଗ ଧାଡ଼ିର ନେତା ଥିଲେ। ସେ ଏକାଧିକ ଥର ଭଞ୍ଜନଗର ବାର ଆସୋସିଏଶନର ବିଭିନ୍ନ ପଦ ପଦବୀରେ ଥିଲେ।

## ତାଲା ବନ୍ଦ ଘରୁ ଚୋରି

ଗୋପାଳପୁର,୨୨।୧୨(ନବୀନ ରାଜ ଆଚାରୀ)

ଗତ କିଛି ଦିନ ହେଲା ଗୋପାଳପୁର ଥାନା ଅଞ୍ଚଳରେ ଚୋରି ଓ ଲୁଟପାଟ ବଢ଼ିବାରେ ଲାଗିଛି। ଆମ୍ବପୁଆସ୍ଥିତ ପୋଲିସ କଲୋନୀ ଗଜାନନ ବିହାର ଦ୍ୱିତୀୟ ଗଳିର ଏକ ତାଲାବନ୍ଦ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ଏ ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆମ୍ବପୁଆ ସ୍ଥିତ ପୋଲିସ କଲୋନୀ ନିକଟ ଗଜାନନ ବିହାର ଦ୍ୱିତୀୟ ଗଳିର ଯଜ୍ଞଦତ୍ତ ପଣ୍ଡା ଶନିବାର କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ରବିବାର ସକାଳେ ଘରେ ପହଞ୍ଚି ଦେଖିବା ବେଳକୁ ବାଡିପଟ ଘରର ଝରକା କାଟି ଦୁର୍ବୃତ୍ତମାନେ ଭିତରେ ପଶି ୩ଟି ଲାପଟପ, ଗୋଟିଏ ଟ୍ୟାବଲେଟ, ସୁନା ମୁଦି ୨ ଟି, କାନ ଫୁଲ ୨ ହଳ, ରୂପା ପାଉଁଜି ୩ ହଳ, ପ୍ରାୟ ୧୫ ହଜାର ଟଙ୍କା ଚୋରି ଜାଣିବାକୁ ପାଇଥିଲେ। ଏ ନେଇ ସେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି

ବୁଗୁଡ଼ା,୨୨।୧୨(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବି.କରଡ଼ାବାଡ଼ି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବୁଗୁଡ଼ା ବିଡ଼ିଓ ଦ୍ୱିତୀକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ସରପଞ୍ଚ ଡି.ଚାନ୍ଦିନୀ ଆଚାରୀ, ଏବିଡ଼ିଓ ଧର୍ମରାଜ ପରିଡ଼ା, ତହସିଲଦାର ତାପସ ରାଉତ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତିରଞ୍ଜନ ସାହୁ, ସିଡିପିଓ ବବିତା ପଣ୍ଡା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍ଓ ଦେବାଶିଷ ଦୋରା, ବ୍ଲକ୍ କୃଷି ଅଧିକାରୀ ହରପ୍ରିୟା ବେହେରା ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜନ ଶୁଣାଣି ଶିବିରରେ ୪୨ ଟି ବ୍ୟକ୍ତିଗତ ଓ ୪ ଟି ଗୋଷ୍ଠୀଗତ ଏପରି ୪୬ ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୪୪ ଟି ଅଭିଯୋଗର ଶୁଣାଣି କରାଯାଇ ତତକ୍ଷଣାତ୍ ସମାଧାନ ହୋଇଥିଲା।

# ନୀଳମାଧବ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼

### ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନିକ ତତ୍ପରତା ଜରୁରି

ଖଣ୍ଡପଡ଼ା,୨୨।୧୨ (ଅଜୟ କୁମାର ମହାରଣା)

ଶ୍ରୀ ଜଗନ୍ନାଥ ସଂସ୍କୃତିର ଆଦି ପୀଠ ତଥା ରାଜ୍ୟର ଅନ୍ୟତମ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋ ମହାପ୍ରଭୁ ଶ୍ରୀ ନୀଳମାଧବ ଜୀଉଙ୍କ ଦର୍ଶନ ନିମନ୍ତେ ଏବେ ପ୍ରତ୍ୟେହ ବହୁ ସଂଖ୍ୟକ ପର୍ଯ୍ୟଟକ ରାଜ୍ୟ ଓ ବାହାରୁ ଆସିବାରେ ଲାଗିଛନ୍ତି । ରବିବାର ଓ ସୋମବାର ଭୋରରୁ ରାତ୍ର ୮ ସୁଦ୍ଧା ପାଖାପାଖି ୭୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ନୀଳମାଧବଙ୍କ ଦର୍ଶନ କରିଥିଲେ ବୋଲି ପୂଜକ ସମାଜ ସଭାପତି ମନୋଜ ମିଶ୍ର, ଉପଦେଷ୍ଟା ନୀହାର ରଞ୍ଜନ ମିଶ୍ର ଓ ପୂର୍ବତନ ସମ୍ପାଦକ ନୀଳ ମାଧବ ମିଶ୍ର ସୂଚନା ଦେଇଥିଲେ। ପୋଲିସ ପ୍ରଶାସନର ଅନୁପସ୍ଥିତି ସତ୍ତ୍ୱେ ପୂଜକ ସମାଜ ପକ୍ଷରୁ ଯାତ୍ରୀମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଭିଡ଼କୁ ଦୃଷ୍ଟିରେ ରଖି ଧାଡ଼ି ଦର୍ଶନ କରିବାର ସୁବ୍ୟବସ୍ଥା କରିଥିଲେ । ଆଗକୁ ବଡ ଦିନ ଓ ନୂଆବର୍ଷ ଆସୁଥିବାରୁ କଣ୍ଟିଲୋ ବଜାରଠାରୁ ମନ୍ଦିର ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ସହିତ ମନ୍ଦିର ପରିସରରେ ଅସମ୍ଭବ ଭିଡ ସମ୍ଭାବନା ରହିଛି। ମନ୍ଦିରରେ କୌଣସି ପ୍ରକାର ପୋଲିସ ବ୍ୟବସ୍ଥା କରାଯାଇ ଥିବାରୁ ଏ ସମ୍ପର୍କରେ ନୟାଗଡ଼ ଜିଲାପାଳ କଣ୍ଟିଲୋ ଗସ୍ତରେ ଆସିଥିବା ସମୟରେ ତାଙ୍କୁ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଜିଲାପାଳ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ବିଶେଷ କରି ମନ୍ଦିରରେ ଲାଗିଥିବା ସମସ୍ତ ସିସି କ୍ୟାମେରା ଦୀର୍ଘ ଦିନରୁ ଅଚଳ ହୋଇ ପଡ଼ିଥିଲେ ମଧ୍ୟ ସେଗୁଡିକୁ କାର୍ଯ୍ୟକ୍ଷମ କରା ଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅପର ପକ୍ଷରେ କଣ୍ଟିଲୋ ଠାରୁ ମାତ୍ର ୧୩ କିମି ଦୂରରେ ଅବସ୍ଥିତ ଅନ୍ୟ ଏକ ପର୍ଯ୍ୟଟନ କେନ୍ଦ୍ର ସିଧାମୂଳାସ୍ଥିତ ଗୋକୁଳାନନ୍ଦଜୀଉଙ୍କ ପୀଠ ଓ ପିକନିକ ସ୍ପଟ ହୋଇଥିବାରୁ ଏବେଠାରୁ ଗହଳ ଚହଳ ଆରମ୍ଭ ହୋଇ ଗଲାଣି । ବିନା ପୋଲିସ ପ୍ରଶାସନରେ ବହୁ ସଂଖ୍ୟାରେ ଯାନ ବାହନ ନିୟନ୍ତ୍ରଣ ସହିତ ଏହି ଦୁଇଟି ପର୍ଯ୍ୟଟନସ୍ଥଳୀରେ ଶୃଙ୍ଖଳିତ ପଦକ୍ଷେପ ଗ୍ରହଣ କରାନଗଲେ ବିଭିନ୍ନ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି ।

ଏ ସମ୍ପର୍କରେ ଖଣ୍ଡପଡା ଉପଖଣ୍ଡ ଥାନା ଅଧିକାରୀ ମଦନ ମୋହନ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ କଣ୍ଟିଲୋ ପାଇଁ ୩ ଜଣ ଫୋର୍ସ ପଠାଇବା ସଙ୍ଗେ ସଙ୍ଗେ ନିଜେ କଣ୍ଟିଲୋ ଓ ସିଧାମୂଳା ପର୍ଯ୍ୟଟନ କେନ୍ଦ୍ର ପରିଦର୍ଶନ କରି ନୟାଗଡ଼ ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇ ପଦକ୍ଷେପ ନେବେ ବୋଲି ସୂଚନା ଦେଇଥିଲେ।

# ନିଜେ ସଂସ୍କାରିତ ହୋଇ ସଂସ୍କୃତିକୁ ବଜାୟ ରଖିବା



ମଞ୍ଚାସୀନ ଅତିଥି ବୃନ୍ଦ ।

### ବାହାଡ଼ାଝୋଲା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ନୂଆଗାଁ,୨୨।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ବାହାଡାଝୋଲା ସରସ୍ୱତୀ ଶିଶୁ ମନ୍ଦିରରେ ସୋମବାର ୧୬ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବାହାଡାଝୋଲା ଓ ଆଖପାଖରେ ଥିବା ୬ ପଞ୍ଚାୟତର ଶିଶୁମାନଙ୍କୁ ସଂସ୍କାରିତ କରିବା ସହ ଉତ୍ତମ ଶିକ୍ଷା ଦେବା ପାଇଁ ବାହାଡାଝୋଲା ଅଞ୍ଚଳର ସାମାଜିକ କର୍ମୀ ସୂର୍ଯ୍ୟନାରାୟଣ ସାହୁଙ୍କ ଚେଷ୍ଟାରେ ବାହାଡାଝୋଲାଠାରେ ସରସ୍ୱତୀ ଶିଶୁ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପୀନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ନୂଆଗାଁ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା ଯୋଗଦେଇ ଶିଶୁ ମନ୍ଦିରର ପ୍ରତିଷ୍ଠାତା ସାହୁଙ୍କ କାର୍ଯ୍ୟକଳାପକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ଶିଶୁମାନଙ୍କୁ ସତ୍‌ମାର୍ଗରେ ନେବାପାଇଁ ଗୁରୁମା ଓ ଗୁରୁଜୀମାନଙ୍କ କାର୍ଯ୍ୟ ସର୍ବଦା ପ୍ରଶଂସନୀୟ । ତେଣୁ କେବେ ହେଲେ ଗୁରୁଙ୍କ କଥାକୁ ଅମାନ୍ୟ ନ କରିବା ପାଇଁ ଶିଶୁମାନଙ୍କୁ ଅଧକ୍ଷାଙ୍କ ପ୍ରତିନିଧି ବେହେରା ବୁଝାଇଥିଲେ। ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ସଂସ୍କାରିତ କରିବା ଓ ସମାଜରେ ସଂସ୍କାର ଆଣିବା ଦିଗରେ ସରସ୍ୱତୀ ଶିଶୁ ମନ୍ଦିରର ଅବଦାନ ଉଲ୍ଲେଖନୀୟ। ଏଠାକୁ ଆସୁଥିବା ପ୍ରତ୍ୟେକ ଶିଶୁ ସକାଳୁ ଉଠିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ କିଭଳି ନିଜକୁ ଗଠନ କରିବା ଆବଶ୍ୟକ ତାହା ସରସ୍ୱତୀ ଶିଶୁ ମନ୍ଦିରରୁ ହିଁ ଶିକ୍ଷା ମିଳିଥାଏ । ନିଜେ ସଂସ୍କାରିତ ହୋଇ ହିନ୍ଦୁ ସଂସ୍କୃତିକୁ ବଜାୟ ରଖିବା ସରସ୍ୱତୀ ଶିଶୁ ମନ୍ଦିରରୁ ଶିକ୍ଷା ମିଳିଥାଏ ବୋଲି ଉପାଧ୍ୟକ୍ଷ ସ୍ୱାଇଁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ସଂକୁଳ ପ୍ରମୁଖ ଦିଲୀପ କୁମାର ମିଶ୍ର, ସ୍ଥାନୀୟ ସରପଞ୍ଚ ଆରତୀ ସେଠୀ, ପ୍ରଧାନ ଆଚାର୍ଯ୍ୟ ସୁବାସିନୀ ସାହୁ ଓ ଅନୁଷ୍ଠାନ ପ୍ରତିଷ୍ଠାତା ସୂର୍ଯ୍ୟ ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ କୃତିତ୍ୱ ହାସଲ କରିଥିବା ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ ମନଛୁଆଁ ହୋଇପାରିଥିଲା । ଶିଶୁମାନଙ୍କ ଦ୍ୱାରା ପରିବେଷିତ ଶିକ୍ଷଣୀୟ କ୍ଷୁଦ୍ର ନାଟକ ମାତାପିତାଙ୍କ ଶେଷ ଠିକଣା ବୃଦ୍ଧାଶ୍ରମ ଦର୍ଶକ ଓ ଅତିଥିମାନଙ୍କୁ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମରେ ପୁଷ୍ପଲତା ସାହୁ , ସ୍ନେହଲତା ସାହୁ, ବିଦ୍ୟୁତ୍ସ୍ମିତା ସାହୁ , ଆଶାଲତା ସାହୁ ଓ ନିବେଦିତା ସାହୁ ପ୍ରମୁଖ ଗୁରୁମା ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ନୟାଗଡ଼, ୨୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏକତ୍ରିଂଶତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ସହପ୍ରାନ୍ତ ସେବା ପ୍ରମୁଖ ବେଲେଶ୍ୱର ସାହୁ, ଅତିଥି ସଭାଧ୍ୟକ୍ଷ ସ୍ଥାନୀୟ ବିଦ୍ୟାଳୟ ମୁଖ୍ୟ ପ୍ରଶାସକ ହରେକୃଷ୍ଣ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରଶାସକ କୃପାସିନ୍ଧୁ କରଣ ଅତିଥି ପରିଚୟ କରିଥିଲେ। ବିଦ୍ୟାଳୟର ପ୍ରଥମ ସଭାପତି ଭଗବାନ ସାହୁ ଓ ମୁଖ୍ୟ ପ୍ରଶାସକ ହରେକୃଷ୍ଣ ମୁଦୁଲି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଅଭିଭାବକ ଭଉଣୀଭାଇଙ୍କ ସହଯୋଗ କାମନା କରିଥିଲେ। ବିଦ୍ୟାମନ୍ଦିର ପ୍ରମୁଖ ସୁରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଛାତ୍ରୀଛାତ୍ରମାନଙ୍କର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରକ୍ତଦାନ, ଚକ୍ଷୁ ଚିକିତ୍ସା ଶିବିର ପାଇଁ ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା,୨୨।୧୨ (ଅଜୟ କୁମାର ମହାରଣା)

ଆସନ୍ତା ୨୪ ତାରିଖ ପୂର୍ବାହ୍ନ ୯ଟାରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି । ଏ ନେଇ ସ୍ଥାନୀୟ ଉମାଦେବୀ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ଏ ନେଇ ଖଣ୍ଡପଡ଼ା ପୂଜ୍ୟପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଆଲୋଚନା କରିଥିଲେ। ତେବେ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳର ଜନସାଧାରଣ ସାମିଲ ହୋଇ ଅଧିକ ସଂଖ୍ୟାରେ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି।

## ଜେଜେମା' ଜେଜେବାପା ସମ୍ମିଳନୀ

ସୋରଡା,୨୨।୧୨(ରଜନୀ ମହାପାତ୍ର):

ସୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଜେଜେମା' ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱନାଥ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ମଞ୍ଜୁବାଳା ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ସୁନୀଲ କୁମାର ରଥ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାୟ ୨୫୦ ଜେଜେବାପା ଓ ଜେଜେ ମା ଉପସ୍ଥିତ ଥିଲେ।

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ, ସ୍ୱାମୀଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ,୨୨।୧୨(ରାକେଶ କୁମାର ରାଉତ)

ଯୌତୁକ ନିର୍ଯାତନା ସହିତ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ସ୍ୱାମୀଙ୍କୁ ୩ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି ଫୁଲବାଣୀ ସ୍ୱତନ୍ତ୍ର ମହିଳା ଅଦାଲତର ବିଚାରପତି। ଏଥିସହିତ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଅଭିଯୁକ୍ତ ଜଣକ ହେଲେ ଫିରିଙ୍ଗିଆ ଥାନା ଅଞ୍ଚଳର ମିଥୁନ ଦିଗାଲ ଓରଫ ମାଥ୍ୟୁ। ସୂଚନା ଅନୁଯାୟୀ, ବିବାହର କିଛି ଦିନ ପରେ ମିଥୁନ ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ଗତ ୨୦୨୨ ଏପ୍ରିଲ ୧୪ ରାତିରେ ସ୍ତ୍ରୀ ନିଜ ବାପଘରେ ଥିବା ବେଳେ ଅଭିଯୁକ୍ତ ମାରଣାସ୍ତ୍ର ଧରି ଜୋର ଜବରଦସ୍ତ ଘରେ ପଶି ପାଟିତୁଣ୍ଡ କରିବା ସହିତ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ପରିବାର ଲୋକେ ହସ୍ତକ୍ଷେପ କରି ଝିଅର ଜୀବନ ରକ୍ଷା କରିଥିଲେ। ପରଦିନ ପୀଡ଼ିତାଙ୍କ ବାପା ଫିରିଙ୍ଗିଆ ଥାନାରେ ଏତଲା ଦେବାରେ ପୋଲିସ ନଂ. ୫୮/୨୨ରେ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରିଥିଲା। ଏହି ମାମଲାର ଶୁଣାଣି କରି ୧୦ ସାକ୍ଷୀଙ୍କ ବୟାନ ଆଧାରରେ ମହିଳା କୋର୍ଟ ବିଚାରପତି ବିଶ୍ୱକଲ୍ୟାଣୀ ମିଶ୍ର ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅଧିବକ୍ତା ବିରୁପାକ୍ଷ ପଣ୍ଡା ମାମଲା ପରିଚାଳନା କରୁଥିଲେ। ଅଭିଯୁକ୍ତ ଜଣକ ପୂର୍ବରୁ ଗୃହରକ୍ଷୀ ଭାବେ କାର୍ଯ୍ୟକରୁଥିବା ବେଳେ ବିଭିନ୍ନ ମାମଲାରେ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି।

## ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର



ପାରଳାଖେମୁଣ୍ଡି,୨୨।୧୨ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲାର ଗୋସାଣୀ ବ୍ଲକ୍ ଅନ୍ତର୍ଗତ ଲାବଣ୍ୟଗଡ଼ ପଞ୍ଚାୟତରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଭାରପ୍ରାପ୍ତ ଜିଲାପାଳ ମୁନୀନ୍ଦ୍ର ହେନନେଗାଙ୍କ ସହ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ୪ଟି ଗ୍ରାମ ପଞ୍ଚାୟତରୁ ଆସିଥିବା ମୋଟ ୬୪ଟି ଅଭିଯୋଗ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅନ୍ୟ ଗୁଡ଼ିକର ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ୧୦ ଜଣଙ୍କୁ ଭତ୍ତା ଓ ୩୮ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଶିବିରରେ ଆବାସ, ଭତ୍ତା, ଶିକ୍ଷା ଓ ରାସ୍ତା ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା। କାର୍ଯ୍ୟକ୍ରମରେ ଗୋସାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ୍. ବୀରାରାଜୁ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ତହସିଲଦାର ନାରାୟଣ ବେହେରା, ସ୍ଥାନୀୟ ଜନପ୍ରତିନିଧି ମାନଙ୍କ ସହ ଜିଲା ଓ ବ୍ଲକ୍‌ସ୍ତରୀୟ ଅଧିକାରିଗଣ ଉପସ୍ଥିତ ଥିଲେ।

## ବାଣିଜ୍ୟ, ପରିବହନ ମନ୍ତ୍ରୀଙ୍କ ଦାରିଙ୍ଗବାଡ଼ି ଗସ୍ତ



ମନ୍ତ୍ରୀ ବିଭୁତି ଭୂଷଣ ଜେନା କର୍ମୀମାନଙ୍କ ସହିତ ଆଲୋଚନା କରୁଛନ୍ତି।

ଦାରିଙ୍ଗବାଡ଼ି, ୨୨।୧୨ (ଅରୁଣ ସାହୁ)

ଦାରିଙ୍ଗବାଡ଼ିକୁ ସୋମବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଗସ୍ତ କରିଛନ୍ତି। ସେ ସକାଳ ୧୦ ଟାରେ ପୂର୍ବତନମଣ୍ଡଳ ସଭାପତି ସନ୍ତୋଷ ସାହୁଙ୍କ ବାସ ଭବନରେ ପହଞ୍ଚିଥିଲେ। ସେଠାରେ ଦଳୀୟ କର୍ମୀଙ୍କ ସମେତ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦାରିଙ୍ଗବାଡ଼ିର ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗରେ ବ୍ଲକ୍ ଅଧ୍ୟକ୍ଷ ଏବଂ ବିଡ଼ିଓଙ୍କ ସହ ଆଲୋଚନା କରିଥିଲେ। ଏହାସହ ଏକ ଗୁରୁକୁଳ ଖୋଲାଯିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ। ଏଥିପାଇଁ ଜମି ଚିହ୍ନଟ କରି ଯୋଗାଇ ଦେବାକୁ ମନ୍ତ୍ରୀ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଷ୍ଟ୍ରିଟ ଲାଇଟ୍ ଦୀର୍ଘ ଦିନ ହେଲା ଅଚଳ ଅବସ୍ଥାରେ ରହିଛି। ଏହାକୁ ଶୀଘ୍ର ମରାମତି କରିବାକୁ ମନ୍ତ୍ରୀ ସମ୍ପୃକ୍ତ ଠିକା ସଂସ୍ଥାର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦାରିଙ୍ଗବାଡିରେ ଆସନ୍ତା ୮ଠାରୁ ୧୧ ପର୍ଯ୍ୟନ୍ତ ଶୀତ ମହୋତ୍ସବ ପାଳନ ହେବ। ଏଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେ ଗୋଟିଏ ଦିନ ପାଇଁ ଅତିଥିଭାବେ ଆସିବା ସହ ପାଣ୍ଠି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ସହ ବିଡ଼ିଓଙ୍କୁ ଚିଠି ଲେଖିବାକୁ ପରାମର୍ଶ ଦେଇଥିଲେ। ଭାଜପାର କର୍ମକର୍ତ୍ତାଙ୍କ ସହ ସାଙ୍ଗଠନିକ ଆଲୋଚନା କରିବା ସହ ଦଳକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଦଳୀ କର୍ମୀଙ୍କୁ କର୍ଣ୍ଣମନ୍ତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଦାରିଙ୍ଗବାଡି ଭାଜପାର ପୂର୍ବତନ ମଣ୍ଡଳ ସଭାପତି ସନ୍ତୋଷ ସାହୁ, ଅରୁଣ ପ୍ରଧାନ, ଏବେକାର ମଣ୍ଡଳ ସଭାପତି ମିଟୁ ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ଅଜିତ ସାହୁ ଏବଂ ପୂର୍ବତନ ଜିଲା ସଭାପତି ଜଗନ୍ନାଥ ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମ ପରିବର୍ତ୍ତନକୁ ବିରୋଧ

ଛତ୍ରପୁର,୨୨।୧୨(ଦିଲୀପ ସାମଲ):




କଂଗ୍ରେସ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମ ପରିବର୍ତ୍ତନ କରି ସେଥିରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ ଦିଆଯିବାକୁ କଂଗ୍ରେସ ଦଳ ବିରୋଧ କରିଛି। ଜିଲା କଂଗ୍ରେସ ପକ୍ଷରୁ ସୋମବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସର ଜିଲା ସଭାପତି (ପୂର୍ବ) ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଛି। ଏଥିରେ ଗୋପାଳପୁର ପୂର୍ବତନ ବିଧାୟକ ତଥା ପୂର୍ବତନ ଜିଲା କଂଗ୍ରେସ ସଭାପତି ଡ. ତ୍ରିନାଥ ବେହେରା, ଦିଗପହଣ୍ଡିର କଂଗ୍ରେସ ନେତା ସାକା ସୁଜିତ, ସୋରଡାର ପ୍ରଶାନ୍ତ ବିଶୋଇ, କବିସୂର୍ଯ୍ୟନଗର ନେତା ସଞ୍ଜୟ ମଣ୍ଡଳ, ଖଲିକୋଟର ନେତା ଭୋକାଲି ସେଠି, ସଞ୍ଜୟ ମଣ୍ଡଳ, ଅଗସ୍ତି ବରାଡ଼, ରଜନୀକାନ୍ତ ପାଢ଼ୀ, ଜିଲା କଂଗ୍ରେସ ଉପସଭାପତି ଅଶୋକ ପଟ୍ଟନାୟକ, ମହେଶ୍ୱର ପାତ୍ର, ସୁଦାମ ପୁରୋହିତ, ରାମା ରାଓ, ଶଙ୍କର ସୁବୁଦ୍ଧି, ନାରୀ ନେତ୍ରୀ ସୁବାସିନୀ ପଟ୍ଟନାୟକ, ଇଜୁ ଆମିନ ଖାନ ପ୍ରମୁଖ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ପ୍ରଥମେ ଛତ୍ରପୁରର ଅପର ବସଷ୍ଟାଣ୍ଡରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶହ ଶହ କଂଗ୍ରେସ କର୍ମୀଙ୍କ ଏକ ଶୋଭାଯାତ୍ରାରେ ଛତ୍ରପୁର ସହର ପରିକ୍ରମା କରିବା ପରେ ପୋଲିସ ପ୍ୟାରେଡ ପଡିଆ ନିକଟରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ବିଭିନ୍ନ ଦାବି ନେଇ ସିପିଆଇଏମ୍‌ର ବିକ୍ଷୋଭ

ଗଞ୍ଜାମ,୨୨।୧୨ (ବିଦ୍ୟାଧର ସାହୁ)

ଓଡ଼ିଶା କୃଷକ ସଭା, କ୍ଷେତ ମଜୁଦୁର ସଂଘ ଏବଂ ସିପିଆଇଏମ୍ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ବ୍ଲକ୍ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜୟଶ୍ରୀ ଛକଠାରୁ ଶୋଭାଯାତ୍ରାରେ ବାହାରି ଗଞ୍ଜାମ ବଜାର ପରିକ୍ରମା କରି ବ୍ଲକ୍ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲା। କେନ୍ଦ୍ର ସରକାର ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପରିବର୍ତ୍ତନ କରି ଭିବି-ଜି-ରାମଜୀ ବିଲ୍ କରାଯାଇଛି କାହିଁକି ବୋଲି ବାମପନ୍ଥୀ ନେତା ମାନେ ସରକାରଙ୍କ ଉପରେ ବର୍ଷିଥିଲେ। ଏଥିସହ ଧାନମଣ୍ଡି ଖୋଲିବା ଦାବିରେ ସିପିଆଇ(ଏମ୍) ଓଡ଼ିଶା କୃଷକ ସଭା ଓଡ଼ିଶା କ୍ଷେତ ମଜଦୁର ୟୁନିଅନ ପକ୍ଷରୁ ଗଞ୍ଜାମ ବ୍ଲକ୍ ଘେରାଉ କରିଥିଲେ। ୨ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏକ ପଦୁଆରରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିଭଳି ଧାନମଣ୍ଡି ଖୋଲି ଚାଷୀ ଭାଗଚାଷୀଙ୍କ ସମସ୍ତ ଧାନ କ୍ରୟ କରିବା, ଧାନ ଉଠେଇବାରେ ଅବହେଳା କରୁଥିବା ମିଲର ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ଦାବି ନେଇ ଓଡିଶା କୃଷକ ସଭା ଓ କ୍ଷେତ ମଜଦୁର ୟୁନିଅନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସ୍ମାରକପତ୍ର କ୍ଷମତା ପ୍ରାପ୍ତ ବରିଷ୍ଠ କିରାଣୀଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ସିପିଆଇ (ଏମ୍) ଆଞ୍ଚଳିକ କମିଟି ସମ୍ପାଦକ ଅଜୟ ଗୌଡ଼ ସଭାପତିତ୍ୱ କରିଥିଲେ। ସରପଞ୍ଚ ବୈରାଗୀ ବେହେରା, ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାୟ, ରାମଚନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ତଥା ଓଡ଼ିଶା କୃଷକ ସଭା ବରିଷ୍ଠ ସଦସ୍ୟ ପି.ହରିକୃଷ୍ଣ ରେଡ୍ଡୀ, ଗୋପାଳ କୃଷ୍ଣ ପାଣିଗ୍ରାହୀ, ଯୋଗେଶ ଚନ୍ଦ୍ର ସାହୁ, ଖଳି ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ଉଲାଶ ଜେନା, ଧର୍ମରାଜ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ପରିମଳ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କବିସୂର୍ଯ୍ୟନଗର,୨୨।୧୨(କୃପାସିନ୍ଧୁ ସ୍ୱାଇଁ):



୧୦ ମାସର ବକେୟା ଦରମା ପ୍ରଦାନ ଓ ଛଟେଇ ନିଷ୍ପତ୍ତି ପ୍ରତ୍ୟାହାର ଦାବିନେଇ କବିସୂର୍ଯ୍ୟନଗର ଏନ୍‌ଏସିର ପରିମଳ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହାଫଳରେ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସାହି ସାହିରେ କୁଢ଼ କୁଢ଼ ଆବର୍ଜନା । ସବୁଠି ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି।

କବିସୂର୍ଯ୍ୟନଗର ଏନଏସିକୁ ସରକାର ମ୍ୟୁନିସିପାଲିଟି ଘୋଷଣା କରିଲେଣି । ହେଲେ ଏଠି ବିକାଶ ଦୂରର କଥା ପରିମଳ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏଠାରେ କାଉନସିଲର ବୈଠକ ବସୁ ନ ଥିବା ବେଳେ ନିର୍ବାହୀ ଅଧିକାରୀ ଓ ଭାରପ୍ରାପ୍ତ ଅଧକ୍ଷଙ୍କ ଦେଖାମିଳୁନି। ସୋମବାର ପୂର୍ବାହ୍ନରେ ସମସ୍ତ ଅସ୍ଥାୟୀ ପରିମଳ କର୍ମଚାରୀ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ମହାତ୍ମା ଗାନ୍ଧୀଙ୍କ ଫୋଟ ରଖି ଆନ୍ଦୋଳନରେ ବସିଛନ୍ତି । ପୂର୍ବ ନିରାକାର ପରିମଳ ସଂସ୍ଥାର ୮ ମାସର ଦରମା ଓ ବର୍ତ୍ତମାନ ମହାଦେବ ପରିମଳ ସଂସ୍ଥାର ୨ ମାସର ଦରମା ବକେୟା ରହିଛି। ସେହିପରି ପୂର୍ବେ ମୋଟ ୬୨ ଜଣ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ନୂତନ ଭାବେ ୧୦ ଜଣ ଯୋଗ ଦେଇଛନ୍ତି । ବର୍ତ୍ତମାନ ନୂତନ ଭାବେ ଟେଣ୍ଡର ନେଇଥିବା ମହାଦେବ ସଂସ୍ଥା ୯୫ ଜଣ ନିଯୁକ୍ତି ପାଇଁ ଚୁକ୍ତି କରିଥିଲେ ସୁଦ୍ଧା ୩୦ ଜଣଙ୍କୁ ଛଟେଇ କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ବକେୟା ଦରମା ହେତୁ କର୍ମଚାରୀ ଚଳିବା ନେଇ ସମସ୍ୟା ଉପୁଜିଥିବାର ଅଭିଯୋଗ ହୋଇଛି। ତେବେ ଏ ନେଇ ଭାରପ୍ରାପ୍ତ ଅଧ୍ୟକ୍ଷ, ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। କନିଷ୍ଠ ପରିମଳ ଏକ୍ସପାର୍ଟ ମନୋଜ କୁମାର ଦତ୍ତଙ୍କୁ ପଚାରିବାରେ ସେ କହିଛନ୍ତି ଆନ୍ଦୋଳନରତ କର୍ମଚାରୀଙ୍କ ମାଷ୍ଟର ରୋଲ ସାଇନ ହୋଇନି, କାର୍ଯ୍ୟରେ ଅନୁପସ୍ଥିତ ଷ୍ଟେଟମେଣ୍ଟ ନାହିଁ, ଇଏସଆଇ ଦେଇନାହାନ୍ତି। ଏ ସମସ୍ତ କାଗଜପତ୍ର ଦାଖଲ କଲେ ଯାଇ ଦରମା ପ୍ରଦାନ କରାଯିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ଗୁଆହାଟୀର ମହମ୍ମଦ ତୟବୁଲ୍ଲା ହକି ଷ୍ଟାଡିୟମରେ ଚାଲିଥିବା ଅସ୍ମିତା ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ନିଜର ପ୍ରଥମ ମ୍ୟାଚରେ

**ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି**

ତ୍ରିପୁରାକୁ ୫୦-୦ ଗୋଲରେ ହରାଇଥିବା ଓଡ଼ିଶା ସୋମବାର ଦ୍ୱିତୀୟ ମ୍ୟାଚରେ ଆସାମକୁ ୧୪-୧ ଗୋଲରେ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ମିଞ୍ଜ ଏକାକୀ ୫ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜିତା କିରୋ ଓ ଅସିମା ଏକ୍କା ୩ଟି ଲେଖାଏ, କିରନ ଏକ୍କା, ଆନନ୍ଦିନି କେର୍କେଟା, ସ୍ୱିଟି କୁଜୁର ଓ ସୋନିମା ଗୌଡ଼ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତ୍ରିପୁରା ବିପକ୍ଷ ମ୍ୟାଚଟି ସମ୍ପୂର୍ଣ୍ଣ ଏକପାଖିଆ ହୋଇଥିଲା। ପୂରା ମ୍ୟାଚରେ ଓଡ଼ିଶା ଖେଳାଳିମାନେ ତ୍ରିପୁରା ହାଫ୍‌ରେ ବଲ୍ ରଖିଥିଲେ। ଓଡ଼ିଶା ପ୍ରଥମ କ୍ୱାର୍ଟରରେ ୧୦, ଦ୍ୱିତୀୟ କ୍ୱାର୍ଟରରେ ୮, ତୃତୀୟ କ୍ୱାର୍ଟରରେ ୧୭ ଓ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ୧୫ ଗୋଲ ସ୍କୋର କରିଥିଲା। ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ମିଜୋରାମ ବିପକ୍ଷରେ ଖେଳିବ।



ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା ଓଡ଼ିଶା ଦଳ।

# ଜେମିମା ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ହେବେ

**ନୂଆଦିଲ୍ଲୀ,୨୨।୧୨**

ଭାରତୀୟ ଦଳର ଟପ୍ ଅର୍ଡର ବ୍ୟାଟର ଜେମିମା ରୋଡ୍ରିଗ୍ସଙ୍କୁ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ଲାଗି ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା କରାଯିବ। ଏ ନେଇ ଖୁବ୍‌ଶୀଘ୍ର ଫ୍ରାଞ୍ଚାଇଜ ପକ୍ଷରୁ ଘୋଷଣା କରାଯିବ। ଦିଲ୍ଲୀ ଫ୍ରାଞ୍ଚାଇଜ ମେଗା ଅକ୍ସନ ପୂର୍ବରୁ ପୂର୍ବତନ ଅଧିନାୟିକା ମେଗ ଲାନିଂଙ୍କୁ ରିଲିଜ କରିଥିଲା। ଗତ ମାସରେ ଦିଲ୍ଲୀରେ ଅନୁଷ୍ଠିତ ମେଗା ଅକ୍ସନ ବେଳେ ଡିସି ସହ ମାଲିକ ପାର୍ଥ ଜିନ୍ଦଲ କହିଥିଲେ ଯେ, ଆମକୁ ଜଣେ ଭାରତୀୟ ଅଧିନାୟକ ଦରକାର। ଆମେ ମନ ସ୍ଥିର କରିସାରିଛୁ। ଉଲ୍ଲେଖଯୋଗ୍ୟ ଯେ ଚଳିତବର୍ଷ ମହିଳା ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ ଜେମିମା।

# ୨୦୨୩ରେ ଅବସର ଚିନ୍ତା କରିଥିଲେ ରୋହିତ




**ନୂଆଦିଲ୍ଲୀ,୨୨।୧୨**

୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାଜିତ ହେବା ପରେ କ୍ରିକେଟରୁ ଅବସର କଥା ଚିନ୍ତା କରିଥିଲି। ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମା ଏହା କହିଛନ୍ତି। ରୋହିତଙ୍କ ନେତୃତ୍ୱରେ ଭାରତୀୟ ଦଳ ଟୁର୍ନାମେଣ୍ଟରେ ୯ ମ୍ୟାଚ୍‌ରେ ୯ ବିଜୟ ଓ ଅପରାଜେୟ ଧାରା ସହ ଫାଇନାଲରେ ପ୍ରବେଶ କରିଥିଲା। ହେଲେ ଅହମଦାବାଦ୍ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସାମ୍ନାରେ ଖେଳାଯାଇଥିବା ଫାଇନାଲରେ ଟ୍ରାଭିସ ହେଡ୍‌ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା।

'୨୦୨୩ ବିଶ୍ୱକପ୍ ଫାଇନାଲ ପରେ ମୁଁ ସମ୍ପୂର୍ଣ୍ଣ ବ୍ୟାକୁଳ ହୋଇଯାଇଥିଲି ଏବଂ କ୍ରିକେଟ ଆଉ ଖେଳିବାକୁ ମୁଁ ଚାହୁଁ ନ ଥିବା ଭଳି ଅନୁଭବ ହେଉଥିଲା। କାରଣ ଏହି ଖେଳ ମୋଠାରୁ ସବୁକିଛି ନେଇ ସାରିଥିବା ଏବଂ ମୋ ପାଖରେ ଆଉ କିଛି ଦେବାକୁ ନ ଥିବା ଭଳି ଅନୁଭବ ହେଉଥିଲା। ଏଥିଲାଗି ମୋତେ କିଛି ସମୟ ଲାଗିଥିଲା ଓ ନିଜକୁ ମନେ ପକାଇଥିଲି ଯେ, ମୁଁ କ୍ରିକେଟକୁ କେତେ ଭଲ ପାଏ, ଏହା ସାମ୍ନାରେ ଥିବା ବେଳେ ମୁଁ ଏହାକୁ ଏତେ ସହଜରେ ଛାଡ଼ି ପାରିବି ନାହିଁ। ଧିରେ ଧିରେ ଏନର୍ଜି ସହିତ ପଡ଼ିଆରେ ପହଞ୍ଚିଥିଲି। ବିଶ୍ୱକପ୍ ଫାଇନାଲରେ ପରାଜୟ ଯୋଗୁ ସମସ୍ତେ ଖୁବ ଦୁଃଖିତ ଥିଲେ ଏବଂ ଆମେ ବୁଝିପାରି ନ ଥିଲୁ ଯେ, କ'ଣ ଘଟିଗଲା। ଏହା ବ୍ୟକ୍ତିଗତ ଭାବେ ମୋ ପାଇଁ ଖୁବ କଷ୍ଟକର ସମୟ ଥିଲା। କାରଣ ସେହି ବିଶ୍ୱକପ୍ ଜିତିବା ପାଇଁ ମୁଁ ସବୁକିଛି କରିଥିଲି। ଏଥିଲାଗି ଦୁଇ କିମ୍ବା ୩ ମାସ ନୁହେଁ, ୨୦୨୨ରେ ଦଳର ନେତୃତ୍ୱ ନେବା ପରଠାରୁ ବିଶ୍ୱକପ୍ ଜିତିବା ହିଁ ମୋର ଏକମାତ୍ର ଲକ୍ଷ୍ୟ ଥିଲା। ଟି୨୦ ହେଉ କି ଦିନିକିଆ ବିଶ୍ୱକପ୍, ମୁଁ କେବଳ ବିଶ୍ୱକପ୍ ଜିତିବାକୁ ଚାହୁଁଥିଲି। ଏଣୁ ଏହା ଯେତେବେଳେ ହେଲା ନାହିଁ, ମୁଁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଥିଲି। ମୋ ଶରୀରରେ କ୍ରିକେଟ ଖେଳିବା ପାଇଁ ଟିକେ ବି ଏନର୍ଜି ନ ଥିଲା ଭଳି ଅନୁଭବ ହେଉଥିଲା। ମୋତେ ଏଥିରୁ ରିକଭର କରିବା ଓ ଫିଲ୍ଡକୁ ଫେରିବା ପାଇଁ କିଛି ମାସ ଲାଗିଥିଲା। ମୋ ମତରେ ତୁମେ ଯେତେବେଳେ ଏତେ ସବୁ ନିବେଶ କର ଏବଂ ଫଳାଫଳ ମିଳେ ନାହିଁ, ଭାଙ୍ଗି ପଡ଼ିବା ଏକ ପ୍ରାକୃତିକ ପ୍ରକ୍ରିୟା। ତାହା ହିଁ ମୋ ସହ ଘଟିଥିଲା। କିନ୍ତୁ ମୋତେ ଜଣା ଥିଲା ଯେ, ଜୀବନର ଶେଷ ନୁହେଁ। ଦୁଃଖ ଓ ନିରାଶ ସହ କେଉଁ ଭଳି ଲଢ଼େଇ କରାଯାଏ, ଏହା ମୋତେ ଶିକ୍ଷା ଦେଇଥିଲା। ଏହାପରେ ମୁଁ ୨୦୨୪ ଟି୨୦ ବିଶ୍ୱକପ୍ ଉପରେ ଧ୍ୟାନ ଦେଇଥିଲି। ଏହା ବର୍ତ୍ତମାନ କହିବା ଖୁବ ସହଜ। କିନ୍ତୁ ସେହି ମୁହୂର୍ତ୍ତରେ ଏହା ଅତ୍ୟନ୍ତ କଷ୍ଟକର ଥିଲା' ବୋଲି ରୋହିତ ମାଷ୍ଟର୍ସ ୟୁନିଅନ ଇଭେଣ୍ଟରେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରୋହିତଙ୍କ ନେତୃତ୍ୱରେ ଗତ ବର୍ଷ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିୟନ ହୋଇଥିଲା।

# ରେଡ୍ ଷ୍ଟାର, ସହିଦ ସ୍ପୋର୍ଟିଂ ବିଜୟୀ






ଓମ୍ ଶ୍ରୀ ସାହୁ ଓ ବିଶ୍ୱ ପି. ସାହୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ୨ଟି ମ୍ୟାଚରେ କ୍ଲବ ଦି ରେଡ୍ ଷ୍ଟାର ଓ ସହିଦ ସ୍ପୋର୍ଟିଂ ବିଜୟ ହାସଲ କରିଛି। ରେଡ୍ ଷ୍ଟାର ୩୧ ରନରେ ପ୍ରଗତି ସ୍ପୋର୍ଟିଂକୁ ଏବଂ ସହିଦ ସ୍ପୋର୍ଟିଂ ୧୨ ରନରେ ସୋଲାର କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରେଡ୍ ଷ୍ଟାର ୨୦ ଓଭରରେ ୪ ଉଇକେଟ ହରାଇ ୯୨ ରନ କରିଥିଲା। ଅଧିନାୟକ ସମରଜିତ ସାହୁ ସର୍ବାଧିକ ୩୮ ରନ କରିଥିଲେ। ବିପକ୍ଷ ଦଳର ବୋଲର ଶ୍ରୀଜିତ ଭୂୟାଁ ୨ଟି ଉଇକେଟ ନେଇଥିଲେ। ୯୩ ରନ ବିଜୟ ଲକ୍ଷ୍ୟରେ ପ୍ରଗତି ୧୭.୫ ଓଭରରେ ୬୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଅଖିଳ ପ୍ରଧାନ ୩ଟି ଏବଂ ଓମ୍ ଶ୍ରୀ ସାହୁ ୨ଟି ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଓମ୍ ଶ୍ରୀଙ୍କୁ ମୁକ୍ତେଶ୍ୱର କ୍ଲବ ଉପ କୋଷାଧ୍ୟକ୍ଷ ସୁନୀଲ ସାହୁ ପୁରସ୍କାର ପ୍ରଦାନ କରିଥିଲେ।

ଦିବସର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୨୦ ଓଭରରେ ୯ ଉଇକେଟ ହରାଇ ୧୦୦ ରନ କରିଥିଲା। ବିଶ୍ୱ ପି. ସାମନ୍ତରାୟ ୨୭ ରନ କରିଥିଲେ। ସୋଲାର ପକ୍ଷରୁ ଅଧିନାୟକ ସୂର୍ଯ୍ୟକାନ୍ତ ଦଳେଇ ୩ ଉଇକେଟ ନେଇଥିଲେ। ୧୦୧ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ସୋଲାର ପୂରା ୨୦ ଓଭର ଖେଳିଥିଲେ ହେଁ ୫ ଉଇକେଟ ହରାଇ ୮୮ ରନ କରିବାକୁ ସକ୍ଷମ ହୋଇଥିଲା। ମୁକ୍ତେଶ୍ୱର କୋଷାଧ୍ୟକ୍ଷ ଦତ୍ତାତ୍ରେୟ ମିଶ୍ର ଓ ପରାମର୍ଶଦାତା ଭବାନୀ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ବିଶ୍ୱ ପି. ସାହୁ (୨୭ ରନ, ୧ ଉଇକେଟ)ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ସାମସନଙ୍କ ସପକ୍ଷରେ ଶ୍ରୀକାନ୍ତ

**ନୂଆଦିଲ୍ଲୀ,୨୨।୧୨**

ଭାରତୀୟ ଟି୨୦ ବିଶ୍ୱକପ୍ ଦଳରେ ପ୍ରଥମ ପସନ୍ଦର ଉଇକେଟକିପର ଭାବେ ସ୍ଥାନ ପାଇଥିବା ସଞ୍ଜୁ ସାମସନଙ୍କ ପ୍ରତି ପୂର୍ବତନ ଚୟନକର୍ତ୍ତା କ୍ରିଷ୍ଣମଚାରି ଶ୍ରୀକାନ୍ତ ସମର୍ଥନ ବ୍ୟକ୍ତ କରିଛନ୍ତି। ଲଗାତର ୭ ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିବା ପରେ ସଞ୍ଜୁ ଅହମଦାବାଦରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩୭ ରନର ପାଳି ଖେଳିଥିଲେ। ଏଭଳି ଛୋଟ ଇନିଂସ ବଦଳରେ ସାମସନଙ୍କୁ ଲମ୍ବା ଇନିଂସ ଖେଳିବାକୁ ଶ୍ରୀକାନ୍ତ ପରାମର୍ଶ ଦେଇଛନ୍ତି।

'ସଞ୍ଜୁ ଖୁବ ଭଲ ବ୍ୟାଟିଂ କରିଥିଲି। ତାହା ଏକ ଭଲ ଇନିଂସ ଥିଲା। ସେ ଖେଳିଥିବା କିଛି ଷ୍ଟ୍ରୋକ୍ ଅତ୍ୟନ୍ତ ଚମତ୍କାର ଥିଲା। ସେ ଯେତେବେଳେ ଷ୍ଟ୍ରାଇକିଂ କରନ୍ତି, ସେ ପ୍ରତିପକ୍ଷ ଦଳ ପାଇଁ ମାରାତ୍ମକ ସାଜି ଜାଆନ୍ତି। ମୁଁ ସଞ୍ଜୁଙ୍କୁ କେବଳ ଗୋଟିଏ କଥା କହିବି ଯେ, ତୁମେ ୩୭ ରନ କରି ଆଉଟ୍ ହୋଇ ଯାଅ ନାହିଁ। ୩୭କୁ ୭୩ କନଭର୍ଟ କର। ଯଦି ତୁମେ ତାହା କରିଦେବ, ତେବେ ତୁମକୁ ଦଳରୁ ହଟା ଯାଇପାରିବ ନାହିଁ। ଲୋକେ ୩୦ ଏବଂ ୪୦ ରନର ଇନିଂସକୁ ଭୁଲି ଯିବେ' ବୋଲି ଶ୍ରୀକାନ୍ତ କହିଛନ୍ତି। ସଞ୍ଜୁଙ୍କ ୩୭ ରନର ଇନିଂସ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଥିଲା। ଏହି ମ୍ୟାଚ୍‌ର ଦିନକ ପରେ ଟି୨୦ ବିଶ୍ୱକପ୍ ଲାଗି ଦଳ ଘୋଷଣା କରାଯାଇଥିଲା। ଏଣୁ ଏଠାରେ ସମୟ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। କାରଣ ଟି୨୦ରେ ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଥିବା ଉପ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଚୟନକର୍ତ୍ତାମାନେ ବାଦ୍ ଦେଇ ସାମସନଙ୍କୁ ବାଛିଥିଲେ। ଏ ସମ୍ପର୍କରେ ଶ୍ରୀକାନ୍ତ ପ୍ରକାଶ କରିଛନ୍ତି, ସଞ୍ଜୁଙ୍କୁ ଗୋଟିଏ ସୁଯୋଗ ମିଳିଲା ଏବଂ ସେ ତାହାର ସମ୍ପୂର୍ଣ୍ଣ ଫାଇଦା ଉଠାଇଛନ୍ତି। ମୋ ମତରେ ଚୟନକର୍ତ୍ତାମାନେ ବିଶ୍ୱକପ୍ ଲାଗି ଦଳ ଘୋଷଣା କରିବା ପୂର୍ବରୁ ଗିଲ୍‌ଙ୍କ ଲାଗି ଦଳରେ ସ୍ଥାନ ନ ଥିବା ଜଣାଇଥିଲେ। ଏଣୁ ତାଙ୍କୁ ଅନ୍‌ଫିଟ୍ ଘୋଷଣା କରାଯାଇଥାଇପାରେ। ଗିଲ ଗତ ସେପ୍ଟେମ୍ବରରେ ସାମସନଙ୍କ ବଦଳରେ ଅଭିଷେକ ଶର୍ମାଙ୍କ ସହ ଓପନିଂ କରିବା ଆରମ୍ଭ କରିଥିଲେ। ହେଲେ ସେ ଦଳରେ ନିଜ ସ୍ଥାନ ପକ୍କା କରିପାରି ନ ଥିଲେ। ୧୫ ଇନିଂସରେ ସେ ଗୋଟିଏ ବି ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ସେ ୩ ଇନିଂସରେ ୩୨ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଟୋ ଇଞ୍ଜୁରି କାରଣରୁ ଅନ୍ତିମ ଦୁଇ ମ୍ୟାଚ୍‌ରୁ ତାଙ୍କୁ ବାଦ୍ ଦିଆଯାଇଥିଲା।


# Classified Everyday

0674-2580101, 9692975378



REAL ESTATE
**SALE**

**2/3 BHK ready to move flat for sale at Jayadev Vihar square. Contact: 9437307086, 7008789347.** D-2878

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୫୦

**କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273.** D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୮୫୧




All types of physiotherapy with massage, Contact number 9556924059/ 7656969134. D-2902

**LOST**

I, Koushilya Chhatria, W/o.- Surubabu Chhatria, Village- Bhursipali, P.S.- Jamgaon, Tahasil/ District- Bolangir declare by an affidavit Sl. No. 834, Dated- 20-12-2025 that Original Regd. Sale Deed bearing No. 11622205417 executed in my favour on Dated- 31.10.2022 in Sub-Registrar Office, Sambalpur has been Lost somewhere at Birmaharajpur. It has been registered vide S.D. Entry No-06, Dated 20-12-2025 at Birmaharajpur Police Station. D-2907

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated- 11.08.2025, I, Dukhia Behera, At-Daruthenga, Jujhagada, Dist.- Khordha, Odisha-752005 declare that I have changed my name from Dukhishyam Behera to Dukhia Behera. Henceforth, I shall be known as Dukhia Behera for all purposes.
Dukhia Behera
D- 2904

I, Nayan Kumar Nayak, S/o. Rabindra Nayak, R/o. New Colony, Sadeipali, P.O./P.S.- Burla, District- Sambalpur-768017 declare by this affidavit No.5506, dated- 20.12.2025 that my father's name has been wrongly mentioned as Ranindra Naik instead of Rabindra Nayak in my Passport bearing No. N3248041. That now onwards he shall be known as Rabindra Nayak for all future purposes. D- 2905

By virtue of an affidavit sworn before the Executive Magistrate, Berhampur, Ganjam, I, Mamata Bhatta, W/o.- Ramesh Chandra Bhatta, resident of At/P.O.- Niyati Bihar, near Pukudibandha Square, Ambapua, Dist.- Ganjam, Odisha Vide affidavit No. A-606 Dtd.- 20.12.2025 that now onwards, I will be known as MAMATA KUMARI BHATTA for all future purposes. D-2906

SANJEEB KUMAR MINZ, S/o.- Sukhi Minz, R/o.- K8/799, Kalinganagar, Ghatikia, Bhubaneswar-751003 changed my name as SANJEEV KUMAR MINZ vide affidavit dated 17.12.25. D- 2903

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କ୍ରିଷ୍ଣାପ୍ପା ଗୌଥାମଙ୍କ ଅବସର

**ନୂଆଦିଲ୍ଲୀ,୨୨।୧୨**



କ୍ରିଷ୍ଣାପ୍ପା ଗୌଥାମ ସୋମବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଛନ୍ତି। ୩୭ ବର୍ଷୀୟ କ୍ରିକେଟର ଏହି ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ତାଙ୍କର ୧୪ ବର୍ଷ ଲମ୍ବା ପେସାଦାର କ୍ରିକେଟର କ୍ୟାରିୟରର ଅନ୍ତ ଘଟିଛି। ସେ ଅଫ ସ୍ପିନ ବୋଲିଂ ସାଙ୍ଗକୁ ଲୋୟର ଅର୍ଡରରେ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା ଥିଲେ। ସେ ୨୦୧୨ ରଣଜୀ ଟ୍ରଫି ସିଜନରେ ପଦାର୍ପଣ କରିଥିଲେ। ୨୦୧୬-୧୭ ରଣଜୀ ସିଜନ ତାଙ୍କ କ୍ୟାରିୟରର ଉଲ୍ଲେଖନୀୟ ସିଜନ ଥିଲା। ଏହି ବର୍ଷ ସେ ୮ ମ୍ୟାଚ୍‌ରେ ୨୭ ଉଇକେଟ ନେଇଥିଲେ। ଗୌଥାମଙ୍କ ନାମରେ ଉଭୟ ଫାଷ୍ଟ-କ୍ଲାସ ଓ ଲିଷ୍ଟ ଏ' କ୍ରିକେଟରେ ୩୨୦ ଉଇକେଟ ରହିଛି। ଭଲ ପ୍ରଦର୍ଶନ ବଳରେ ସେ ଭାରତ ଏ' ଦଳରେ ସ୍ଥାନ ପାଇଥିଲେ। ୨୦୨୧ରେ ସେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏକମାତ୍ର ଦିନିକିଆ ମ୍ୟାଚ୍ ଖେଳି ଗୋଟିଏ ଉଇକେଟ ନେଇଥିଲେ।

# ଇଞ୍ଜିନିୟରିଂ ବିଭାଗ ଚାମ୍ପିୟନ

**ଭୁବନେଶ୍ୱର, ୨୨।୧୨ (ବିଜୟ ରଣା)**

ପୂର୍ବତଟ ରେଳପଥ କ୍ରୀଡ଼ା ସଂଘ (ଇକୋର୍ସା) ଦ୍ୱାରା ଆୟୋଜିତ ଦ୍ୱିତୀୟ ନୀଳାଦ୍ରି କପ୍ ଟି୨୦ ଆନ୍ତଃବିଭାଗୀୟ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ମଞ୍ଚେଶ୍ୱରର ରେଲୱେ କ୍ରିକେଟ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ, ଆର୍. ପି. ଏଫ୍. ଦଳକୁ ପରାସ୍ତ କରି ଇଞ୍ଜିନିୟରିଂ ବିଭାଗ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ବିଜୟୀ ଏବଂ ଉପବିଜେତା ଦଳକୁ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରିଥିଲେ। ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ମଧ୍ୟ ସେ ପୁରସ୍କୃତ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ମୋଟ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୧ରୁ ୨୧ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଲିଗ୍ ମ୍ୟାଚ୍, ସେମିଫାଇନାଲ୍ ଓ ଫାଇନାଲକୁ ମିଶାଇ ମୋଟ ୨୮ଟି ମ୍ୟାଚ୍ ଆଇସିସିର ଟି୨୦ ନିୟମାବଳୀ ଅନୁସାରେ ଖେଳାଯାଇଥିଲା। ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ଅଧ୍ୟକ୍ଷ ଡା. ହେମନ୍ତ କାଗ୍ରା ଟୁର୍ନାମେଣ୍ଟର ପରିକଳ୍ପନା ଓ ସଫଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

**ନିଳାଦ୍ରୀ କପ୍ ଟି୨୦ ଟେନିସ ବଲ୍ କ୍ରିକେଟ**




ଚାମ୍ପିୟନ ଇଞ୍ଜିନିୟରିଂ ବିଭାଗ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ପୋଷ୍ଟିଂ ଜିରୋ

**ସୋସିଆଲ ମିଡିଆରେ ସବୁଦିନ କିଛି ପୋଷ୍ଟକରିବା ଆଉ କମେଣ୍ଟ ଦେଖିବାକୁ ଭଲପାନ୍ତି କେତେକେ। ହେଲେ ଏବେ ବିଭିନ୍ନ ପ୍ରକାର ବ୍ୟକ୍ତିଗତ ସମସ୍ୟା ଏଡ଼େଇବାକୁ ଯାଇ ଅନେକେ ଏବେ ପୋଷ୍ଟିଂ ଜିରୋ ଫର୍ମୁଲା ଆପଣେଇବାକୁ ପସନ୍ଦ କରୁଛନ୍ତି...**



ପୋଷ୍ଟିଂ ଜିରୋ। ଅର୍ଥାତ୍ ସୋସିଆଲ ମିଡିଆରେ କିଛି ବି ପୋଷ୍ଟ ନ କରିବା। ଏହି ଟ୍ରେଣ୍ଡକୁ ଏବେ ପସନ୍ଦ କରୁଛନ୍ତି ଅନେକେ। ବିଶେଷକରି ସାଧାରଣରେ ବିଭିନ୍ନ ପ୍ରକାର କମେଣ୍ଟ ଓ ଲାଇକ୍ ଅନେକ ସମୟରେ ବ୍ୟକ୍ତିଗତ ତଥା କ୍ୟାରିୟର କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଛି। ଏହି କାରଣରୁ କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ପୋଷ୍ଟିଂ ଜିରୋ ଫର୍ମୁଲାକୁ ଅଧିକ ପସନ୍ଦ କରୁଛନ୍ତି।

**କାରଣ :** କୌଣସି ଜିନିଷର ବାରମ୍ବାର ବ୍ୟବହାର କରିବା ଫଳରେ ଏକ ସମୟ ଆସେ ଯେତେବେଳେ ଅନାଗ୍ରହ ଭାବ ଆସିଥାଏ। ଠିକ୍ ସେମିତି ଭାବନାରେ କେତେକ ସୋସିଆଲ ମିଡିଆରେ କିଛି ପୋଷ୍ଟ କରିବା ବନ୍ଦକରି ଦେଇଥାନ୍ତି। ସବୁଦିନ ଫଟୋ କିମ୍ବା ଭିଡିଓ ଆଦି ପୋଷ୍ଟକରି ତା'ର କମେଣ୍ଟ ଦେଖିବା ଓ ପୁଣି ଉତ୍ତର ଦେବା ଫଳରେ ବୋର୍ ଲାଗିଥାଏ। ତେଣୁ ଏଭଳି ପ୍ରତି ଉତ୍ତର ଦେବାକୁ ବୋର୍ ଲାଗିଲେ କେତେକେ ଏହି ପୋଷ୍ଟିଂ ଜିରୋ ଟ୍ରେଣ୍ଡକୁ ଆପଣାଇ ନେଇଥାନ୍ତି। ଆଉ କେତେକେ ସମସ୍ତଙ୍କୁ ସବୁକଥା କହିବା ଅବା ଦେଖାଇବାକୁ ପସନ୍ଦ କରନ୍ତି ନାହିଁ। ତେଣୁ ସୋସିଆଲ ମିଡିଆ ବଦଳରେ ସେମାନେ ବ୍ୟକ୍ତିଗତ ମେସେଜ୍ ଦେଇଥାନ୍ତି। ଏଭଳି ବିଭିନ୍ନ କାରଣ ପାଇଁ ଆଜିକାଲି ଦେଖିବାକୁ ମିଳୁଛି ଏହି ପୋଷ୍ଟିଂ ଜିରୋ ଟ୍ରେଣ୍ଡ।

**ସମୟ ଅଭାବ:** ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଆଦି ବିଭିନ୍ନ ସୋସିଆଲ ମିଡିଆକୁ ଚେକ୍ କରିବା ଓ ସେଥିରେ ସବୁଦିନ କିଛି ନା କିଛି ପୋଷ୍ଟ କରିବାକୁ କେତେଜଣଙ୍କ ପାଖରେ ସମୟ ନ ଥାଏ। ତେଣୁ ସବୁ ସମୟରେ ଏଥିରେ ଅପ୍‌ଡେଟ୍ ରହି ହୁଏନାହିଁ। ଏହି କାରଣରୁ ମଧ୍ୟ କେତେକେ ଅବଶ୍ୟ ଅଳ୍ପ ସମୟ ପାଇଁ ସୋସିଆଲ ମିଡିଆ ବ୍ୟବହାର କରନ୍ତି କିନ୍ତୁ କିଛି ପୋଷ୍ଟ କରନ୍ତି ନାହିଁ।

**କଣ୍ଟେଣ୍ଟକୁ ନେଇ ସମସ୍ୟା:** ବେଳେବେଳେ ସୋସିଆଲ ମିଡିଆର କଣ୍ଟେଣ୍ଟକୁ ନେଇ ବ୍ୟକ୍ତିଗତ ଜୀବନରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ବିଭିନ୍ନ ପ୍ରକାର ଅନ୍‌ଲାଇନ ସ୍କାମ୍, ଡାଟା ଚୋରି ଆଦି ସୋସିଆଲ ମିଡିଆର ଡିଫେକ୍ଟ ପାଇଁ ବ୍ୟବହାରକାରୀମାନେ ଅନେକ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଳେବେଳେ ସାଧାରଣ ଫଟୋ କିମ୍ବା ଭିଡିଓକୁ ଅସାଧୁ ବ୍ୟକ୍ତି ଖରାପ ବ୍ୟବହାର କରୁଛନ୍ତି। ଏହିସବୁ କାରଣରୁ ଲୋକେ ଇଣ୍ଟରନେଟ୍‌ରେ କୌଣସି ଜିନିଷ ଶେୟାର କରିବାକୁ ଇଚ୍ଛା କରୁନାହାନ୍ତି।

**ଓଭର ଷ୍ଟିମୁଲେଶନ:** ବିବାହ ପରେ ମହିଳାଙ୍କୁ ଅନେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ। ନିଜ ବ୍ୟକ୍ତିଗତ ଜୀବନକୁ ନେଇ ସୋସିଆଲ ମିଡିଆରେ କିଛି ଫଟୋ, ଭିଡିଓ ଅବା ଲେଖା ପୋଷ୍ଟକଲେ ତାହାକୁ ନେଇ ବିଭିନ୍ନ ପ୍ରକାର କମେଣ୍ଟ ଆସିଥାଏ। ତେଣୁ କିଏ ଦେଖିବ, କ'ଣ ଭାବିବ, କାହାକୁ କ'ଣ ଉତ୍ତର ଦେବାକୁ ହେବ, ଏମିତି ସବୁ କଥାକୁ ନେଇ ବିଚାର କରିବାକୁ ହୋଇଥାଏ। ବେଳେବେଳେ ଫଟୋ ପୋଷ୍ଟ କରିବା ଆଉ କମେଣ୍ଟକୁ ନେଇ ପରିବାରରେ ବିଭିନ୍ନ ସମସ୍ୟା ବି ଆସିଥାଏ। ଏହିସବୁ ଚିନ୍ତାଧାରାକୁ ନେଇ ଅନେକେ ମଧ୍ୟ ସୋସିଆଲ ମିଡିଆରେ କୌଣସି ପ୍ରକାର ପୋଷ୍ଟ କରିବାକୁ ଇଚ୍ଛା କରୁ ନାହାନ୍ତି।







## ଏମାନେ କ'ଣ କରନ୍ତି

### ପର୍ସନାଲ ମେସେଜ୍ କରେ



ଆରମ୍ଭରୁ ସୋସିଆଲ ମିଡିଆରେ ଫଟୋ କିମ୍ବା ବ୍ୟକ୍ତିଗତ ଜୀବନର କିଛି ଘଟଣାକୁ ପୋଷ୍ଟ କରିବାକୁ ମତେ ଭଲ ଲାଗେନି। ସମସ୍ତଙ୍କ ଆଗରେ ସବୁ କଥା କହି ହେବନି ଭାବି କିଛି ବି ପୋଷ୍ଟ କରେନି। କାହାକୁ କିଛି କମେଣ୍ଟ ବି ପ୍ରାୟ ଦିଏନି। ଯଦି କାହାକୁ ଶୁଭେଚ୍ଛା ଜଣାଇବାକୁ ଥାଏ କି ଫଟୋ ଦେଖାଇବାର ଇଚ୍ଛା ଥାଏ ତା'ହେଲେ ତାକୁ ପର୍ସନାଲ ଆକାଉଣ୍ଟରେ ପଠାଏ। କିନ୍ତୁ ସୋସିଆଲ ମିଡିଆର ବ୍ୟବହାର ବେଶି କରେନି। ଘର କାମ ଓ ବିଭିନ୍ନ ସାମାଜିକ ସଂସ୍ଥା ସହ ଜଡ଼ିତ ଥିବାରୁ ଫେସ୍‌ବୁକ୍, ଇନ୍‌ଷ୍ଟା ଆଦି ସବୁଦିନ ଖୋଲିବା ପାଇଁ ମୋ ପାଖରେ ସମୟ ବି ନ ଥାଏ। ତେଣୁ ଖୁବ୍ କମ୍ ସମୟ ପାଇଁ ସୋସିଆଲ ମିଡିଆ ବ୍ୟବହାରକରେ। ତା' ଛଡ଼ା ନିଜ ପର୍ସନାଲ ଇମେଜକୁ ଦୃଷ୍ଟିରେ ରଖି ସବୁବେଳେ ଫଟୋ ପୋଷ୍ଟ କରିବାକୁ ଇଚ୍ଛା ହୁଏନି। ସେଥିପାଇଁ କେବେ କେବେ ହ୍ୱାଟ୍ସଆପ୍‌ରେ କିଛି ସ୍ୱତନ୍ତ୍ର ଉତ୍ସବ ସମୟର ଫଟୋ ପୋଷ୍ଟ କରୁଛି।

*– ମମତା ଦ୍ୱିବେଦୀ*
*ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### ଫଟୋ ଅପ୍‌ଲୋଡ୍ କରୁନି



ସୋସିଆଲ ମିଡିଆରେ ସମସ୍ତଙ୍କ ରିଲ୍ ଦେଖି ମତେ ବହୁତ ଭଲ ଲାଗେ। ସେଥିପାଇଁ ମୁଁ ଆଗରୁ କେତେଥର ମୋ ଫଟୋକୁ ନେଇ ରିଲ୍ କରୁଥିଲି। ମୋ ସାଙ୍ଗମାନେ ଦେଖି ବିଭିନ୍ନ କମେଣ୍ଟ ଦିଅନ୍ତି ଆଉ ମତେ ଭଲ ଲାଗୁଥିଲା। ହେଲେ ନେଗେଟିଭ୍ କମେଣ୍ଟ ଦେଖିଲେ ଭଲ ଲାଗେନି। ସେଥିପାଇଁ ଏବେ କୌଣସି ରିଲ୍ସ କରୁନି ଓ ଫେସ୍‌ବୁକରେ ଖୁବ୍ କମ୍ ଫଟୋ ଅପ୍‌ଲୋଡ୍ କରୁଛି। ଅବଶ୍ୟ ବେଶି ଇଚ୍ଛା ହେଲେ ମୋ ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ବେଳେବେଳେ ପୂଜା ପର୍ବାଣୀ ସମୟର ଫଟୋ ଅପଲୋଡ୍ କରୁଛି।

*– ପ୍ରଭାସିନି ବେହେରା*
*ଶିକ୍ଷୟିତ୍ରୀ, ଶ୍ରମିକ ହାଇସ୍କୁଲ, ବାଦାମବାଡ଼ି, କଟକ*





**ଏଆଇ କଣ୍ଟେଣ୍ଟ:** ସୋସିଆଲ ମିଡିଆରେ ଏବେ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ପ୍ରଭାବ ବହୁତ ହୋଇଯାଇଛି। ତେଣୁ ଅସଲୀ ବଦଳରେ ଏଆଇ କଣ୍ଟେଣ୍ଟ ବହୁତ ଦେଖିବାକୁ ମିଳୁଛି। ଏମିତିକି କେତେକ କ୍ଷେତ୍ରରେ ବ୍ୟକ୍ତିଗତ ଫଟୋକୁ ମଧ୍ୟ ଏଆଇ ମାଧ୍ୟମରେ ବଦଳାଇ ହେଉଛି। ତେଣୁ ଏସବୁ ପ୍ରକାର ପରିବର୍ତ୍ତନ ମଧ୍ୟ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିପାରେ। ତେଣୁ ଏସବୁ ସମସ୍ୟା ନ ଆସିବା ପାଇଁ କୌଣସି ପୋଷ୍ଟ ନ କରିବା ଭଲ ବୋଲି ଅନେକେ ଭାବୁଛନ୍ତି। ଏଭଳି ବିଭିନ୍ନ ପ୍ରକାର ଚିନ୍ତାଧାରା ପାଇଁ ଏବେ ମହିଳାମାନେ ପ୍ରାୟତଃ ଜିରୋ ପୋଷ୍ଟିଂ ଟ୍ରେଣ୍ଡକୁ ଆପଣାଉଛନ୍ତି।

## ଘରକୁ ଦିଅନ୍ତୁ ରାଜକୀୟ ଲୁକ୍

**ଘରକୁ ସୁନ୍ଦରଭାବରେ ସଜାଇବା ଏକ କଳା। ସାଧାରଣ ଦେଖାଯାଉଥିବା ଘରକୁ ରାଜକୀୟ ଢଙ୍ଗରେ ସଜାଇବାକୁ ଚାହୁଁଥିଲେ ଜାଣନ୍ତୁ କିଛି ଟିପ୍ସ...**

➔ଘରେ ପରଦା ଓ କୁସନ କଭରର ରଙ୍ଗ ଏକା ପ୍ରକାର ରଖନ୍ତୁ। ଯଦି ହାଲ୍‌କା ରଙ୍ଗର ଚୟନ କରିବେ ତେବେ ଘରକୁ ପରଫେକ୍ଟ ଲୁକ୍ ମିଳିପାରିବ।

➔ଘରେ ବିଭିନ୍ନ ପ୍ରକାର ଫୁଲଗଛ ଓ ମନିପ୍ଲାଣ୍ଟ ଲଗାନ୍ତୁ। ଇଣ୍ଟେରିଅର ଡେକୋରେସନ ପାଇଁ ଲାଲ୍ ରଙ୍ଗର ଗୋଲାପ ଫୁଲ ବ୍ୟବହାର କରିପାରିବେ। ବହୁତ ସୁନ୍ଦର ଦେଖାଯିବ। ଘରକୁ ଏକ ଭିନ୍ନ ଲୁକ୍ ଦେଇହେବ। ଏଥିପାଇଁ କେଉଁ ସ୍ଥାନର କାନ୍ଥ ବ୍ୟବହାର କରିବେ ତାହା ସ୍ଥିର କରନ୍ତୁ। ନିଜ ପସନ୍ଦ ଅନୁସାରେ ପେଣ୍ଟିଂ କରି ଆପଣ ରୟାଲ, ଏଥେନିକ୍ କିମ୍ବା ଆର୍ଟିଷ୍ଟିକ୍ ଲୁକ୍ ଦେଇପାରିବେ।

➔ଘରେ ଲାଇଟ୍ କଲରର ଫର୍ନିଚର ବ୍ୟବହାର କରନ୍ତୁ। ନିଜ ପସନ୍ଦ ଅନୁସାରେ ଆପଣ ବିଭିନ୍ନ ଡିଜାଇନ୍ ଫର୍ନିଚର ବ୍ୟବହାର କରିପାରିବେ।



➔ସୁନ୍ଦରଭାବରେ ଲାଇଟ୍ ସଜାଇ ଆପଣ ଘରକୁ ଏକ ରାଜକୀୟ ଲୁକ୍ ଦେଇପାରିବେ। ତେଣୁ ବିଭିନ୍ନ ଡିଜାଇନ ଲାଇଟ୍ ଲଗାନ୍ତୁ।

➔ଘରର ଏକ ସ୍ୱତନ୍ତ୍ର ସ୍ଥାନରେ ନିଜର କିଛି ଫଟୋ ଫ୍ରେମ୍ ଲଗାଇ ଘରକୁ ସଜାଇ ପାରିବେ।

➔କାନ୍ଥରେ ସୁନ୍ଦରଭାବରେ ପେଣ୍ଟିଂ କରି

➔ ଘରେ ବିଭିନ୍ନ ଡିଜାଇନ ମିରର୍ ଲଗାନ୍ତୁ। ଏହା ଘରକୁ ଏକ ସୁନ୍ଦର ଓ ଆକର୍ଷଣୀୟ ଲୁକ୍ ଦେଇପାରିବେ।

➔ଘରେ କାନ୍ଥ ଘଣ୍ଟା ଓ ଷ୍ଟାଇଲିଶ୍ ଲ୍ୟାମ୍ପ ଲଗାନ୍ତୁ। ମାର୍କେଟରେ ଏବେ ଏହାର ସୁନ୍ଦର ଡିଜାଇନ୍ ସବୁ ମିଳୁଛି। ଏହାକୁ ବ୍ୟବହାର କରି ଘରେ ଭିନ୍ନ ପରିବେଶ ସୃଷ୍ଟି କରିପାରିବେ।

## ଶୀତଦିନିଆ କୋଟ୍

**ଶୀତଦିନେ ମହିଳାମାନେ ସୁନ୍ଦର ଓ ଷ୍ଟାଇଲିଶ୍ କୋଟ୍ ପିନ୍ଧନ୍ତି। ତେବେ ବଡି ଶେପ୍ ଅନୁସାରେ କିଭଳି କୋଟ୍ ଚୟନ କରିବେ ଜାଣିରଖନ୍ତୁ...**



★କମ୍ ହାଇଟ୍ ଥିବା ମହିଳା ସର୍ଟ କୋଟ୍ ପିନ୍ଧିଲେ ସୁନ୍ଦର ଦେଖାଯିବ। ଅଧିକ ଲମ୍ବା କୋଟ୍ ପିନ୍ଧିଲେ ମୋଟା ଏବଂ ଅଧିକ ଗେଡ଼ା ଦେଖାଯିବେ। ତେଣୁ ମିଡିୟମ ଉଲ୍ ଜ୍ୟାକେଟ୍ ସହ ବୁଟ୍ ପିନ୍ଧିପାରିବେ।

★ଡେଙ୍ଗା ମହିଳାମାନେ ଓଭର ସାଇଜ୍‌ର କୋକୁନ୍ କିମ୍ବା ଡଷ୍ଟର କୋଟ୍ ପିନ୍ଧିଲେ ଭଲ ଲାଗିବ। ଲୁକ୍ ନେଇ ଯଦି କିଛି ଏକ୍ସପେରିମେଣ୍ଟ କରିବାକୁ ଚାହୁଁଥାଆନ୍ତି ତେବେ ହେମ୍‌ଲାଇନ୍ କୋଟ୍ ମଧ୍ୟ ପିନ୍ଧିପାରିବେ। ସୁଇଂ କୋଟ୍ ମଧ୍ୟ ଷ୍ଟାଇଲିଶ୍ ଲୁକ୍ ଦେଇପାରିବ।

★ଯେଉଁମାନଙ୍କର ବଡି ଶେପ୍ ଓଭର ଗ୍ଲାସ୍ ଭଳି ହୋଇଥାଏ ସେମାନେ ଭେଲ୍‌ଭେଟ୍ କୋଟ୍ ଚୟନ କଲେ ଅଧିକ ଭଲ ଲାଗିବ। ଏଥିରେ ସ୍ଲିମ୍ ଦେଖାଯିବା ସହ ଅଣ୍ଟା ପାଖରୁ ଅଧିକ ସୁନ୍ଦର ଦେଖାଯିବ। ଏହି ମହିଳାଙ୍କୁ ଲମ୍ବା କୋଟ୍ ଆକର୍ଷଣୀୟ ଲୁକ୍ ଦେଇପାରିବ। ଏହା ସହ ଟ୍ରେଞ୍ଚ କୋଟ୍ ଏକ କ୍ଲାସି ଲୁକ୍ ଦେବ।

★ଆପଲ ବଡି ଶେପ୍ ମହିଳା କୋକୁନ୍ ୱିଣ୍ଟର କୋଟ୍ ଏବଂ ଏ ଲାଇଟ୍ କୋଟ୍ ପିନ୍ଧିପାରିବେ। ତେବେ ଅଣ୍ଟା ତଳକୁ ଏମାନେ ଯଦି ପତଳା ଦେଖାଇବାକୁ ଚାହୁଁଥାନ୍ତି ତା'ହେଲେ ସର୍ଟ ଡିଜାଇନ୍ ବମ୍ବର ଜ୍ୟାକେଟ୍ ପିନ୍ଧିପାରିବେ। ପର୍‌ଫେକ୍ଟ ଲୁକ୍ ମିଳିପାରିବ।

## ଅଁଳା ଆଚାର

ଖାଦ୍ୟରୁଚି

### ଆବଶ୍ୟକ ସାମଗ୍ରୀ

ଅଁଳା– ୧ କେଜି, କଞ୍ଚାଲଙ୍କା– ୧୦୦ ଗ୍ରାମ୍, ସୋରିଷ ତେଲ– ୧୫୦ ଗ୍ରାମ୍, କଳାଜିରା– ଅଧା ଛୋଟଚାମଚ। ହେଙ୍ଗୁ– ୧ ଛୋଟ ଚାମଚ।

ମସଲା ପାଇଁ – ରସୁଣ– ୫୦ ଗ୍ରାମ୍, ଅଦା– ୧ ଖଣ୍ଡ (ବଡ଼), ହଳଦୀ– ୧ ଖଣ୍ଡ (ବଡ଼)

ଶୁଖିଲା ମସଲା ପାଇଁ– ପାନମଧୁରୀ– ୨ ବଡ଼ ଚାମଚ, ଜିରା – ୧ ଛୋଟ ଚାମଚ, ଗୋଲମରିଚ– ୧୫ ରୁ ୨୦ଟି, ସୋରିଷ– ୧ ବଡ଼ ଚାମଚ, ମେଥି– ଅଧା ଛୋଟ ଚାମଚ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଅଁଳାକୁ ଭଲଭାବେ ଧୋଇ ବାମ୍ଫ ଦେଇ କିଛି ସମୟ ସିଝାଇ ଦିଅନ୍ତୁ। ଏହାପରେ କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଅଁଳା ଥଣ୍ଡା ହୋଇଯିବା ପରେ ତାହାକୁ ଲମ୍ବା ଆକାରରେ ଛୋଟ ଛୋଟ କରି କାଟି ଦିଅନ୍ତୁ ଓ ମଞ୍ଜିକୁ ବାହାର କରି ଦିଅନ୍ତୁ। ଏହି ଅଁଳାକୁ ଅଧଘଣ୍ଟା ପାଇଁ ଘରେ ଫ୍ୟାନ୍ ପବନରେ ଶୁଖାଇ ଦିଅନ୍ତୁ। ଖରାରେ ଶୁଖାନ୍ତୁ ନାହିଁ, ଅଧିକ ଶୁଖିଲେ ଭଲ ଲାଗିବ ନାହିଁ।

ଏବେ ମସଲା ନିମନ୍ତେ ଥିବା ପାନମଧୁରୀ, ଜିରା, ଗୋଲମରିଚ, ସୋରିଷ, ମେଥି ସବୁକୁ ମିଶାଇ କଡ଼େଇରେ ହାଲ୍‌କା ଉଷୁମକରି ଦିଅନ୍ତୁ। ଏସବୁକୁ ଦରଦର କରି ଗ୍ରାଇଣ୍ଡିଂ କରି ରଖନ୍ତୁ।

ଏହାପରେ ରସୁଣ, ଅଦା ଓ କଞ୍ଚା ହଳଦୀକୁ ଭଲଭାବରେ ଗ୍ରାଇଣ୍ଡିଂକରି ଦିଅନ୍ତୁ। ଅନ୍ୟପଟେ ସୋରିଷ ତେଲକୁ ଅଳ୍ପ ଗରମ କରି ସେଥିରେ ଅଧା ଛୋଟ ଚାମଚ କଳାଜିରା ପକାନ୍ତୁ। ୧ ଚାମଚ ହେଙ୍ଗୁ ପକାନ୍ତୁ। ଏବେ ସେଥିରେ ବଟାହୋଇଥିବା ମସଲାକୁ ପକାଇ ହାଲ୍‌କା ଭାଜି ନିଅନ୍ତୁ। ଏହା ପରେ ୧ ଛୋଟ ଚାମଚ କଶ୍ମୀରୀ ଲଙ୍କାଗୁଣ୍ଡ ପକାନ୍ତୁ। ଏବେ ସେଥିରେ କଞ୍ଚା ଲଙ୍କା ପକାଇ ଅଳ୍ପ ଭାଜନ୍ତୁ। ଏହା ପରେ ଶୁଖାହୋଇଥିବା ଅଁଳା ପକାଇ ଭଲଭାବେ ମିଶାନ୍ତୁ। ଏବେ ସେଥିରେ ଶୁଖିଲା ମସଲା ଓ ଲୁଣ ପକାଇ ମିଶାନ୍ତୁ। ଏହା ପରେ ଅଧା ଛୋଟ କପ୍ ଭିନେଗାର ପକାଇ ଭଲଭାବେ ମିଶାନ୍ତୁ। ଥଣ୍ଡା ହୋଇଯିବା ପରେ କାଚ ଜାର୍‌ରେ ରଖି ଖାଆନ୍ତୁ।



## ସୌନ୍ଦର୍ଯ୍ୟ

# କେଶକୁ କରନ୍ତୁ ସୁନ୍ଦର

❖ଶୀତଦିନେ ଉଷୁମପାଣିରେ କେଶ ଧୁଅନ୍ତୁ। ଅଧିକ ଗରମ ପାଣିରେ କେଶ ଧୋଇଲେ ଉଜ୍ଜ୍ୱଳତା ସହିତ କେଶମୂଳରେ ଥିବା ତୈଳଅଂଶ ନଷ୍ଟ ହୋଇଥାଏ। ଏହା ସହ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଖାଦେବ।

❖କେଶ ମୂଳରେ ମସାଜ୍ କରନ୍ତୁ। ଅଙ୍ଗୁଳିରେ ତେଲ ନେଇ ସପ୍ତାହକୁ ଅତି କମ୍‌ରେ ଥରେ ମାଲିସ୍ କରନ୍ତୁ। ଏହା ଫଳରେ କେଶ ମୂଳରେ ରକ୍ତ ସଞ୍ଚାଳନ ହୋଇଥାଏ। ଏହା ସହ ରାତି ସାରା ତେଲ କେଶ ମୂଳରେ ଲାଗି ରହିବା ଫଳରେ କେଶ ଶୁଷ୍କ ହୋଇ ନ ଥାଏ। ତେଲ ଲଗାଇବାର ୭–୮ ଘଣ୍ଟା ପରେ ସାମ୍ପୁ କରନ୍ତୁ।



❖ଶୀତଦିନେ ପ୍ରାୟତଃ ରୁପି ସମସ୍ୟା ବହୁତ ହୋଇଥାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅଏଲ ଥେରାପି ବେଶ୍ ଫଳପ୍ରଦ। ସପ୍ତାହକୁ ଥରେ କିମ୍ବା ଦୁଇଥର ତେଲକୁ ଅଳ୍ପ ଉଷୁମ କରି କେଶ ମୂଳରେ ମାଲିସ୍ କରନ୍ତୁ। ଏହାପରେ କେଶ ମୂଳରେ ଏକ ତଉଲିଆରେ ବାମ୍ଫ ଦିଅନ୍ତୁ। ୩–୪ ଥର ଏହିପରି ବାମ୍ଫ ଦିଅନ୍ତୁ ଓ ସକାଳେ ସାମ୍ପୁ କରିଦିଅନ୍ତୁ।

❖କଣ୍ଡିସନର ନିଶ୍ଚୟ ଲଗାନ୍ତୁ। କଣ୍ଡିସନର ଓ ସେରମ୍ କେଶକୁ ମୁଲାୟମ କରିଥାଏ। ଏହା କେଶକୁ କୋଟିଂ ସହିତ ସୁରକ୍ଷା ଦେଇଥାଏ।

❖କେଶରେ ବିଭିନ୍ନ ପ୍ରକାର ରାସାୟନିକ ସାମଗ୍ରୀ ଲଗାଇବା ବଦଳରେ ପ୍ରାକୃତିକ ସାମଗ୍ରୀ ଲଗାନ୍ତୁ। ଅତ୍ୟଧିକ ରୁକ୍ଷ ଓ ଦୁର୍ବଳ କେଶ ହୋଇଥିଲେ ଗୋଟିଏ ଅଣ୍ଡା ସହ କିଛି ଜଡ଼ାତେଲ, ଲେମ୍ବୁରସ ଓ ଏକ ଛୋଟ ଚାମଚ ଗ୍ଲିସେରିନ୍ ମିଶାଇ ଲଗାନ୍ତୁ।

❖ଥଣ୍ଡା ପବନରେ ବାହାରକୁ ଯାଉଥିଲେ କେଶକୁ ଭଲଭାବରେ ଘୋଡ଼ାଇ ରଖନ୍ତୁ।



ଶୀତଦିନେ ରୁମ୍ ହିଟର ବ୍ୟବହାର କରୁଥିଲେ କେଶ ଅଧିକ ରୁକ୍ଷ ହୋଇଯାଏ। ତେଣୁ ଘର ଭିତରର ତାପମାତ୍ରା ବଢ଼ାଇବା ପାଇଁ ଅନ୍ୟ ଉପାୟ ଅବଲମ୍ବନ କରନ୍ତୁ।

❖ବାହାରକୁ ଯିବା ପୂର୍ବରୁ କେଶକୁ ଭଲଭାବେ ଶୁଖାଇ ଯାଆନ୍ତୁ।

❖ଦୋମୁହାଁ କେଶ ସମସ୍ୟା ଥିଲେ ନିୟମିତ ଟ୍ରିମିଂ କରାନ୍ତୁ। ଏହା ସହିତ କେଶକୁ ମୁଲାୟମ କରିବା ନିମନ୍ତେ ମଶ୍ଚରାଇଜିଂ ଟ୍ରିଟ୍‌ମେଣ୍ଟ ବି କରାନ୍ତୁ।

❖କେଶକୁ ବାରମ୍ବାର ଧୁଅନ୍ତୁ ନାହିଁ। ଏହା କେଶ ମୂଳରେ ଥିବା ତୈଳ ଅଂଶକୁ ନଷ୍ଟ କରି ଦେଇଥାଏ।

❖ମଜଭୁତ କେଶ ନିମନ୍ତେ ସୁଷମ ଖାଦ୍ୟ ଖାଆନ୍ତୁ।

# ଧରିତ୍ରୀ
DHARITRI

52 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୩/୨୦୨୫ Bhubaneswar, Tuesday, December 23/ 2025







# ବିଜୟ ସହ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

ଛତିଶଗଡ଼ର ନରେନପୁରରେ ୭୯ତମ ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫି ସୋମବାର ଆରମ୍ଭ ହୋଇଛି। ଓଡ଼ିଶା ଏହାର ପ୍ରଥମ ଗ୍ରୁପ୍ 'ଏଫ୍' ମ୍ୟାଚରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶ୍ରୀକାନ୍ତ ଗଡ଼ବାଙ୍କ ଡବଲ ବଳରେ ଓଡ଼ିଶା ୪-୦ ଗୋଲରେ ମଧ ପ୍ରଦେଶକୁ ପରାସ୍ତ କରିଛି। ଫଳରେ ୩ ପଏଣ୍ଟ ସହ ଓଡ଼ିଶା ଗ୍ରୁପ୍ 'ଏଫ୍'ର ଶୀର୍ଷରେ ରହିଛି। ମ୍ୟାଚର ୧୫ଶ ମିନିଟରେ ଅଧିନାୟକ କାର୍ତ୍ତିକ ହେନ୍ତାଳଙ୍କ ଗୋଲ ବଳରେ ଓଡ଼ିଶା ପ୍ରଥମାର୍ଦ୍ଧ ଶେଷ ବେଳକୁ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ମଧ ପ୍ରଦେଶ କଡ଼ା ଚ୍ୟାଲେଞ୍ଜ ଦେବାକୁ ସକ୍ଷମ ହୋଇଥିବାବେଳେ ୭୫ତମ ମିନିଟରେ ଜିତୁ ମୁଦୁଲି ଏକ ଗୋଲ ସ୍କୋର କରି ଓଡ଼ିଶାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଶେଷ ଭାଗରେ ଶ୍ରୀକାନ୍ତ ଗଡ଼ବା ଚମତ୍କାର ପ୍ରଦର୍ଶନ କରି ମ୍ୟାଚକୁ ଏକପାଖିଆ କରି ଦେଇଥିଲେ। ୭୭ତମ ମିନିଟରେ ସେ ବ୍ୟକ୍ତିଗତ ପ୍ରଥମ ଗୋଲ ଦେଇ ଓଡ଼ିଶାକୁ ୩-୦ରେ ଆଗୁଆ କରିଥିବାବେଳେ ଇଞ୍ଜୁରି ଟାଇମ୍ ୯୦+୪ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ବିଜୟ ସହ ଅଭିଯାନ ଆରମ୍ଭ କରିଥିବାରୁ ଓଡ଼ିଶା ଦଳକୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୨୪ ତାରିଖରେ ତେଲଙ୍ଗାନା ସହିତ ଖେଳିବ। ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚରେ ତେଲଙ୍ଗାନା ୨-୧ ଗୋଲରେ ଛତିଶଗଡ଼କୁ ହରାଇ ୩ ପଏଣ୍ଟ ପାଇଛି।



ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଫିଫା ର୍‍ୟାଙ୍କିଙ୍ଗରେ ସ୍ପେନ୍ ନମ୍ବର ୱାନ୍

**ଜୁରିଚ୍, ୨୨।୧୨(ଏପି)**

ସ୍ପେନର ପୁରୁଷ ଫୁଟ୍‌ବଲ ଦଳ ଫିଫା ର୍‍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ସହ ୨୦୨୫ ବର୍ଷ ଶେଷ କରିବାକୁ ଯାଉଛି। ସୋମବାର ପ୍ରକାଶିତ ନୂଆ ର୍‍ୟାଙ୍କିଙ୍ଗ ତାଲିକାରେ ସାମାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି। ଗତ ଫିଫା ର୍‍ୟାଙ୍କିଙ୍ଗ ତାଲିକା ନଭେମ୍ବର ୧୯ରେ ପ୍ରକାଶ ପାଇଥିଲା। ଏଥର ଟପ୍ ଟେନ୍‌ରେ କୌଣସି ପରିବର୍ତ୍ତନ ଘଟି ନାହିଁ। ସ୍ପେନ ପଛକୁ ପ୍ରଥମ ୧୦ ମଧ୍ୟରେ ସ୍ଥାନ ପାଇଥିବା ଦେଶଗୁଡ଼ିକ ଯଥାକ୍ରମେ ହେଲେ ଆର୍ଜେଣ୍ଟିନା, ଫ୍ରାନ୍ସ, ଇଂଲଣ୍ଡ, ବ୍ରାଜିଲ, ପର୍ତ୍ତୁଗାଲ, ନେଦରଲାଣ୍ଡ୍ସ, ବେଲଜିୟମ, ଜର୍ମାନୀ ଓ କ୍ରୋଏସିଆ। ସ୍ପେନ ଇତିମଧ୍ୟରେ ବିଶ୍ୱକପ୍ ଗ୍ରୁପ୍ 'ଇ' କ୍ୱାଲିଫାଇଂ ଜିତିସାରିଛି। ୨୦୨୬ରେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋ ମିଳିତ ଭାବେ ଆୟୋଜନ କରୁଥିବା ଫିଫା ଫୁଟ୍‌ବଲ ବିଶ୍ୱକପ୍‌ର ଗ୍ରୁପ୍ 'ଏଚ୍'ରେ ଉରୁଗୁଏ, ସୌଦି ଆରବ ଓ କେପ୍ ଭର୍ଡେଙ୍କୁ ଭେଟିବ ଏହି ଦଳ। ତାଲିକାରେ ସବୁଠାରୁ ବଡ଼ ପଦୋନ୍ନତି ଘଟିଥିବା ଭିଏତ୍‌ନାମ ୩ ସ୍ଥାନ ଉପରେ ୧୦୭ତମ ସ୍ଥାନରେ ରହିଛି।

# ସ୍ୱସ୍ତିଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ



ସ୍ୱର୍ଣ୍ଣ ପଦକ ସହ ସ୍ୱସ୍ତି ସିଂ।

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

**ଜାତୀୟ ଟ୍ରାକ୍ ସାଇକ୍ଲିଂ**

ଉତ୍ତରାଖଣ୍ଡରେ ଚାଲିଥିବା ୭୭ତମ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ସ୍ୱସ୍ତି ସିଂ। ରାଜ୍ୟର ଏହି ତାରକା ସାଇକ୍ଲିଷ୍ଟ ସୋମବାର ଅନୁଷ୍ଠିତ ସିନିୟର ଏଲିଟ ୪ କିଲୋମିଟର ବ୍ୟକ୍ତଗତ ପର୍ଶ୍ୟୁଟ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୂର୍ବରୁ ଅନୁଷ୍ଠିତ ୧ କିମି ଏଲିଟ ମହିଳା ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ୍‌ରେ ମଧ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ଦଳର ସଦସ୍ୟା ଥିଲେ ସ୍ୱସ୍ତି। ଏହି ଦଳରେ ତାଙ୍କ ବ୍ୟତୀତ ରେଜିୟା ଦେବୀ, ମଧୁସ୍ମିତା ବେଡେକ ଓ ବର୍ଷାରାଣୀ ବାରିକ ସାମିଲ ଥିଲେ।

# ସେମିଫାଇନାଲରେ ଉତ୍କଳିକା ସ୍ପୋର୍ଟିଂ

**ସୋର, ୨୨।୧୨(ଜନ୍ମେଜୟ ମିଶ୍ର)**

**ସର୍ବଭାରତୀୟ ମହାବୀର କପ୍ କ୍ରିକେଟ**

ବାଲେଶ୍ୱର ଜିଲା ସୋର ବ୍ଲକ ବାଗୁଡ଼ି ପଡିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୭ତମ ସର୍ବଭାରତୀୟ ମହାବୀର କପ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଇଞ୍ଜିନପୁର ଯାଜପୁରକୁ ହରାଇ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୬ ଉଇକେଟ ହରାଇ ୨୫୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଦିବ୍ୟଜ୍ୟୋତି ପଣ୍ଡା ୫୨ ବଲରୁ ୭୯ ରନ ସଂଗ୍ରହ କରିଥିବା ବେଳେ ଯାଜପୁର ବୋଲର ପ୍ରୀତିରଞ୍ଜନ ନାୟକ ୫ ଓଭର ବୋଲିଂ କରି ୩୬ ରନ ଦେଇ ୨ଟି ଉଇକେଟ ଦଖଲ କରିଥିଲେ। ଏହାର ଜବାବରେ ଯାଜପୁର ୨୫ ଓଭରରେ ୮ ଉଇକେଟ ହରାଇ ୨୧୮ ରନ କରି ପରାସ୍ତ ହୋଇଥିଲା। ଉତ୍କଳିକା ସ୍ପୋର୍ଟିଂ ବ୍ୟାଟର ଦିବ୍ୟଜ୍ୟୋତି ପଣ୍ଡା ୫୨ ବଲ ଖେଳି ୭୮ରନ ସଂଗ୍ରହ କରିଥିବାରୁ ତାଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ମ୍ୟାଚକୁ ଓସିଏ ଲେଭଲ ଅମ୍ପାୟର ସାର୍ଥକ ରଞ୍ଜନ ବିଶ୍ୱାଳ ଏବଂ ସତ୍ୟବ୍ରତ ଜେନା ପରିଚାଳନା କରିଥିଲେ। ମଙ୍ଗଳବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ କ୍ରିକେଟ ଏକାଡେମୀ କୋଲକାତା ଏବଂ ସ୍ପୋର୍ଟିଂ ୟୁନିୟନ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ।

# ଏସିଆ କପ୍ ବିଜେତାଙ୍କୁ ପାକିସ୍ତାନର ଆର୍ଥିକ ପୁରସ୍କାର ଘୋଷଣା

**କରାଚୀ,୨୨।୧୨ (ପି.ଟି.)**

ଦୁବାଇରେ ୧୯ବର୍ଷରୁ କମ୍ ଏସିଆକପ୍ ବିଜୟୀ ପାକିସ୍ତାନ ଦଳର ସଦସ୍ୟମାନଙ୍କ ଲାଗି ଦେଶର ପ୍ରଧାନମନ୍ତ୍ରୀ ଶାହବାଜ ଶରିଫ ୧୦ ନିୟୁତ ପାକିସ୍ତାନୀ ଟଙ୍କା ସ୍ୱତନ୍ତ୍ର ପୁରସ୍କାର ଘୋଷଣା କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତକୁ ୧୯୧ରନରେ ପରାସ୍ତ କରି ପାକିସ୍ତାନ ଚାମ୍ପିୟନ ବିଜୟୀ ହୋଇଛି। ଶରିଫ ଟାଇଟଲ ବିଜୟୀ ଦଳ ଅଫିସିଆଲମାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏକ ଅଭ୍ୟର୍ଥନା ଉତ୍ସବରେ ଶରିଫ ଏହି ପୁରସ୍କାର ଘୋଷଣା କରିବା ସହ ଦଳର ପ୍ରଦର୍ଶନକୁ ନେଇ ଉଚ୍ଚ ପ୍ରଶଂସା କରିଛନ୍ତି। ଟିମ୍ ମ୍ୟାନେଜର ତଥା ମେଣ୍ଟର ସର୍ଫରାଜ ଅହମ୍ମଦ କହିଛନ୍ତି, ଅଭ୍ୟର୍ଥନା ଉତ୍ସବ ପରେ ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ଖେଳାଳିଙ୍କ ଲାଗି ୧୦ନିୟୁତ (ପ୍ରାୟ ୩୬,୦୦୦ ଆମେରିକୀୟ ଡଲାର) ନଗଦ ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି। ଦଳର ଏହି ସଫଳତା ପାଇଁ ଦୀର୍ଘ ଦିନର ଚୟନ ପ୍ରକ୍ରିୟାକୁ ଶ୍ରେୟ ଦେଇଛନ୍ତି ପାକିସ୍ତାନ ମୁଖ୍ୟ କୋଚ୍ ଶହିଦ ଅନୱାର।

# ପଞ୍ଜାବ ଦଳରେ ଗିଲ୍, ଅଭିଷେକ ଓ ଅର୍ଶଦୀପ

**ଚଣ୍ଡିଗଡ଼, ୨୨।୧୨ (ପି.ଟି.)**

**ବିଜୟ ହଜାରେ ଟ୍ରଫି**

ଭାରତୀୟ ଦଳର ଖେଳାଳିଙ୍କ ପାଇଁ ଜାତୀୟ ଦିନିକିଆ ଚାମ୍ପିୟନଶିପ୍‌ରେ ଖେଳିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ଫଳତଃ ବିଜୟ ହଜାରେ ଟ୍ରଫି ପାଇଁ ପଞ୍ଜାବ ଦଳରୁ ଖେଳିବାକୁ ଯାଉଛନ୍ତି ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ଶୁବମନ ଗିଲ, ବିଶ୍ୱର ନମ୍ବର-୧ ଟି୨୦ ବ୍ୟାଟର ଅଭିଷେକ ଶର୍ମା ଓ ପେସ୍ ବୋଲର ଅର୍ଶଦୀପ ସିଂ। ଜାନୁଆରୀ ୧୧ରୁ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ଆରମ୍ଭ ହେବାକୁଥିବାରୁ ଭାରତର ଟି୨୦ ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଥିବା ଗିଲ୍ ଏବଂ ହ୍ୱାଇଟ ବଲ୍‌ର ଜଣେ ନିୟମିତ ସଦସ୍ୟ ଅର୍ଶଦୀପ ମାତ୍ର ୨ରୁ ୩ଟି ମ୍ୟାଚ ପାଇଁ ଉପଲବ୍ଧ ହେବେ। ପଞ୍ଜାବ ଟୁର୍ନାମେଣ୍ଟ ଫେଭରିଟ୍ ମୁମ୍ବାଇ ସହ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛି। ଦଳ ଏହାର ପ୍ରଥମ ଦୁଇଟି ମ୍ୟାଚ୍ ମହାରାଷ୍ଟ୍ର (ଡିସେମ୍ବର ୨୪) ଓ ଛତିଶଗଡ଼ (ଡିସେମ୍ବର ୨୬) ବିପକ୍ଷରେ ଖେଳିବ। ଏହି ଦୁଇଟି ଗେମ୍ ପାଇଁ ଗିଲ୍ ଓ ଅର୍ଶଦୀପ ଉପଲବ୍ଧ ହେବେ ବୋଲି ଆଶା କରାଯାଉଛି। ଟି୨୦ ସ୍ପେଶାଲିଷ୍ଟ ଅଭିଷେକ ଅଧିକ ଗେମ୍ ପାଇଁ ଉପଲବ୍ଧ ହେବେ ବୋଲି ଆଶା କରାଯାଉଛି। ମୁମ୍ବାଇ ଓ ପଞ୍ଜାବ ମ୍ୟାଚ ଜାନୁଆରୀ ୮ରେ ଜୟପୁରରେ ଖେଳାଯିବ। ସେ ସମୟରେ ମୁମ୍ବାଇର ରୋହିତ ଶର୍ମା ଓ ପଞ୍ଜାବର ଗିଲ୍ ଉପଲବ୍ଧ ହେବେନି।

**ପଞ୍ଜାବ ବିଜୟ ହଜାରେ ଟ୍ରଫି ଦଳ:** ଶୁବମନ ଗିଲ୍, ଅଭିଷେକ ଶର୍ମା, ଅର୍ଶଦୀପ ସିଂ, ପ୍ରଭଶିମରନ ସିଂ (ଉଇକେଟକିପର), ହାର୍ନୁର ପନ୍ନୁ, ଅନମୋଲପ୍ରୀତ ସିଂ, ଉଦୟ ସହରନ, ନମନ ଧୀର, ସଲିଲ ଆରୋରା (ଉଇକେଟକିପର), ସନଭୀର ସିଂ, ରମଣଦୀପ ସିଂ, ଯଶପ୍ରୀତ ସିଂ, ଗୁର୍ନୁର ବ୍ରାର, ହରପ୍ରୀତ୍ ବ୍ରାର୍, ରଘୁ ଶର୍ମା, କ୍ରିଶ ଭଗତ, ଗୌରବ ଚୌଧାରୀ ଓ ସୁଖଦୀପ ବାଜୱା।


ଅଭିଷେକ ଶର୍ମା, ଶୁବମନ ଗିଲ୍ ଓ ଅର୍ଶଦୀପ ସିଂ।

# ନ୍ୟୁଜିଲାଣ୍ଡ ୨-୦ରେ ସିରିଜ୍ ବିଜୟୀ


ଉଇକେଟ ନେବାପରେ ଜାକବ ଡୁଫି (ବାମ)।

**ମାଉଣ୍ଟ ମଙ୍ଗାନୁଇ (ନ୍ୟୁଜିଲାଣ୍ଡ), ୨୨।୧୨ (ଏପି)**

ସୋମବାର ଶେଷ ହୋଇଥିବା ତୃତୀୟ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ୩୨୩ରନରେ ହରାଇ ଦେଇଛି ନ୍ୟୁଜିଲାଣ୍ଡ। ଏଥିସହିତ ଦଳ ସିରିଜକୁ ୨-୦ରେ ଜିତି ନେଇଛି। ମ୍ୟାଚରେ ୪୬୨ରନର ବିଜୟ ଲକ୍ଷ୍ୟକୁ ନେଇ ୱେଷ୍ଟଇଣ୍ଡିଜ ଦଳ ରବିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୬ ଓଭରରେ କୌଣସି ଉଇକେଟ ନ ହରାଇ ୪୩ରନ କରିଥିଲା। ସୋମବାର ମ୍ୟାଚର ୫ମ ତଥା ଅନ୍ତିମ ଦିବସରେ ଜାକବ ଡୁଫି (୫/୪୨)ଙ୍କ ୫ଉଇକେଟ ସଫଳତା ଯୋଗୁ ୱେଷ୍ଟଇଣ୍ଡିଜ ମାତ୍ର ୧୩୮ ରନରେ ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ବ୍ରାଣ୍ଡନ କିଙ୍ଗ୍ ୬୭ ରନ କରିଥିଲେ। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜର ୭ଜଣ ବ୍ୟାଟରଙ୍କ ସ୍କୋର ୨ଅଙ୍କ ସ୍ପର୍ଶ କରିପାରି ନ ଥିଲା। ୱେଷ୍ଟଇଣ୍ଡିଜ ଶାମାର ଜୋଶେଫ ଓ ଅଲ୍‌ଜାରି ଜୋଶେଫଙ୍କ ବିନା ଏହି ମ୍ୟାଚ ଖେଳିଥିଲା। ଅନ୍ୟପକ୍ଷରେ ଆଘାତଜନିତ ସମସ୍ୟା ଯୋଗୁ ମ୍ୟାଟ୍ ହେନ୍‌ରୀ, ୱିଲ୍ ଓ'ରୁର୍କି, ବେନ୍ ସିଅର୍ସ, କାଇଲ ଜେମିସନ, ନାଥାନ ସ୍ମିଥ୍ ଓ ବ୍ଲେୟର ଟିକ୍‌ନରଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତିରେ ଡୁଫି ନ୍ୟୁଜିଲାଣ୍ଡ ପେସ୍ ବାହିନୀର ନେତୃତ୍ୱ ନେଇଥିଲେ। ତୃତୀୟ ଟେଷ୍ଟର ପରିସଂଖ୍ୟାନ ଉଲ୍ଲେଖନୀୟ ଥିଲା। ଡେଭନ କନୱେଙ୍କ ୨୨୭ ଏବଂ ଟମ୍ ଲଥାମଙ୍କ ୧୩୭ ଏବଂ ସେମାନଙ୍କ ମଧ୍ୟରେ ଓପନିଂ ଭାଗୀଦାରିରେ ୩୨୩ରନ ଯୋଗଦାନ ଯୋଗୁ ନ୍ୟୁଜିଲାଣ୍ଡ ୫୭୫/୮ ସ୍କୋରରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଦ୍ୱିତୀୟ ଇନିଂସରେ କନୱେ ଓ ଲଥାମ ଯଥାକ୍ରମେ ୧୦୦ ଓ ୧୦୧ ରନ କରିଥିଲେ। ଦୁହିଁଙ୍କ ମଧ୍ୟରେ ୧୯୨ ରନର ପାର୍ଟନରଶିପ୍ ହୋଇଥିଲା। ନ୍ୟୁଜିଲାଣ୍ଡ ୩୦୬/୨ ସ୍କୋରରେ ଏହାର ଦ୍ୱିତୀୟ ଇନିଂସ ଘୋଷଣର କରିଥିଲା। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୪୨୦ରନ କରି ଅଲଆଉଟ ହୋଇଯିବା ଦ୍ୱାରା ଦଳ ପାଇଁ ୪୬୨ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଯାଇଥିଲା। ଡେଭନ କନୱେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୋଟିଏ ଟେଷ୍ଟ ମ୍ୟାଚରେ ଦ୍ୱିଶତକ ଓ ଶତକ ହାସଲ କରିବାରେ କନୱେ ନ୍ୟୁଜିଲାଣ୍ଡର ପ୍ରଥମ ଖେଳାଳି ବିବେଚିତ ହୋଇଛନ୍ତି। ପୂର୍ବରୁ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୪ ଉଇକେଟ ନେଇଥିବା ଜାକବ ଡୁଫି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।


ମରକ୍କୋର ରାବାଟଠାରେ ଆଫ୍ରିକା କପ୍ ଅଫ୍ ନେଶନ୍ସ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ମରକ୍କୋ ଉଦ୍‌ଘାଟନୀ ମ୍ୟାଚରେ କୋମୋରୋସକୁ ୨-୦ ଗୋଲରେ ପରାସ୍ତ କରିଛି।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ